

ବୈଭବଙ୍କ ବିସ୍ଫୋରକ ବ୍ୟାଟିଂରେ ଫିଦା ମାଷ୍ଟର ବ୍ଲାଷ୍ଟର
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 38 | ଭାଗ ୩୪ | ସଂଖ୍ୟା ୩୮
Bhubaneswar | Wednesday 30 April 2025 | Page 8 Rs. 4.00
ଭୁବନେଶ୍ୱର ବୁଧବାର ୩୦ ଏପ୍ରିଲ୍ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ମୋଦିଙ୍କ ଉଚ୍ଚସ୍ତରୀୟ ବୈଠକ: ସେନାକୁ ପୂର୍ଣ୍ଣ ସ୍ୱାଧୀନତା

# ରାଷ୍ଟ୍ରପତିଙ୍କ ସିଗ୍‌ନାଲ୍‌କୁ ଅପେକ୍ଷା



**ତିନି ସେନା ନେବେ ନିଷ୍ପତ୍ତି**

**ସମୟ ଓ ଟାର୍ଗେଟ ସ୍ଥିର କରିବେ**

**ମୋଦିଙ୍କୁ ଭେଟିଲେ ଶାହ, ମୋହନ**

**ଏବେ ଆର ଯା ପାର ଲଢେଇ। ତିନି ସେନାକୁ ପୂର୍ଣ୍ଣ ସ୍ୱାଧୀନତା ଦେଇ ପ୍ରଧାନମନ୍ତ୍ରୀ ପରୋକ୍ଷରେ ଯୁଦ୍ଧ ଡାକରା ଦେଇଛନ୍ତି। ରାଷ୍ଟ୍ରପତିଙ୍କଠାରୁ ଗ୍ରୀନ ସିଗନାଲ ପାଇଲେ ଆରମ୍ଭ ହେବ ଅପରେସନ ଆକ୍ରମଣ। ସାରା ଦେଶ ସହ କାଶ୍ମୀରୀମାନେ ମଧ୍ୟ ପାକିସ୍ତାନକୁ ଉଚିତ ଜବାବ ଦେବାକୁ ଦାବି କରିଆସୁଛନ୍ତି। ଏହି ଅପରେସନର ଆଉ ଏକ ଲକ୍ଷ୍ୟ ହେଉଛି ପିଓକେ ଓ ଆଜାଦ କାଶ୍ମୀରକୁ ପାକିସ୍ତାନ କବଳରୁ ମୁକ୍ତ କରିବା।**

**ନୂଆଦିଲ୍ଲୀ, ୨୯।୪:** ପହଲଗାମ୍ ହମଲାର ବଦଲା ନେବା ପାଇଁ ସେନାକୁ ମିଳିଲା ଗ୍ରୀନ ସିଗ୍ନାଲ। ପାକିସ୍ତାନକୁ ମିଳିବ ମୁହଁତୋଡ଼ ଜବାବ। ଯେକୌଣସି ମୁହୂର୍ତ୍ତରେ, ଯେକୌଣସି ସ୍ଥାନରେ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ ଭାରତୀୟ ସେନା। ଆଜି ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକରେ ପାକିସ୍ତାନଠୁ ପହଲଗାମ୍ ହମଲାର ବଦଲା ନେବାକୁ ଭାରତର ତିନି ସେନାକୁ ସଂପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି। ଆକ୍ରମଣର ଶୈଳୀ, ଲକ୍ଷ୍ୟ, ସମୟ ନେଇ ନିଷ୍ପତ୍ତି ନେବାକୁ ସେନାକୁ ମିଳିଛି ପୂର୍ଣ୍ଣ କ୍ଷମତା। ଏନେଇ ତିନି ସେନା ମିଳିତ ନିଷ୍ପତ୍ତି ନେବେ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ସୂତ୍ରରୁ ପ୍ରାପ୍ତ ସୂଚନା ମୁତାବକ, ବୈଠକରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ଆତଙ୍କବାଦକୁ କଡ଼ା ଜବାବ ଦେବା ଆମର ରାଷ୍ଟ୍ରୀୟ ସଂକଳ୍ପ। ସେନା ଉପରେ ପୂର୍ଣ୍ଣ ବିଶ୍ୱାସ ଓ ଭରସା ଅଛି। ଆମର ଆକ୍ରମଣର ଶୈଳୀ, ଲକ୍ଷ୍ୟ, ସମୟ ନେଇ ନିଷ୍ପତ୍ତି ନେବାକୁ ସେନାକୁ ପୂର୍ଣ୍ଣ ସ୍ୱତନ୍ତ୍ରତା ପ୍ରଦାନ କରାଯାଇଛି।

ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ବାସଭବନରେ ଏହି ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ ବସିଥିଲା। ୯୦ ମିନିଟ୍ ଧରି ଚାଲିଥିବା ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ, ସିଡିଏସ୍ ଜେନେରାଲ୍ ଅନୀଲ ଚୌହ୍ୱାନ ଉପସ୍ଥିତ ଥିଲେ। ତିନି ସେନାର ମୁଖ୍ୟ-ସେନାମୁଖ୍ୟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀ, ନୌସେନାଷ୍ଟାଫ୍ ମୁଖ୍ୟ ଆଡମିରାଲ ଦୀନେଶ କେ ତ୍ରିପାଠୀ ଏବଂ ବାୟୁସେନା ମୁଖ୍ୟ ଅମର ପ୍ରୀତ ସିଂହ ମଧ୍ୟ ବୈଠକରେ ଉପସ୍ଥିତ ରହିଥିଲେ। ପହଲଗାମ୍ ହମଲା ପରେ ଏହା ହେଉଛି ସବୁଠୁ ବଡ଼ ବୈଠକ। ଯେଉଁଥିରେ ସୁରକ୍ଷା ଏଜେନ୍ସିର ସମସ୍ତ ➪ପୃଷ୍ଠା-୬

## ପାକ୍ ପ୍ରଧାନମନ୍ତ୍ରୀ ହସ୍ପିଟାଲରେ ଭର୍ତ୍ତି

**ଇସଲାମାବାଦ, ୨୯।୪:** ଶ୍ରୀନଗରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଭାରତ ପାକିସ୍ତାନ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛି। ଭାରତରେ ରହୁଥିବା ପାକିସ୍ତାନୀମାନଙ୍କୁ ଦେଶ ଛାଡିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାରି ଭିତରେ ଖବର ଆସିଛି ଯେ, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଛି ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହା ଦେଖାଯାଉଛି ଯେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଭାରତର ପଦକ୍ଷେପକୁ ନେଇ ଭୟଭୀତ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ପାଇଲ୍ସ ରୋଗରେ ପୀଡିତ ଥିବା ଖବର ମିଳିଛି। ଏହି କାରଣରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଛି। ଶାହବାଜଙ୍କୁ ରାୱଲପିଣ୍ଡିର ସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ତଥାପି ଶାହବାଜଙ୍କ ସ୍ୱାସ୍ଥ୍ୟାବସ୍ଥା କିପରି ଅଛି, ସେନେଇ ଏପର୍ଯ୍ୟନ୍ତ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ। କିନ୍ତୁ କେତେକ ଗଣମାଧ୍ୟମରେ ପ୍ରସାରିତ ଖବର ଅନୁସାରେ ଶାହବାଜଙ୍କ ପାଇଲ୍ସ ସମସ୍ୟା ରହିଛି ଓ ଏହି କାରଣରୁ ତାଙ୍କୁ ଗତ ରବିବାର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଡାକ୍ତରଙ୍କ ତତ୍ତ୍ୱାବଧାନରେ ତାଙ୍କର ଚିକିତ୍ସା ଚାଲିଛି। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ପ୍ରକାର ତଥ୍ୟକୁ ଗୋପନୀୟ ରଖିବା ସକାଶେ ସରକାରୀ ସୂତ୍ରରୁ ନିର୍ଦ୍ଦେଶନାମା ଜାରି ହୋଇଥିବା ଜଣାପଡ଼ିଛି।

### ସ୍ୱତନ୍ତ୍ର ଅଧିବେଶନ ପାଇଁ ଅନୁରୋଧ କଲେ ରାହୁଲ

## ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଦାବିକଲେ କାଡାମ

**ନୂଆଦିଲ୍ଲୀ, ୨୯।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣକୁ ନେଇ ସମଗ୍ର ଦେଶରେ ଆତଙ୍କର ବାତାବରଣ ରହିଛି। ଏହି ସମୟରେ, କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ ଏବଂ କଂଗ୍ରେସ ନେତା ରାହୁଲ ଗାନ୍ଧି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଏକ ଚିଠି ଲେଖି ଆତଙ୍କବାଦୀ ଆକ୍ରମଣ ବିଷୟରେ ଆଲୋଚନା କରିବାକୁ ନିବେଦନ କରିଛନ୍ତି। ଏଥିସହ ଚିଠିରେ ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ମଧ୍ୟ ସେ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ଗତ ସପ୍ତାହର ଆତଙ୍କବାଦୀ ଆକ୍ରମଣ ପରେ ଅନେକ ବିରୋଧୀ ସାଂସଦ ସରକାରଙ୍କ ନିକଟରେ ଏପରି ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଲେଖାଯାଇଥିବା ଚିଠିରେ ଆହୁରି କୁହାଯାଇଛି ଯେ ଏପରି ଏକ କଠିନ ସମୟରେ ଏକତା ଓ ସଂହତି ଜରୁରୀ। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ ଆମେ ସର୍ବଦା ଆତଙ୍କବାଦ ବିରୁଦ୍ଧରେ ଏକଜୁଟ ବୋଲି ଭାରତକୁ ଦେଖାଇବାକୁ ପଡ଼ିବ ବୋଲି କୁହାଯାଇଛି।

ଖଡଗେଙ୍କ ମତରେ, ସଂସଦର ଏକ ସ୍ୱତନ୍ତ୍ର ଅଧିବେଶନ ଡାକି ସମସ୍ତେ ପହଲଗାମରେ ନିର୍ଦ୍ଦୋଷ ନାଗରିକଙ୍କ ଉପରେ ହୋଇଥିବା ବର୍ବର ଆତଙ୍କବାଦୀ ଆକ୍ରମଣର ମୁକାବିଲା କରିବା ପାଇଁ ➪ପୃଷ୍ଠା-୬

## ଭୋଳ ପରିବାରକୁ ଏନ୍‌ଆଇଏର ପଚରାଉଚରା



### ସାମ୍ନାରେ ଆତଙ୍କୀ ନେଇଥିଲେ ୩ ଯୁବକଙ୍କ ଜୀବନ

**କଟକ, ୨୯।୪(ସଂଚାର ବ୍ୟୁରୋ):** ପହଲଗାମ୍ ଆକ୍ରମଣ ଘଟଣାର ତଦନ୍ତ ପାଇଁ ଆଜି ଜାତୀୟ ତଦନ୍ତ ଏଜେନ୍ସି (ଏନ୍‌ଆଇଏ) କଟକରେ ପହଞ୍ଚିଛି। ପହଲଗାମ୍ ଆତଙ୍କୀ ହମ୍‌ଲାରୁ ଅଳ୍ପକେ ବର୍ତ୍ତିଯାଇଥିବା ଏଠାକାର ବାସିନ୍ଦା ରଞ୍ଜିତ ଭୋଳଙ୍କ ପରିବାରକୁ ଏନ୍‌ଆଇଏ ଟିମ୍ ପଚରାଉଚରା କରିଛି। ଶ୍ରୀ ଭୋଳଙ୍କ ବାସଭବନରେ ପହଞ୍ଚି ଏନ୍‌ଆଇଏ ଟିମ୍‌ର ସଦସ୍ୟମାନେ ପାଖାପାଖି ୨ ଘଣ୍ଟା ଧରି ପଚରାଉଚରା କରିଛନ୍ତି। ଗତ ୨୨ ତାରିଖରେ ଜମ୍ମୁ-କଶ୍ମୀରର ବୈସରନ୍ ଘାଟୀରେ ଆତଙ୍କୀ ହମ୍‌ଲା ସମୟରେ ସେଠାରେ ଭୋଳ ପରିବାର ଉପସ୍ଥିତ ଥିଲା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ନେଇ ସାରା ଦେଶରେ ତୀବ୍ର ଆକ୍ରୋଶ ରହିଛି। ସରକାର ମାମଲାକୁ ଗମ୍ଭୀରତାର ସହ ନେଇଛନ୍ତି। ଘନ ଘନ ଉଚ୍ଚସ୍ତରୀୟ ବୈଠକ ବସୁଛି। ଏନ୍‌ଆଇଏ ବିଭିନ୍ନ ଦିଗରୁ ଏହି ଘଟଣାର ତଦନ୍ତ ଜାରି ରଖିଛି। ପହଲଗାମ୍ ପୀଡ଼ିତଙ୍କୁ ଭେଟି ଘଟଣା ବାବଦରେ ପଚରାଉଚରା କରୁଛନ୍ତି ଏନଆଇଏ ଟିମ୍। ଏହି କ୍ରମରେ ଏନଆଇଏର ଏକ ଟିମ୍ ଆଜି କଟକରେ ପହଞ୍ଚି ପହଲଗାମ୍ ହମଲାରେ ଅଳ୍ପକେ ବର୍ତ୍ତିଯାଇଥିବା ଦେଉଳିସାହିର ଭୋଳ ପରିବାରକୁ ପଚରାଉଚରା କରିଛନ୍ତି।

ଏପ୍ରିଲ ୨୨ରେ ପହଲଗାମର ବୈସରନ ଘାଟିରେ ଆତଙ୍କବାଦୀ ଆକ୍ରମଣ ବେଳେ ସେଠାରେ ଉପସ୍ଥିତ ଥିଲେ ➪ପୃଷ୍ଠା-୬

## କଶ୍ମୀରର ୪୮ ପର୍ଯ୍ୟଟନସ୍ଥଳୀ ବନ୍ଦ




**ଶ୍ରୀନଗର, ୨୯।୪:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ପାକିସ୍ତାନ ସହ ସୀମା ଉତ୍ତେଜନା ବୃଦ୍ଧିକୁ ଦୃଷ୍ଟିରେ ରଖି ସରକାର ମଙ୍ଗଳବାର କାଶ୍ମୀର ଉପତ୍ୟକାର ସମ୍ବେଦନଶୀଳ ଅଞ୍ଚଳରେ ଥିବା ଅନେକ ସର୍ବସାଧାରଣ ଉଦ୍ୟାନ ଏବଂ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରିଦେଇଛନ୍ତି। ବିପଦକୁ ଦୃଷ୍ଟିରେ ରଖି ଏଭଳି ୮୭ଟି ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ୪୮ଟିରେ ଗେଟ୍ ବନ୍ଦ କରାଯାଇଛି ବୋଲି ଅଧିକାରୀମାନେ କହିଛନ୍ତି। ସେମାନେ କହିଛନ୍ତି ଯେ ସୁରକ୍ଷା ସମୀକ୍ଷା ଏକ ନିରନ୍ତର ପ୍ରକ୍ରିୟା ଏବଂ ଆଗାମୀ ଦିନରେ ଏହି ତାଲିକାରେ ଆହୁରି ସ୍ଥାନ ଯୋଡାଯାଇପାରେ। ଉପତ୍ୟକାରେ ବନ୍ଦ ହୋଇଥିବା ୪୮ଟି ପର୍ଯ୍ୟଟନସ୍ଥଳୀ ୮ଟି ଜିଲ୍ଲାରେ ରହିଛି। ବନ୍ଦ ହୋଇଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକ ମଧ୍ୟରେ ରହିଛି ୟୁସୁଫର୍ଗ, ଟୁସାମାଇଦାନ, ଦୁଦପଥରୀ, ଅହରବଲ, କୌସରନାଗ, ବଙ୍ଗୁସ, କାରିୱାନ ଡାଇଭର ➪ପୃଷ୍ଠା-୬

### ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ୍ ପରମ୍ପରା ବଢ଼ିବ

## ଶିକ୍ଷା ବ୍ୟବସ୍ଥାର ହେବ ଆଧୁନିକୀକରଣ



**ନୂଆଦିଲ୍ଲୀ, ୨୯।୪:** ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଅନୁଷ୍ଠିତ ଯୁଗମ ଇନୋଭେସନ କନକ୍ଲେଭ-୨୦୨୫ରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ କହିଛନ୍ତି ଯେ ଏହି କନ୍‌କ୍ଲେଭ୍ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବା ଦିଗରେ ଏକ ପ୍ରୟାସ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତର ଇନୋଭେସନ ଦକ୍ଷତା ଓ ଡିପଟେକରେ ଭାରତର ଭୂମିକାକୁ ଗତି ପ୍ରଦାନ କରିବ।

ଏହା ଦେଶର ଯୁବବର୍ଗ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢ଼ାଇବା ଦିଗରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢ଼ାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ୍), ଆଇଇଟି, ଆଇଆଇଏସସି ଓ ଯୁବ ଇନୋଭେଟରଙ୍କୁ ମିଳିବ। ଆଜି ଦେଶରେ ଗବେଷଣା ଓ ନବସୃଜନର ଯେଉଁ ପ୍ରେରଣାଦାୟୀ ବାତାବରଣ ତିଆରି ହୋଇଛି, ତାହା ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ଓ ଦୂରଦର୍ଶୀ ନେତୃତ୍ୱ ଯୋଗୁଁ ହିଁ ସମ୍ଭବ ହୋଇଛି। ୨୦୧୪ରେ ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନରେ କେବଳ ୩ଟି ରିସର୍ଚ୍ଚ ପାର୍କ ଥିଲା। କିନ୍ତୁ ଏବେ ଏହା ୬ରେ ପହଞ୍ଚିସାରିଛି। କେନ୍ଦ୍ର ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କ ମଧ୍ୟ ପ୍ରତିଷ୍ଠା ଯୋଜନା ରହିଛି। ଏନ୍‌ଇପି ଅଧୀନରେ ଏଏନ୍‌ଆର୍‌ଏଫ୍ ଏକ ସହଯୋଗୀ ସ୍ତମ୍ଭ ରୂପରେ କାର୍ଯ୍ୟ କରୁଛି। ଅଟଳ ଇନୋଭେସନ ମିଶନ ଅନ୍ତର୍ଗତ ୧୦ ହଜାର ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ କାର୍ଯ୍ୟକ୍ଷମ ➪ପୃଷ୍ଠା-୬

## ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ

**ଭୁବନେଶ୍ୱର, ୨୯।୪(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରମିକମାନଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀରେ ୧୦ ଟଙ୍କା ବୃଦ୍ଧି ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଆଜି ମଞ୍ଜୁରୀ ଦେଇଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ସୁନାମ ଅର୍ଜନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଶ୍ରମିକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ମଜୁରୀ ବୃଦ୍ଧି କରିଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ, ଅଣକୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୪୫୨ ଟଙ୍କାରୁ ୪୬୨ ଟଙ୍କାକୁ ବୃଦ୍ଧି ପାଇଛି। ସେହିପରି ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରୀ ୫୦୨ ଟଙ୍କାରୁ ୫୧୨ ଟଙ୍କା, କୁଶଳୀ ଶ୍ରମିକଙ୍କ ଦୈନିକ ମଜୁରୀ ୫୫୨ରୁ ୫୬୨ ଟଙ୍କା ଓ ଉଚ୍ଚ-କୁଶଳୀ ଶ୍ରମିକଙ୍କ ସର୍ବନିମ୍ନ ଦୈନିକ ମଜୁରୀ ୬୦୨ରୁ ୬୧୨ ଟଙ୍କାକୁ ବୃଦ୍ଧି ପାଇଛି। ଏହି ବର୍ଦ୍ଧିତ ମଜୁରୀ ପିଛିଲା ଭାବେ ଗତ ଏପ୍ରିଲ ପହିଲାଠାରୁ ଲାଗୁ ହେବ ବୋଲି ଜଣାପଡ଼ିଛି।

### ଖେଳ ଓ ମନୋରଞ୍ଜନ ମାଧ୍ୟମରେ ଶିକ୍ଷାକୁ ପ୍ରୋତ୍ସାହନ

## ଛାତ୍ରଛାତ୍ରୀଙ୍କ ପାଇଁ ମୋହନଙ୍କ 'ଯାଦୁପେଡ଼ି'

**ଖର୍ଚ୍ଚ ହେବ ୯୦ କୋଟି**



**ଭୁବନେଶ୍ୱର, ୨୯।୪(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନଠାରେ ଶିଶୁ ବାଟିକା ପିଲାଙ୍କ ପାଇଁ ଉଦ୍ଦିଷ୍ଟ 'ଯାଦୁପେଡ଼ି' ଦେଖିବା ସହିତ ପିଲାମାନଙ୍କ ପାଇଁ ଏହାର ଉପଯୋଗିତା ବିଷୟରେ ବୁଝିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ 'ଯାଦୁପେଡ଼ି' ଭିତରେ ଥିବା ବିଭିନ୍ନ ସାମଗ୍ରୀ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଏହି ପେଡ଼ି ଭିତରେ ଥିବା ସାମଗ୍ରୀ ଦେଖି ମୁଖ୍ୟମନ୍ତ୍ରୀ ଖୁସି ବ୍ୟକ୍ତ କରିବା ସହ ଛୋଟ ➪ପୃଷ୍ଠା-୬

## ପାରାମାଉଣ୍ଟକୁ ହଟାଇବାକୁ ଅଣ୍ଟା ଭିଡ଼ିଲେ ସମାଜସେବୀ

**ବିଜେବି କଲେଜ ଜମିରେ ଚାଲିଛି କ୍ରିକେଟ କ୍ଲବ**

**ବିଏମ୍‌ସି ବି ଚଳାଇଛି ବେଆଇନ୍ ନିର୍ମାଣ**

**ଭୁବନେଶ୍ୱର, ୨୯।୪(ସଂଚାର ବ୍ୟୁରୋ):** ବିଜେବି କଲେଜ ଜମିରେ ଜବରଦଖଲ ଭାବେ ଚାଲିଥିବା ପାରାମାଉଣ୍ଟ କ୍ରିକେଟ କ୍ଲବକୁ ହଟାଇବା ପାଇଁ ଏବେ ସମାଜସେବୀମାନେ ଅଭିଯାନ ଆରମ୍ଭ କରିଛନ୍ତି। ଏ ନେଇ ସିଧା ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହୋଇ ପାରାମାଉଣ୍ଟକୁ ହଟାଇବା ସହ ସେଠାରେ ବିଏମ୍‌ସି କିଭଳି ବେଆଇନ୍ ନିର୍ମାଣ ଚଳାଇଛି, ତା'ର ଟିକିନିଖି ବିବରଣୀ ପ୍ରଦାନ କରିଛନ୍ତି। ଜବରଦଖଲ ହୋଇଥିବା ବିଜେବି କଲେଜର ଜମିକୁ ମାପଚୁପ କରିବା ପାଇଁ କଲେଜ କର୍ତ୍ତୃପକ୍ଷ ଭୁବନେଶ୍ୱର ତହସିଲଦାରଙ୍କୁ ଚିଠି କରିବା ପରେ ମଧ୍ୟ କୌଣସି ସୁଫଳ ନ ମିଳିବାରୁ ସମାଜସେବୀ ଦିଲ୍ଲୀପ ସାମନ୍ତରାୟ ମୁଖ୍ୟମନ୍ତ୍ରୀଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିଛନ୍ତି। ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ ଓ ବିଜେବି କଲେଜ କର୍ତ୍ତୃପକ୍ଷଙ୍କୁ ଲେଖିଥିବା ପତ୍ରରେ ଶ୍ରୀ ସାମନ୍ତରାୟ ଦର୍ଶାଇଛନ୍ତି ଯେ ପାରାମାଉଣ୍ଟ ସ୍ପୋର୍ଟିଂ ଓ ବିଏମ୍‌ସିର ଏଭଳି ବେଆଇନ୍ କାର୍ଯ୍ୟରେ ସରକାର ➪ପୃଷ୍ଠା-୬



### କାନ ଡେରିଥା

ପାଣି ଛାଡି ଦେଲେ ସମ୍ଭାଳି ପାରୁନି
ଏଡିକି ବକ ଟେ ଦେଶ
ପାଣି ନ ଛାଡିଲେ ଶୋଷେ ମରିଯିବେ
ଦେଶ ହେବ ସର୍ବନାଶ
ଅର୍ଥନୀତି ହେବ ଧ୍ୱଂଶ...
ହାତେ ଥାଳି ଧରି ଭିକ ମାଗିଲେ ବି
ଆଉ ଦେବେନି କୋ ଦେଶ!

■ ଦେବାଶିଷ

# ପହଲଗାମ ଆଢୁଆଳରେ ବିଜେଡିକୁ ହାଇଜାକ ଯୋଜନା




**ଷଡ଼ଯନ୍ତ୍ରରେ ସାମିଲ ବୋଲକରା ନେତା**

**ସମୟ ଓ ଟାର୍ଗେଟ ସ୍ଥିର କରିବେ**

**ଭୁବନେଶ୍ୱର, ୨୯।୪(ସଂଚାର ବ୍ୟୁରୋ):** ସମସ୍ତ ଗଣମାଧ୍ୟମ ବର୍ତ୍ତମାନ ପହଲଗାମ ନରସଂହାର ଓ ପରବର୍ତ୍ତୀ ଘଟଣା ଉପରେ ନଜର କେନ୍ଦ୍ରୀଭୂତ କରିଥିବା ବେଳେ ଏହି ମଉକାରେ ବିଜେଡିକୁ ହାଇଜାକ୍ କରିବା ପାଇଁ ଚାଲିଛି ଭୟଙ୍କର ଷଡ଼ଯନ୍ତ୍ର। ୧୫ଟି ସାଙ୍ଗଠନିକ ଜିଲ୍ଲାର ସଭାପତି ସମେତ କାର୍ଯ୍ୟକାରିଣୀ ତାଲିକା ପ୍ରସ୍ତୁତି ଜୋରଦାର ଚାଲିଥିବା ବେଳେ ବେଳକାଳ ଉଣ୍ଡି ଏହାକୁ ଘୋଷଣା ପାଇଁ ଦଳର ଗୋଟିଏ ଗୋଷ୍ଠୀ ଲାଗିପଡ଼ିଛନ୍ତି। ଏହି ଗୋଷ୍ଠୀ ଯଦି ସେମାନଙ୍କର ଚାଲ୍‌ରେ ସଫଳ ହେବେ ତେବେ ଦଳକୁ ସେମାନେ ସମ୍ପୂର୍ଣ୍ଣ ହାଇଜାକ୍ କରି ନିୟନ୍ତ୍ରଣକୁ ନେଇଯିବେ ବୋଲି କର୍ମୀମାନେ ଆଲୋଚନା ଚଳାଇଛନ୍ତି।ବିଜେଡି ସଭାପତି ଭାବେ ନବୀନଙ୍କ ନିର୍ବାଚନ ପରେ ବି ଦଳ ତା'ର ୧୫ଟି ସାଙ୍ଗଠନିକ ଜିଲ୍ଲାରେ ସଭାପତି ଘୋଷଣା କରିପାରୁନାହିଁ। ସେହିଭଳି ଦଳର ସର୍ବୋଚ୍ଚ କମିଟି ବା କାର୍ଯ୍ୟକାରିଣୀ କମିଟି ମଧ୍ୟ ଘୋଷଣା ହୋଇପାରୁନାହିଁ। କାର୍ଯ୍ୟକାରିଣୀ କମିଟିରେ କାହାକୁ ନିଆଯିବ ଓ କାହାକୁ ବାଦ୍ ଦିଆଯିବ ତାହାକୁ ନେଇ ଜୋରଦାର ଚର୍ଚ୍ଚା ଚାଲିଛି।ବିଶେଷକରି ଯେଉଁମାନେ ୱାକଫ୍ ପ୍ରସଙ୍ଗ ଆଳରେ ନବୀନ ଓ ତାଙ୍କ ବୋଲକରା ନେତାମାନଙ୍କ ବିରୁଦ୍ଧରେ ମୁହଁ ଖୋଲିଥିଲେ ସେମାନଙ୍କ ପତ୍ତା କାଟିବା ପାଇଁ ଯୋଜନା ହୋଇଛି। ଉଲ୍ଲେଖନୀୟ ଯେ ରାଜ୍ୟସଭାରେ ୱାକଫ୍ ବିଲ୍ ସପକ୍ଷରେ ଶେଷ ମୂହୂର୍ତ୍ତରେ ଭୋଟ ଦେବା ନିଷ୍ପତ୍ତିକୁ ନେଇ ବିଜେଡିରେ ମହାଭାରତ ସୃଷ୍ଟି ହୋଇଥିଲା। ଅବସ୍ଥା ଏଭଳି ସ୍ତରକୁ ଯାଇଥିଲା ଯେ ନବୀନ ନିବାସ ଭିତରେ ମୁର୍ଦ୍ଦାବାଦ ଶୁଣିବାକୁ ମିଳିଥିଲା। ଦଳର ବରିଷ୍ଠ ନେତା ଅନଙ୍ଗ ଉଦୟ ସିଂହଦେଓ, ପ୍ରସନ୍ନ ଆଚାର୍ଯ୍ୟ, ଅଶୋକ ପଣ୍ଡା, ପ୍ରଫୁଲ୍ଲ ମଲ୍ଲିକ, ଶଶୀଭୂଷଣ ବେହେରା, ପ୍ରଭାତ ତ୍ରିପାଠୀ ପ୍ରମୁଖ ଏକାଠି ହୋଇ ଏହାର କୈଫିୟତ ମାଗିଥିଲେ। ଅନ୍ୟମାନେ ବି ପଛରେ ରହି ତାଙ୍କୁ ସମର୍ଥନ ଦେଇଥିଲେ। ସେହିଭଳି ଦଳର ପ୍ରତିଷ୍ଠାତା ସଦସ୍ୟଙ୍କ ପୁତ୍ରମାନେ ବି ଏହି ପ୍ରସଙ୍ଗରେ ମେଳି ହୋଇଥିଲେ।

ତେବେ ଓଡ଼ିଶାର ଗଣମାଧ୍ୟମର ବିଜେଡିର ଏହି ଲଢ଼େଇ ଉପରେ ଫୋକସ କରିଥିବା ବେଳେ ହଠାତ୍ ଜାତୀୟ ସ୍ତରରେ ପହଲଗାମ ଓ ଭାରତ-ପାକିସ୍ତାନ ଯୁଦ୍ଧ ପ୍ରସଙ୍ଗ ➪ପୃଷ୍ଠା-୬



## ମାଗଣା ଚକ୍ଷୁ ଚିକିତ୍ସା ଶିବିର

**ରାଜନଗର,୨୯।୪ (ସଂଚାର ବ୍ୟୁରୋ):** ଓସ୍ତିଆ ବନ୍ଧପାଟଣା ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ଭୁବନେଶ୍ୱରସ୍ଥିତ ଅଗ୍ରଣୀ ସେଚ୍ଛାସେବୀ ସଂଗଠନ କେୟାର ନେତ୍ରମ୍ ପକ୍ଷରୁ ଏକ ଦିବସୀୟ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ସେଠୀ ଶୁଭ ଉଦଘାଟନ କରିଥିବାବେଳେ ନାଏବ ସରପଞ୍ଚ ସର୍ବେଶ୍ୱର ବଳ, ସଂଗଠନର ସଂଯୋଜକ ଡଃ .ଉଦୟ ନାରାୟଣ ପରିଡ଼ା, ଶିକ୍ଷାବିତ୍ ସୁଶାନ୍ତ କୁମାର ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଡାକ୍ତର କୁମାରୀ ମମତା ବିଶ୍ୱାଳ, ପ୍ରତିମା ଜେନା, ଝିଲ୍ଲି ସେ ଜେନା, ଜ୍ୟୋତିର୍ମୟୀ ସ୍ୱାଇଁ, ଯଶୋବନ୍ତି ଛତ୍ରିଆ ପ୍ରମୁଖ ଶିବିରରେ ଉପସ୍ଥିତ ରହି ୯୫ ରୋଗୀଙ୍କ ଆଖି ପରୀକ୍ଷା କରିବା ସହ ଚଷମା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସୁଷମା ବଳ, ମମତା ବଳ, କବିତା ଧଳ, ଅବନ୍ତି ପାତ୍ର, ଶଶିକଳା ଦାସ, ସାବିତ୍ରୀ ମିଶ୍ର, , ବିଦ୍ୟୁତପ୍ରଭା ରାଉତ, ମିନତି, ନାୟକ, ଶ୍ରିପଦା ପାତ୍ର, , ଜ୍ୟୋସ୍ନାରାଣି ପ୍ରଧାନ, ଶିକ୍ଷକ ସତ୍ୟନାରାୟଣ ମହାନ୍ତି, ଶ୍ରଦ୍ଧାଞ୍ଜଳି ଦାଶ, ଅଭିଲିପସା ଦାଶ, ତାରିଣୀ ପ୍ରିୟଦର୍ଶିନୀ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଇପିଏଫ ପେନସନଧାରୀଙ୍କ ଦାବିପତ୍ର



**କେନ୍ଦ୍ରାପଡା,୨୯।୪ (ସଂଚାର ବ୍ୟୁରୋ):** ଇପିଏଫ ପେନଶନ ଭୋଗୀ ମାନଙ୍କ ରାଜ୍ୟ ସଂଘର ଆହ୍ୱାନ କ୍ରମେ କେନ୍ଦ୍ରାପଡା ଜିଲ୍ଲା ସଂଘ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ମାଧମରେ ପ୍ରଦାନ କରାଯାଇଛି । ସର୍ବନିମ୍ନ ପେନଶନ ୯ ହଜାର ଟଙ୍କା ସହିତ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାଇ ବର୍ଦ୍ଧିତ ପେନଶନ ଦେବା ସହିତ ମହଙ୍ଗା ଭତା ପ୍ରଦାନ କରିବା ପାଇଁ ଏହି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ସଂଘର କେନ୍ଦ୍ରାପଡା ଜିଲ୍ଲା ସଭାପତି ବସନ୍ତ କୁମାର ଦାସଙ୍କ ନେତୃତ୍ୱରେ ପିତାମ୍ବର ମହାନ୍ତି, କାହ୍ନୁଚରଣ ଦାସ, ଧନେଶ୍ୱର ରାଉତ, ସହଦେବ ସିଂହ, ତ୍ରିଲୋଚନ ପଣ୍ଡା, ବିଶ୍ୱନାଥ ସାହୁ, ଶିବ ବଳ, ବିଷ୍ଣୁ ବିଶ୍ୱାଳ ପ୍ରମୁଖ ସଂଘର ସଦସ୍ୟ ମାନେ ଜିଲ୍ଲା କାର୍ଯ୍ୟାଳୟ ରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି ।

## ଗ୍ରୀଷ୍ମକାଳୀନ ଭାର ଉତ୍ତୋଳନ ଶିବିର ଉଦ୍‌ଯାପନ

**କେନ୍ଦ୍ରାପଡା,୨୯।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ସେବା ବିଭାଗ ପକ୍ଷରୁ ଓ ଜିଲ୍ଲା ପ୍ରଶାସନ ତଥା କ୍ରୀଡା ବିଭାଗ ସହାୟତା ରେ ଇଛାପୁର ସ୍ଥିତ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମ ଠାରେ ୧୫ ଦିନ ଧରି ଅନୁଷ୍ଠିତ ଭାର ଗ୍ରୀଷ୍ମକାଳୀନ ଉତୋଳନ ଶିବିର ଉଦ୍‌ଯାପିତ ହୋଇଯାଇଛି । ଚଳିତ ମାସ ୧୫ ତାରିଖ ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଶତାଧିକ ବାଳକ, ବାଳିକା ଯୋଗ ଦେଇଥିଲେ । ପ୍ରଶିକ୍ଷିକା ଭାବେ ସ୍ୱୟଂ ପ୍ରଭା ମହାନ୍ତି ଶିବିରାର୍ଥୀ ମାନଙ୍କୁ ତାଲିମ ପ୍ରଦନ କରିଥିଲେ । ଆଜି ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ । ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଏହି ଶିବିର ପରିଚଳନା କରିଥିଲେ ।

### ନିଜ ଘର ପୋଡ଼ି ଅନ୍ୟକୁ ଫସାଇବାକୁ ଉଦ୍ୟମ

## ଅଭିଯୁକ୍ତ ଥାନାରେ ଅଟକ



**କୋଣାର୍କ,୨୯।୪ (ସଂଚାର ବ୍ୟୁରୋ):** କୋଣାର୍କ ଥାନା ଅନ୍ତର୍ଗତ ଅବଦାନ ପଞ୍ଚାୟତ ସୁଆର ଗ୍ରାମରେ ସୋମବାର ବିଳମ୍ବିତ ରାତିରେ ଘଟିଛି ଏକ ଭୟଙ୍କର ଅଗ୍ନିକାଣ୍ଡ। ଗ୍ରାମର ଜଣେ ଅସାମାଜିକ ବ୍ୟକ୍ତି ନିଜ ଘର ପୋଡ଼ି ଅନ୍ୟକୁ ଫସାଇବାକୁ ଉଦ୍ୟମ କରିଥିବା ବେଳେ, ନିକଟରେ ଥିବା ୫ବଖରା ଚାଳ ଘର ସହ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡ଼ି ପାଉଁଶ ହୋଇଯାଇଛି। ଏନେଇ କୋଣାର୍କ ପୋଲିସ୍ ଅଭିଯୁକ୍ତକୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୁଚନା ଅନୁଯାୟୀ ସୁଆର ଗ୍ରାମର ପୂର୍ବରୁ ଅନେକ ମାମଲାରେ ସଂପୃକ୍ତ ଥିବା ଅସାମାଜିକ ବ୍ୟକ୍ତି ଦିବାକର ମଲ୍ଲିକ ସେହି ଗ୍ରାମର ସରୋଜ ମଲ୍ଲିକ ସହ ରବିବାର ଝଗଡ଼ା କରିଥିଲା। ସରୋଜ ମଲ୍ଲିକକୁ ଫସାଇବକୁ ଯାଇ ସେ ନିଜର ଚାଳ ଘରୁ ଜିନିଷ ପତ୍ର କାଢି ନେଇ ବିଳମ୍ବିତ ରାତିରେ ନିଆଁ ଲଗାଇ ଦେଇଥିଲା। ଯାହା ଫଳରେ ଘରକୁ ଲାଗି ଥିବା ୫ଜଣ ଗରିବ ଲୋକଙ୍କ ୫ବଖରା ବ୍ୟବହୃତ ଚାଳ ଘର ସଂପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଛି। ଦୁଇ ଦଳିତ ଅସହାୟ ମହିଳା ପରିବାରଙ୍କ ଘରେ ଥିବା ସମସ୍ତ ଆସବାବପତ୍ର ସହ ନଗଦ ଲକ୍ଷେ ଟଙ୍କା ପୋଡ଼ି ପାଉଁଶ ହୋଇଯାଇଛି। ଯାହା ଏକ ଭୟଙ୍କର ଅଭାବନୀୟ ଘଟଣା ବୋଲି ସ୍ଥାନୀୟ ଅଞ୍ଚଳରେ ଦୁଃଖ ଖେଳିଯାଇଛି। ଏନେଇ କୋଣାର୍କ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତିକରି କୋଣାର୍କ ଥାନା ଏଏସଆଇ ସନ୍ତୋଷ ସାହୁ ଓ ସୁବାସିନି ସାହୁ ଘଟଣା ସ୍ଥଳରେ ପହଞ୍ଚି ପଚରା ଉଚରା କରିବା ସହ ତଦନ୍ତ ଜାରି ରଖିଛନ୍ତି। ଅଭିଯୁକ୍ତ ଦିବାକର ମଲ୍ଲିକ ଥାନାରେ ଅଟକ ରଖାଯାଇଛି।

### ମୋଟା ଅଙ୍କର ପିସି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ମାହାଙ୍ଗା ପୂର୍ତ୍ତ ବିଭାଗ

# ଛତିଆ-ସାଲେପୁର ରାସ୍ତା ଢଳେଇ କାର୍ଯ୍ୟ ନିମ୍ନମାନର

**ମାହାଙ୍ଗା,୨୯।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଲୋକମାନଙ୍କ ଗମନାଗମନର ସୁବିଧା ପାଇଁ ରାସ୍ତା ଘାଟ ପୋଲ ଆଦି ନିର୍ମାଣରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ କିନ୍ତୁ ଠିକାଦାର ଓ ଯନ୍ତ୍ରୀ ଉଭୟଙ୍କ ସଲାସୁତୁରାରେ ସବୁ କାର୍ଯ୍ୟ 'ର, ଠ'ରେ ଚାଲିଛି। ଏନେଇ ବୀଭଗିୟ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲେ ମଧ ବିଭାଗ ସବୁଜାଣି ଚୁପ୍ ରହୁଛି। ଏନେଇ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ଘଟଣା ଦେଖିବା ପାଇଁ ମିଳିଛି କଟକ ଜିଲ୍ଲା ମାହାଙ୍ଗା ପୂର୍ତ୍ତ ବିଭାଗ ଅଧିନ ଛତିଆ-ସାଲେପୁର ରାସ୍ତା ନିର୍ମାଣ କାର୍ଯ୍ୟରେ।

ଏହି ରାସ୍ତାର ଉନ୍ନତି କରଣ ପାଇଁ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ରାସ୍ତା କାର୍ଯ୍ୟ ଚାଲୁରହିଛି । ଏହି ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହ ନିମ୍ନମାନର ହେଉଥିବା ଜଳ ଜଳ ହୋଇ ଦେଖିବାକୁ ମିଳୁଛି । ରାସ୍ତା ଢଳେଇ କରାଯାଇଥିବା ବେଳେ ବିଭାଗୀୟ ଉଚ୍ଚ ଅଧିକାରୀ ମାନଙ୍କ ଅନୁପସ୍ଥିତ ଠିକାଦାର କର୍ମଚାରୀମାନେ



ମନମୁଖୀ କାର୍ଯ୍ୟ କରୁଛନ୍ତି । ଯାହାକି ରାସ୍ତା ଢଳେଇ କରାଯାଉଥିବା ସମୟରେ ପ୍ରଥମ ଲେୟାର ପକାଇ ଭାଇବ୍ରେଟର କରାଯିବା କଥା ମାତ୍ର ଏହାକୁ କରାନଯାଇ ଏକାଥରକେ ଢଳେଇ ପକାଯାଇ କେବଳ ନିଡିଲ ଭାଇବ୍ରେଟର ମରାଯାଉଛି । ଏହି ଢ଼ଳେଇ ଅତ୍ୟନ୍ତ ନିମ୍ନମାନର ହେଉଥିବାରୁ ରାସ୍ତା ନିର୍ମାଣର ଏକ ସପ୍ତାହ ନପୁରୁଣୁ ବିଭିନ୍ନ ସ୍ଥାନରେ ଢ଼ଳେଇ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି।

ସୂଚନା ଥାଉକି ଛତ୍ରତୋଟା ବଜାରରେ ଅନେକ ସ୍ଥାନ ଜବରଦଖଲକାରୀଙ୍କ କବ୍‌ଜାରେ ଥିବାବେଳେ ତହସିଲ, ପୁଲିସ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ଯାହାକୁ ନେଇ ଏଠାରେ ବିବାଦୀୟ ପରିସ୍ଥିତି ଉପୁଜିଥିଲା। ଏହି ରାସ୍ତା କାର୍ଯ୍ୟକୁ ଖୋଦ ମାହାଙ୍ଗା ତହସିଲଦାର ସୁଭାଶିଷ ପାଲଟାଙ୍କ ସହ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଢ଼ଳେଇ କାର୍ଯ୍ୟ କରାଯାଇଥିଲା। ପରେ କିନ୍ତୁ ଏଠାରେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତ ଥିବା ବେଳେ ଠିକାଦାର ତାର ମନମୁଖି ଭାବେ ନିମ୍ନମାନର ଢଳେଇ କାର୍ଯ୍ୟ କରିଥିଲେ। ଯାହା ଫଳରେ ଏହି ରାସ୍ତାର ନିର୍ମାଣ ହେବାର ମାତ୍ର ୪ଦିନ ନପୁରୁଣୁ ଢ଼ଳେଇ ଫାଟି ଆଁ କରିଥିବା ଦେଖିବାକୁ ମିଳିଛି। ଅନ୍ୟପଟରେ ନିମ୍ନମାନର କାମ ହେତୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ସଠିକ୍ ଭାବରେ ମୋରମ ପକାଇବାର ବ୍ୟବସ୍ଥା ସହ ରାସ୍ତାକଡରେ ମାଟି ଭର୍ତ୍ତି କରାଯାଇ ଏହା ଉପରେ ନାମକୁ ମାତ୍ର ମୋରମ ପକାଯାଉଛି। ଏହି ରାସ୍ତା କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହ ନିମ୍ନମାନର କାର୍ଯ୍ୟ ହେଉଥିବାରୁ ଏହା ଉପରେ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହୋଇଛି । ମାହାଙ୍ଗା ପୂର୍ତ୍ତ ବିଭାଗ ଅଧିକାରୀ ମାନେ ମୋଟା ଅଙ୍କର ପିସି ନେଇ କୁମ୍ଭକର୍ଣ୍ଣ ନିଦ୍ରାରେ ରହିଥିବା ସ୍ଥଳେ ଛତିଆ-ସାଲେପୁର ରାସ୍ତା ଢଳେଇ କାର୍ଯ୍ୟ ନିମ୍ନମାନରେ ଚାଲିଥିବା କଥା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# କେବେ ସୁଧୁରିବ କାକଟିଆ ରାସ୍ତା ଅବସ୍ଥା ?



**ଡେରାବିଶ,୨୯।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଚାନ୍ଦୋଳ ଓ ମୁକୁନ୍ଦପୁର ପଞ୍ଚାୟତର ଅଧିବାସୀଙ୍କ ଯାତାୟାତ ପାଇଁ କଟକ -ଚାନ୍ଦବାଲି ରାସ୍ତାର କାକଟିଆ ବଜାରକୁ ସଂଯୋଗ କରୁଥିବା ରାସ୍ତା ବିପର୍ଯ୍ୟସ୍ତ ହୋଇପଡିଛି। କେନ୍ଦ୍ରାପଡ଼ା ସଦର କେନାଲର ୧୧ନମ୍ବର ଶାଖା ନାଳବନ୍ଧ ରାସ୍ତା ଓ ଏହାର ପ୍ରଶାଖା ଇ-ମାଇନର କେନାଲ ବନ୍ଧ ରାସ୍ତା ଖାଲ ଖମାରେ ଭର୍ତ୍ତି ହୋଇଛି । ଏହି ରାସ୍ତା ଯଅଁରା ବାରିମୂଳ ପଞ୍ଚାୟତର ଗରାମ ଗ୍ରାମ ତଥା ଲୁଣାନଦୀ କୂଳ ପ୍ରସିଦ୍ଧ କ୍ଷୀରଶ୍ୱେର ମହାଦେବ ଖଲାଶ୍ୱର ମହାଦେବ ପୀଠ, ଐତିହାସିକ ସ୍ଥଳ କବିସୂର୍ଯ୍ୟ ବ୍ରହ୍ମା ମଠ, ସୁଭଦ୍ରା ମହତାବ ମହାବିଦ୍ୟାଳୟ ଅସୁରେଶ୍ୱର ଉଚ୍ଚବିଦ୍ୟାଳୟ ଓ ଗଣେଶପୁର ଲାଲବାହାଦୁର ଶାସ୍ତ୍ରୀ ଉଚ୍ଚ ବିଦ୍ୟାଳୟକୁ ଯାତାୟାତ ପାଇଁ ଏହା ଏକମାତ୍ର ରାସ୍ତା। ରାସ୍ତାର ଅବସ୍ଥା ପାଇଁ ଦୈନନ୍ଦିନ ଦୁର୍ଘଟଣା ଘଟୁଛି।

ଏହି ରାସ୍ତାରେ ଭଣଗାଁ, ଲହଣ, ପବିତ୍ରପଡ଼ା, ନଛିପୁର, ପାଣିଓଳା, ଶ୍ରୀଧରପୁର, ପାର୍ବତୀପୁର ଓ ଡାବଳ ଅଧି ବାସୀ ନିର୍ଭର କରିଥାନ୍ତି। ଏପରିକି ଏହି ରାସ୍ତା କଡରେ ଜଳସମ୍ପଦ

### କୁମ୍ଭକର୍ଣ୍ଣ ନିଦ୍ରାରେ ଗ୍ରାମ୍ୟ ଉନ୍ନୟନ ବିଭାଗ

ବିଭାଗ ଛତା ଉପଖଣ୍ଡର ସେକ୍ସନ କାର୍ଯ୍ୟାଳୟ ସହିତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଥିଲେ ମଧ ଏହି ରାସ୍ତା ଉପରେ କାହାରି ଦୃଷ୍ଟି ପଡୁନାହିଁ । ଏହି ରାସ୍ତା ଏତେ ଅଣଓସାର ଯେ ଗୋଟିଏ ହାଲୁକା ଚାରି ଚକିଆ ଯାନ ଅତିକ୍ରମ କଲାବେଳେ ଅନ୍ୟ ଗୋଟିଏ ବାଇକ ଅତିକ୍ରମ କରିବା ମଧ କଷ୍ଟକର ହୋଇପଡୁଛି। ଏହି ଘଟଣାକୁ ନେଇ ଜନସାଧାରଣଙ୍କ ମଧରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏଣୁ ଏହି ରାସ୍ତାର ନବୀକରଣ ସହିତ ସବୁଦିନିଆ ରାସ୍ତାରେ ପରିଣତ କରିବା ପାଇଁ ସ୍ମାରକ ମହାନ୍ତି ଓ ଦିଲ୍ଲୀପ ସତପଥି, କବିନ୍ଦ୍ର ମଲ୍ଲିକ, ରତ୍ନାକେର ମଲ୍ଲିକ ରାମ ଚନ୍ଦ୍ର ମଲ୍ଲିକ, ସଞ୍ଜୟ ମହାନ୍ତି, ପ୍ରଶାନ୍ତ ଶତପଥୀ ଦାବି କରିଛନ୍ତି ।

## ପାଣିରେ ବୁଡ଼ି ଛାତ୍ରଙ୍କ ମୃତ୍ୟୁ

**ଡେରାବିଶ,୨୯।୪ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଗରାମ ଗ୍ରାମର ବଳରାମ ବଳଙ୍କ ଏକମାତ୍ର ପୁତ୍ର ରାଜାରାମ (୧୭)ର ଆଜି ନିକଟସ୍ଥ ଲୁଣାନଦୀରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ମୃତ୍ୟୁ ହୋଇଥିବା ଭଳି ଏକ ଦୁଃଖଦ ଘଟଣା ଘଟି ଯାଇଛି।

ସୂଚନାରୁ ପ୍ରକାଶ ଆଜି ପୂର୍ବାହ୍ନରେ ଗରାମ ଗ୍ରାମର ରଜାରାମ ସାଙ୍ଗ ମାନଙ୍କ ସହିତ ଗ୍ରାମ ନିକଟସ୍ଥ ଲୁଣାନଦୀରେ ଗାଧୋଉଥିବା ବେଳେ ସେ ହଠାତ୍ ଗଭୀର ପାଣିକୁ ଖସିଯାଇଥିଲେ। ରାଜାରାମ ବୁଡ଼ି ଯାଉଥିବା ବେଳେ ସାଙ୍ଗମାନେ ଚେଷ୍ଟା କରିଥିଲେ ମଧ ଗଭୀର ଜଳରୁ ତାଙ୍କୁ ଉଦ୍ଧାର କରିପାରି ନଥିଲେ। ସାଙ୍ଗମାନେ ଡାକ ପକାଇବାରୁ ଗ୍ରାମବାସୀମାନେ ଉପସ୍ଥିତ ହୋଇ ନଦୀର ଗଭୀର ଜଳରୁ ତାକୁ ଖୋଜାଖୋଜି କରିଥିଲେ ମଧ ରରାଜାରାମକୁ ପାଇନଥିଲେ। ପରେ ଘଟଣା ସ୍ଥଳରେ ସରପଞ୍ଚ ଶଙ୍କର୍ଷଣ ପରିଡ଼ା ଓ ସମାଜସେବୀ ରଜତ ବଳ ପହଞ୍ଚି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ବହୁ ଖୋଜା ଖୋଜି କରିବା ପରେ ଗଭୀର ଜଳକୁ ଅଚେତ ଅବସ୍ଥାରେ ରାଜାରାମକୁ ଉଦ୍ଧାର କରି ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କ ମୃତ ଘୋଷଣା କରିଥିଲେ। ପରେ ରାଜାରାମଙ୍କ ଶବ ବ୍ୟବଚ୍ଛେଦ ପାଇଁ କଟକ ବଡ଼ଡାକ୍ତରଖାନାକୁ ନେଇଯାଇଥିବା ଜଣାଯାଇଛି।

ସୂଚନାଯୋଗ୍ୟ ଯେ, ରାଜାରାମ ପଞ୍ଚାୟତ ଅନ୍ତର୍ଗତ ଡେଲଟା କଲେଜର +୨ ଦ୍ୱିତୀୟ ବର୍ଷ କଳା ଛାତ୍ର ରହିଥିଲା। ତାଙ୍କ ମୃତ୍ୟୁରେ ଅଧାପକ ପ୍ରଦୀପ ଜେନା ଶୋକବ୍ୟକ୍ତ କରି ମହାବିଦ୍ୟାଳୟ ରାଜାରାମ ଭଳି ଜଣେ ମେଧାବୀ ଓ ଉତମ କ୍ରୀଡ଼ାବିତକୁ ହରାଇଲା ବୋଲି କହିଥିଲେ। ରାଜାରାମ ତାଙ୍କ ପିତାଙ୍କର ଏକମାତ୍ର ପୁତ୍ର ହୋଇଥିବା ବେଳେ ତାର ମୃତ୍ୟୁରେ ପରିବାର ସମେତ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।



## ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବିପତ୍ର

**ରାଜନଗର,୨୯।୪ (ସଂଚାର ବ୍ୟୁରୋ):** କେନ୍ଦ୍ରପଡା ଜିଲ୍ଲାରେ ମେଡିକାଲ ପ୍ରତିଷ୍ଠା ପାଇଁ ଦାବି ଜୋର ଧରିଛି। ରାଜ୍ୟ ସରକାର ନିକଟରେ ରାଜ୍ୟର ୮ ଟି ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି। ପଡୋଶୀ ଯାଜପୁର ଓ ଜଗସିଂହପୁର ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଟ ପାଇଁ ସରକାର ଘୋଷଣା କରିଥିବା ବେଳେ କେନ୍ଦ୍ରାପଡାକୁ ବାଦ ଦିଆଯାଇଛି। ଉପକୂଳ ଓଡିଶାର ଏକମାତ୍ର ଜିଲ୍ଲା କେନ୍ଦ୍ରାପଡା ବାଦ ପଡ଼ିବା ଘଟଣାକୁ ନେଇ ଜିଲ୍ଲାରେ ଦାବି ଓ ପତିକ୍ରିୟା ବଢିବାରେ ଲାଗିଛି। ନିକଟରେ ବିଜେଡି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟଳୟ ସମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଥିଲା।ଏବେ ଜନମଞ୍ଚ ପକ୍ଷରୁ ପ୍ରତି ବ୍ଲକରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ତହସିଲଦାରଙ୍କ ଜରିଆରେ ବୁଦ୍ଧିଜୀବୀ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ଦିଆଯାଉଛି। ଆଜି ଜନମଞ୍ଚର ସଂଯୋଜକ ସମାଜସେବୀ କୃପାସିନ୍ଧୁ ସାମଲଙ୍କ ନେତୃତ୍ୱରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ତହସିଲଦାର ଅମୀୟ କେତନ ସ୍ୱାଇଁଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ରରେ କେନ୍ଦ୍ରାପଡା ଜିଲ୍ଲାରେ ଗୋଟିଏ ବି ସୁପର ସ୍ପେସାଲିଷ୍ଟ ହସ୍ପିଟାଲ ନହିଁ, ଯେତିକି ବି ହସ୍ପିଟାଲ ଅଛି, ସେଥିରେ ଡାକ୍ତର ନାହାନ୍ତି। ତୁରନ୍ତ କେନ୍ଦ୍ରାପଡା ଜିଲ୍ଲାରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିବାକୁ ଜନମଞ୍ଚ ପକ୍ଷରୁ ଦାବି କରାଯାଇଛି।

### ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବ ଉଦ୍‌ଯାପିତ

# ସଭାରେ ଯୋଗଦେଲେ ୨ବିଜେପି ବିଧାୟକ

**ସାଲେପୁର,୨୯।୪ (ସଂଚାର ବ୍ୟୁରୋ):** ମଧୁବାବୁ ଜୟନ୍ତୀ କମିଟି ପକ୍ଷରୁ ସାଲେପୁର ବଜାର ପଡ଼ିଆଠାରେ ୨୫ତାରିଖ ଠାରୁ ଚାଲିଥିବା ରାଜ୍ୟ ସ୍ତରୀୟ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର ଉଦ୍‌ଯାପନୀ ଦିବସରେ ୨ବିଜେପି ବିଧାୟକ ଅତିଥିଭାବେ ଯୋଗଦେଇ ମଧୁବାବୁଙ୍କ ସ୍ମୃତିଚାରଣ କରିବା ସହ ପୂର୍ବତନ ସାଲେପୁର ବିଧାୟକ ତଥା ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ପ୍ରକାଶ ବେହେରାଙ୍କର ଏଭଳି ଉଦ୍ୟମକୁ ପ୍ରଶଂସା କରିବା ଓ ମଧୁବାବୁଙ୍କ ମାଟିକୁ ତାଙ୍କ ଜୟନ୍ତୀ ତିଥିରେ ଆସି ନିଜକୁ ଗର୍ବ ଅନୁଭବ କରୁଥିବା ମତ ପ୍ରକାଶ କରିଥିଲେ।



ସାଲେପୁର ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ବେହେରାଙ୍କ ସଭାପତିତ୍ୱରେ ଆଜି ଅନୁଷ୍ଠିତ ମଧୁବାବୁଙ୍କ ସ୍ମୃତିଚାରଣସଭାରେ ଅତିଥି ଭାବେ ବଡ଼ମ୍ବା ବିଜେପି ବିଧାୟକ ବିଜୟ କୁମାର ଦଳ ବେହେରା ଓ କଟକ ସଦର ବିଜେପି ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ମଧୁବାବୁ ଜୟନ୍ତୀ କମିଟିର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ ପାଇଁ ଦାବି ସେମାନେ ବିଧାନସଭାରେ ଉପସ୍ଥାପନ କରିବେ ବୋଲି ପ୍ରକାଶ କରିଥିଲେ। ସାଲେପୁରର ପୂର୍ବତନ ବିଧାୟକ ପ୍ରକାଶ ବେହେରା ୧୯ବର୍ଷ ଧରି ସାଲେପୁର ବଜାର ପଡ଼ିଆଠାରେ ମଧୁବାବୁଙ୍କ ଜୟନ୍ତୀ ପାଳନ କରି ମଧୁବାବୁଙ୍କ ଆଦର୍ଶ, କାର୍ଯ୍ୟଦକ୍ଷତା ଓ ଦେଶପ୍ରେମୀ ବାର୍ତ୍ତାକୁ ଆଜିର ଆଗାମୀ ପୀଢ଼ୀଙ୍କୁ ଅବଗତ କରାଉଥିବାରୁ ତାହାକୁ ପ୍ରଶଂସା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ସାଲେପୁର ଓ ଟାଙ୍ଗୀ ବ୍ଲକର ପ୍ରାୟ ୧୯ଟି ପଞ୍ଚାୟତରୁ ଆସିଥିବା ର଼୍ୟାଲି ଓ ଆତସବାଜି ପ୍ରଦର୍ଶନ ମୁଖ୍ୟ ଆକର୍ଷଣ ପାଲଟିଥିଲା। ଘଡ଼ଘଡ଼ି ବର୍ଷା, ପବନ ହେବା ସତ୍ତ୍ୱେ ଉଦ୍‌ଯାପନୀ ଉତ୍ସବ କାର୍ଯ୍ୟକ୍ରମରେ ହଜାର ହଜାର ଲୋକ ସାମିଲ ହୋଇ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହ ମଧୁବାବୁଙ୍କ ପ୍ରତି ପ୍ରକାଶଙ୍କ ଏହା ମହାନତା ବୋଲି ବହୁ ଦର୍ଶକମାନେ ପ୍ରକାଶ କରିଥିଲେ। ଏହି ଅବସରରେ କମିଟି ପକ୍ଷରୁ ଆଜି ସନ୍ଧ୍ୟାରେ ଓଡ଼ିଶାର ସୁନାମଧନ୍ୟ କଳାକାରମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବା ବେଳେ ମଧୁବାବୁଙ୍କ ଜୀବନୀ ଉପରେ ଡ୍ୟାନ୍ସ ଡ୍ରାମା ସାଂସ୍କୃତିକ କାର୍ଯ୍ୟକ୍ରମକୁ ଦ୍ୱିଗୁଣିତ କରିଥିଲା। ଏହି ଅବସରରେ ବାଲୁକା ଶିଳ୍ପୀଙ୍କ ଦ୍ୱାରା ବାଲୁକା କଳାକୃତି ଦର୍ଶକମାନଙ୍କ ପାଇଁ ମୁଖ୍ୟଆକର୍ଷଣ ପାଲଟିଥିଲା। ସେହିପରି ଏଠାରେ ଲାଗିଥିବା ବିଭିନ୍ନ ପ୍ରକାର ଷ୍ଟଲ ମାନଙ୍କରେ ଦର୍ଶକମାନେ ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ପାଇଁ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା।

### ବଡକୂଳ ପଞ୍ଚାୟତରେ ପାନୀୟ ଜଳ ନମିଳିବା ଘଟଣା

# ତ୍ୱରିତ ପଦକ୍ଷେପ ସହ ୧୫ ଦିନରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ

**ମହାକାଳପଡ଼ା,୨୯।୪ (ସଂଚାର ବ୍ୟୁରୋ):** ପାନୀୟ ଜଳ ସମସ୍ୟା ନେଇ ଜଣେ ଯୁବକ ପ୍ରକାଶିତ ଖବରକାଗଜକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ମେଲ୍ ଯୋଗେ ଅଭିଯୋଗ ଜଣାଇଥିଲେ। ଯେଉଁ ଅଭିଯୋଗକୁ ଗୁରୁତର ସହ ନେଇଛନ୍ତି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ। ଅଭିଯୋଗ ଆଧାରରେ ସମାଧାନ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ସମେତ ବିଭାଗୀୟ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦେଇଥିଲେ ମୁଖ୍ୟମନ୍ତ୍ରୀ। ଆଦେଶପତ୍ର ପାଇବା ପରେ ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର ମୁଖ୍ୟ ଯନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମୀଣ ଜଳ ଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଯେଉଁଥିରେ ସେ ତୁରନ୍ତ ଜଳଯୋଗାଣ ସମସ୍ୟାର ସମାଧାନ କରିବା ସହିତ ୧୫ ଦିନ ମଧରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

କେନ୍ଦ୍ରାପଡା ଜିଲ୍ଲା ମହାକାଳପଡା ବ୍ଲକ ବଡକୂଳ ପଞ୍ଚାୟତ ଅନ୍ତର୍ଗତ ଆଇତିପୁର ଗ୍ରାମର ମହିଳାମାନେ ହାତରେ ଗରା ମାଠିଆ ଧରି ରାସ୍ତାକୁ ଓହ୍ଲାଇଥିବା ଦେଖିବାକୁ ମିଳିଥିଲା। ଗରା ମାଠିଆ ଧରି ରାସ୍ତାରୋକ କରିବା ସହିତ ପ୍ରଶାସନ ଉପରେ ବର୍ଷିଥିଲେ। ଯଦୁପୁର ପଞ୍ଚାୟତ କଳାଗଡ ଗ୍ରାମରେ ଥିବା ମେଗା ପାନୀୟ ଜଳ ପ୍ରକଳ୍ପରୁ ଯଦୁପୁର ପଞ୍ଚାୟତର ଆଇତିପୁର ଗ୍ରାମ ସମେତ ଅନ୍ୟ ୧୦ ପଞ୍ଚାୟତକୁ ପାଣି ପହଞ୍ଚୁ ଥିଲା। ହେଲେ ବଉଦ ନିକଟରେ ଏକ କମ୍ପାନୀ ପାଇପ୍ ବିଛା କାମ କରୁଥିବା ସମୟରେ ତିନୋଟି ପାଣି ପାଇପ୍ ଛିଣ୍ଡି ଯିବା ଫଳରେ ଦୀର୍ଘ ଏକମାସ ରୁ ଉର୍ଦ୍ଧ୍ୱ ହେବ ଲୋକମାନଙ୍କ ପାଖରେ ପାଣି ପହଞ୍ଚି ପାରୁନଥିଲା। ଏନେଇ ବାରମ୍ବାର ପ୍ରଶାସନକୁ ଜଣାଇବା ପରେ ମଧ କୌଣସି ସୁଫଳ ନମିଳିବାରୁ ମହିଳାମାନେ ଗଣତାନ୍ତ୍ରିକ ପଦ୍ଧତିରେ ନିଜର ହକ୍ ପାଇଁ ରାସ୍ତାକୁ ଓହ୍ଲାଇଥିଲେ। ମହିଳାମାନେ ରାସ୍ତା ଅବରୋଧ କରି ପାଣି ପାଇଁ ଅଡ଼ି ବସିଥିଲେ।

**ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ ପରେ ତତ୍ପର ହେଲା ବିଭାଗ**

ଏନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଯାହାକୁ ଅଜୟ ରାଉତ ନାମକ ଜଣେ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ୨୨ ଏପ୍ରିଲରେ ମେଲ୍ ଯୋଗେ ଅଭିଯୋଗ ଜଣାଇଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଓ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଅଭିଯୋଗ ପଠାଯାଇଥିଲା।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ୨୮ ଏପ୍ରିଲରେ ବିଭାଗୀୟ ମୁଖ୍ୟ ଯନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ବିଭାଗୀୟ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଘଟଣାକୁ ଗୁରୁତର ସହ ନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ୧୫ ଦିନ ମଧରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ରହିଛି। ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ, କଟକଙ୍କୁ ଘଟଣାର ଅନୁସରଣ କରିବାକୁ ନିର୍ଦ୍ଦେଶ ଦେଇଛି ବିଭାଗୀୟ ମୁଖ୍ୟ ଯନ୍ତ୍ରୀ।

### କୁଚକ୍ରିଙ୍କ କୁଟ ଚକ୍ରାନ୍ତ ମାରିଲା ଫେଲ୍

## ନବନିର୍ମିତ ରାସ୍ତାକୁ ଖୋଳିଲେ, ରାତାରାତି ସିମେଣ୍ଟ ଗୋଡ଼ିରେ ପୋତିଲେ

**ନିଶ୍ଚିନ୍ତକୋଇଲି,୨୯।୪ (ସଂଚାର ବ୍ୟୁରୋ):** ଉଭୟ କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଗ୍ରାମାଞ୍ଚଳ ବାସୀଙ୍କ ଗମନା ଗମନର ସୁବିଧାକୁ ଆଖି ଆଗରେ ରଖି ରାସ୍ତା ଘାଟର ଉନ୍ନତିକରଣ ସହିତ ନୁତନ ରାସ୍ତାର ନିର୍ମାଣ କରୁଥିବା ବେଳେ କଟକ ସଦର ନିର୍ବାଚନ ମଣ୍ଡଳୀ ନିଶ୍ଚିନ୍ତକୋଇଲି ବ୍ଲକ ଅନ୍ତର୍ଗତ କଳମିଶ୍ରି ଗ୍ରାମପଞ୍ଚାୟତ କଳମିଶ୍ରି ଗ୍ରାମ ରାଜସ୍ୱ ନିରିକ୍ଷକଙ୍କ କାର୍ଯ୍ୟଳୟ ଠାରୁ କମଳାଇ ଠାକୁରାଣୀ ଯାତ୍ରା ପଡ଼ିଆ ପର୍ଯ୍ୟନ୍ତ ରାସ୍ତା ସାଂସଦ ପାଣ୍ଠି ଅନୁଦାନରେ ୬ମାସ ତଳେ ୪ଲକ୍ଷ ଟଙ୍କା ବ୍ୟୟ ବରାଦରେ ଉନ୍ନତ ମାନରେ ଢ଼ଳେଇ କାର୍ଯ୍ୟ ସରିଥିବା ବେଳେ ଲୋକମାନେ ଯାତାୟତ ପାଇଁ ସୁବିଧା ପାଇ ପାରିଛନ୍ତି। ଅନ୍ୟପଟେ ଉକ୍ତ ଅଞ୍ଚଳର କିଛି କୁଟଚକ୍ରାନ୍ତ ବ୍ୟକ୍ତି ବିଜେପି ସରକାରଙ୍କ ଲୋକାଭିମୁଖି କାର୍ଯ୍ୟକୁ ସହି ନପାରି ଦୁଇଦିନ ତଳେ ନବ ନିର୍ମିତ ରାସ୍ତାକୁ ରାତି ଅଧିଆ ଖୋଳି ତାଡି ଦେଇଥିବା ବେଳେ କିଛି ପ୍ରମୂଖ ଖବର କାଗଜରେ ନିମ୍ନମାନରେ ରାସ୍ତା କାର୍ଯ୍ୟ ନିର୍ମାଣ ହୋଇଥିବା ପ୍ରସାରିତ ମିଥ୍ୟା ଖବରକୁ ନେଇ ଗ୍ରାମବାସୀମାନେ ଘୋର ନିନ୍ଦା କରିବା ସହ ଥାନାରେ ଅଭିଯୋଗ କରିବାକୁ ସଜବାଜ ହେଉଥିବା ଜାଣି କୁଟ ଚକ୍ରାନ୍ତକାରୀମାନେ ରବିବାର ବିଳମ୍ବିତ ରାତ୍ରିରେ ପୁନଃଶ୍ଚ ଉକ୍ତ ଖୋଳା ଯାଇଥିବା ରାସ୍ତାକୁ ଗୋଡି ସିମେଣ୍ଟ ଦ୍ୱାରା ଆଚ୍ଛାଦିତ କରି ଦେଇଥିବା ଦେଖିବା ପାଇଁ ମିଳିଛି। ଯାହାକୁ ନେଇ ସାଂସଦଙ୍କ ପାଣ୍ଠିରେ ନିର୍ମାଣଧିନ ଭଲ କାର୍ଯ୍ୟକୁ ଜାଣି ଜାଣି ଖରାପ ଦର୍ଶାଯାଉଥିବା କଥା ସାଧାରଣରେ ପ୍ରମାଣିତ ହୋଇଛି। କୁଚକ୍ରିମାନେ ନବ ନିର୍ମିତ ଭଲ ରାସ୍ତାକୁ ଉଦ୍ଦେଶ୍ୟ ମୁଳକ ଭାବେ ଖୋଳି ପରେ ରାତାରାତି ସିମେଣ୍ଟ ଗୋଡ଼ିରେ ପୋତିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।






## ବାଲିଚୋରି ରୋକିବାରେ ପୁଲିସ ବିଫଳ

**ଗରଦପୁର,୨୯।୪ (ସଂଚାର ବ୍ୟୁରୋ):** ପାଟକୁରା ଏବଂ କୁଦାନଗରି ଥାନା ଅଞ୍ଚଳରୁ ବାଲିଚୋରି ଓ ବେଆଇନ ପରିବହନରେ ବିରାମ ଲାଗିପାରୁ ନାହିଁ । ବାଡ଼ କ୍ଷେତ ଖାଇଲା ଭଳି ବାଲି ଚୋରିରେ ପୁଲିସର ଭୂମିକା ସର୍ବଦା ସନ୍ଦେହ ଘେରରେ ରହିଛି। ସ୍ଥାନୀୟ ଅଞ୍ଚଳର କୁଖ୍ୟାତ ବାଲି ମାଫିଆଙ୍କ ସହ ପୁଲିସର ମଧୁର ସମ୍ପର୍କ ଥିବା ସବୁଠି ଚର୍ଚ୍ଚା ହେଉଛି। ଚିତ୍ରୋତ୍ପଳା ଏବଂ ପାଇକା ନଦୀର ବାମ ଏବଂ ଦକ୍ଷିଣପାର୍ଶ୍ୱ ବିଭିନ୍ନ ଘାଟରୁ ବାଲି ବିପୁଳ ଭାବେ ଉତ୍ତୋଳନ ହେଉଛି। ଲଘୁ ଖଣିଜ ଅଧିକାରୀମାନେ ଏହାକୁ ଦେଖି ନଦେଖିଲା ପରି ରହୁଛନ୍ତି। ଅନ୍ୟପକ୍ଷରେ ବିଭିନ୍ନ ଘାଟରୁ ଉତ୍ତୋଳିତ ବାଲି ପଡ଼ୋଶୀ ଜିଲ୍ଲା ଅଞ୍ଚଳକୁ ବ୍ୟାପକ ଭାବେ ପରିବହନ ହେଉଛି। ସେହିପରି ଚିତ୍ରୋତ୍ପଳା ନଦୀର ୫ରୁ ଉର୍ଦ୍ଧ ସ୍ଥାନରେ ବାଲି ଉତ୍ତୋଳନ ପୂର୍ବବତ୍ ଜାରି ରହିଛି। କୁଦାନଗରି, କୋରୁଆ, ମଧୁସାଶନ, ଗରଦପୁର, ଜଗନ୍ନାଥପୁର, ବିଚଣା ଆଦି ଅଞ୍ଚଳରୁ ବାଲି ଉତ୍ତୋଳନ ବେଆଇନ ଭାବେ କରାଯାଉଛି । ଗରଦପୁର ଅଞ୍ଚଳରୁ ପାରାଦୀପ ଆଦି ଅଞ୍ଚଳକୁ ଦୈନିକ ୧୦୦ ରୁ ଅଧିକ ହାଇଓ୍ୱା ବେଆଇନ ବାଲି ପରିବହନ କରୁଛନ୍ତି। ଯେତେ କଟକଣା ହେଲେ ବି କୁଖ୍ୟାତ ମାଫିଆମାନଙ୍କ ଙ୍କ ବାଲି ବ୍ୟବସାୟରେ କୌଣସି ଆଞ୍ଚ ଆସୁନାହିଁ। ପୁଲିସ ଉଚ୍ଚ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁଁ ସ୍ଥାନୀୟ ପୁଲିସ ବାଲିମାଫିଆଙ୍କ ସାଥ ଦେଉଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ମେରିଟାଇମ୍ ମ୍ୟୁଜିୟମରେ ଭୋଜିଭାତର ଆସର

## ହାତଗୁଞ୍ଜା ନେଇ ନିୟମକୁ ଜଳାଞ୍ଜଳି ଦେଉଛନ୍ତି ଅଧିକାରୀ



କଟକ,୨୯।୪(ସଂଚାର ବ୍ୟୁରୋ): ଜନ୍ମଦିନ, ନିର୍ବନ୍ଧ, ବିବାହ ବାର୍ଷିକୋତ୍ସବ, ବ୍ରତଘର ବାବଦ ଭୋଜିଭାତ ସକାଶେ ଆଉ ଲକ୍ଷାଧିକ ଟଙ୍କା ଦେଇ ମଣ୍ଡପ ବୁକିଂର ଆବଶ୍ୟକତା ନାହିଁ। କାରଣ ଅଳ୍ପ ଟଙ୍କାରେ କଟକ ମେରିଟାଇମ୍ ମ୍ୟୁଜିୟମର ଶୀତତାପ ନିୟନ୍ତ୍ରିତ ମଲ୍ଟିମିଡିଆ ହଲ୍, ଅସ୍ଥାୟୀ ପ୍ରଦର୍ଶନୀ ହଲ୍, କେୟାର ଓ ଖାଦ୍ୟ ପ୍ରସ୍ତୁତି ପାଇଁ କାଫେଟେରିଆ ଆଦି ଦିଆଯାଉଥିବା ଅଭିଯୋଗ ହୋଇଛି। ଗତ ୨୭ ତାରିଖରେ ଏକ ବିବାହ ବାର୍ଷିକୋତ୍ସବର କାର୍ଯ୍ୟକ୍ରମରେ ନାଚଗୀତ, ଭୋଜିଭାତରେ କମ୍ପି ଉଠିଥିଲା ମ୍ୟୁଜିୟମ୍। ଏହି ସମୟର ଫଟୋ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ୍ ହୋଇଛି। ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ମଧ୍ୟ ଏହି ବେନିୟମ କାର୍ଯ୍ୟକୁ ସେମାନେ ଦର୍ଶକ ଭଳି ଦେଖିଥିଲେ ଆଉ ଶେଷରେ ଅତିଥିଙ୍କ ପରି ଭୋଜିଭାତ ଖାଇ ଖୁସି ମନାଇ ନୀରବ ରହିଥିବା ଚର୍ଚ୍ଚା ହେଉଛି। ତେଣୁ ଏଭଳି ବେଆଇନ କାର୍ଯ୍ୟକୁ ବିଭାଗୀୟ ଅଧିକାରୀ ଜାଣିଶୁଣି ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି। ମ୍ୟୁଜିୟମ୍ ଭିତରେ ସିସିଟିଭି ଲଗାଯାଇଥିବା ବେଳେ ଏସବୁ କାର୍ଯ୍ୟକ୍ରମକୁ ସିସିଟିଭି କ୍ୟାମେରା ତଦାରଖ କରୁଥିବା ଅଧିକାରୀ ଦେଖୁନାହାନ୍ତି ନା ସିସିଟିଭି ଅଚଳ ହୋଇପଡ଼ିଛି, ଏହାକୁ ନେଇ ମଧ୍ୟ ନାନା ପ୍ରଶ୍ନ ଉଙ୍କି ମାରୁଛି। ମେରିଟାଇମ୍ ମ୍ୟୁଜିୟମ୍ର ସମ୍ମିଳନୀ କକ୍ଷରେ କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ, ସଭାସମିତି, ବୈଠକ, ପ୍ରଦର୍ଶନୀ ମେଳା ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ମଧ୍ୟରେ କରାଯିବାର ନିୟମ ରହିଛି। କିନ୍ତୁ ବିଭାଗୀୟ ଅଧିକାରୀ କେଉଁ ଆଧାରରେ ନିର୍ବନ୍ଧ, ବିବାହ ବାର୍ଷିକୋତ୍ସବ, ଜନ୍ମଦିନ, ବ୍ରତଘର ଭୋଜିଭାତ, ନାଚଗୀତ କାର୍ଯ୍ୟକ୍ରମ ଆଦି ଧାର୍ଯ୍ୟ ସମୟ ବାହାର କରିବା ସକାଶେ ଅନୁମତି ଦେଉଛନ୍ତି, ତାହା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ସେହିପରି ଦୀର୍ଘଦିନ ହେବ କାଫେଟେରିଆ ବନ୍ଦ ହୋଇ ପଡ଼ିଥିବା ବେଳେ ଏହାକୁ ମଧ୍ୟ କାର୍ଯ୍ୟକ୍ରମ ସମୟରେ ବ୍ୟବହାର କରିବା ପାଇଁ କିପରି ଭାବେ ଅନୁମତି ଦିଆଯାଉଛି, ତାହା ମଧ୍ୟ ସାଧାରଣ ଲୋକଙ୍କ ବୁଝିବା ବାହାରେ। କାଫେଟେରିଆରେ ଓଭାନ, ହିଟର ଲଗାଇ ଖାଦ୍ୟ ପ୍ରସ୍ତୁତ ହେଉଥିବା ମଧ୍ୟ ଦେଖାଯାଇଛି। ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ରମ ପାଇଁ ଅନଲାଇନରେ ବୁକିଂ ଦାୟିତ୍ୱରେ ଥିବା ଜଣେ ଅଧିକାରୀ କେଉଁ ଆଧାରରେ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଛନ୍ତି, ଏହାର ଉଚ୍ଚସ୍ତରୀୟ ତଦନ୍ତ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଜଳସମ୍ପଦ ବିଭାଗ ସଚିବ, ମହାନଦୀ ଦକ୍ଷିଣ ବିଭାଜନ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ମ୍ୟୁଜିୟମ୍ ଭିତରେ ବେଆଇନ ଭାବେ ବିଭିନ୍ନ କାର୍ଯ୍ୟକ୍ରମ, ଭୋଜିଭାତର ଆୟୋଜନ ହେଉଥିବାରୁ ମ୍ୟୁଜିୟମର ପରିବେଶ, ସୌନ୍ଦର୍ଯ୍ୟ ନଷ୍ଟ ହେବା ସହ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଏଥିସହ କୋଟି କୋଟି ଟଙ୍କା ବ୍ୟୟ କରି ରାଜ୍ୟ ସରକାର ଯେଉଁ ଉଦ୍ଦେଶ୍ୟରେ ମ୍ୟୁଜିୟମ ନିର୍ମାଣ କରିବା ସହ ଏହାର ରକ୍ଷଣାବେକ୍ଷଣ ବାବଦରେ ମାସିକ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି, ତାହା ମଧ୍ୟ ସାର୍ଥକ ହୋଇପାରୁନାହିଁ। ବଙ୍ଗ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଇ ନିର୍ଦ୍ଦିଷ୍ଟ ଅଧିକାରୀ ଓ କର୍ମଚାରୀ ହାତ ଚିକ୍କଣ କରୁଛନ୍ତି। ତେଣୁ ଗତ ୨୭ ତାରିଖର ସିସିଟିଭି ଯାଞ୍ଚ କଲେ ପ୍ରକୃତ ସତ୍ୟାସତ୍ୟ ଲୋକଲୋଚନକୁ ଆସିବ ବୋଲି ଶ୍ରୀ ସାହୁ କହିବା ସହ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ପ୍ରଦାନ କରିବା ସକାଶେ କର୍ତ୍ତୃପକ୍ଷଙ୍କଠାରେ ଆବେଦନ କରିଛନ୍ତି।

## ଭିନ୍ନକ୍ଷମଙ୍କୁ ହ୍ୱିଲ୍ଚେୟାର ବାଣ୍ଟିଲେ ଶିଳ୍ପ ମନ୍ତ୍ରୀ



କଟକ,୨୯।୪(ସଂଚାର ବ୍ୟୁରୋ): ସ୍ଥାନୀୟ ୩୫ନମ୍ବର ୱାର୍ଡର ବୋଷ୍ଟ ଇଣ୍ଡିଜେନସ୍ ସ୍କୁଲରେ ଏକ ସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗସ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ୱାର୍ଡ କର୍ପୋରେଟର ଜେ. କାଳିଶ୍ୱର ରାଓଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଯୁବକ ମନ୍ତ୍ରୀଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ଶିଳ୍ପ ମନ୍ତ୍ରୀ ଶ୍ରୀ ସ୍ୱାଇଁ ୨ ଜଣ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ହ୍ୱିଲ୍ଚେୟାର ପ୍ରଦାନ କରାଇଥିଲେ। ଏଥିସହ ମନ୍ତ୍ରୀ ବନୀକରଣ ଦିଗରେ ଜନସାଧାରଣଙ୍କୁ ସଚେତନ କରିବା ସହ ଚାରାଗୋଛ ମଧ୍ୟ ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସୁଚିରଞ୍ଜନ ମିଶ୍ର, ଲଳିତ ପରିଡ଼ା, ଜ୍ୟୋତି ରଞ୍ଜନ ରାଓ, ସନ୍ତୋଷ ତ୍ରିପାଠି, ଆଲୋକ ଭୂୟାଁ, ରେବତୀକାନ୍ତ ବିଷୋଇ, ସୁନୀଲ ଦ୍ୱିବେଦୀ, ଶୁଭେନ୍ଦୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦନ୍ତା ହାତୀର ମୃତ୍ୟୁକୁ ନେଇ ତଦନ୍ତ ଦାବିକଲେ ଗ୍ରାମବାସୀ



ଆନନ୍ଦପୁର,୨୯।୪(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ ସୀମାନ୍ତ ମୟୂରଭଞ୍ଜ ଜିଲା ଶାଳଚୁଆ ଫୁଟବଲ ପଡ଼ିଆ ପାଖ ଜଙ୍ଗଲରେ ମଙ୍ଗଳବାର ଏକ ଦନ୍ତା ହାତୀର ମୃତ୍ୟୁ ଘଟିଛି। ହେଲେ ହାତୀମୃତ୍ୟୁକୁ ନେଇ ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି। ମିଳିଥିବା ସୂଚନା ମୁତାବକ, ମଙ୍ଗଳବାର ସକାଳ ପ୍ରାୟ ୭ଟା ବେଳେ ଏକ ଦନ୍ତା ହାତୀ ଜଙ୍ଗଲ ପାଖ ଏକ ପୋଖରୀରେ ପାଣି ପିଉଥିଲା। ପରେ ହାତୀଟି ପୋଖରୀରୁ ବାହାରି ରାସ୍ତା ଉପରକୁ ଆସି ପଡିଯାଇଥିଲା । ଏହା ଦେଖି ଲୋକେ ହୋହଲ୍ଲା କରିବାରୁ ହାତୀ ସେଠାରୁ ଉଠି ଜଙ୍ଗଲ ପାଖକୁ ଯାଇଥିଲା। ହେଲେ ହାତୀ ସେଠାରେ ପୁଣି ପଡିଯାଇଥିଲା। ଖବର ପାଇ ସତକୁସିଆ ସେକ୍ସନ, ଶାଳଚୁଆ ବନକର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ କରଞ୍ଜିଆ ଏସିଏଫ ମଦନ ମୋହନ ମହାନ୍ତ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ହେଲେ ହାତୀର ମୃତ୍ୟୁ ଘଟିଥିବା ଜଣାପଡିଥିଲା। ଅନ୍ୟପକ୍ଷେ ହାତୀ ମୃତ୍ୟୁକୁ ନେଇ ସ୍ଥାନୀୟ ଲୋକେ ତଦନ୍ତ ଦାବି କରିଛନ୍ତି। ହାତୀର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ସୂଚନା ମିଳିଛି।

● ନ୍ୟୁ ଦୀଘା ଜଗନ୍ନାଥ ମନ୍ଦିରରେ ମହାଯଜ୍ଞ

## ପୂର୍ଣ୍ଣାହୁତି ଦେଲେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ



ବାଲେଶ୍ୱର,୨୯।୪(ସଂଚାର ବ୍ୟୁରୋ): ଆସନ୍ତାକାଲି ଅକ୍ଷୟ ତୃତୀୟାରେ ପଶ୍ଚିମବଙ୍ଗ ଓ ଓଡ଼ିଶା ସୀମାବର୍ତ୍ତୀ ନ୍ୟୁ ଦୀଘାସ୍ଥିତ ଜଗନ୍ନାଥ ମନ୍ଦିରର ଦ୍ୱାର ଉଦ୍‌ଘାଟନ ହେବ। ଏହା ପୂର୍ବରୁ ଆଜି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମହାଯଜ୍ଞରେ ସାମିଲ ହୋଇ ପୂର୍ଣ୍ଣାହୁତି ଦେଇଛନ୍ତି। ସେ ନିଜ ହାତରେ ଆରତୀ କରିବା ସହ ଧ୍ୱଜା ଉଡ଼ାଇଛନ୍ତି। ଗତ ରବିବାର ଅପରାହ୍ନରେ ପୁରୀ ଜଗନ୍ନାଥ ମନ୍ଦିରର ରୀତିନୀତି ଅନୁଯାୟୀ ଭଗବାନ ଜଗନ୍ନାଥଙ୍କ ପ୍ରାଣପ୍ରତିଷ୍ଠା ରୀତିନୀତି ଆରମ୍ଭ ହୋଇଥିଲା। ସେହିପରି ଗତକାଲି ପୂଜାପାଠ ଓ ହୋମଯଜ୍ଞ ଆରମ୍ଭ ହୋଇଥିବା ବେଳେ ଭଗବାନ ଜଗନ୍ନାଥଙ୍କ ମୁଖ୍ୟ ମନ୍ଦିର ସମ୍ମୁଖରେ ଏକ ଅସ୍ଥାୟୀ କୁଟୀର ନିର୍ମାଣ କରାଯାଇଥିଲା। ପୁରୀ ମନ୍ଦିରର ପ୍ରଭୁ ଜଗନ୍ନାଥଙ୍କ ୫୭ ଜଣ ସେବକ ଓ ଇସ୍କନର ୧୭ ଜଣ ସନ୍ୟାସୀ ଏଥିରେ ଯୋଗ ଦେଇଛନ୍ତି। ମମତା ଗତକାଲି ଦିଘାରେ ପହଞ୍ଚିଥିବା ବେଳେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ଆଜି ବିଶ୍ୱ ଶାନ୍ତି ପାଇଁ ଏକ ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୦୦ କ୍ୱିଣ୍ଟାଲ ଆମ୍ବ ଓ ବେଲକାଠ ସହ ୨ କ୍ୱିଣ୍ଟାଲ ଘିଅ ଘୃତ ଭାବେ ଉପଯୋଗ କରାଯାଇଛି। ଏହି ଅବସରରେ ମମତା କହିଛନ୍ତି ଯେ ସେ ଏହି ପୂଜା ରାଜ୍ୟବାସୀଙ୍କ ପାଇଁ କରିଛନ୍ତି। ତାଙ୍କ ରାଜ୍ୟର ଲୋକେ ଭଲରେ ରହିଲେ, ସେ ବି ଭଲରେ ରହିବେ ବୋଲି ମମତା କହିଛନ୍ତି। ଅନ୍ୟପକ୍ଷରେ କାର୍ଯ୍ୟସୂଚୀ ଅନୁଯାୟୀ ମନ୍ଦିରର ଦ୍ୱାର ଖୋଲିବା ସମାରୋହ ଓ ପ୍ରଭୁ ଜଗନ୍ନାଥଙ୍କ ଉଦଘାଟନ ଉତ୍ସବ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ହେବ। ପୁରୀର ଜଗନ୍ନାଥ ମନ୍ଦିରର ନିୟମ ଅନୁଯାୟୀ ପୁରୀର ରାଜେଶ ଦଇତାପତି ଏହାର ନେତୃତ୍ୱ ନେବେ। ଜିଲ୍ଲା, ରାଜ୍ୟ ତଥା ପଡୋଶୀ ରାଜ୍ୟରୁ ବହୁ ପୂଣ୍ୟାର୍ଥୀ ମନ୍ଦିରର ଉଦଘାଟନ ପାଇଁ ସମୁଦ୍ର କୂଳ ସହର ଦିଘାରେ ପହଞ୍ଚିବେ। ଶୃଙ୍ଖଳିତ ଦର୍ଶନ ସକାଶେ ଟ୍ରାଫିକ ବ୍ୟବସ୍ଥାକୁ ପୁନଃସଂଗଠିତ କରାଯାଇଛି।

## ବନ୍ଧୁଲି ଜଙ୍ଗଲରୁ ୫୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ



ଫିରିଙ୍ଗିଆ,୨୯।୪(ସଂଚାର ବ୍ୟୁରୋ): କିଛିଦିନର ନୀରବତା ପରେ ପୁଣି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଅଧୀନରେ ଥିବା ଗୋଛାପଡ଼ା ପୋଲିସକୁ ମିଳିଛି ଏକ ବଡ଼ ସଫଳତା । ଚାଲାଣ ପାଇଁ କିଛି ଗଞ୍ଜେଇ ମାଫିଆ ପ୍ରସ୍ତୁତି ଚଳାଇଥିବାବେଳେ ଖବରପାଇ ଗୋଛାପଡ଼ା ଥାନା ଅଧୀନରେ ଥିବା ବନ୍ଧୁଲି ଜଙ୍ଗଲରେ ପୋଲିସ ଅତର୍କିତ ଚଢଉ କରିଥିଲା । ଫଳରେ ୭୩ଟି ପ୍ଲାଷ୍ଟିକ ବସ୍ତାରେ ଭର୍ତ୍ତି ହୋଇଥିବା ୧୮୨୫କିଲୋ ଗଞ୍ଜେଇକୁ ଜବତ କରିବାରେ ସଫଳ ହୋଇଥିଲେ। ମାତ୍ର ଘଟଣାସ୍ଥଳରୁ ପ୍ରସ୍ତୁତି ଚଳାଇଥିବା ମାଫିଆମାନେ ଫେରାର ହୋଇଯାଇଥିବା ପୋଲିସ ସୂଚନା ଦେଇଛି । ସୂଚନା ଅନୁସାରେ ବନ୍ଧୁଲି ଜଙ୍ଗଲରେ କିଛି ଗଞ୍ଜେଇ ମାଫିଆ ଚାଲାଣ ପାଇଁ ପ୍ରସ୍ତୁତି ଚଳାଇଥିଲେ । କୌଣସି ସୂତ୍ରରୁ ପୋଲିସ ଖବରପାଇ ଫୁଲବାଣୀ ସଦର ଏସଡିପିଓ ଶୁଭ୍ରଜିତ ବିଶ୍ୱାଳଙ୍କ ସହ ଏକ ସ୍ୱତନ୍ତ୍ର ଟିମ୍ ଓ ଥାନା ଅଧିକାରୀ ଚିରଞ୍ଜୀବ ବେହେରାଙ୍କ ସହ ଗୋଛାପଡ଼ା ଥାନାର ଏକ ଟିମ୍ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଏହି ବନ୍ଧୁଲି ଜଙ୍ଗଲରେ ଚଢ଼ଉ କରିଥିଲେ । ପୋଲିସ ଆସିବାର ଆଗୁଆ ସୂଚନାପାଇ ପ୍ରସ୍ତୁତି ଚଳାଇଥିବା ମାଫିଆମାନେ ତରବରିଆ ଭାବେ ଗଞ୍ଜେଇ ବସ୍ତା ଗୁଡ଼ିକୁ ଜଙ୍ଗଲ ଭିତରେ ଛାଡ଼ି ଦେଇ ଫେରାର ହୋଇଯାଇଥିଲେ ।

## ଚଳନ୍ତା ବସ୍‌ରୁ ସୁନାହାର ଲୁଟ୍ ଉଦ୍ୟମ



ବରଗଡ଼,୨୯।୪(ସଂଚାର ବ୍ୟୁରୋ): ବରଗଡ଼ ଜିଲା ସୋହେଲା ଥାନା ଲେଖାପଖର ନିକଟରେ ମଙ୍ଗଳବାର ଏକ ଚଳନ୍ତା ବସରୁ ସୁନାହାର ଲୁଟ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଝର ଗ୍ରାମର ପାର୍ବତୀ ମେହେର ବସରେ ଯାତ୍ରା କରୁଥିବା ସମୟରେ ତାଙ୍କ ବେକରୁ ସୁନା ହାର ଲୁଟ୍ କରି ଅଭିଯୁକ୍ତ ଚଳନ୍ତା ବସ୍ରୁ ଡେଇଁ ଫେରାର ଉଦ୍ୟମ କରିଥିଲେ। ମାତ୍ର ସ୍ଥାନୀୟ ଲୋକଙ୍କ ସହାୟତାରେ ବସ ଯାତ୍ରୀମାନେ ତାଙ୍କୁ କାବୁ କରିଥିଲେ। ଅଭିଯୁକ୍ତ ଜଣକ ଛତିଶଗଡ ପଲସାପାଲିର ସୁଶୀଲ ଖୁଟେ ବୋଲି ସୂଚନା ମିଳିଥିବାବେଳେ ପୋଲିସରେ ତାଙ୍କୁ ଜିମା ଦିଆଯାଇଛି।



ରାତି ପାହିଲେ ଅକ୍ଷୟ ତୃତୀୟା: ପ୍ରଭୁ ଲିଙ୍ଗରାଜଙ୍କ ଚାପ ଖେଳ ପାଇଁ ଡଙ୍ଗାଗୁଡ଼ିକୁ ପ୍ରସ୍ତୁତ କରୁଛନ୍ତି ଶିଳ୍ପୀ

## ରାସ୍ତା ଉପରେ ଓଲଟି ପଡ଼ିଲା ଟ୍ୟାଙ୍କର: ଦୁଇ ଗୁରୁତର




ବଲାଙ୍ଗୀର,୨୯।୪(ସଂଚାର ବ୍ୟୁରୋ): ବଲାଙ୍ଗୀର ସହର ଉପକଣ୍ଠରେ ବଲାଙ୍ଗୀର-ବେଲଗାଁ ୨୬ ନମ୍ବର ଜାତୀୟ ରାଜପଥର ସ୍ମାର୍ଟ ପାର୍କ ବୁଲାଣି ନିକଟରେ ମଙ୍ଗଳବାର ଏକ ଦୁର୍ଘଟଣା ଘଟିଥିଲା । ପ୍ରଥମେ ଭାରସାମ୍ୟ ହରାଇ ଏକ ଆଲୁମିନିୟମ ପାଉଡର ବୋଝେଇ ଟ୍ୟାଙ୍କର ଓଲଟି ପଡ଼ିଥିଲା। ଏହି ସମୟରେ ସାମ୍ନାପଟରୁ ଆସୁଥିବା ଏକ ପିକଅପ ଗାଡି ଟ୍ୟାଙ୍କରରେ ପିଟି ହୋଇ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଟ୍ରକ ଡ୍ରାଇଭର ଅଳ୍ପକେ ବର୍ତ୍ତିଯାଇଛନ୍ତି। ପିକଅପ ଗାଡ଼ିର ଡ୍ରାଇଭର ଏବଂ ମାଲିକ ଗୁରୁତର ହୋଇଛନ୍ତି। ଉଭୟଙ୍କୁ ପୋଲିସ ଉଦ୍ଧାର କରି ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସପିଟାଲରେ ଭର୍ତି କରିଛନ୍ତି। ଏହି ବୁଲାଣି ନିକଟରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ପ୍ରଶାସନ ଓ ଜାତୀୟ ରାଜପଥ ବିଭାଗ ଉଚିତ ପଦକ୍ଷେପ ନେବାକୁ ଦାବି ହେଉଛି।

## ଭାଲୁ ଆକ୍ରମଣରେ ଯୁବକ ମୃତ



କାମାକ୍ଷାନଗର,୨୯।୪(ସଂଚାର ବ୍ୟୁରୋ): ଭାଲୁ ଆକ୍ରମଣରେ ଯୁବକଙ୍କ ମୃତ୍ୟୁ। ଢେଙ୍କାନାଳ ଜିଲ୍ଲା କଙ୍କଡାହାଡ ଥାନା ମାଧମୁଣ୍ଡାରେ ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ମାଧମୁଣ୍ଡା ଗାଁର ଲକ୍ଷ୍ମୀଧର ପ୍ରଧାନ। ଗତକାଲି ଲକ୍ଷ୍ମୀଧର ଜଙ୍ଗଲକୁ କାଠ ଆଣିବାକୁ ଯାଇ ଆଉ ଫେରିନଥିଲେ । ପରିବାର ଲୋକ ବହୁ ଖୋଜାଖୋଜି କରିଥିଲେ ବି କୌଣସି ସନ୍ଧାନ ମିଳିନଥିଲା। ଆଜି ଲକ୍ଷ୍ମୀଧରଙ୍କ ମୃତଦେହ ଉଦ୍ଧାର ପୋଲିସ । କଙ୍କଡାହାଡ ପୋଲିସ ଓ ବନବିଭାଗ ଘଟଣାସ୍ଥଳରେ ପହଂଚି ତଦନ୍ତ କରୁଛନ୍ତି।

## ବିଦ୍ୟୁତ୍ ଯୋଗାଣ, ଗୁମର ଖୋଲିଲା କାଳବୈଶାଖୀ

ଭୁବନେଶ୍ୱର,୨୯।୪: ରାଜ୍ୟରେ ଜାରି ରହିଥିବା କାଳବୈଶାଖୀ ଏବେ ବିଜୁଳି ବ୍ୟବସ୍ଥାର ପାରିବାପଣିଆ ଉପରୁ ପରଦା ଉଠାଇବାରେ ଲାଗିଛି । ସହର ଠାରୁ ଗାଁ ପର୍ଯ୍ୟନ୍ତ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ଏବେ ଖରା ଓ ଗୁଳୁଗୁଳିରେ ଲୋକଙ୍କୁ ଅତିଷ୍ଠ କରିବାରେ ଲାଗିଛି । ବିଜୁଳି ବ୍ୟବସ୍ଥାରେ ସୁଧାର ଆଣିବାପାଇଁ ବର୍ଷ ସାରା ମରାମତି ନାଁରେ ଘଣ୍ଟା ଘଣ୍ଟା ବିଜୁଳି କାଟ୍ ହେଉଥିବାବେଳେ ଗତକାଲିର କାଳବୈଶାଖୀ ଜନିତ ପବନ ଓ ବର୍ଷା ଖୋଦ ରାଜଧାନୀରେ ବିଜୁଳି ବ୍ୟବସ୍ଥାର ବାସ୍ତବ ସ୍ଥିତିକୁ ପଦାରେ ପକାଇଛି । ଦଲକାଏ ପବନରେ ବିଭିନ୍ନ ସ୍ଥାନରେ ତାର ଛିଡିବା ସହିତ ବିଜୁଳି ବିଭ୍ରାଟ ଦେଖା ଦେଇଥିଲା। ଲାଇନ୍ କଟିବାମାତ୍ରେ ଟାଟା ପାୱାର ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି ହେଉଥିବା ନେଇ ଗ୍ରାହକମାନଙ୍କୁ ସୂଚନା ଦିଆଯାଇଥିଲା । ହେଲେ ବିଭିନ୍ନ ସ୍ଥାନରେ ରାତି ଅଧଯାଏ ଲୋକେ ବିଜୁଳି ସେବାରୁ ବଞ୍ଚିତ ହୋଇଥିଲେ । ଏ ନେଇ ହିତାଧିକାରୀମାନେ ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଥିଲେ ମଧ୍ୟ କେଉଁ କାରଣ ପାଇଁ କେଉଁଠାରେ କେତେ ସମୟ ବିଜୁଳି କାଟ୍ ହୋଇଥିଲା ତାହାର ସୂଚନା ରାଜଧାନୀବାସୀ ଜାଣିପାରିନଥିଲେ । ଗାଁ ଗହଳରେ କିନ୍ତୁ ଅବସ୍ଥା ଆହୁରି ସାଂଘାତିକ। ପବନ ଓ ବର୍ଷା ଆସିଲାମାତ୍ରେ ଲାଇନ୍ ପଳାଉଛି। କିନ୍ତୁ ବର୍ଷା ପବନ ଯିବାପରେ ବି ସହଜରେ ଲାଇନ୍ ଆସୁନାହିଁ । ଦିନ ରାତି ସବୁବେଳେ ତୁହାକୁ ତୁହା ବିଜୁଳି କାଟ୍‌ରେ ଗାଁ ଗହଳର ଲୋକେ ବି ଅତିଷ୍ଠ ହେଲେଣି । ଖରା ଓ ଗୁଳୁଗୁଳିରେ ଲୋକେ ସନ୍ତୁଳି ହେଉଛନ୍ତି । ବିଦ୍ୟୁତ୍ ବିଭାଗକୁ ଯୋଗାଯୋଗ କଲେ ଗୋଟିଏ ଉତ୍ତର ମିଳୁଛି ପବନ ପାଇଁ ବିଦ୍ୟୁତ୍ ଯାଇଛି, ଅପେକ୍ଷା କର ଆସିବ । ରାଜ୍ୟରେ ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି ସହିତ ହିତାଧିକାରୀଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଣ ପାଇଁ କାପେକ୍ସ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ସାରିଲାଣି । ବିଦ୍ୟୁତ୍ ବିତରଣ କମ୍ପାନୀଗୁଡିକ ନୂତନ ଖୁଣ୍ଟ, ତାର ସହିତ ଭୂତଳ କେବୁଲ ବିଛାଉଥିବା ଦର୍ଶାଉଛନ୍ତି । ହେଲେ ସାମାନ୍ୟ ବର୍ଷା ପବନରେ ଘନ ଘନ ବିଦ୍ୟୁତ୍ କାଟ୍ ଏବେ କାପେକ୍ସ ଯୋଜନାର କାର୍ଯ୍ୟକାରିତା ନେଇ ପ୍ରଶ୍ନବାଚୀ ସୃଷ୍ଟି କଲାଣି । ଗାଁଗହଳରେ ବିଦ୍ୟୁତ୍ ଖୁଣ୍ଟ ଠାରୁ ଆରମ୍ଭ କରି ତାର ପର୍ଯ୍ୟନ୍ତ ଦୀର୍ଘଦିନ ଧରି ବଦଳାଯାଉନଥିବାରୁ ସାମାନ୍ୟ ବର୍ଷା ପବନ ହେଲେ ବିଦ୍ୟୁତ୍ ସରବରାହ ପ୍ରଭାବିତ ହେଉଛି । (ତଥ୍ୟ)

## ରାଜଗାଙ୍ଗପୁରରେ ଫୁଟିଲା ଗୁଳି, ଜଣେ ଗୁରୁତର

ସୁନ୍ଦରଗଡ଼,୨୯।୪(ସଂଚାର ବ୍ୟୁରୋ): ରାଜଗାଙ୍ଗପୁର ସହରରେ ଗୁଳି ଫୁଟିବାରୁ ଜଣେ ଗୁରୁତର ହୋଇଛନ୍ତି। ଆଜି ଅପରାହ୍ନ ପ୍ରାୟ ୨.୩୦ ଘଟିକା ସମୟରେ ଏମଡି ସମସେରଙ୍କୁ କେହି ଗୁଳି କରିଥିଲା । ଫଳରେ ତାଙ୍କ ହାତରେ ଗୁଳି ବାଜିବାରୁ ସେ ଗୁରୁତର ହୋଇପଡିଛନ୍ତି । ତାଙ୍କୁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ରାଉରକେଲା ସରକାରୀ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । କେଉଁ ଘଟଣା ପାଇଁ ଓ କେଉଁଠି ଗୁଳି ଫୁଟିଛି ତାହା ଏବେ ଅସ୍ପଷ୍ଟ ରହିଛି । ରାଜଗାଙ୍ଗପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।




### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ

## ତ୍ୱରିତ ସେବା ଓ ଯନ୍ତ୍ରପାତି ମହଜୁଦ ଉପରେ ଗୁରୁତ୍ୱ



ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଆଜି ଏକ ପ୍ରାକ୍ ବାତ୍ୟା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଗତ ୨୦୧୯ରେ ମେ’ରେ ଗ୍ରୀଷ୍ମକାଳୀନ ବାତ୍ୟା ‘ଫନୀ’ର ଅଭିଜ୍ଞତାକୁ ଭିତ୍ତି କରି ରାଜ୍ୟରେ ଗ୍ରୀଷ୍ମକାଳୀନ ବାତ୍ୟା ପରିଚାଳନା ନେଇ ବୈଠକରେ ବିଭିନ୍ନ ବିଭାଗର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ଥାନୀୟ ଲୋକସେବା ଭବନସ୍ଥିତ ଦ୍ୱିତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ବୈଠକରେ ସମୀକ୍ଷା କରି ସମ୍ଭାବ୍ୟ ବାତ୍ୟା ଓ ବନ୍ୟା ପରିପ୍ରେକ୍ଷୀରେ ସମସ୍ତ ପ୍ରକାର ପ୍ରସ୍ତୁତି ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକୁ ମୁଖ୍ୟ ଶାସନ ସଚିବ ଆହୁଜା ପରାମର୍ଶ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ବାତ୍ୟା ନେଇ କୌଣସି ସୂଚନା ନଥିବା ବେଳେ ଯେକୌଣସି ବିପର୍ଯ୍ୟୟର ସାମ୍ନା କରିବା ପାଇଁ ପ୍ରତି ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାଛଡ଼ା ବାତ୍ୟା ସଂକ୍ରାନ୍ତ ସୂଚନା ତଳ ସ୍ତରରେ ଥିବା ପ୍ରତିଟି ଲୋକ ନିକଟରେ ଖୁବ୍‌ଶୀଘ୍ର ପହଞ୍ଚାଇବା ପାଇଁ ଥିବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ପଦକ୍ଷେପ ଗ୍ରହଣ ସକାଶେ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଶ୍ରୀ ଆହୁଜା ନିର୍ଦ୍ଦେଶ ଦେଇଛନ୍ତି।

ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ଦେଓ ରଞ୍ଜନ କୁମାର ସିଂହ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇଥିଲେ। ଓସ୍‌ଡମା ପକ୍ଷରୁ ବାତ୍ୟା ପ୍ରସ୍ତୁତି ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଗୋପାଳପୁର ଓ ପାରାଦ୍ୱୀପଠାରେ ଡପଲର୍ ୱେଦର ରାଡାର ବ୍ୟବସ୍ଥାର ସୁଦୃଢ଼ୀକରଣ କରାଯାଇଥିବା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯାଇଥିଲା। ଏଥିସହ ବାଲେଶ୍ୱର ଓ ସମ୍ବଲପୁରଠାରେ ଡପଲର୍ ୱେଦର ରାଡାର ଷ୍ଟେସନ୍ ପ୍ରତିଷ୍ଠା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ଓସ୍‌ଡମା ପକ୍ଷରୁ କୁହାଯାଇଛି।

ସେହିଭଳି ଅଗ୍ନିଶମ ସେବାର ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ବିଭାଗୀୟ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେବା ସହ ବାତ୍ୟା ସମୟରେ ଟେଲିଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଆଭାସୀ ମାଧ୍ୟମରେ ଯୋଗ ଦେଇଥିବା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ରାଜେଶ କୁମାର ଓଡ୍ରାଫ୍ ବାହିନୀର ବିଭିନ୍ନ ସ୍ଥାନରେ ମୁତୟନ ନେଇ ପ୍ରସ୍ତୁତି ସମ୍ପର୍କରେ ଅବଗତ କରାଇଥିଲେ। ସେହିଭଳି ଗୃହ ବିଭାଗ ସ୍ୱତନ୍ତ୍ର ଶାସନ ସଚିବ ଆର୍‌କେ ଶର୍ମା ବିଭିନ୍ନ ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ବୈଠକରେ ମତ ଦେଇଥିଲେ। ଅନ୍ୟପକ୍ଷରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଛନ୍ତି ଯେ ୟୁନିଫାଏଡ୍ କମାଣ୍ଡ ସିଷ୍ଟମ୍ ସୁଦୃଢ଼ୀକରଣ କରାଯାଇ ବିପର୍ଯ୍ୟୟ ପରବର୍ତ୍ତୀ ସମୟରେ ତ୍ୱରିତ ସେବା ପ୍ରଦାନ କରାଯାଇପାରିବ। ଏଥିନିମନ୍ତେ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଉପରେ ସେ ଗୁରୁତ୍ୱାରୋପ କରିବା ସହ ନିତାନ୍ତ ଆବଶ୍ୟକ କରୁଥିବା ସେବା ଉପରେ ପ୍ରାଥମିକ ଭିତ୍ତିରେ ଗୁରୁତ୍ୱାରୋପ କରିବାକୁ ସେ କହିଥିଲେ। ଏଥିସହ ସହରାଞ୍ଚଳରେ ବନ୍ୟା ଜଳ ନିଷ୍କାସନ ପ୍ରସ୍ତୁତି ସମ୍ପର୍କରେ ମହାନଗର ନିଗମ ପ୍ରଶାସନ ନିର୍ଦ୍ଦେଶକ ଅରବିନ୍ଦ ଡାକୁଆ ତାଙ୍କ ମତାମତ ଉପସ୍ଥାପନ କରିଥିଲେ।

ସମ୍ଭାବ୍ୟ ବାତ୍ୟା ସମୟରେ ମୋବାଇଲ୍ ଟାୱାର ସୁଦୃଢ଼ୀକରଣ ଓ ତ୍ୱରିତ ବିଦ୍ୟୁତ ସଂଯୋଗ ଆଦି ଉପରେ ବୈଠକରେ ଆଲୋଚନା ହୋଇଥିଲା। ତା’ଛଡ଼ା ବାତ୍ୟା ଆଶ୍ରୟସ୍ଥଳୀ, ସ୍ଥାନୀୟ ବ୍ଲକ୍ ପ୍ରଶାସନ, ସରପଞ୍ଚ ଓ ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ଓ ସହଯୋଗରେ କାର୍ଯ୍ୟ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ସେହିପରି ଜଳସମ୍ପଦ, ଖାଦ୍ୟ ଯୋଗାଣ, ଡ୍ରେନେଜ୍ ବ୍ୟବସ୍ଥା, ଡାକ୍ତରୀ ସେବା, ମହିଳା ଓ ଶିଶୁ ବିକାଶ ଆଦି ପ୍ରସ୍ତୁତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି। ବୈଠକରେ ଓସ୍‌ଡମା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡଃ କମଳ ଲୋଚନ ମିଶ୍ର, ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ପ୍ରକାଶ ଦାସ, ଟିପିସିଓଡିଏଲ୍ ସିଇଓ ଅରବିନ୍ଦ ସିଂହ, ଓଡ଼ିଶା ବନ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ ପ୍ରେମ କୁମାର ଝା, ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡଃ ନୀଳକଣ୍ଠ ମିଶ୍ର, ଭାରତୀୟ ପାଣିପାଗ ବିଭାଗର ବୈଜ୍ଞାନିକ ସଞ୍ଜୀବ ଦ୍ୱିବେଦୀ, ଓସ୍‌ଡମାର ଅତିରିକ୍ତ ସ୍ୱତନ୍ତ୍ର ରିଲିଫ୍ କମିଶନର ପଦ୍ମନାଭ ବେହେରା, ସ୍ନିଗ୍ଧା ଚମ୍ପତିରାୟ ଓ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆଉ ପାରିକୁ ଯାଇ ନାହାନ୍ତି। ଯାହା ନେଉଛନ୍ତି ତାହା ସତ୍ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆମ ପାଇଁ ପାରିରେ ସହାୟକ ହୋଇଥାଏ।

SANCHAR
ସଂଚାର

୪ ବୁଧବାର ୩୦ ଏପ୍ରିଲ ୨୦୨୫, ଭୁବନେଶ୍ୱର
Wednesday 30 April 2025 Bhubaneswar


# ପଡ଼ୋଶୀଙ୍କ ସହ ତିକ୍ତତା

ଭାରତର ଦୁଇ ମୁଖ୍ୟ ପଡ଼ୋଶୀ ଦେଶ ପାକିସ୍ତାନ ଓ ବାଂଲାଦେଶ ସହ ଏବେ ସମ୍ପର୍କ ଅତି ତିକ୍ତ ହୋଇଛି। ପହଲଗାମ ଆତଙ୍କୀ ହମଲା ପରେ ପାକିସ୍ତାନ ସହ ଏକରକମ ଯୁଦ୍ଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସମଗ୍ର ବିଶ୍ୱ ଏଥିଲାଗି ଚିନ୍ତିତ। ଦକ୍ଷିଣ ଏସିଆ ଏହି ଦୁଇ ପ୍ରମୁଖ ସାମରିକ ଶକ୍ତି ମଧ୍ୟରେ ତିକ୍ତା ବେଶ ପୁରୁଣା। ଉଭୟ ପକ୍ଷ ମଧ୍ୟର ଗତ ୭୮ ବର୍ଷ ଭିତରେ ୫ଥର ଯୁଦ୍ଧ ହେଲାଣି। ପ୍ରତିଥର ଭାରତ ବିଜୟୀ ହୋଇଛି। କିନ୍ତୁ ତଥାପି ପାକିସ୍ତାନର ସବୁବୁଦ୍ଧି ଉଦୟ ହୋଇନି। ସମ୍ମୁଖ ଯୁଦ୍ଧରେ ବାରମ୍ବାର ପରାଜିତ ହେବା ପରେ ପାକିସ୍ତାନ ଏବେ ଭାରତ ସହ ଆତଙ୍କବାଦ ମାଧ୍ୟମରେ ଛାୟା ଯୁଦ୍ଧ ଚଳାଇଛି ଏହାର ଅନ୍ତ ହେବା ଜରୁରୀ। ଏଥିପାଇଁ ସମ୍ମୁଖ ଯୁଦ୍ଧ ଅବଶ୍ୟମ୍ଭାବୀ ଭଳି ଲାଗୁଛି। ଯୁଦ୍ଧ ହେଲେ ଉଭୟ ପକ୍ଷ କ୍ଷତିଗ୍ରସ୍ତ ହେବେ। କିନ୍ତୁ ଏହା ସତ୍ତ୍ୱେ ପାକିସ୍ତାନକୁ ସବକ ଶିଖାଇବା ନିହାତି ଜରୁରୀ। ଏଥିଲାଗି ସବୁଦିନ ତିଳତିଳ ହୋଇ ମରିବା ଅପେକ୍ଷା ଥରେ ଫଇସଲା ହୋଇଯିବା ଜରୁରୀ। ଭାରତର ସମରସଜ୍ଜା ଦେଖି ପାକିସ୍ତାନ ଏବେ ଛାନିଆ। ଦେଶର ଅନେକ ନେତା ଓ ସେନାଧିକାରୀ ଭୟରେ ଦେଶ



ଛାଡ଼ି ପଳାଇଲେଣି। ପାକ ସେନାରେ ବିଦ୍ରୋହ ସୃଷ୍ଟି ହୋଇଛି। ପ୍ରାୟ ୨୫୦ ଅଧିକାରୀ ଏବଂ ୬୦୦୦ ଯବାନ ଇସ୍ତଫା ଦେଇ ଚାଲିଗଲେଣି। ଏବେ ପାକିସ୍ତାନ ଅନୁଶୋଚନା କରୁଥିବ କାହିଁକି ପହଲଗାମରେ ଆତଙ୍କୀ ହମଲା ହେଲା। ପାକିସ୍ତାନ ଭଳି ବାଂଲାଦେଶ ସହ ଭାରତର ଯୁଦ୍ଧ ପରିସ୍ଥିତି ସୃଷ୍ଟି ନହୋଇଥିଲେ ମଧ୍ୟ ସମ୍ପର୍କ ଅତି ମାତ୍ରାରେ ତିକ୍ତ ହୋଇଛି। ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହୋବା ଏବଂ ସେଠାରେ ମହମ୍ମଦ ୟୁନୁସଙ୍କ ନେତୃତ୍ୱରେ ଏକ ନୂତନ ମଧ୍ୟବର୍ତ୍ତୀକାଳିନ ସରକାର ଗଠିତ ହେବା ପରେ ଭାରତ-ବାଂଲାଦେଶ ସମ୍ପର୍କରେ ତିକ୍ତତା ଆସିଛି। ଭାରତ ଏ କ୍ଷେତ୍ରରେ ଯଥେଷ୍ଟ ସଂଯମତା ଅବଲମ୍ବନ କଲେ ମଧ୍ୟ ଦିନକୁ ଦିନ ତିକ୍ତତା ବଢ଼ିବାରେ ଲାଗିଛି। ଏହାର କୋ୍ଂଣସି ସନ୍ତୋଷଜନକ କାରଣ ନାହିଁ। ବିତାଡ଼ିତ ପ୍ରଧାନମନ୍ତ୍ରୀ ହାସିନା ଏବେ ଭାରତରେ ରାଜନୈତିକ ଆଶ୍ରୟ ନେଇଛନ୍ତି। ଭାରତ ତାଙ୍କୁ ନିମନ୍ତ୍ରଣ କରିନଥିଲା। ବାଂଲାଦେଶ ସେନା ତାଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶ ଦେଇଥିଲା ଏବଂ ସେ ପଡ଼ୋଶୀ ଭାରତରେ ଆଶ୍ରୟ ନେବା ବ୍ୟତିତ ଅନ୍ୟ ପନ୍ଥା ନଥିଲା। ସେ ତତ୍କାଳ ସୁରକ୍ଷା ନିମନ୍ତେ ଭାରତ ଆସିଥିଲେ। ଉଦ୍ଦେଶ୍ୟ ଥିଲା ଇଂଲଣ୍ଡ ଚାଲିଯିବା। କିନ୍ତୁ ଇଂଲଣ୍ଡ ହାସିନାଙ୍କୁ ଏଥିଲାଗି ଅନୁମତି ଦେଲାନାହିଁ। ତେଣୁ ଭାରତ ମାନବିକତା ଦୃଷ୍ଟିରୁ ହାସିନାଙ୍କୁ ଆଶ୍ରୟ ଦେଇଛି। ଭାରତ ଏକ ସଭ୍ୟ ରାଷ୍ଟ୍ର। ଏଠାରେ ଆଶ୍ରୟ ନେଇଥିବା ଜଣେ ମହିଳାଙ୍କୁ ଭାରତ ସରକାର ଦେଶ ଛାଡ଼ି ଚାଲିଯିବାକୁ କହିପାରିବେ ନାହିଁ। କିନ୍ତୁ ବାଂଲାଦେଶ ଏଥିରେ କ୍ଷୁବ୍ଧ ହୋଇଛି। ହାସିନାଙ୍କ ପ୍ରତ୍ୟର୍ପଣ ନିମନ୍ତେ ବାଂଲାଦେଶ ସରକାର ଭାରତକୁ ଅନୁରୋଧ ପତ୍ର ପଠାଇଛନ୍ତି। ଭାରତ ସରକାର ଏହା ଉପରେ କୋ୍ଂଣସି ପ୍ରତିକ୍ରିୟା ବ୍ୟକ୍ତ କରିନାହିଁ। ହାସିନାଙ୍କ ସରକାର ପତନ ପରେ ସେଠାରେ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର ବଢ଼ିଛି। ସେମାନଙ୍କ ମୌ୍ଳିକ ଅଧିକାର କ୍ଷୁର୍ଣ୍ଣ ହେଉଛି। ଇତିମଧ୍ୟରେ ବାଂଲାଦେଶ ସମ୍ବିଧାନରୁ ଧର୍ମନିରପେକ୍ଷତା ଶବ୍ଦ ହଟାଇ ଏହାକୁ ଏକ ଇସଲାମିକ ରାଷ୍ଟ୍ର ଭାବେ ଘୋଷଣା କରିବାକୁ ବିଚାର ଆଲୋଚନା କରାଯାଉଛି। ହାସିନା ସ୍ୱର୍ଗୀୟ ପିତା ମୁଜିବୁର ରହମାନଙ୍କୁ ଦେଶର ପ୍ରତିଷ୍ଠାତା ଭାବେ ଯେଉଁ ସ୍ୱୀକୃତି ମିଳିଛି ତାହାକୁ ପ୍ରତ୍ୟାହାର କରିବା ନିଷ୍ପତ୍ତି ହୋଇଛି। ଏବେ ଭାରତ ଓ ବାଂଲାଦେଶ ମଧ୍ୟରେ ସୀମା ବିବାଦକୁ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ବାଂଲାଦେଶ ସୀମାରେ ଭାରତ ଉତ୍ତେଜନା ସୃଷ୍ଟି କରୁଥିବା ଅଭିଯୋଗ କରି ବାଂଲାଦେଶ ସରକାର ଢାକା ସ୍ଥିତ ଭାରତର ହାଇକମିଶନରଙ୍କୁ ସମନ କରିଥିଲେ। ଏହାର ଦିନକ ପରେ ଭାରତ ସରକାରଙ୍କ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ବାଂଲାଦେଶ କୂଟନୀତିଜ୍ଞଙ୍କୁ ସମନ କରାଯାଇ ତାଗିଦ କରାଯାଇଛି। ଉଦବେଗର ବିଷୟ ହେଲା ହାସିନାଙ୍କ ସମୟରେ ଭାରତ-ବାଂଲାଦେଶ ସୀମା ବିବାଦର ସମାଧାନ ନିମନ୍ତେ ଦୁଇ ଦେଶ ମଧ୍ୟରେ ଏକ ବୁଝାମଣା ହୋଇଥିଲା ଏବଂ ଦୀର୍ଘ ବର୍ଷ ପରେ ବିବାଦର ସମାଧାନ ହୋଇଥିଲା। ଏବେ ବାଂଲାଦେଶ ସରକାର ଏହି ବୁଝାମଣାକୁ ବାତିଲ କରିବା ଦାବି କରୁଛନ୍ତି। ବାଂଲାଦେଶ ସରକାରଙ୍କ କହିବା କଥା ହେଲା ହାସିନାଙ୍କ ସମୟରେ ଦୁଇ ଦେଶ ମଧ୍ୟରେ ଯେଉଁ ଚୁକ୍ତି ହୋଇଥିଲା ତାହା ବାଂଲାଦେଶର ସ୍ୱାର୍ଥ ବିରୋଧୀ। ଏହାକୁ ଗ୍ରହଣ କରାଯାଇପାରିବ ନାହିଁ। ଢାକାର ଏଭଳି ଯୁକ୍ତି ବାସ୍ତବରେ ହାସ୍ୟାସ୍ପଦ। ଆଜି କିଏ ପ୍ରଧାନମନ୍ତ୍ରୀ ଅଛି, କାଲି କିଏ ରହିବ ସେଥିରେ କିଛି ଯାଏ ଆସେ ନାହିଁ। ସରକାର ଏକ କ୍ରମାଗତ ପ୍ରକ୍ରିୟା। ସରକାର ବଦଳିଲେ ମଧ୍ୟ ଦେଶର ପୂର୍ବ ଚୁକ୍ତିକୁ ବର୍ତ୍ତମାନର ସରକାର ସମ୍ମାନ ଏବଂ ସ୍ୱୀକାର କରିବା କଥା। ଯଦି କିଛି ଆପତ୍ତି ଅଭିଯୋଗ ଥାଏ ଏହା ଉପରେ ଶାନ୍ତିପୂର୍ଣ୍ଣ ଆଲୋଚନା ହେବା କଥା। କିନ୍ତୁ ବାଂଲାଦେଶର ୟୁନୁସ ସରକାର ସମ୍ପୂର୍ଣ୍ଣ ଏକପାଖିଆ ଭାବେ ପୂର୍ବ ଚୁକ୍ତିକୁ ଅସ୍ୱୀକାର କରୁଛନ୍ତି। ଏହା କୋ୍ଂଣସି ଦୃଷ୍ଟିରୁ ଗ୍ରହଣୀୟ ନୁହେଁ। ବାଂଲାଦେଶ ସହିତ ସୀମା ବିବାଦର ସମାଧାନ ଲାଗି ଶେଖ ହାସିନା ଯେଉଁ ଆନ୍ତରିକତା ପ୍ରଦର୍ଶନ କରିଥିଲେ ତାହାକୁ ସ୍ୱୀକାର କରିବା ଉଚିତ। ଭାରତ ଏକ ଗଣତାନ୍ତ୍ରିକ ରାଷ୍ଟ୍ର। ସବୁ ପଡ଼ୋଶୀଙ୍କ ସହ ଉତ୍ତମ ସମ୍ପର୍କ ଏବଂ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏହାର ଲକ୍ଷ୍ୟ। ବାଂଲାଦେଶ ଭାରତର ଏକ ଉତ୍ତମ ପଡ଼ୋଶୀ ଭାବେ ପରିଚିତ। ସବୁ ସମୟରେ ସବୁ କ୍ଷେତ୍ରରେ ଭାରତ ଏହାକୁ ସହାୟତା କରି ଆସିଛି। ବାଂଲାଦେଶର ସ୍ୱାର୍ଥ ବିରୋଧରେ ଏହା କେବେ ବି କିଛି ପଦକ୍ଷେପ ନେଇନାହିଁ। ସାମରିକ, ଆର୍ôଥକ ଏବଂ ଅନ୍ୟ ସମସ୍ତ ଦୃଷ୍ଟିରୁ ବାଂଲାଦେଶ ତୁଳନାରେ ଭାରତ ଅଧିକ ଶକ୍ତିଶାଳି। ବାଂଲାଦେଶ ସହ ଯୁଦ୍ଧ ଲାଗିଲେ ଭାରତ ଦିନକରେ ଏହାକୁ କବଜା କରିନେବ। କିନ୍ତୁ ଭାରତର ନୀତି ଏହାର ବିପରୀତ। ଖାଦ୍ୟ ସାମଗ୍ରୀ ହେଉ ବା ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଭାରତ ସବୁ ବେଳେ ବାଂଲାଦେଶକୁ ସହାୟତା କରିଆସିଛି। କିନ୍ତୁ ଏହା ସତ୍ତ୍ୱେ ଭାରତକୁ ବିରୋଧ କରିବା, ଭାରତ ବିରୋଧୀ ମନ୍ତବ୍ୟ ଦେବା, ଭାରତକୁ ଅପମାନିତ କରିବା ଭଳି ପଦକ୍ଷେପ ନେବା ବାଂଲାଦେଶ ପାଇଁ ଶୋଭାପାଉନି। ଏହା କେବଳ ଭାରତ ପ୍ରତି ଅସହିଷ୍ଣୁତାର ପରିଚାୟକ। ବାଂଲାଦେଶରେ ଏବେ ମୌ୍ଳବାଦୀଙ୍କ ରାଜ ଚାଲିଛି। ପାକିସ୍ତାନ ନିଆଁରେ ଘିଅ ଢାଳୁଛି। ଏହା ହିଁ ବାଂଲାଦେଶର ପରିବର୍ତ୍ତିତ ଆଭିମୁଖ୍ୟ ପଛରେ ମୁଖ୍ୟ କାରଣ। ଏହା ବାଂଲାଦେଶ ପାଇଁ ମହଙ୍ଗା ପଡ଼ିବ। ଦିନେ ଏଥିଲାଗି ବାଂଲାଦେଶକୁ ପଶ୍ଚାତାପ କରିବାକୁ ପଡ଼ିବ।

# ଓଡ଼ିଶା ଚାଷୀଙ୍କ ଅଭ୍ୟୁଦୟ ସ୍ୱର୍ଣ୍ଣପ୍ରସୂ ଅକ୍ଷୟ ତୃତୀୟା




**କୃଷ୍ଣଚନ୍ଦ୍ର ପାତ୍ର**


ଅକ୍ଷୟ ତୃତୀୟାର ନୂତନ ସକାଳ, ନୂଆ ସମ୍ଭାବନା ଓ ଆଶା-ଆକାଂକ୍ଷା। ଓଡ଼ିଶା କୃଷିର ଅଭିନବ ଯାତ୍ରାରେ ଏହି ପବିତ୍ର ମାଟି ଏବଂ ଏଠାକାର ଚାଷୀଙ୍କ ଜୀବନରେ ଏକ ଅଦ୍ୱିତୀୟ ଅବସର ହେଉ। "ଅକ୍ଷୟ"- ଯାହା କେବେ କ୍ଷୟ ବା ଖରାପ ହୁଏନି, ଅବିନାଶୀ; ଏହି ଶବ୍ଦଟି ଏହି ଦିନର ଆଶା ଓ ଆଶୀର୍ବାଦର ଚିହ୍ନ। ଚନ୍ଦ୍ରମାସର ତୃତୀୟ ତିଥିରେ ପାଳିତ ଏହି ଦିନ, ଓଡ଼ିଶାର ଚାଷୀ ଭାଇଭଉଣୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିନ, ଏଇଠୁ ଆରମ୍ଭ ହୁଏ ଚାଷୀ ଭାଇଙ୍କ ଚାଷ କାର୍ଯ୍ୟ। ଅକ୍ଷୟ ତୃତୀୟାରୁ କ୍ଷେତରେ ଧାନ ବା ପଣି ଅନୁକୂଳ କରି ନୂତନ ସ୍ୱପ୍ନ ଓ ଆଶାର ନୂଆ ପଥରେ ପଦାର୍ପଣ କରନ୍ତି ଚାଷୀ ଭାଇଭଉଣୀମାନେ। ଆଜିର, ଏହି ପବିତ୍ର ଅକ୍ଷୟ ତୃତୀୟା ଅବସରରେ ସମସ୍ତ ଚାଷୀ ପରିବାରଙ୍କୁ ଶୁଭେଚ୍ଛା ଦେବା ସହ ଧନ୍ୟବାଦ ଦେବି ନିଶ୍ଚୟ। ଚଷା ପୁଅ ନଥିଲେ ଏ ସଂସାର ନଥାନ୍ତା। ଏଥର ଅକ୍ଷୟ ତୃତୀୟା ଓଡ଼ିଶାର ଚାଷୀଙ୍କ ଜୀବନକୁ ସୁଗମ କରିବା ସହ ଏକ ବଡ଼ ପରିବର୍ତ୍ତନ ଆଣିବ କହିଲେ ଭୁଲ ହେବନି। ୨୦୨୪ ଜୁନ ମାସ ପରଠୁ ଓଡ଼ିଶାର କୃଷି କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଲୋକଙ୍କ ସରକାର ସବୁବର୍ଗର ଲୋକଙ୍କୁ ଖୁସି ବାଣ୍ଟିବାକୁ ପ୍ରୟାସ କରୁଛି। ମୋହନ ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମଣ୍ଡିରେ ଧାନ କ୍ରୟ ଅଭିଯାନ ଚାଷୀମାନଙ୍କ ଆଶାର ନୂତନ ପ୍ରଭାତ ପାଲଟିଛି। ବିଗତ ୧୦ ମାସ ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନିର୍ଦ୍ଦେଶ କ୍ରମେ ଆପଣଙ୍କ ପ୍ରିୟ ସେବକ ଭାବେ ପ୍ରତ୍ୟେକ ଚାଷୀଙ୍କ ଦୁଃଖ ଦୂର କରିବା ପାଇଁ ଯଥା ସମ୍ଭବ ପ୍ରୟାସ କରିଛି। ୩୦ ଜିଲ୍ଲା ଗସ୍ତ କରି ଚାଷୀ ଭାଇଭଉଣୀଙ୍କ ପାଖରେ ପହଞ୍ଚି ସେମାନଙ୍କ ଦୁଃଖ, ସଂଘର୍ଷ ଓ ସ୍ୱପ୍ନକୁ ନିଜେ ହୃଦୟଙ୍ଗମ କରିବା ସହ ଗୋଟି ଗୋଟି କରି ଛୋଟରୁ ବଡ ସମସ୍ୟାର ସମାଧାନ ପାଇଁ ଆପ୍ରାଣ ଉଦ୍ୟମ କରିଛି। ମାଟି ସହ ଯୋଡ଼ି ହୋଇଥିବା ଚାଷୀ ଭାଇଙ୍କ ଦୁଃଖ ବୁଝିବା ପାଇଁ ମୁଁ ସଡ଼କ ପଥରେ ୩୦ ଜିଲ୍ଲାର ପ୍ରାୟ ଏକ ଲକ୍ଷ ୫ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ବୁଲି ବିଭିନ୍ନ ଦିଗକୁ ତଦାରଖ କରିଛି। ଧାନ ମଣ୍ଡିରେ କୌଣସି କଟନୀ ଛଟନୀ ଯେପରି ନହୁଏ ସେଥିପାଇଁ ଏ ସରକାର କଠୋର ନିୟମ ପାଳନ କରିବା ସହ ଚାଷୀ ଭାଇଭଉଣୀଙ୍କୁ ଉପଯୁକ୍ତ ପ୍ରାପ୍ୟ ଯୋଗାଇ ଦେଇଛି।ଏହା ଲୋକଙ୍କ ସରକାର, ଆମ ପାଇଁ ଲୋକମତ, ଲୋକହିତ ଓ ଲୋକସ୍ୱାର୍ଥ ସର୍ବୋପରି। ଏଠି ଦୁର୍ନୀତି ଓ ଅନିୟମିତତା ସ୍ଥାନ ନାହିଁ।

ଏହି କଥା କେବଳ ଗୋଟିଏ ନାରା ନୁହେଁ, ଏହା ହେଉଛି ମୋ ଜୀବନ ଓ କାର୍ଯ୍ୟର ମୂଳମନ୍ତ୍ର, ମୋ ସରକାର ଉପରେ ରହିଥିବା ଆପଣଙ୍କ ଭରସା। ଓଡ଼ିଶାରେ ଆପଣ ମାନଙ୍କ ଆଶୀର୍ବାଦରୁ ସରକାର ବଦଳିବା ସହ ବଦଳିଛି ଚାଷୀ ଭାଇଭଉଣୀଙ୍କ ପରିସ୍ଥିତି ଆଉ ଭାଗ୍ୟ। ଅକ୍ଷୟ ତୃତୀୟାର ଶୁଭ ମୁହୂର୍ତ୍ତରେ ଆରମ୍ଭ ହୋଇଥିବା ଚାଷ ଅଭିଯାନ ବର୍ତ୍ତମାନ ଏକ ଐତିହାସିକ ଦିଗରେ ବଢ଼ିଛି, ଯାହାକୁ ଓଡ଼ିଶାର ଚାଷୀ ଭାଇଭଉଣୀମାନେ ସତରେ ଅନୁଭବ କରୁଛନ୍ତି। କେବଳ ଶୀତତାପ ନିୟନ୍ତ୍ରିତ କାର୍ଯ୍ୟାଳୟରେ ବସି ନିର୍ଦ୍ଦେଶ ଦେଲେ ହେବନାହିଁ, ଓଡ଼ିଶାର ବିଭିନ୍ନ କୋଣ ଅନୁକୋଣକୁ ଗସ୍ତ କରିବା ନିତାନ୍ତ ଜରୁରୀ, ତୃଣମୂଳ ସ୍ତରରେ ପହଞ୍ଚିଲେ ଚାଷୀଙ୍କ ସମସ୍ୟା ଭଲଭାବେ ବୁଝି ହେବ ବୋଲି ଆମ ସରକାର ବିଶ୍ୱାସ କରେ। ଓଡ଼ିଶାର ବିଭିନ୍ନ ଜିଲ୍ଲା ଯଥାଃ ଗଜପତି, କଳାହାଣ୍ଡି, ନୂଆପଡ଼ା ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼ ଆଦିର ଗାଁ ଗୁଡ଼ିକର ଖରାପ ରାସ୍ତା ଓ ଦୁଃସାଧ ଅଞ୍ଚଳକୁ ମୁଁ ନିଜେ ସେବକ ରୂପେ ପହଁଚି ଚାଷୀଙ୍କ ଅସଲ ସମସ୍ୟା ବୁଝିବାର ସୁଯୋଗ ପାଇଥିଲି। ଚାଷୀ ଭାଇଭଉଣୀମାନେ ମୁଁ ନେତା କି ମନ୍ତ୍ରୀ ନୁହେଁ ତାଙ୍କର ନିଜ ସେବକଟିଏ ବୋଲି ସେମାଙ୍କୁ ହୃଦୟଙ୍ଗମ କରେଇଛି। ଜଣେ ଜନ ପ୍ରତିନିଧି ଭାବେ ଚାଷୀ ପରିବାରର ଅନ୍ତଃସ୍ଥଳ ଅନୁଭୂତି ସଙ୍ଗେ ଧରିତ୍ରୀ ମା' ସହ ଅତୁଟ ସମ୍ପର୍କ ଗଢ଼ିବାରେ ସଫଳ ହୋଇଛି ମୁଁ। ଆମ ସରକାରଙ୍କ ପ୍ରୟାସରେ ଆଜି ଓଡ଼ିଶାର ଚାଷୀମାନେ ଫସଲ ବିକ୍ରି କରି ନିଜ ପ୍ରାପ୍ୟ ପାଇଁ ମାସମାସ ଅପେକ୍ଷା କରୁ ନାହିଁ, ଧାନ ବିକ୍ରି କରିବାର ମାତ୍ର ୪୮ ଘଣ୍ଟା ମଧ୍ୟରେ ନିଜ ହକ୍ ର ଟଙ୍କା ସିଧାସଳଖ ନିଜ ବ୍ୟାଙ୍କ୍ ଖାତାରେ ପାଉଛି। ନିର୍ବାଚନ ପୂର୍ବରୁ ଯେଉଁ ପ୍ରତିଶ୍ରୁତି ଦେଇଥିଲୁ ସରକାର ଗଢ଼ିବା ପରେ ଆମେ ତାକୁ ଆପଣ ମାନଙ୍କ ଆଶୀର୍ବାଦରୁ ପୂରଣ କରିଛୁ। ମୋହନ ସରକାର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ୩୧୦୦ ଟଙ୍କା ପ୍ରଦାନ କରି ଚାଷୀଙ୍କ ମନରେ ନୂଆ ଭରସା ସୃଷ୍ଟି କରିଛି। ଧାନ କ୍ରୟ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ହୋଇଥିବା ବେଳେ ୮୦୦ ଟଙ୍କା ଅତିରିକ୍ତ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ମୂଲ୍ୟ ଚାଷୀଙ୍କୁ ସନ୍ତୁଷ୍ଟି ଦେବା ସହ ଆମ ସରକାରଙ୍କ ପ୍ରତି ଭରସା ବଢ଼ାଇଛି। ପୂର୍ବ ସରକାର କେବଳ ସ୍ୱପ୍ନ ଦେଖାଇଥିଲେ, ଚାଷୀଙ୍କୁ ଠକି ଥିଲେ, ହେଲେ ମୋହନ ସରକାର ସ୍ୱପ୍ନକୁ ବାସ୍ତବ ରୂପ ଦେଇଛି। ଅତିତରେ ବରଗଡ଼ରେ ଚାଷୀଙ୍କୁ ୧୦୦ ଟଙ୍କା ବୋନସ୍ ଦେବାକୁ କହି ଠକିଥିଲା ପୂର୍ବ ସରକାର ହେଲେ ଆମ ସରକାର ୮୦୦ ଟଙ୍କା ସହାୟତା ରାଶି ଦେବାରେ ସକ୍ଷମ ହୋଇଛି, ଚାଷୀଙ୍କ ଆତ୍ମବିଶ୍ୱାସ ବଢ଼ାଇଛି। ଆମେ ଚାଷୀଙ୍କ ଅଗ୍ରଗତିରେ ରାଜ୍ୟର ପ୍ରଗତି ଉପରେ ବିଶ୍ୱାସ କରୁ। କାରଣ ଏହା ଲୋକଙ୍କ ସରକାର।

ଲୋକମତ, ଲୋକହିତ ଓ ଲୋକସ୍ୱାର୍ଥ ଆମ ପାଇଁ ସର୍ବୋପରି। ଧାର୍ମିକ ଅଞ୍ଚଳର ସମ୍ମାନ, ଚାଷୀଙ୍କ ଜୀବନଶୈଳୀର ଉନ୍ନତି ଓ ସଂସ୍କୃତିର ରକ୍ଷା ପାଇଁ ଆମର ଅଭିଯାନ ସର୍ବଦା ଏକ ସାର୍ବଜନୀନ ଆନନ୍ଦ ଓ ଗର୍ବର କାରଣ ହୋଇଛି। ଏହି ଅକ୍ଷୟ ତୃତୀୟାରୁ ଓଡ଼ିଶା କୃଷିକ୍ଷେତ୍ର ଏକ ନୂତନ ଦିଗାନ୍ତର ଦିଗେ ଆଗେଇବ ବୋଲି ଆଶା କରୁଛୁ। କୃଷି ଓ କୃଷକଙ୍କ ପାଇଁ ଏହା ଏକ ଆଶା ଓ ସଫଳତାର ଯୁଗ ଆରମ୍ଭର କରିବାରେ ନିଅ ପକେଇବ ବୋଲି ମୁଁ ଓ ମୋ ସରକାର ବେଶ ଆଶାବାଦୀ। ଧରିତ୍ରୀ ପୁତ୍ର ଅଭିଯାନ ଆରମ୍ଭ କରି କୃଷି ଓ କୃଷକ ମଧ୍ୟରେ ନୂତନ ଆଶା ର କିରଣ ବିଛୁରିତ କରିବା ଆମ ସରକାର ର ସଂକଳ୍ପ। ଓଡ଼ିଶା ଇତିହାସ, ଧୈର୍ଯ୍ୟ, ଶାନ୍ତି ଓ ବିକାଶର ପ୍ରମାଣ ହେଉଛି ଆମ ମାଟି ମା' ଓ ଚାଷୀ ପୁଅ। ଆପଣଙ୍କ ସରକାର ଲୋକଙ୍କ ସରକାର, ଏହି ଧରିତ୍ରୀ ପୁତ୍ରମାନଙ୍କ ପାଇଁ ଏକ ଛୋଟିଆ ଭରସାର ଖୁଣ୍ଟ ହୋଇ ସାହାରା ଦେବାକୁ ପ୍ରତିବଧ ହୋଇଛି। ଆଜି ଏହି ବ୍ୟାଖ୍ୟାନ ମାଧ୍ୟମରେ ଆପଣମାନଙ୍କୁ ସେଇ ଯାତ୍ରାର କଥା କହିବି, ଯେଉଁଠାରେ ପ୍ରତ୍ୟେକ ଗାଁ ଗହଳି, ଧାର୍ମିକ ପୀଠ, କୃଷକ ପରିବାର ଆମ ସଂକଳ୍ପର ଗୋଟିଏ ଗୋଟିଏ ଅଙ୍ଗ ହୋଇଛନ୍ତି।

ଜଣେ ଜନ ସେବକ ଭାବେ ଯେଉଁ ସଂକଳ୍ପ ନେଇଥିଲି ତାକୁ ପୂରଣ କରିବା ପାଇଁ ଚାଷୀଙ୍କ ପାଖରେ ପହଞ୍ଚିବା ଥିଲା ଏକାନ୍ତ ଆବଶ୍ୟକ। ରାଜ୍ୟର ପ୍ରଥମ ସେବକ ଭାବେ ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳ, କୋଣ ଅନୁକୋଣ କୁ ଯାଇଛି ଚାଷୀଙ୍କ ପାଖରେ ପହଞ୍ଚି କାମ କରିବାର ଖୁସି ନିଆରା ଥିଲା। ଏ ଖୁସି ସତରେ ସ୍‌ବତନ୍ତ୍ର। ବରଗଡ ର ଅନ୍ତଃରୁ କନ୍ଧମାଳ ର ଉଚ୍ଚ ପାହାଡ ଗ୍ରାମକୁ, ପୁଣି ମୟୂରଭଞ୍ଜ ର ଜଙ୍ଗଲଆ ଗ୍ରାମ ସହ ଗଞ୍ଜାମର ବାଏଁ ପାହାଡ଼ ଛାୟାରେ ଥିବା ଗ୍ରାମରେ ମୁଁ ପହଞ୍ଚିଥିଲି। ଏଠି ଚାଷୀଙ୍କୁ ଭେଟି ସେମାନଙ୍କ ସ୍ୱପ୍ନ ଜାଣିଥିଲି, ଦୁଃଖ, ତାଙ୍କ ଲୁହ ଏବଂ ହସର ଅନୁଭବ ସାଉଁଟି ଥିଲି। ଆମ ସରକାର ଲୋକଙ୍କ ସରକାର ବିଶ୍ୱାସ କରେ ଯେ, ଗାଁ ଦେଖିବା ବିନା, କୃଷି ଏବଂ କୃଷକ ର ଅସଲ ସମସ୍ୟା ବୁଝିବା ସମ୍ଭବ ନୁହେଁ। ବାଡ଼ି ବାଇଗଣ ଆଉ ପୋଥି ବାଇଗଣ ଭିତରେ ଫରକ ରହିଛି ଆଉ ରହିବ ମଧ୍ୟ। ଏହି ଯାତ୍ରା ମୋ ପାଇଁ ଚାଷ ଓ ଚାଷୀଙ୍କୁ ଭଲ ପାଇବାର ଏକ ଅନ୍ତର୍ନିହିତ ପ୍ରେରଣା ଥିଲା। ଆମ ଧର୍ମ, ଇତିହାସ ଓ କୃଷି ସଂସ୍କୃତି



ରେ ଓଡ଼ିଶା କେବଳ ଧାନର ଗୋଦାମ ନୁହଁ, ଏଠି କୃଷି ଏକ ଜୀବନ ଜୀବିକା ପାଲଟିଛି। ଏଠାରେ ପ୍ରତ୍ୟେକ ଧାର୍ମିକ ପୀଠର ମୂଳରେ ଅଛି କୃଷି ସଂସ୍କୃତି ରହିଛି। ଯୋରନ୍ଦାର ମହିମା ପୀଠ, ଗଞ୍ଜାମର ତାରା ତାରିଣୀ ପୀଠ, ଢେଙ୍କାନାଳର କପିଳାଷ, ବଲାଙ୍ଗୀରର ହରିଶଙ୍କର, ବାଲେଶ୍ୱରର କ୍ଷୀରଚୋରା ଗୋପୀନାଥ ତଥା ରାଜ୍ୟର ଅନ୍ୟାନ୍ୟ ଧାର୍ମିକ ସ୍ଥଳଗୁଡ଼ିକୁ ପଦଯାତ୍ରା କରି ସ୍ଥାନୀୟ ଜନସାଧାରଣ ସହ ମିଶିବା ସହ ଅଞ୍ଚଳ ଭିତ୍ତିରେ ଚାଷରେ ଭିନ୍ନତା ଓ ଏକତା ବିଷୟରେ ବୁଝିବାର ସୁଯୋଗ ପାଇଥିଲି। ଧର୍ମ ଓ କୃଷି ର ଏହି ସନ୍ଧିକୁ ଆମ ସରକାର ସଜାଗ ରଖିଛି, କ୍ଷୁଦ୍ର କୃଷକ ମାନଙ୍କୁ ଅଧିକ ସମ୍ମାନ ଏବଂ ଆର୍ଥିକ ସହାୟତା ଦେଉଛୁ। ସମସ୍ତ ଅଞ୍ଚଳର କ୍ଷେତ୍ର ନିଜ ଚକ୍ଷୁରେ ଦେଖିବା, କାଦୁଅ ମାଟିର ବାସ୍ନା ମତେ ସ୍‌ବତନ୍ତ୍ର ଅନୁଭୂତି ପ୍ରଦାନ କରିଛି। ମନ୍ତ୍ରୀ ତଥା ମୋହନ ସରକାରଙ୍କ ସେବକ ଭାବେ ମୁଁ ଧାନ ମଣ୍ଡିର ଧାଡିରେ ଠିଆ ହୋଇଥିବା ଚାଷୀର ଦୁଃଖ ନିଜ ଆଖିରେ ଦେଖିଛି, ଆଉ ତାକୁ ତୁରନ୍ତ ତାହାର ସମାଧାନ କରିଛି ମଧ୍ୟ। ଚାଷୀ ଘର ପୁଅ ହୋଇଥିବାରୁ ମୋର ଚାଷ ପ୍ରତି ରହିଛି ବିଶେଷ ଦୁର୍ବଳତା, ନିଜ ଜନ୍ମ ମାଟି ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳର ଚାଷୀଙ୍କ ଅଭିବୃଦ୍ଧି ପାଇଁ ଯେତେବେଳେ ଯାହା ଆବଶ୍ୟକ ହୋଇଛି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ମାଝି ଓ ଅନ୍ୟ ମନ୍ତ୍ରୀଙ୍କ ସହାୟତାରେ ଛୋଟ ବଡ ପଦେକ୍ଷପ ନେଇଛନ୍ତି। ମୋ ଜୀବନର ବ୍ରତ ହେଉଛି ଚାଷୀର ବିକାଶ, ମାଟିର ଉର୍ବରତା ଆଉ ଚାଷ କ୍ଷେତ୍ରରେ ନୂତନତା। ଏହି ମୂଳ ଅନୁଭୂତି ମତେ ଆଜି ଚାଷୀଙ୍କ ଦୁଃଖ ବୁଝିବା ଓ ସେମାନଙ୍କ ପାଇଁ ଲଢ଼ିବାକୁ ପ୍ରେରିତ କରିଛି। ମୋହନ ସରକାରଙ୍କ ଯୋଜନା ଜନମାନସରେ ପହଞ୍ଚାଇବା ଆମ ଜନପ୍ରତିନିଧିଙ୍କ ଏକ ମୁଖ୍ୟ କର୍ତ୍ତବ୍ୟ।

ସରକାରଙ୍କ କୃଷି ଯୋଜନା ଯେପରିକିଃ କଲ୍ୟାଣ କୃଷି ଯୋଜନା, ଅଟୋମେଟିକ୍ ଜଳସେଚନ ବ୍ୟବସ୍ଥା, ସାଂସ୍କୃତିକ କୃଷି ବୃଦ୍ଧି ପ୍ରକଳ୍ପ ଇତ୍ୟାଦି ନିଜ ହାତରେ ଚାଷୀଙ୍କ ପାଖକୁ ପହଞ୍ଚାଇଛି। କେବଳ ଘୋଷଣା ନୁହେଁ, ତାହାର ପ୍ରୟୋଗିକ ଲାଭ ଚାଷୀ ଅନୁଭବ କରୁଛନ୍ତି। ସମ୍ପୂର୍ଣ୍ଣ ରାଜ୍ୟରେ ଆଜି ଏକ ନୂତନ କୃଷି ଜାଗୃତି ଦେଖିବାକୁ ମିଳୁଛି। ଆମ ଲକ୍ଷ୍ୟ କେବଳ ଧାନ ନୁହଁ, ମାଟି ସହ ପ୍ରେମ, ଚାଷୀ ସହ ସମ୍ପୃକ୍ତି ଏବଂ ଓଡ଼ିଶାର ଏକ ନୂତନ କୃଷି ଅଭିଯାନ ନିର୍ମାଣ। ଆମ ଚାଷୀମାନେ ଆନ୍ତର୍ଜାତୀୟ ବଜାରରେ ଦୃଢ଼ ହେଉଛନ୍ତି। ଆମ ମା' ଧରିତ୍ରୀ ଓଡ଼ିଶା ଆଜି ନୂତନ ଚମକ ପାଇଛି।

ଆମ ସରକାର ଖୁବ କମ୍ ଦିନରେ ଚାଷୀ ଭାଇଭଉଣୀଙ୍କ ପାଇଁ ଅନେକ ବଡ ପଦକ୍ଷେପ ନେଇଛି। ସମସ୍ତ ପଞ୍ଜୀକୃତ ଚାଷୀଙ୍କ ପାଖରୁ ୩୧୦୦ ଟଙ୍କାରେ ଲୋକଙ୍କ ସରକାର ଧାନ କିଣିବା ସହ ୪୮ ଘଣ୍ଟାରେ ଚାଷୀଙ୍କ ଖାତାକୁ ଟଙ୍କା ପଠାଇଛନ୍ତି। ଚାଷୀଙ୍କୁ ୫୮୭୮ କୋଟି ଇନ୍ ପୁଟ ସହାୟତା ଦିଆଯିବା ସହ ଏମ ଏସ ପି ବାବଦକୁ ଚାଷୀଙ୍କ ଆକାଉଣ୍ଟକୁ ଯାଇଛି ୧୬୫୩୧ କୋଟି ଟଙ୍କା ପଠେଇଛନ୍ତି। ଯାହା ଗତବର୍ଷ ତୁଳନାରେ ୩୦ପ୍ରତିଶତ ଅଧିକ। ଯେତେବେଳେ କି ଗତବର୍ଷ ଧାନ କିଣା ବାବଦକୁ ଚାଷୀଙ୍କ ସରକାର ଦେଇଥିଲେ ୧୨.୬୬୯କୋଟି ଟଙ୍କା। ଧାନ ମଣ୍ଡିରେ ଶୂନ୍ୟ କଟନୀ ଛଟନୀ ନୀତି ଆପଣାଇଛି ଆମ ସରକାର। ଚାଷୀଙ୍କ ସ୍ୱାର୍ଥ ପାଇଁ ଧାନମଣ୍ଡିରେ ସିସିଟିଭି ଲାଗି ଧାନ କିଣା ହୋଇଥିଲା। ଗତ ବର୍ଷ ଅପେକ୍ଷା ୧୬ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ ଧାନ କିଣିଛନ୍ତି ସରକାର। ଚଳିତ ବର୍ଷ ୭୪ ଲକ୍ଷ ମେଟ୍ରିକ ଟନ ଧାନ କିଣିଛନ୍ତି ସରକାର। ପ୍ରତ୍ୟେକ ବର୍ଷ ୨୬ ଲକ୍ଷ ମେଟ୍ରିକ ଟନ ଚାଉଳ ଏଫ୍‌ସିଆଇ ନିଏ। ଏଥର କିନ୍ତୁ ରାଜ୍ୟ ସରକାରଙ୍କ ଅନୁରୋଧ କ୍ରମେ ଆଉ ଅଧିକ ୨୦ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠାଇବାକୁ କେନ୍ଦ୍ର ସରକାର ରାଜି ହୋଇଛନ୍ତି। ଅର୍ଥାତ ଚଳିତ ବର୍ଷ ୪୬ ଲକ୍ଷ ମେଟ୍ରିକ ଟନ ଚାଉଳ ନେବ ଏଫ୍‌ସିଆଇ। ସେହିପରି ବରଗଡରେ ସର୍ବାଧିକ ୧ ଲକ୍ଷ ୫୫ ହଜାର ୬୧୭ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୭ ଲକ୍ଷ ୭୩ ହଜାର ୦୬୭ କ୍ୱିଣ୍ଟାଲ ଧାନ କିଣା ହୋଇଛି, ଏହାପରକୁ ଖୋର୍ଦ୍ଧାରେ ୧ ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୧ ଲକ୍ଷ ୬୪ ହଜାର ୮୦୯ କ୍ୱିଣ୍ଟାଲ ଧାନ କିଣା ହୋଇଛି, ଏହପାରକୁ ରହିଛି କଳାହାଣ୍ଡି ଏଠାରେ ୧ ଲକ୍ଷ ୧୪ ହଜାର ୫୩୭ ଚାଷୀ ପଞ୍ଜୀକୃତ କରିଥିବା ବେଳେ ୬ ଲକ୍ଷ ୦୯ ହଜାର ୬୮୧ କ୍ୱିଣ୍ଟାଲ ଧାନ କିଣା ହୋଇଛି, ସେହିପରି ବାଲେଶ୍‌ବରରେ ୧ ଲକ୍ଷ ୦୨ ହଜାର ୪୬୩ ଚାଷୀ ପଞ୍ଜିକରଣ କରିଥିବା ବେଳେ ୭ ଲକ୍ଷ ୭୩ ହଜାର ୦୬୭ କ୍ୱିଣ୍ଟାଲ ଧାନ କିଣା ହୋଇଛି। ରାଜ୍ୟରୁ ମୋଟ ୧୭,୫୦,୪୬୨ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ୭୩,୪୭,୪୩୭ କ୍ୱିଣ୍ଟାଲ ଧାନ କିଣା ହୋଇଛି। ଆଗାମୀ ବର୍ଷ ଏହି ପରିମାଣଠାରୁ ଅଧିକ ଧାନ କିଣି ଚାଷୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଆମେ ପ୍ରସ୍ତୁତ ହେଉଛି। ଚାଷୀଙ୍କ ମୁଠାଏ ଫସଲ ବି ଆମ ପାଇଁ ମୂଲ୍ୟବାନ, ଚାଷୀ ହସିଲେ ଦୁନିଆ ହସିବ। ଏ ଲୋକଙ୍କ ସରକାର, ଆମ ପାଇଁ ଲୋକମତ, ଲୋକହିତ ଓ ଲୋକସ୍ୱାର୍ଥ ସର୍ବୋପରି। ସମସ୍ତଙ୍କ ମୁହଁରେ ହସ ଭରିବା, ସମସ୍ତଙ୍କ ବିଶ୍ୱାସ ଜିତିବା ଆମର ସଂକଳ୍ପ। ଗ୍ରୀଷ୍ମର ନିଦାଘ ତାତିରେ ଖୁସିର ଫୁଆରା ସାଜେ ଅକ୍ଷୟ ତୃତୀୟା ପର୍ବ। ପ୍ରଚଣ୍ଡ ଖରା ତାତିରେ ଯେତେବେଳେ ମାଟି ଗରମିଯାଏ, ଝୁଲା ହୁଏ ପଥର ଓ ପଥ, ସେଇ ସମୟରେ ଆସେ ଚାଷୀଙ୍କ ପ୍ରିୟ ପର୍ବ ଅକ୍ଷୟ ତୃତୀୟା। ଏହି ଦିନ ହେଉଛି ଆଶା ଓ ନୂତନ ଆରମ୍ଭର ଦିନ। ଓଡ଼ିଶାର ଚାଷୀ ପରିବାର ପାଇଁ ଏହା କେବଳ ଏକ ତାରିଖ ବା ତିଥି ନୁହଁ, ଏହା ହେଉଛି ଭବିଷ୍ୟତ ପାଇଁ ଦେଖାଯାଉଥିବା ଅଦୃଶ୍ୟ ସ୍‌ବପ୍ନର ଆରମ୍ଭ। ଧରିତ୍ରୀ ମା'ଙ୍କ ଆଶୀର୍ବାଦ ନେଇ ଭବିଷ୍ୟତ ଆଶା ସଂଚାର କରନ୍ତି ଚାଷୀ କୂଳ।

ମୁଁ ସବୁବେଳେ ଏହି ଦିନଟିକୁ ଝୁରି ହୁଏ, ଏହି ଦିନର ଗଭୀର ମୂଲ୍ୟକୁ ଅନୁଭବ କରେ। ଆଜି ମୋର ପିଲା ବେଳ କଥା ଜଳ ଜଳ ହୋଇ ମନେ ପଡି ଯାଏ, ଯେତେବେଳେ ମୋ ବାପା ଚାଷ ଆରମ୍ଭ କରିବା ପୂର୍ବରୁ ମାଟିକୁ ମଣ୍ଡରେ ଲଗାଇ ଧରିତ୍ରୀ ମା'ଙ୍କ ପାଖରେ ଭଲ ଫସଲ ପାଇଁ ପ୍ରାର୍ଥନା କରୁଥିଲେ-"ମା' ଧରିତ୍ରୀ, ଆମେ ଆଜି ତୁମ ଆଖିରେ ବିଜ ସ୍ନାନ କରୁଛୁ କହୁଥିଲେ। ଆମର ଲୁହ, ଲହୁ ଓ ଆଶା ଏହି ମାଟିରେ ଚିହ୍ନିତ ହେଉ। ଏହି ଅଭିଜ୍ଞତା ମୋ ମନରେ ପିଲାଟି ଦିନରୁ ଗଭୀର ଛାପ ଛାଡ଼ିଛି। ଚାଷୀ ଘର ପୁଅ ଭାବରେ ମୁଁ ଦେଖିଛି ଚାଷୀଙ୍କ ଯନ୍ତ୍ରଣା, ସଂଘର୍ଷ। ସେହି କଷଣ ଆଉ ଯନ୍ତ୍ରଣା, ଭଙ୍ଗା ସ୍‌ବପ୍ନ, ଅସହାୟ ଚାଷୀର ଅଭୁଲା ନିରୀହ ଚେହେରା ଓ ଅନୁଭୂତିର ଅନ୍ତଃକରଣରୁ ଜନ୍ମ ନେଇଛି ଆଜିର ଧାନ କ୍ରୟ ଅଭିଯାନ।

ଅକ୍ଷୟ ତୃତୀୟା ରୁ ଆରମ୍ଭ ହେଉଥିବା ଏକ ନୂତନ ବିପ୍ଳବ ଏହି ବର୍ଷ ଅକ୍ଷୟ ତୃତୀୟାରେ ଆମ ସରକାର ନେଉଛି ଆଉ ଏକ ଦୃଢ଼ ସଙ୍କଳ୍ପ। ଓଡ଼ିଶାର ପ୍ରତ୍ୟେକ ଚାଷୀ ମାଟିର ସଂସ୍ପର୍ଶକୁ ଅନୁଭବ କରି, ନିଜ ଶ୍ରମର ମୂଲ୍ୟ ପାଇବେ, କୌଣସି ଚାଷୀ ଋଣ ବୋଝ କି ଫସଲହାନୀ ପାଇଁ ଆତ୍ମହତ୍ୟା କରିବ ନାହିଁ। ମଣ୍ଡିରେ ଉଚିତ୍ ମୂଲ୍ୟରେ ଧାନ କ୍ରୟ ପ୍ରକ୍ରିୟା ଆମ ସରକାରର ଏକ ଯୁଗାନ୍ତକାରୀ ପଦକ୍ଷେପ ହେବ।

ସବୁ ଚାଷୀ ଭାଇଙ୍କ ଆମର ପଦିଏ କଥା-"ମୋ ଚାଷୀ ଭାଇ, ମୁଁ ତୁମ ପାଇଁ"। ଏହା କେବଳ ଜଣେ ରାଜନେତା କି ସେବକ ଭାବେ ନୁହଁ, ଏହା ମୋ ମନର ଗଭୀର ସଂକଳ୍ପ, ଜଣେ ଚାଷୀ ପୁଅର ଶପଥ। ଯେଉଁଠି ଚାଷୀ ଅଣ୍ଟୁଛନ୍ତି, ଯେଉଁଠି ସେମାନଙ୍କ ଆଶା ଭଙ୍ଗ ହେଉଛି, ସେଠି ମୋହନ ସରକାର ସହଯାତ୍ରୀ ଭାବେ ରହିଛି ଆଉ ରହିଥିବ ମଧ୍ୟ। ଚାଷୀଙ୍କ ମୁହଁରେ ମୋହନ ସରକାର ହସ ଭରିଛି, ତାଙ୍କ ଆଖିରେ ଆଶା ର ଆଲୋକ ଦେଖାଇଛି। ସେମାନେ ଅନୁଭବ କରୁଛନ୍ତି ଆଉ ବିଶ୍ୱାସ କରୁଛନ୍ତି ଯେ ଆମ ସରକାର ସେମାନଙ୍କ ସ୍‌ବପ୍ନକୁ ନିଜ ହୃଦୟର କଥା ଭାବି ସାକାର କରୁଛି। ଆମ ସରକାର ରାଜ୍ୟରେ ଧାର୍ମିକ ଏବଂ ସାଂସ୍କୃତିକ ଉନ୍ନତି ସହ କୃଷିର ଏକତା ଆଣିଦେଇଛି, ଆର୍ଥିକ ଓ ସାଂସ୍କୃତିକ ସ୍ଥିତିରେ ବିକାଶ କରିବାର ମାଧ୍ୟମ ମଧ୍ୟ ସାଜିଛି। ଅକ୍ଷୟ ତୃତୀୟା ଏକ ଆରମ୍ଭ, ଏହା ଏକ ସଂକେତ-ଯେଉଁଠି ନୂଆ ଆଶା ଅଙ୍କୁରିତ ହେଉଛି, ଜମି ଲୁହଁ ଓ ଘାମର ଘନ ବାସ୍ନାରେ ଭରିଯାଉଛି, ଏବଂ ଆଗାମୀ ଦିନର ଆନନ୍ଦ ଓ ସଫଳତା ପାଇଁ ରାସ୍ତା ଖୋଲୁଛି। ଚାଷୀ ଭାଇ ଓ ଭଉଣୀ ମାନେ ଆସନ୍ତୁ ଏହି ଅକ୍ଷୟ ତୃତୀୟାରୁ ଏକ ନୂତନ ଇତିହାସ ଆରମ୍ଭ କରିବା। ଏକ ଓଡ଼ିଶା ଓ ଶ୍ରେଷ୍ଠ ଓଡ଼ିଶା ଗଢ଼ିବା। ଯେଉଁଠି ଚାଷୀ ଶିର ଉଚ୍ଚା କରି ଗର୍ବରେ ଛାତି ଫୁଲେଇ କହିବ-"ଆମ ସଫଳତା ଆମ ଅଧିକାର!"


**ମନ୍ତ୍ରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ, ଓଡିଶା ସରକାର**


# ମାଟି ମହକର ପର୍ବ ପବିତ୍ର ଅକ୍ଷୟ ତୃତୀୟା




**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**


ବୈଶାଖ ଶୁକ୍ଳ ତୃତୀୟା ଦିନଟି ପବିତ୍ର ଅକ୍ଷୟ ତୃତୀୟା କୁହଯାଏ। ଏହି ଦିନକୁ କୃଷକ ଦିବସ ରୂପେ ମଧ୍ୟ ପାଳନ କରାଯାଏ। କୃଷକ ଭାଇ ମାନେ ଏହାକୁ ପବିତ୍ର ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି। ଏହି ଦିନ ଚାଷୀ ଭାଇ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣି ଓ ତାପରେ ନାଲିଆ କପଡା ପକାଇ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ପିଠା ପଣା ଧୂପ ଦୀପ ନେଇ ହଳଲଙ୍ଗଳ ଧରି କ୍ଷେତକୁ ଯାଏ। କ୍ଷେତରେ ପହଂଚି ଐଶାନ୍ୟ କୋଣରେ ମାଆ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରି ଭୋଗଦେଇ ଉକ୍ତ ଭୋଗ ନୈବେଦ୍ୟ କୁ କ୍ଷେତର ଈଶାଣ କୋଣରେ ପୋତିଉକ୍ତ ଅନୁକୂଳ କରି ହଳ ବୁଲାଏ ଆଉ ତାପରେ ମୁଠା ମୁଠା ବିହନ କ୍ଷେତରେ ବୁଣେ ଯାହାକୁ ଅକ୍ଷିମୁଠି କହନ୍ତି, ଏହିପରି ନୀତି ନିୟମରେ ଉକ୍ତ ଦିନ ସମସ୍ତ କୃଷି ଭାଇ କୃଷିକାର୍ଯ୍ୟର ଶୁଭାରମ୍ଭ କରି ଥାଆନ୍ତି। ଯେଉଁ ଦୃଶ୍ୟ ଗ୍ରାମୀଣ ସୌନ୍ଦର୍ଯ୍ୟକୁ ଖୁବ୍ ସୁନ୍ଦର କରିଥାଏ। ଏହି ପବିତ୍ର ଦିନକୁ ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ବ୍ରତ ଉପନୟନ ପ୍ରଭୃତି ଶୁଭକର୍ମ କରିଥାନ୍ତି।

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ରଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ। ଏହାକୁ ବ୍ରତ ରୂପେ ପାଳନ କରାଯାଏ। ଲୋକମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠ ବର୍ଷରେ ଉଦ୍‌ଯାପନ କରନ୍ତି। ଏହିଦିନ ଜଳଦାନ କଲେ କି ପୁଣ୍ୟଫଳ ମିଳେ ସେ ସଂପର୍କରେ ଚମତ୍କାର ଉପାଖ୍ୟାନଟି ଅଛି ତାହା ହେଲା " ପୁରାଣ ଅନୁସାରେ ପୂର୍ବେ ଜଣେ ପାପୀ ବ୍ରାହ୍ମଣ ଥିଲା ଯିଏ ତା' ଜୀବନରେ କିଛି ଦାନ ଧର୍ମକାର୍ଯ୍ୟ କରି ନଥିଲା। ଥରେ ତା' ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲା। ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହ ରୁ ତିରସ୍କାର କରି ବାହାର କରିବା ସମୟରେ ସୁଶିଳା ନାମ୍ନୀ ତା'ର ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ବାରଣ କଲା ଓ ତୃଷାର୍ତ୍ତ ବ୍ରାହ୍ମଣ ଙ୍କୁ ଜଳଦାନ କଲା। କିଛି ବର୍ଷ ସେହି ପରେ ପାପୀ ବ୍ରାହ୍ମଣର ମୃତ୍ୟୁ ହେଲା। ଯମଦୂତ ମାନେ ଆସି ତାକୁ ମର୍ତ୍ତ୍ୟ ରୁ ବାନ୍ଧି ନେଇଗଲେ। ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲା। ଯମଦୂତ ମାନେ ତାହାକୁ ତିରଷ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା କରୁଛୁ କିପରି, ତୁ ଗୋଟେ ପାପୀ ଆଉ ତୋର ସ୍ଥାନ କେବଳ ନର୍କ ଯୋଗ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ। ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ ଏହି ବ୍ରାହ୍ମଣ ସାରା ଜୀବନ ପାପ କର୍ମ କରିଥିଲେ ସୁଦ୍ଧା ଅକ୍ଷୟତୃତୀୟା ଦିନ ଏହାର ସ୍ତ୍ରୀ ସୁଶିଳା ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲା। ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ସମସ୍ତ ପାପ ଖଣ୍ଡନ ହୋଇଛି। ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ। ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ। ସେ ଥରେ ଭୂମିକର୍ଷଣ ସମୟରେ ମାତା ସୀତାଙ୍କୁ ଲାଭ କରିଥିବାରୁ ସୀତା ଙ୍କୁ ଉତ୍କୃଷ୍ଟ ବୀଜଦାତ୍ରୀ କୁହଯାଏ। ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରି ଥାନ୍ତି। ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ପରମ ପବିତ୍ର ଶୁଭଦିନ ତଥା ସିଦ୍ଧି ଦିବସ ଭାବେ ବର୍ଣ୍ଣନା କରାଯାଉଛି।

ପବିତ୍ର ଅକ୍ଷୟ ତୃତୀୟା ଦିନ ଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୁଏ। ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାନ ପର୍ବ। ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ସ୍ନାନପୂର୍ଣ୍ଣିମାର ପୂର୍ବଦିନ ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହା ଅକ୍ଷୟ ତୃତୀୟା ଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ ଜ୍ୟୈଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ। ଏହି ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ଅନୁକୂଳ କରାଯାଏ। ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢ଼ି ଲଗାଇ ବନଯୋଗ ହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି। ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢ଼ି ସ୍ପର୍ଶ କରାଯାଇଥାଏ। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥ ଖଳାକୁ ଆସିଥାଏ। ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି। ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି। ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକ ମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢ଼ୀବନ୍ଧା ନୀତି ପାଳିତ ହୁଏ। ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ। ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ। ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗେ। ଅକ୍ଷୟତୃତୀୟା ଶ୍ରୀମନ୍ଦିରର ଏକ ପ୍ରଧାନ ପର୍ବ। ଅକ୍ଷୟତୃତୀୟା ଦିନ ସକାଳ ଧୂପ ଶେଷ ପରେ ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହେବା ପରେ ପୂର୍ବଦିନ ଭୋଗ ମଣ୍ଡପ ଘରେ ଅଧିବାସ କରାଯାଇବା ଚନ୍ଦନ ପିଙ୍ଗଣ ଓ ପରିଖମାନ ଘଣ୍ଟ, ଛତା ଓ କାହାଳୀ ସହ ସଂପୃକ୍ତ ସେବକମାନେ ବଡ଼ ଦେଉଳକୁ ତିନିଘେରା ବୁଲାଇ ଭିତର ସିଂହାସନ ଉପରେ ତିନିବାଡ଼ରେ ସଜାଇ ରଖାଯାଏ। ଧୋପଖାଳ ହୋଇ ଶୀତଳ ଭୋଗ ହୁଏ। ଏ ଭୋଗରେ ଟେରା ପଡ଼େ ନାହିଁ। ଭୋଗ ପରେ ଶ୍ରୀଜୀଉ ମାନଙ୍କୁ ଅଳକା, ଚଉସରା, ୬ ମୂର୍ତ୍ତି ସୁନା ଅଳଙ୍କାର ଲାଗି ହୋଇ ବେଶ ବଢ଼େ। ଏହା ପରେ ପାଣି ପଡ଼ି ଧୋପଖାଳ ହେବା ପରେ ମଧ୍ୟାହ୍ନ ଧୂପ ଯାତ ଭୋଗ ସହ, ଘଣ୍ଟ, ଛତା, କାହାଳୀ ସହ ତଳିଛ ପଟୁଆରରେ ଛାମୁକୁ ଆସେ। ମୁଦିରସ୍ତଙ୍କ ପ୍ରସାଦ ଲାଗି, ଦକ୍ଷିଣ ଘରେ ଚନ୍ଦନ ସର୍ବାଙ୍ଗ ହୋଇ ଭୋଗ ଶେଷ ପରେ ରାମ, କୃଷ୍ଣ ଓ ମଦନମୋହନ ଭିତର ସିଂହାସନକୁ ବିଜେ କରନ୍ତି। ଏହା ପରେ ମଧ୍ୟାହ୍ନ ଧୂପ ହୁଏ। ପାଣି ପଡ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ବନ୍ଦାପନା କରନ୍ତି। ପୂଜାପଣ୍ଡା ଆଜ୍ଞାମାଳ ଦେବା ପରେ ଝୁଲଣ ମଣ୍ଡପ ତଳେ ରହିବା ପାଲିଙ୍କିରେ ରାମକୃଷ୍ଣ ଓ ବିମାନରେ ଶ୍ରୀଦେବୀ, ଭୂଦେବୀ ଓ ମଦନମୋହନଙ୍କୁ ବିଜେ କରାଯାଏ। ବିଜେ କାହାଳୀ ବାଜିଲା ପରେ ବିମାନ ବଡୁମାନେ ଘଣ୍ଟ ଛତା ଓ କାହାଳୀ ସହ ପାଲିଙ୍କି ଓ ମଣିବିମାନକୁ ନେଇ ନରେନ୍ଦ୍ର ଚକଡ଼ାକୁ ଯାତ୍ରା କରନ୍ତି। ବାଟରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ର ଅନୁକୂଳ ନୀତି ସକାଶେ ଅଟକି ରହନ୍ତି। ଏହାଙ୍କ ସହିତ ପଞ୍ଚ ମହାଦେବ ଯଥା ଯମେଶ୍ୱର, ମାର୍କଣ୍ଡେୟ, ଲୋକନା, କପାଳ ମୋଚନ ଓ ନୀଳକଣ୍ଠଙ୍କର ବିଜେ ପ୍ରତିମାମାନ ସ୍ୱ ସ୍ୱ ବିମାନରେ ବିଜେ କରି ନରେନ୍ଦ୍ର ପୁଷ୍କରିଣୀକୁ ଯାତ୍ରା କରନ୍ତି। ଏହି ପଞ୍ଚମହାଦେବଙ୍କୁ "ପଞ୍ଚପାଣ୍ଡବ' କୁହାଯାଏ। ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ସାମନାରେ ଦେଉଳ ପୁରୋହିତ ର ଅନୁକୂଳ ହୋମ କରନ୍ତି। ହୋମ ପରେ ମହାରଣା ମାନଙ୍କର ଶାଢ଼ିବନ୍ଧା କାର୍ଯ୍ୟ ହୁଏ। ତିନୋଟି କାଠଗଣ୍ଡିକୁ ପୂଜାପଣ୍ଡା ମାନେ ଶ୍ରୀଜୀଉଙ୍କ ତିନୋଟି ଆଜ୍ଞାମାଳ ଦିଅନ୍ତି।

ଶ୍ରୀ ମନ୍ଦିର ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ରୋହିଣୀ ପୁତ୍ର ବଳରାମଙ୍କର ରେବତୀଙ୍କ ସହ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ ଓ ଏହି ପୁଣ୍ୟ ଦିନ ଦିନ ପରଶୁରାମ ଓ ଜୟଦେବଙ୍କ ଜୟନ୍ତୀ ମଧ୍ୟ। ଏହି ପବିତ୍ର ଦିନରେ ବଦ୍ରୀନାଥ ଧାମ ଖୋଲା ଯିବାର ବିଧି ମଧ୍ୟ ରହିଛି। ଏହି ଦିନ ସ୍‌ବର୍ଗରେ କୁବେର ଦେବତା ତାଙ୍କ ପଦ ଭାର ସମ୍ଭାଳି ଥିଲେ। ପୁରାଣ ବର୍ଣ୍ଣିତ ଅନୁସାରେ ସତ୍ୟ ଓ ତ୍ରେତୟା ଯୁଗର ଆରମ୍ଭ ଏହି ଦିନ ଆରମ୍ଭ ହୋଇଥିଲା ବୋଲି କିମ୍ବଦନ୍ତୀ ରହିଛି। ଏହି ପୁଣ୍ୟ ଦିବସରେ ବ୍ରହ୍ମା ଙ୍କ ପୁତ୍ର ଅକ୍ଷୟ ଜନ୍ମ ଲାଭ କରିଥିଲେ। ଏହି ଦିବସରେ ମହାଭାରତ ଯୁଦ୍ଧ ର ଅବସାନ ଘଟି ଥିଲା। ଏହି ଦିନ ଦୁଇ ବାଲ୍ୟ ବନ୍ଧୁ କୃଷ୍ଣ ଓ ସୁଦାମାଙ୍କ ର ଭେଟ ହୋଇ ଥିଲା ସର୍ବ ମୋଟରେ କହିବା କୁ ଗଲେ ଏହା ଠାରୁ ବଡ଼ ପବିତ୍ର ପୁଣ୍ୟ ଦିବସ ଓ ଶୁଭ ଅବସର ବର୍ଷକ ଭିତରେ ଆଉ କେଉଁ ସମୟ ନାହିଁ। ଏହି ଦିନରେ ଲୋକେ ନିଜ ନିଜ ଘରର ସମସ୍ତ ଶୁଭ କାର୍ଯ୍ୟ କରିଥାନ୍ତି, କାରଣ ସମସ୍ତଙ୍କର ବିଶ୍ୱାସ ଏଜି ଦିନ ଯେଉଁ ଶୁଭ କାର୍ଯ୍ୟ ହୁଏ ତାହା ମଝିରେ ଅଟକେ ନାହିଁ ଓ ସମସ୍ତ ଦେବା ଦେବୀଙ୍କର ଆଶିଷ ରହିଥାଏ।


**ଅରଙ୍ଗାବାଦ,ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ପହଲଗାମ ଆକ୍ରମଣ: ଗୃହ ସଚିବଙ୍କ ଉଚ୍ଚସ୍ତରୀୟ ସୁରକ୍ଷା ବୈଠକ

**ନୂଆଦିଲ୍ଲୀ,୨୯।୪:** କେନ୍ଦ୍ର ଗୃହ ସଚିବ ଗୋବିନ୍ଦ ମୋହନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି, ଯେଉଁଥିରେ ତିନୋଟି ଅର୍ଦ୍ଧସାମରିକ ବାହିନୀର ମୁଖ୍ୟ ଏବଂ ଅନ୍ୟ ଦୁଇଟି ସୁରକ୍ଷା ସଂଗଠନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଜମ୍ମୁ-କାଶ୍ମୀରରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ପର୍ଯ୍ୟଟକଙ୍କ ସମେତ ୨୬ ଜଣ ପ୍ରାଣ ହରାଇବା ପରେ ଉତ୍ତେଜନାପୂର୍ଣ୍ଣ ବାତାବରଣ ମଧ୍ୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସୀମା ସୁରକ୍ଷା ବଳର ମହାନିର୍ଦ୍ଦେଶକ (ଡିଜି) ଦଳଜିତ ସିଂହ ଚୌଧୁରୀ, ଜାତୀୟ ସୁରକ୍ଷା ଗାର୍ଡର ଡିଜି ବ୍ରିଘୁ ଶ୍ରୀନିବାସନ ଏବଂ ଆସାମ ରାଇଫଲ୍ସର ଡିଜି ଲେଫ୍ଟନାଣ୍ଟ ଜେନେରାଲ ବିକାଶ ଲଖେରା ଉପସ୍ଥିତ ଥିଲେ। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ସଶସ୍ତ୍ର ସୀମା ବଳର ଅତିରିକ୍ତ ମହାନିର୍ଦ୍ଦେଶକ ଅନୁପମା ନିଲେକର ଚନ୍ଦ୍ର ଉପସ୍ଥିତ ଥିଲେ। ବୈଠକରେ କ'ଣ ଆଲୋଚନା ହୋଇଛି ତାହା ଜଣାପଡ଼ିନାହିଁ। ବିଏସଏଫ ପାକିସ୍ତାନ ଓ ବାଂଲାଦେଶ ସହ ଭାରତର ଅନ୍ତର୍ଜାତୀୟ ସୀମାକୁ ସୁରକ୍ଷା ଦେଇଥାଏ, ଏସଏସବି ନେପାଳ ଓ ବାଂଲାଦେଶ ସୀମାକୁ ସୁରକ୍ଷିତ କରିଥାଏ, ଆସାମ ରାଇଫଲ୍ସ



ମିଆଁମାର ସୀମାକୁ ସୁରକ୍ଷା ଦେଇଥାଏ ଏବଂ ଏନଏସଜି ହେଉଛି ଆତଙ୍କବାଦ ବିରୋଧୀ ଅଭିଯାନରେ ବିଶେଷଜ୍ଞ କମାଣ୍ଡୋ ଫୋର୍ସ। ଏପ୍ରିଲ ୨୨ ପହଲଗାମ ଆକ୍ରମଣ ପରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି ୧୯୬୦ ସିନ୍ଧୁ ଜଳ ଚୁକ୍ତିକୁ ତୁରନ୍ତ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିଲା ଏବଂ କହିଥିଲା ଯେ ପାକିସ୍ତାନ ତା'ର ସର୍ତ୍ତ ଉଲ୍ଲଂଘନ କରିଛି। ସିସିଏସ୍ ଏହା ମଧ୍ୟ ନିଷ୍ପତ୍ତି ନେଇଛି ଯେ ଦୀର୍ଘମିଆଦୀ ଭିସା ଏବଂ କୂଟନୈତିକ ଏବଂ ସରକାରୀ ଭିସା ଥିବା ଲୋକଙ୍କୁ ଛାଡ଼ି ଦେଲେ ଅନ୍ୟ ସମସ୍ତ ପାକିସ୍ତାନୀଙ୍କୁ ଏପ୍ରିଲ ୨୯ ସୁଦ୍ଧା ଭାରତ ଛାଡିବାକୁ ପଡ଼ିବ। ସିସିଏସ୍ ନିଷ୍ପତ୍ତି ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏପ୍ରିଲ ୨୫ରେ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଫୋନ୍ କରି ଦେଶ ଛାଡିବା ପାଇଁ ଧାର୍ଯ୍ୟ ସମୟସୀମା ପରେ ଯେପରି କୌଣସି ପାକିସ୍ତାନୀ ଭାରତରେ ନ ରୁହନ୍ତି ତାହା ସୁନିଶ୍ଚିତ କରିବାକୁ କହିଥିଲେ।

ଏହାପରେ କେନ୍ଦ୍ର ଗୃହ ସଚିବ ସମସ୍ତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ସହ ଭିଡିଓ କନଫରେନ୍ସିଂ କରି ଭିସା ରଦ୍ଦ ହୋଇଥିବା ସମସ୍ତ ପାକିସ୍ତାନୀ ନାଗରିକଙ୍କୁ ନିର୍ଦ୍ଧାରିତ ସମୟ ସୀମା ସୁଦ୍ଧା ଭାରତ ଛାଡିବାକୁ ନିର୍ଦ୍ଦେଶ ଦେଇଥିଲେ। ପାହଲଗାମ ହତ୍ୟାକାଣ୍ଡରେ ସମ୍ପୃକ୍ତ ପ୍ରତ୍ୟେକ ଆତଙ୍କବାଦୀ ଏବଂ ସେମାନଙ୍କ ସମର୍ଥକଙ୍କୁ ଚିହ୍ନଟ, ଟ୍ରାକ୍ ଏବଂ ଦଣ୍ଡିତ କରିବ ଏବଂ ହତ୍ୟାକାରୀମାନଙ୍କୁ ପୃଥିବୀର ଶେଷ ଆଡ଼କୁ ନେଇଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏପ୍ରିଲ ୨୪ରେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

## ପ୍ରଥମ ଥର ପାଇଁ ଆଜି ବସିବ କେନ୍ଦ୍ର କ୍ୟାବିନେଟ ବୈଠକ



**ନୂଆଦିଲ୍ଲୀ, ୨୯।୪:** ଜମ୍ମୁ-କାଶ୍ମୀରର ପହଲଗାମରେ ଏପ୍ରିଲ ୨୨ ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ପ୍ରଥମ ଥର ପାଇଁ ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକ ବସିବ। ବୁଧବାର ପୂର୍ବାହ୍ନ ୧୧ଟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଡକାଯାଇଛି। ଗତ ସପ୍ତାହରେ କେନ୍ଦ୍ର କ୍ୟାବିନେଟର କୌଣସି ବୈଠକ ହୋଇନଥିଲା ଏବଂ କେବଳ ଏପ୍ରିଲ ୨୩ ରେ ସୁରକ୍ଷା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକ ବସିଥିଲା ଏବଂ ଆତଙ୍କବାଦୀ ଆକ୍ରମଣକୁ ନିନ୍ଦା କରାଯାଇଥିଲା। ସିସିଏସ୍ ବୈଠକ ପରେ ଭାରତ ଗତ ବୁଧବାର ପାକିସ୍ତାନ ସହ କୂଟନୈତିକ ସମ୍ପର୍କ ହ୍ରାସ କରିବା ସମେତ ଅନେକ ପଦକ୍ଷେପ ଘୋଷଣା କରିଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣ ସହ ସୀମାପାର ସମ୍ପର୍କକୁ ଦୃଷ୍ଟିରେ ରଖି ଭାରତ ପାକିସ୍ତାନୀ ସାମରିକ ସହଯୋଗୀଙ୍କୁ ବହିଷ୍କାର କରିବା, ଛଅ ଦଶନ୍ଧିରୁ ଅଧିକ ପୁରୁଣା ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା ଏବଂ ଅଟ୍ଟାରୀ ଲ୍ୟାଣ୍ଡ-ଟ୍ରାନଜିଟ୍ ପୋଷ୍ଟକୁ ତୁରନ୍ତ ବନ୍ଦ କରିବାକୁ ଘୋଷଣା କରିଛି। ଏପ୍ରିଲ ୨୨ ରେ କାଶ୍ମୀରର ପହଲଗାମ ନିକଟରେ ଥିବା ଏକ ଆକର୍ଷଣୀୟ ଘାସ ଗାଲିଚା ଉପରେ ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ଅତି କମରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ଅନେକ ଲୋକ ଆହତ ହୋଇଥିଲେ । ୨୦୧୯ ପୁଲୱାମା ଆକ୍ରମଣ ପରେ ଏହି ଅଞ୍ଚଳର ସବୁଠାରୁ ଭୟଙ୍କର ଘଟଣା ଥିଲା ଏହି ଆତଙ୍କବାଦୀ ଆକ୍ରମଣ।

## ପାକ୍ ସେନା ସମ୍ପୃକ୍ତି ନେଇ ମିଳିଲା ବଡ଼ ପ୍ରମାଣ

**ନୂଆଦିଲ୍ଲୀ,୨୯।୪:** ପହଲଗାମ ନରସଂହାରରେ ପାକିସ୍ତାନୀ ସେନାର ସମ୍ପୃକ୍ତିର ବଡ଼ ପ୍ରମାଣ ଲାଗିଛି। ଏହି ଆତଙ୍କବାଦୀ ଆକ୍ରମଣରେ ସାମିଲ ଥିବା ଜଣେ ଆକ୍ରମଣକାରୀ ହେଉଛି ହାସିମ ମୁସା। ହାସିମ୍ ପାକିସ୍ତାନୀ ସେନାରେ ପାରା କମାଣ୍ଡୋ ଟ୍ରେନିଂ ନେଇସାରିଛି। ପହଲଗାମ ଆକ୍ରମଣର ସେ ମାଷ୍ଟରମାଇଣ୍ଡ ବୋଲି କୁହାଯାଉଛି। ସେ ଆତଙ୍କୀଙ୍କ ମଧ୍ୟରେ ସୁଲେମାନ ନାମରେ ପରିଚିତ। ହାସିମ ପାକିସ୍ତାନର ବାସିନ୍ଦା ଓ ଦେଶର ପ୍ରମୁଖ ଆତଙ୍କୀ ସଂଗଠନ ଲସ୍କର-ଏ-ତୋଇବାର ସଦସ୍ୟ। ସେ ଉଭୟ ସୁରକ୍ଷାକର୍ମୀ ଓ ସାଧାରଣ ନାଗରିକଙ୍କ ଉପରେ ହମଲା ପାଇଁ ଜମ୍ମୁ କାଶ୍ମୀରକୁ ଆସିଥିଲା ବୋଲି ତଦନ୍ତରୁ ଜଣାପଡ଼ିଛି।

ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ମୁସାର ପାକ୍ ସେନା ସହିତ ସମ୍ପର୍କ ଥିଲା। ୧୫ ଜଣ କାଶ୍ମୀର ଓଭର ଗ୍ରାଉଣ୍ଡ ୱାର୍କର (ଓଜିଡବ୍ଲ୍ୟୁ)ଙ୍କୁ ପଚରାଉଚରା ସମୟରେ ଏହା ସାମ୍ନାକୁ ଆସିଥିଲା। ପହଲଗାମ ଆକ୍ରମଣ ତଦନ୍ତରେ ଏହି ଓଜିଡବ୍ଲ୍ୟୁମାନେ ପ୍ରମୁଖ ସନ୍ଦିଗ୍ଧ ଭାବରେ ଉଭା ହୋଇଛନ୍ତି। ସେମାନେ ପାକିସ୍ତାନୀ ଆକ୍ରମଣକାରୀଙ୍କୁ ଲଜିଷ୍ଟିକ୍ସ ବ୍ୟବସ୍ଥା କରିବା ଏବଂ ଗୁପ୍ତଚର କାର୍ଯ୍ୟ କରିବାରେ ସାହାଯ୍ୟ କରିଥିଲେ। ସେନା ସହିତ ମୁସାର ସମ୍ପର୍କକୁ ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍ଆଇ ଭୂମିକାର ପ୍ରମାଣ ମିଳୁଛି। ପହଲଗାମ ଆକ୍ରମଣ ଏବଂ କାଶ୍ମୀରରେ ପୂର୍ବରୁ ହୋଇଥିବା ଆକ୍ରମଣରେ ଆଇଏସ୍ଆଇର ସମ୍ପୃକ୍ତ ଥିବା ସନ୍ଦେହ କରାଯାଉଛି। ପ୍ଲାନିଂ, ଅସ୍ତ୍ର ଯୋଗାଣ, ଟାର୍ଗେଟ ସିଲେକ୍ସନଠୁ ନେଇ ସବୁକିଛି ଦେଖୁଥିଲା ହାସିମ। ତା' ନାଁରେ ରହିଛି ୬୦ ଲକ୍ଷର ମୁଣ୍ଡ ଜାମିନ। ଗତ ୨୦୨୩ ସେପ୍ଟେମ୍ବରରେ କାଶ୍ମୀର ଭ୍ୟାଲିରେ ପ୍ରବେଶ କରିଥିଲା ମୁସା। ବୁଦଗାଓଁ ଅଧିକ ସକ୍ରିୟ ଥିଲା ସେ। ଗତ ୨୦୨୪ ଅକ୍ଟୋବରରେ କଶ୍ମୀରର ଗଗନଗିରି ଓ ଗଣ୍ଡେରୱାଲରେ ମଧ୍ୟ ମୁସା ଆକ୍ରମଣ କରିଥିଲା, ଯେଉଁଥିରେ ୬ ଜଣ ଅଣକଶ୍ମୀରୀଙ୍କ ସହ ଜଣେ ଡାକ୍ତର ପ୍ରାଣ ହରାଇଥିଲେ।



ଅନ୍ୟପକ୍ଷରେ ଏହି ଆକ୍ରମଣର କଡ଼ାଗଣ୍ଡା ହିସାବ ନେବା ସକାଶେ ଭାରତର ବଡ଼ ଆକ୍ସନ ପ୍ଲାନକୁ ନେଇ ପାକିସ୍ତାନ ଛାନିଆ ହୋଇପଡ଼ିଛି। କାହିଁକିନା, ପହଲଗାମ ଦୋଷୀଙ୍କୁ ପ୍ରହାର ପାଇଁ ଆକ୍ସନ ମୋଡ଼ରେ ମୋଦି ସରକାର। କାଲି ୧୧ଟାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ କମିଟିର ମିଟିଂ ବସିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ହେବ ନିରାପତ୍ତା ସଂକ୍ରାନ୍ତ କ୍ୟାବିନେଟ୍ କମିଟି (ସିସିଏସ୍) ବୈଠକ। ଏହାଛଡ଼ା ଅର୍ଥନୀତି ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକ ବି ବସିବାର ଅଛି। ଗୋଟିଏ ପରେ ଗୋଟିଏ ୪ଟି ବୈଠକ କରିବେ ପ୍ରଧାନମନ୍ତ୍ରୀ। ଏଥିରେ ରାଜନୀତି ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକ ଅନ୍ୟତମ। ଏହିସବୁ ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବାର ସମ୍ଭାବନା ରହିଛି। ସେପଟେ ପାକ୍ ପ୍ରତିରକ୍ଷା ମନ୍ତ୍ରୀଙ୍କ ଆଉ ଏକ ବିସ୍ଫୋରକ ବୟାନ। ଏକ ଅନ୍ତର୍ଜାତୀୟ ନ୍ୟୁଜ୍ ଏଜେନ୍ସିକୁ ସାକ୍ଷାତକାରରେ ଖ୍ୱାଜା ଆସିଫ୍ କହିଛନ୍ତି, ଆଗାମୀ ଦୁଇ-ତିନି ବା ଚାରି ଦିନ ଭିତରେ ହୋଇପାରେ ଯୁଦ୍ଧ। ହାଇ ଆଲର୍ଟରେ ପାକିସ୍ତାନ। ଯୁଦ୍ଧ ପାଇଁ ମାନସିକ ଭାବେ ପ୍ରସ୍ତୁତ। ଅସ୍ତିତ୍ୱ ଉପରେ ବିପଦ ଆସିଲେ ବ୍ୟବହାର କରିବ ପରମାଣୁ ଅସ୍ତ୍ର। ଫରୱାର୍ଡ ବେସରେ ମୁତୟନ କଲେ ରାଡର। ସେପଟେ ବିଶ୍ୱ ମଞ୍ଚରେ ପୁଣି ବେଇଜ୍ଜତ ହେଲା ପାକିସ୍ତାନ। ମିଳିତ ଜାତିସଂଘରେ ଖୋଲିଲା ପୋଲ୍। ଭାରତର ଉପସ୍ଥାୟୀ ପ୍ରତିନିଧି ଯୋଜନା ପଟେଲ୍ ପାକିସ୍ତାନକୁ କହିଲେ ଆତଙ୍କୀଙ୍କୁ ଫଣ୍ଡିଂ କରୁଥିବା ଦୁଷ୍ଟ ଦେଶ। ପାକ୍ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫଙ୍କ ବୟାନ ପାଲଟିଛି ବଡ଼ ପ୍ରମାଣ।

ସେହିପରି ଭାରତର ଏୟାରଷ୍ଟ୍ରାଇକ୍ ଭୟରେ ପାକିସ୍ତାନୀ ସେନା ନିଜର ରାଡାର ସିଷ୍ଟମ ସିଆଲକୋଟ ସେକ୍ଟରର ଫରୱାର୍ଡ ଲୋକେସନରେ ମୁତୟନ କରିଛି। ଫିରୋଜପୁରକୁ ଲାଗି କରି ଥିବା ଅଞ୍ଚଳରେ ଭାରତର ଗତିବିଧିକୁ ଠାବ କରିବାକୁ ପାକିସ୍ତାନୀ ସୈନ୍ୟ ଇଲେକ୍ଟ୍ରୋନିକ୍ ୱାରଫେୟାରକୁ ବି ଫରୱାର୍ଡ ଲୋକେସନରେ ମୁତୟନ କରିଛି। ନିକଟରେ ପାକିସ୍ତାନ ଅନ୍ତର୍ଜାତୀୟ ସୀମାଠାରୁ ମାତ୍ର ୫୮ କିମି ଦୂରତାରେ ଥିବା ଚୋର କାଣ୍ଟନମେଣ୍ଟରେ ଟିପିଏସ୍-୭୭ ରାଡାର ମୁତୟନ କରିଥିଲା।

## ଜୁନ ପ୍ରଥମ ସପ୍ତାହରେ ସରିବ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ

**ଅଯୋଧ୍ୟା,୨୯।୪:** ଅଯୋଧ୍ୟାର ରାମ ମନ୍ଦିରର ନିର୍ମାଣ କାର୍ଯ୍ୟ ଆସନ୍ତା ଜୁନ ମାସ ପ୍ରଥମ ସପ୍ତାହ ସୁଦ୍ଧା ସଂପୂର୍ଣ୍ଣ ହେବ। ଜୁନ ୫ ସୁଦ୍ଧା ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହେବ ଓ ଏହାର ୧-୨ ଦିନ ସୁଦ୍ଧା ଲୋକମାନେ ନବନିର୍ମିତ ମନ୍ଦିରରେ ପ୍ରବେଶ କରିପାରିବେ ବୋଲି କହିଛନ୍ତି ଶ୍ରୀରାମ ମନ୍ଦିର ନିର୍ମାଣ କମିଟିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର। ଗଣମାଧ୍ୟମକୁ ସେ କହିଛନ୍ତି ଯେ ମନ୍ଦିରର ଶିଖର ନିର୍ମାଣ କାମ ସଂପୂର୍ଣ୍ଣ ହୋଇଛି ଓ ଆସନ୍ତା ମେ ମାସର ୨୧ରେ ମନ୍ଦିରରେ ଭାଗବାନ ରାମ, ସୀତା, ଭରତ, ଲକ୍ଷ୍ମଣ, ଶତ୍ରୁଘ୍ନ ଓ ହନୁମାନଜୀଙ୍କ ବିଗ୍ରହର ପ୍ରତିଷ୍ଠା ହେବ। ଜୁନ ୫ ସୁଦ୍ଧା ମନ୍ଦିର ନିର୍ମାଣ କାମ ସଂପୂର୍ଣ୍ଣ ହେବ। ସଂପୂର୍ଣ୍ଣ ମନ୍ଦିରକୁ ସର୍ବସାଧାରଣଙ୍କ ପାଇଁ ଜୁନ ୫ର ଦିନେ ଦୁଇଦିନ ମଧ୍ୟରେ ଖୋଲିଦିଆଯିବ। ଶ୍ରୀ ମିଶ୍ର କହିଛନ୍ତି ଯେ ମନ୍ଦିର ନିର୍ମାଣରେ କେବେବି ଅର୍ଥାଭାବ ହୋଇନଥିଲା। ସେହିପରି ମନ୍ଦିର ନିର୍ମାଣବେଳେ ବିଭିନ୍ନ ସମସ୍ୟା ଦେଖଦେଇଥିଲେ ବି ଦିବ୍ୟକୃପା ଯୋଗୁଁ ସମସ୍ତ ସମସ୍ୟା ଦୂରହୋଇଥିଲା। ସେ ଆହୁରି ମଧ୍ୟ କହିଛନ୍ତି ଯେ ଜୁନ ୫ର ଦିନେ ଦୁଇଦିନ ପରେ ରାମ ମନ୍ଦିର ପରିସରରେ ନିର୍ମିତ ମହର୍ଷି ବାଲ୍ମିକୀ, ମହର୍ଷି ବିଶ୍ୱାମିତ୍ର, ବଶିଷ୍ଟ, ଅହଲ୍ୟା, ନିଷାଦରାଜ, ସବରୀମାତା ଓ ଅଗସ୍ତ୍ୟା ମୁନିଙ୍କ ମନ୍ଦିରକୁ ଲୋକମାନେ ଯାଇପାରିବେ। ଜୁନ ୫ରେ ରାମ ଦରବାର ମନ୍ଦିରର ପୂଜା ହେବ। ଏହି ଅବସରରେ ଶ୍ରୀ ମିଶ୍ର କହିଛନ୍ତି ଯେ ମନ୍ଦିର ନିର୍ମାଣରେ କେବେବି ଅର୍ଥାଭାବ ହୋଇନଥିଲା। ସେହିପରି ମନ୍ଦିର ନିର୍ମାଣବେଳେ ବିଭିନ୍ନ ସମସ୍ୟା ଦେଖଦେଇଥିଲେ ବି ଦିବ୍ୟକୃପା ଯୋଗୁଁ ସମସ୍ତ ସମସ୍ୟା ଦୂରହୋଇଥିଲା।

## ଭୟଙ୍କର ସଡ଼କ ଦୁର୍ଘଟଣା, ସ୍ୱାମୀ-ସ୍ତ୍ରୀ ମୃତ

**ଲକ୍ଷ୍ନୌ, ୨୯।୪:** ଉତ୍ତରପ୍ରଦେଶରେ ମର୍ମନ୍ତୁଦ ସଡକ ଦୁର୍ଘଟଣା। ଦୁର୍ଘଟଣାରେ କାରଟି ଖଣ୍ଡ ଖଣ୍ଡ ହୋଇଯାଇଛି। କାରରେ ଉଭୟେ ସ୍ୱାମୀ-ସ୍ତ୍ରୀ ବାହାଘର ପାର୍ଟି ସାରି ସକାଳେ ଘରକୁ ଫେରୁଥିବା ସମୟରେ ଏପରି ଦୁର୍ଘଟଣା ଦେଖିବାକୁ ମିଳିଥିଲା। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତୁରନ୍ତ ସେମାନଙ୍କୁ ହସ୍ପିଟାଲ ପଠାଯାଇଥିଲା। ହସ୍ପିଟାଲରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପରେ ଉଭୟଙ୍କ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ମୃତକ ସ୍ୱାମୀ - ସ୍ତ୍ରୀ ହେଲେ ଅନିଲ କୁଶୱାହା(୩୦) ଏବଂ ବିନୀତା(୨୮)। ଝାନ୍ସୀ କାନପୁର ହାଇୱେ ସାମ୍ନାରେ ଥିବା ନାରାୟଣ ଢାବା ନିକଟରେ ଏପରି ଅଘଟଣ ଘଟିଛି। ଆଜି ସକାଳେ ପିଲାଙ୍କ ମାମୁଁ ବାହାଘରରେ ଯୋଗ ଦେବା ପାଇଁ ସ୍ୱାମୀ-ସ୍ତ୍ରୀ ତାଙ୍କର ୪ବର୍ଷର ଝିଅ ଓ ଅଢେଇ ବର୍ଷର ପୁଅ ଏବଂ ବିନୀତାଙ୍କ ମା'ଙ୍କୁ ଛାଡି ସେମାନେ ଗାଁକୁ ଫେରୁଥିଲେ। ସେହି ସମୟରେ ତାଙ୍କର ସ୍ୱିଫ୍ଟ କାରକୁ ଠିଆ ହୋଇଥିବା ଗାଡି ସହ ଧକ୍କା ଦେଇଥିଲେ। ପରେ କାରଟି ଖଣ୍ଡ ଖଣ୍ଡ ହୋଇଯାଇଥିଲା। ଏହା ଦେଖିବା ପରେ ସ୍ଥାନୀୟ ଅଞ୍ଚଳରେ ଉପସ୍ଥିତ ଥିବା ଲୋକ ପୋଲିସକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। କିନ୍ତୁ ଏତେ ଜୋରରେ ଧକ୍କା ହୋଇଥିଲା ଯେ, ସେମାନଙ୍କୁ ବାହାର କରିବା କଷ୍ଟକର ହୋଇପଡିଥିଲା। କିଛି ସମୟ ଅତିକ୍ରମ କରିଯିବା ପରେ ଫସି ରହିଥିବା ସ୍ୱାମୀ- ସ୍ତ୍ରୀଙ୍କୁ କାରରୁ ବାହାର କରି ସେମାନଙ୍କ ଚିକିତ୍ସା ପାଇଁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ।

## କଂଗ୍ରେସ ନେତାମାନଙ୍କୁ ପାକିସ୍ତାନ ପଠାଇ ଦିଅ: ଶିବସେନା ନେତା



**ମୁମ୍ବାଇ,୨୯।୪:** ଶିବସେନାର ଉପନେତା ଏବଂ ମୁଖପାତ୍ର ସଞ୍ଜୟ ନିରୁପମ କଂଗ୍ରେସ ଉପରେ ଅଭିଯୋଗ ଆଣିଛନ୍ତି। କଂଗ୍ରେସର ନାମ ପରିବର୍ତ୍ତନ କରି ପାକିସ୍ତାନ ନ୍ୟାସନାଲ କଂଗ୍ରେସ ରଖିବାକୁ ଦାବି କରିଛନ୍ତି। ମୁସଲିମ ଭୋଟ ପାଇଁ କଂଗ୍ରେସ ଭାରତ ବିରୋଧୀ ମନୋଭାବ ଗ୍ରହଣ କରୁଛି, ତେଣୁ ପାକିସ୍ତାନୀ ନାଗରିକଙ୍କ ସହିତ କଂଗ୍ରେସ ନେତାମାନଙ୍କୁ ମଧ୍ୟ ପାକିସ୍ତାନ ପଠାଇ ଦିଆଯିବା ଉଚିତ୍। ମଙ୍ଗଳବାର ଦିନ ସାମ୍ବାଦିକମାନଙ୍କ ସହ କଥାବାର୍ତ୍ତା ସମୟରେ ନିରୁପମ କହିଛନ୍ତି ଯେ, ପହଲଗାମ ଆତଙ୍କବାଦୀ ଆକ୍ରମଣରୁ ବଞ୍ଚିଯାଇଥିବା ଭାରତୀୟଙ୍କ ଉପରେ ସନ୍ଦେହ ପ୍ରକାଶ କରିଥିବା ଏବଂ ଲଜ୍ଜାଜନକ ମନ୍ତବ୍ୟ ଦେଇଥିବା ଦେଶ ବିରୋଧୀ କଂଗ୍ରେସ ନେତାମାନଙ୍କର ପର୍ଦ୍ଦାଫାସ ହୋଇଛି। ନିରୁପମ କହିଛନ୍ତି ଯେ, ଭାରତୀୟ ନାଗରିକଙ୍କ ମଧ୍ୟରେ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବାର ଭାବନା ଅଛି କିନ୍ତୁ ସମ୍ବେଦନହୀନ ମନ୍ତବ୍ୟ ଦେଇ କଂଗ୍ରେସ ନେତାମାନେ ପହଲଗାମ ଆକ୍ରମଣର ପୀଡିତଙ୍କ କ୍ଷତ ଉପରେ ଲୁଣ ଛିଞ୍ଚୁଛନ୍ତି । ନିରୁପମ ଆହୁରି କହିଛନ୍ତି, ସର୍ବଦଳୀୟ ନେତାଙ୍କ ବୈଠକରେ କଂଗ୍ରେସ ନେତାମାନେ ପାକିସ୍ତାନ ବିରୁଦ୍ଧରେ ସରକାରଙ୍କ ଭୂମିକାକୁ ପୂର୍ଣ୍ଣ ସମର୍ଥନ କରିଥିଲେ। କିନ୍ତୁ ପହଲଗାମ ଆକ୍ରମଣ ଉପରେ ବିଭିନ୍ନ ରାଜ୍ୟର କଂଗ୍ରେସ ନେତାମାନେ ରାଜନୀତି କରୁଛନ୍ତି। ଆତଙ୍କବାଦୀଙ୍କ ସମର୍ଥନରେ କଂଗ୍ରେସ ନେତାମାନେ ନିରନ୍ତର ଲଜ୍ଜାଜନକ ମନ୍ତବ୍ୟ ଦେଉଛନ୍ତି। ନିରୁପମ କହିଛନ୍ତି, ପର୍ଯ୍ୟଟକଙ୍କୁ ଚିହ୍ନଟ କରାଯିବା, ସେମାନଙ୍କ ଧର୍ମ ବିଷୟରେ ପଚାରିବା ଏବଂ ତା'ପରେ ଗୁଳି ଚାଳନା କରାଯିବା ଘଟଣାରେ କଂଗ୍ରେସର ଜ୍ୱାଇଁ ରବର୍ଟ ଭଦ୍ରା କହିଥିଲେ ଯେ, ଭାରତରେ ମୁସଲମାନମାନଙ୍କୁ ନମାଜ ପାଠ କରିବାର ଅନୁମତି ନାହିଁ। ରାସ୍ତାରେ ଟ୍ରାଫିକ୍ ଜାମ୍ ଯୋଗୁ ସେମାନଙ୍କୁ ନମାଜ ପାଠ କରିବାରେ ବାଧା ମିଳୁଛି। ଏହି କାରଣରୁ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ। ଏପରି ଏକ ଅଜବ ଏବଂ ଅବାନ୍ତର ବକ୍ତବ୍ୟ ଦିଆଯାଇଛି। ନିରୁପମ କହିଛନ୍ତି, ପାକିସ୍ତାନୀ ନ୍ୟୁଜ୍ ଚ୍ୟାନେଲଗୁଡ଼ିକର ଆଲୋଚନା ଅଧିବେଶନରେ, ପାକିସ୍ତାନୀ ଲୋକମାନେ ଏହି ଆତଙ୍କବାଦୀ ଆକ୍ରମଣ ଉପରେ ପ୍ରତିକ୍ରିୟା ଦେବା ସହିତ କଂଗ୍ରେସ ସହିତ ଥିବାର ବିବୃତି ଦେଇଛନ୍ତି। କଂଗ୍ରେସର ପାକିସ୍ତାନ ସମର୍ଥକ ଭୂମିକା ଯୋଗୁ ପାକିସ୍ତାନକୁ ଅନ୍ତର୍ଜାତୀୟ ସ୍ତରରେ କ୍ଲିନ୍ ଚିଟ୍ ମିଳୁଛି। ଏପରି ଦାବି କରି ନିରୁପମ କହିଛନ୍ତି ଯେ, ଯେଉଁ କଂଗ୍ରେସର କାରଣରୁ ଦେଶ ସ୍ୱାଧୀନତା ପାଇଥିଲା ସେହି କଂଗ୍ରେସର ନେତାମାନେ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଏବଂ ଆତଙ୍କବାଦକୁ ସମର୍ଥନ କରି ମନ୍ତବ୍ୟ ଦେଉଛନ୍ତି। ଏହା ଅତ୍ୟନ୍ତ ନିନ୍ଦନୀୟ।



## ରେଷ୍ଟୁରାଣ୍ଟରେ ଭୟଙ୍କର ଅଗ୍ନିକାଣ୍ଡ, ୨୨ ଜୀବନ୍ତ ଦଗ୍ଧ

**ବେଜିଂ,୨୯।୪:** ଚୀନର ଲିୟାଓନିଂରେ ଏକ ରେଷ୍ଟୁରାଣ୍ଟରେ ନିଆଁ ଲାଗିବା ଯୋଗୁଁ ୨୨ ଜଣଙ୍କ ଜୀବନ ଚାଲିଯାଇଛି। ନିଆଁ ଲାଗିବା ଯୋଗୁଁ ଅତିକମରେ ୩ ଜଣ ଆହତ ହୋଇଛନ୍ତି। ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡିନାହିଁ। ନିଆଁ ଲାଗିବା ଯୋଗୁଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଥିଲା। ରେଷ୍ଟୁରାଣ୍ଟର ଝରକା ଏବଂ କବାଟରୁ ନିଆଁ ବାହାରୁଥିବା ଦେଖି ଅଗ୍ନିଶମ ଟିମକୁ ଖବର ଦିଆଯାଇଥିଲା। ଅଗ୍ନିଶମ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରୁଛି। ତେବେ ଆଗକୁ ମୃତକଙ୍କ ସଂଖ୍ୟା ବଢିପାରେ ବୋଲି ଅନୁମାନ କରାଯାଉଛି। ନିଆଁ ଲାଗିବା ପରେ ରେଷ୍ଟୁରାଣ୍ଟ ପାଖରେ ଥିବା ବିଲ୍ଡିଂକୁ ଖାଲି କରାଯାଇଛି। ତେବେ ନିଆଁ ପ୍ରଥମେ ରେଷ୍ଟୁରାଣ୍ଟର କିଚେନରେ ଲାଗିଥିବା କୁହାଯାଉଛି।

## ନକ୍ସଲ ପ୍ରଭାବିତ ଅଞ୍ଚଳରେ ବସିଲା ମୋବାଇଲ୍ ଟାୱାର୍

**ମାଲକାନଗିରି,୨୯।୪:** ସୀମାନ୍ତ ଛତିଶଗଡ଼ର ନକ୍ସଲ ପ୍ରବଣ ଜିଲ୍ଲାରେ ଆଜି ବି ମୋବାଇଲ ଟାୱର ବ୍ୟବସ୍ଥା ନଥିଲା। ନକ୍ସଲଙ୍କର ତାଗିଦ ଯୋଗୁଁ ଲୋକେ ମୋବାଇଲ ଧରିବାକୁ ଭୟ କରୁଥିଲେ। ବିଜାପୁର ଜିଲ୍ଲାର ଉସୁର ଥାନା ଅନ୍ତର୍ଗତ ଗୁଞ୍ଜେପର୍ତ୍ତି ଗ୍ରାମରେ ସୋମବାର ଦିନ ଏକ ମୋବାଇଲ ଟାୱର ସ୍ଥାପନ କରାଯାଇଛି। ଏହି ଅଂଚଳରେ ନକ୍ସଲ ନିଜର ପତିଆରା ବଢାଉଥିବା ବେଳେ ଲୋକଙ୍କୁ ଅତି କଦର୍ଯ୍ୟ ଭାବେ ହତ୍ୟା କରି ଚାଲିଥିଲେ। ଏଠାରେ ଜିଓ ଟାବାର ବସିବା ପରେ ଏହି ଅଂଚଳର ଦଶ ଖଣ୍ଡ ଗ୍ରାମର ଲୋକେ ଉପକୃତ ହେବେ ବୋଲି କୁହାଯାଇଛି। ନକ୍ସଲଙ୍କୁ ପ୍ରତିହତ କରିବା ପାଇଁ ଏହି ଟାୱର ବେଶ କାର୍ଯ୍ୟ କରିବ ବୋଲି କୁହାଯାଇଛି। ଏହି ଅଂଚଳରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଲୋକଙ୍କୁ ସୁରକ୍ଷା ପ୍ରଦାନ କରାଯାଉଛି। ନକ୍ସଲ ଏଠାରୁ ବିତାଡିତ ହେବା ସହ ନିଜର ସ୍ଥିତି ଏବେ ଖୋଜୁଛନ୍ତି। ସରକାରଙ୍କର ଲଗାତାର ଅପରେସନରେ ନକ୍ସଲ ସଂଗଠନ ଭୁଶୁଡ଼ି ଯାଇଛି। ଏହି ଅଂଚଳର ଲୋକେ ମୋବାଇଲରେ ନିଜର ପିଲାଙ୍କୁ ପାଠ ପଢାଇବା ସହଯୋଗ କରାଇପାରିବେ ବୋଲି କହିଛନ୍ତି। ମୋବାଇଲ ସେବା ଯୋଗୁଁ ଦୁନିଆ ଏବେ ଏହି ଦୁର୍ଗମ ଅଂଚଳର ଲୋକଙ୍କ ହାତ ପାହାନ୍ତାରେ ଆସିଥିବା କୁହାଯାଇଛି।



## ସ୍ପାଇୱେୟାର ବ୍ୟବହାରକୁ ସୁପ୍ରିମ୍‌କୋର୍ଟଙ୍କ ପରୋକ୍ଷ ଅନୁମତି

### ନାଗରିକ ସମାଜ ସଦସ୍ୟଙ୍କ ବି ଗୋପନୀୟତା ଅଧିକାର ରହିଛି

**ନୂଆଦିଲ୍ଲୀ, ୨୯।୪:** ଯଦି କୌଣସି ଦେଶ ସ୍ପାଇୱେୟାର ବ୍ୟବହାର କରୁଛି ତେବେ ଭୁଲ କ'ଣ? ସ୍ପାଇୱେୟାର ରଖିବା ଭୁଲ ନୁହେଁ, କିନ୍ତୁ ଆପଣ ଏହାକୁ କାହା ବିରୋଧରେ ବ୍ୟବହାର କରୁଛନ୍ତି ତାହା ହେଉଛି ପ୍ରଶ୍ନ । ଦେଶର ସୁରକ୍ଷାକୁ ଆପଣ ବଳି ଦେଇପାରିବେ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ପେଗାସସ୍ ପ୍ରସଙ୍ଗରେ ଏକାଧିକ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ମଙ୍ଗଳବାର କହିଛନ୍ତି ଯେ ସୁରକ୍ଷା ଉଦ୍ଦେଶ୍ୟରେ କୌଣସି ଦେଶ ସ୍ପାଇୱେୟାର ବ୍ୟବହାର କରିବାରେ କିଛି ଭୁଲ୍ ନାହିଁ, କିନ୍ତୁ ନାଗରିକ ସମାଜର ସଦସ୍ୟମାନଙ୍କର ଗୋପନୀୟତାର ଅଧିକାର ଅଛି ଯାହା ସମ୍ବିଧାନ ଦ୍ୱାରା ସୁରକ୍ଷିତ। ଯଦି କୌଣସି ଦେଶ ସ୍ପାଇୱେୟାର ବ୍ୟବହାର କରୁଛି ତେବେ ଭୁଲ କ'ଣ? ସ୍ପାଇୱେୟାର ରଖିବା ଭୁଲ ନୁହେଁ, କିନ୍ତୁ ଆପଣ ଏହାକୁ କାହା ବିରୋଧରେ ବ୍ୟବହାର କରୁଛନ୍ତି ତାହା ପ୍ରଶ୍ନ । ଦେଶର ସୁରକ୍ଷାକୁ ବଳି ଦେଇପାରିବେ ନାହିଁ ବୋଲି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଏନ୍ କୋଟିଶ୍ୱର ସିଂହଙ୍କୁ ନେଇ ଗଠିତ ଦୁଇ ଜଣିଆ ଖଣ୍ଡପୀଠ କହିଛନ୍ତି। ସାମ୍ବାଦିକ, ବିଚାରପତି, ସାମାଜିକ କର୍ମୀ, ରାଜନେତା ଏବଂ ଅନ୍ୟମାନଙ୍କ ବିରୋଧରେ ଗୁଇନ୍ଦାଗିରି ପାଇଁ



ସରକାର ଇସ୍ରାଏଲ ସଫ୍ଟୱେର ପେଗାସସ୍ ବ୍ୟବହାର କରିଥିବା ଅଭିଯୋଗର ବିସ୍ତୃତ ତଦନ୍ତ ପାଇଁ ହୋଇଥିବା ଏକାଧିକ ଆବେଦନର ଶୁଣାଣି କରି ସର୍ବୋଚ୍ଚ ଅଦାଲତ ଏହା କହିଛନ୍ତି। ଆବେଦନକାରୀଙ୍କ ଜଣେ ଓକିଲ ଖଣ୍ଡପୀଠଙ୍କୁ କହିଥିଲେ ଯେ ଏହି ମାମଲାର ମୂଳ ପ୍ରସଙ୍ଗ ହେଉଛି ସରକାରଙ୍କ ପାଖରେ ପେଗାସସ୍ ସ୍ପାଇୱେୟାର ଅଛି କି ନାହିଁ ଏବଂ ଏହାକୁ ବ୍ୟବହାର କରୁଛନ୍ତି କି ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ଆତଙ୍କବାଦୀମାନେ ଗୋପନୀୟତା ଅଧିକାର ଦାବି କରିପାରିବେ ନାହିଁ। ଏହାର ଶୁଣାଣି କରି ଖଣ୍ଡପୀଠ କହିଛନ୍ତି, ଗୋପନୀୟତା ଅଧିକାର ଥିବା ଜଣେ ନାଗରିକ ବ୍ୟକ୍ତିଙ୍କୁ ସମ୍ବିଧାନ ଅନୁଯାୟୀ ସୁରକ୍ଷିତ ରଖାଯିବ।

ବରିଷ୍ଠ ସାମ୍ବାଦିକ ଏନ୍ ରାମ ଓ ଶଶୀ କୁମାର, ସିପିଆଇ(ଏମ୍)ର ରାଜ୍ୟସଭା ସାଂସଦ ଜନ୍ ବ୍ରିଟାସ୍, ଆଇନଜୀବୀ ମନୋହର ଲାଲ୍ ଶର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶବନ୍ତ ସିହ୍ନା ଏବଂ ଆର୍ଏସ୍ଏସ୍ ବିଚାରକ କେଏନ୍ ଗୋବିନ୍ଦାଚାର୍ଯ୍ୟଙ୍କ ପକ୍ଷରୁ ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ପିଟିସନ୍ ଦାଖଲ କରାଯାଇଥିଲା। ଏହି ଗୁପ୍ତଚର ଘଟଣାର ତଦନ୍ତ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଜଣେ କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ତଦନ୍ତ କରିବାକୁ ଆବେଦନରେ ଦାବି କରାଯାଇଥିଲା। ପିଟିସନରେ ଦର୍ଶାଯାଇଥିଲା ଯେ ସାମରିକ ଗ୍ରେଡ୍ ସ୍ପାଇୱେୟାର ବ୍ୟବହାର କରି ଟାର୍ଗେଟ୍ ସର୍ଭିଲାନ୍ସ ଗୋପନୀୟତା ଅଧିକାରର ଏକ ଅଗ୍ରହଣୀୟ ଉଲ୍ଲଂଘନ ଯାହାକୁ କେଏସ ପୁଟ୍ଟାସ୍ୱାମୀ ମାମଲାରେ ସୁପ୍ରିମ୍ କୋର୍ଟ ଧାରା ୧୪ (ଆଇନ ଆଗରେ ସମାନତାର ମୌଳିକ ଅଧିକାର ଏବଂ ଆଇନର ସମାନ ସୁରକ୍ଷା), ୧୯ (ବାକ୍ ସ୍ୱାଧୀନତା ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ଅଧିକାରର ସୁରକ୍ଷା ଇତ୍ୟାଦି) ଏବଂ ୨୧ (ଜୀବନ ଏବଂ ବ୍ୟକ୍ତିଗତ ସ୍ୱାଧୀନତାର ସୁରକ୍ଷା) ଅନୁଯାୟୀ ଏକ ମୌଳିକ ଅଧିକାର ବୋଲି ଦର୍ଶାଇଛନ୍ତି। ରାଜନେତା, ସାମାଜିକ କର୍ମୀ ଓ ସାମ୍ବାଦିକଙ୍କ ଫୋନ୍ ଯାଞ୍ଚ ପାଇଁ ପେଗାସସ୍ ସ୍ପାଇୱେୟାର ବ୍ୟବହାର ନେଇ ସର୍ବୋଚ୍ଚ ନ୍ୟାୟାଳୟ ଏକ ବୈଷୟିକ କମିଟି ଓ ତଦାରଖ କମିଟି ଗଠନ କରିଥିଲେ। ବୈଷୟିକ କମିଟିର କାର୍ଯ୍ୟତଦାରଖ ପାଇଁ ଗଠିତ ଏହି କମିଟିରେ ଅବସରପ୍ରାପ୍ତ ଜଷ୍ଟିସ ଆରଭି ରବୀନ୍ଦ୍ରନ ଥିଲେ ଏବଂ ଏଥିରେ ପୂର୍ବତନ ଆଇପିଏସ୍ ଅଧିକାରୀ ଆଲୋକ ଯୋଶୀ ଏବଂ ସାଇବର ସୁରକ୍ଷା ବିଶେଷଜ୍ଞ ଡାକ୍ତର ସନ୍ଦୀପ ଓବରୟ ମଧ୍ୟ ସାମିଲ ଥିଲେ।

# ବଢ଼ିବ ଆଇପିଏଲ କଳେବର, ଖେଳାଯିବ ୯୪ ମ୍ୟାଚ୍

**ନୂଆଦିଲ୍ଲୀ, ୨୯।୪:** ବଢ଼ିବ ଆଇପିଏଲ କଳେବର। ମ୍ୟାଚ୍ ସଂଖ୍ୟା ୭୪ରୁ ବୃଦ୍ଧି ହୋଇ ୯୪ ହେବ। ଏ ବିଷୟରେ ସୂଚନା ଦେଇଛନ୍ତି ଆଇପିଏଲ ଅଧକ୍ଷ ଅରୁଣ ଧୂମାଲ। ବିସିସିଆଇ ଏ ବିଷୟରେ ଯୋଜନା କରୁଛି। ନୂଆ ଗଣମାଧମ ଅଧିକାର ଚକ୍ରରୁ ଏହା ଲାଗୁ ହେବ। ଅର୍ଥାତ ବର୍ତ୍ତମାନର ପ୍ରସାରଣ ଅଧିକାର ପାଇଥିବା ଡିଜନୀ ଷ୍ଟାର ଓ ଭାଏକମ-୧୮ର ଚୁକ୍ତି ୨୦୨୭ରେ ପୂରଣ ହେବ। ୨୦୨୮ରେ ନୂଆ ପ୍ରସାରଣ ଅଧିକାର ପାଇଁ ନିଲାମ ହେବ। ସେତେବେଳେ ମ୍ୟାଚ୍ ସଂଖ୍ୟା ୯୪କୁ ବୃଦ୍ଧି କରାଯିବ।

ଆଇପିଏଲ୍ ଅଧକ୍ଷ ଧୂମାଲ କହିଛନ୍ତି, 'ପୂର୍ବରୁ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରାଯିବା ବିଷୟରେ ବିସିସିଆଇ ବୈଠକରେ ବହୁ ଥର ଆଲୋଚନା ହୋଇଛି। ୨୦୨୮ରୁ ୯୪ ମ୍ୟାଚ୍ ଖେଳାଯିବା ନେଇ ଯୋଜନା ହେଉଛି। ଏ ବିଷୟରେ ଆଇସିସି ସହ ମଧ କଥାବାର୍ତ୍ତା ଚାଲିଛି। ଫ୍ରାଞ୍ଚାଇଜ, ବିଜ୍ଞାପନଦାତା, ପ୍ରସାରଣ ଏବଂ ପ୍ରଶଂସକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ। ଆଇସିସି ଇଭେଣ୍ଟ ଏବଂ ଦ୍ୱିପାକ୍ଷିକ ସିରିଜକୁ ଗୁରୁତ୍ୱ ଦେଇ ମ୍ୟାଚର ସଂଖ୍ୟା ବୃଦ୍ଧି ହେବ। ଚଳିତ ସଂସ୍କରଣରେ ୧୦ଟି ମ୍ୟାଚ୍ ବୃଦ୍ଧି କରାଯିବା ନେଇ ଯୋଜନା ଥିଲା। କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ଯଦି ଟୁର୍ଣ୍ଣାମେଣ୍ଟରେ ୯୪ଟି ମ୍ୟାଚ୍ ଖେଳାଯାଉଛି ତେବେ ପ୍ରତ୍ୟେକ ଦଳ ଘରୋଇ ଭେନ୍ୟୁ ଓ ଘରୋଇ ଭେନ୍ୟୁ ବାହାରେ ସମାନ ଦଳ ବିପକ୍ଷରେ ଖେଳିବାର ସୁଯୋଗ ପାଇବେ।'

ସେ ଆହୁରି ମଧ କହିଛନ୍ତି, 'ଦଳ ସଂଖ୍ୟା ବୃଦ୍ଧି କରାଯିବାର କୌଣସି ଯୋଜନା ନାହିଁ। ଏବେ ଅନ୍ତର୍ଜାତୀୟ ସୂଚୀ ବେଶ ବ୍ୟସ୍ତବହୁଳ ରହିଛି। ତେଣୁ ସବୁଦିଗକୁ ଦୃଷ୍ଟି ଦେଇ ବିଚାର ବିମର୍ଶ ଚାଲିଛି। ବର୍ଷକୁ ବର୍ଷ ଆଇପିଏଲର ଲୋକପ୍ରିୟତା ବଢ଼ି ବଢ଼ି ଚାଲିଛି।




ଇତିମଧରେ ୧୮ତମ ସଂସ୍କରଣ ଅଧା ହେବାକୁ ବସିଲାଣି। ଦର୍ଶକ ଓ ପ୍ରଶଂସକଙ୍କ ଆଗ୍ରହକୁ ଦେଖି ସବୁ କିଛି କରାଯାଉଛି।' ଯଦି ଆଇପିଏଲରେ ମ୍ୟାଚ୍ ସଂଖ୍ୟା ବଢ଼େ ତେବେ ଦିନ ସଂଖ୍ୟା ମଧ ବୃଦ୍ଧି ପାଇବ। ଯାହା ଆଶା କରାଯାଉଛି ଦିନ ବଢ଼ିଲେ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ମଧଭାଗରୁ ଆରମ୍ଭ ହୋଇ ମେ' ଶେଷ ପର୍ଯ୍ୟନ୍ତ ଚାଲିବ। ୨୦୦୮ରେ ଆଇପିଏଲ ଆରମ୍ଭ ହୋଇଥିଲା। ୮ଟି ଦଳ ୫୯ ମ୍ୟାଚ୍ ୪୪ ଦିନରେ ଖେଳିଥିଲେ। ୧୫ଟି ଡବଲ ହେଡର ମ୍ୟାଚ୍ ଥିଲା। ୨୦୨୨ରୁ ଦଳ ସଂଖ୍ୟା ୧୦ ହେବା ପରେ ୭୪ଟି ମ୍ୟାଚ୍ ଖେଳାଯାଉଛି। ଦିନ ସଂଖ୍ୟା ୬୦ରୁ ୬୫ ଦିନ ମଧରେ ସୀମିତ ରହିଛି। ୨୦୨୨ରେ ଡିଜନୀ ଷ୍ଟାର ଏବଂ ଭାଏକମ-୧୮ ଟେଲିଭିଜନ ଓ ଡିଜିଟାଲ ପ୍ରସାରଣ ଅଧିକାର ଜିତିଥିଲେ। ୫ ବର୍ଷକୁ ସେମାନେ ୪୮, ୩୯୦ କୋଟି ଟଙ୍କା ପ୍ରଦାନ କରିବେ। ୨୦୨୭ରେ ସେମାନଙ୍କର ଚୁକ୍ତି ପୂରଣ ହେବ।



# ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ବ୍ୟାଟିଂରେ ଫିଦା ମାଷ୍ଟର ବ୍ଲାଷ୍ଟର

**ନୂଆଦିଲ୍ଲୀ ୨୯।୪:** ଆଇପିଏଲ ୨୦୨୫ର ୪୭ତମ ମ୍ୟାଚ୍‌ରେ, ଜୟପୁରରେ ହୋଇଥିଲା ରନ୍ ବର୍ଷା। ରାଜସ୍ଥାନ ରୟାଲ୍ସର ୧୪ ବର୍ଷୀୟ ଓପନର ବ୍ୟାଟସମ୍ୟାନ୍ ଆଇପିଏଲ ଇତିହାସରେ ଦ୍ୱିତୀୟ ଦ୍ରୁତତମ ଶତକ ହାସଲ କରି ଗୁଜରାଟ ଟାଇଟାନ୍ସର ବଡ଼ ସ୍କୋରକୁ ପଛରେ ପକାଇ ଦେଇଛନ୍ତି। ପ୍ରଥମେ ବ୍ୟାଟିଂ କରି ଗୁଜରାଟ ଟାଇଟାନ୍ସ ୨୦ ଓଭରରେ ୪ ୱିକେଟ୍ ହରାଇ ୨୦୯ ରନ୍ କରିଥିଲା।



ଟାର୍ଗେଟର ପିଛା କରି, ରାଜସ୍ଥାନ ରୟାଲ୍ସ ୨୫ ବଲ୍ ବାକି ଥାଇ ୮ ୱିକେଟରେ ମ୍ୟାଚ୍ ଜିତି ନେଇଥିଲା। ଏହି ମ୍ୟାଚ୍‌ର ହିରୋ ଥିଲେ ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ। ଯିଏ ବିସ୍ଫୋରକ ଶତକ ମାରି ଗୁଜରାଟ ଟାଇଟାନ୍ସକୁ ମାଟି କାମୁଡିବାକୁ ବାଧ କରିଥିଲେ। ତେବେ ବୈଭବଙ୍କ ଖେଳରେ ଫିଦା ହୋଇଯାଇଛନ୍ତି ଅନେକ କ୍ରିକେଟର। ଖାସ୍ କରି ମାଷ୍ଟର ବ୍ଲାଷ୍ଟର ସଚିନ ତେନ୍ଦୁଲକର ମଧ ବୈଭବଙ୍କ ଏହି ଚମତ୍କାର ଇନିଂସକୁ ପ୍ରଶଂସା କରିଛନ୍ତି। ମହାନ ବ୍ୟାଟସମ୍ୟାନ ସଚିନ ତେନ୍ଦୁଲକର ବୈଭବ ସୂର୍ଯ୍ୟବଂଶୀଙ୍କୁ ପ୍ରଶଂସା କରିବାରୁ ନିଜକୁ ରୋକିପାରିଲେ ନାହିଁ। ବୈଭବଙ୍କ ଇନିଂସର ଭିଡିଓ ସେୟାର କରିବା ସମୟରେ ସେ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଲେଖିଛନ୍ତି, "ବୈଭବଙ୍କ ନିର୍ଭୀକ ଆଭିମୁଖ୍ୟ, ବ୍ୟାଟ୍ ଗତି, ବଲ୍‌ର ଲେନ୍ଥକୁ ଶୀଘ୍ର ବୁଝିବାର କ୍ଷମତା ରହିଛି। ବଲ୍‌ର ଶକ୍ତି ସ୍ଥାନାନ୍ତର କରିବାର କ୍ଷମତା ହେଉଛି ତାଙ୍କ ଚମତ୍କାର ଇନିଂସର ରହସ୍ୟ। ଶେଷରେ, ଫଳାଫଳ ୩୫ବଲ୍ ରେ ୧୦୧ ମହାନ ପାଳି ଖେଳିଥିଲେ। ରାଜସ୍ଥାନ ରୟାଲ୍ସ ଏହି ଓପନରଙ୍କୁ ୧ କୋଟି ୧୦ ଲକ୍ଷ ଟଙ୍କାରେ କିଣିଥିଲା ଦଳ। ବୈଭବ ସେହି ବିଶ୍ୱାସକୁ ପୂରଣ କଲେ ଏବଂ ଗୁଜରାଟ ଟାଇଟାନ୍ସ ବିପକ୍ଷରେ ୩୫ ବଲ୍‌ରେ ୧୦୧ ରନ୍‌ର ଏକ ଚମତ୍କାର ଇନିଂସ ଖେଳିଲେ। ତାଙ୍କ ଇନିଂସରେ ୭ଟି ଚୌକା ଏବଂ ୧୧ଟି ଛକା ଅନ୍ତର୍ଭୁକ୍ତ ଥିଲା। ତାଙ୍କର ଷ୍ଟ୍ରାଇକ୍ ରେଟ୍ ଥିଲା ୨୬୫.୭୯। ବୈଭବଙ୍କ ଏହି ଇନିଂସ ଯୋଗୁଁ ରାଜସ୍ଥାନ ମାତ୍ର ୧୫ ଓଭର ଏବଂ ୫ ବଲ୍ ମଧ୍ୟରେ ୨୧୦ ରନର ଟାର୍ଗେଟ ହାସଲ କରିଥିଲା। ତାଙ୍କର ଚମତ୍କାର ପ୍ରଦର୍ଶନ ପାଇଁ ସେ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ମଧ ପାଇଥିଲେ।

ବୈଭବ ସୂର୍ଯ୍ୟବଂଶୀଙ୍କ ବୟସ ବର୍ତ୍ତମାନ ୧୪ ବର୍ଷ ୩୨ ଦିନ, କିନ୍ତୁ ସେ ୟୁସୁଫ ପଠାନଙ୍କ ୧୫ ବର୍ଷର ପୁରୁଣା ରେକର୍ଡ ଭାଙ୍ଗିଛନ୍ତି। ବୈଭବ ଆଇପିଏଲରେ ଦ୍ରୁତତମ ଶତକ ହାସଲ କରିବାରେ ପ୍ରଥମ ଭାରତୀୟ ହୋଇଛନ୍ତି। ୨୦୧୦ ମସିହାରେ, ଅର୍ଥାତ୍ ବୈଭବଙ୍କ ଜନ୍ମ ପୂର୍ବରୁ, ୟୁସୁଫ ପଠାନ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୩୫ ବଲ୍‌ରେ ଶତକ ହାସଲ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ଦ୍ରୁତତମ ଶତକ ହାସଲ କରିଥିବା ପ୍ରଥମ ଭାରତୀୟ ହୋଇଥିଲେ। ତାଙ୍କ ରେକର୍ଡକୁ ବୈଭବ ସୂର୍ଯ୍ୟବଂଶୀ ୨୦୨୫ ମସିହାରେ ଭାଙ୍ଗିଥିଲେ। ମୋଟାମୋଟି ଭାବରେ, IPLରେ ଦ୍ରୁତତମ ଶତକ ହାସଲ କରିବାର ରେକର୍ଡ କ୍ରିସ୍ ଗେଲଙ୍କ ନାମରେ ଅଛି। ଯିଏ ୨୦୧୩ ମସିହାରେ ପୁନେ ୱାରିୟର୍ସ ବିପକ୍ଷରେ ୩୦ ବଲ୍ ରେ ଶତକ ହାସଲ କରିଥିଲେ।

## କୋଚ୍‌ଙ୍କୁ ବିଧ୍ୱଂସୀ ବୈଭବଙ୍କ ପ୍ରତିଶ୍ରୁତି

# ସାର୍ ଆଜି ଏକ ବଡ଼ ପାଳି ଖେଳିବି




**ନୂଆଦିଲ୍ଲୀ, ୨୯।୪:** ରାଜସ୍ଥାନ ରୟାଲ୍ସର ୧୪ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ନାମ ଏବେ ସବୁ କ୍ରିକେଟ ଫ୍ୟାନ ଜାଣି ସାରିଛନ୍ତି। ଟି-୨୦ କ୍ରିକେଟରେ ସର୍ବକନିଷ୍ଠ ଦ୍ରୁତତମ ଶତକହାସଲକାରୀ ହୋଇଛନ୍ତି। ଗୁଜରାଟ ଟାଇଟନ୍ସ ବିପକ୍ଷରେ ଧୂଆଁଧାର ଇନିଂସ ଖେଳିଥିଲେ ବୈଭବ। ୩୫ ବଲରେ ଶତକ ହାସଲ କରିଥିଲେ। ସେଥିରେ ୧୧ ଛକା, ୭ ଚୌକା ସାମିଲ ଥିଲା। ମ୍ୟାଚ ପୂର୍ବରୁ ସେ ସକାଳେ ତାଙ୍କ କୋଚଙ୍କ ସହିତ କଥା ହୋଇଥିଲେ। ତାଙ୍କୁ କହିଥିଲେ ଆଜି ଏକ ବଡ଼ ପାଳି ଖେଳିବି। ଆଉ ତାହା ସତ ହେଲା। ଜୟପୁରର ସୱାଇ ମାନସିଂ ଷ୍ଟାଡିୟମରେ ବୈଭବ ବିସ୍ଫୋରଣ ଦେଖିବାକୁ ମିଳିଥିଲା। ଏକ ଐତିହାସିକ ଇନିଂସ ଖେଳିଥିଲେ ବୈଭବ ଯାହାକୁ କେହି ଭୁଲିପାରିବେ ନାହିଁ।

'ସାର୍ ମୁଁ ମାରିବି'- ଗୁଜରାଟ ବିପକ୍ଷ ମ୍ୟାଚ ପୂର୍ବରୁ ବୈଭବ ସୂର୍ଯ୍ୟବଂଶୀ ତାଙ୍କ କୋଚ୍ ମନୀଷ ଓଝାଙ୍କ ସହିତ କଥା ହୋଇଥିଲେ। ତାଙ୍କୁ କହିଥିଲେ, 'ସାର୍ ଆଜି ମୁଁ ମାରିବି। ବଡ଼ ଇନିଂସ ଖେଳିବି।' ଉତ୍ତରରେ ତାଙ୍କ କୋଚ୍ କହିଥିଲେ, ମାରିବ, ହେଲେ ୱିକେଟ ହରାଇବନି। ଦେଖିତାହିଁ ଖେଳିବ ଯସ୍ୱସୀଙ୍କ ସହିତ କଥା ହେବ।'' ଆଉ ତାହା ହିଁ ହେଲା। ଗ୍ରାଉଣ୍ଡରେ ବୈଭବ ବିସ୍ଫୋରଣ ଦେଖିବାକୁ ମିଳିଥିଲା। ଗୁଜରାଟ ବୋଲରଙ୍କୁ ନିର୍ଦ୍ଧୁମ ପିଟିଥିଲେ। ସାମ୍ନାରେ ମହମ୍ମଦ ସିରାଜ, ଇଶାନ୍ତ ଶର୍ମାଙ୍କ ପରି ଦକ୍ଷ ବୋଲର ଥିଲେ। ହେଲେ କାହାକୁ ଡରି ନଥିଲେ ସୂର୍ଯ୍ୟବଂଶୀ। ଶତକବୀର ବୈଭବ ୧୧ ଛକା ୭ ଚୌକା ମାରିଥିଲେ। ଆଇପିଏଲରେ ପ୍ରଥମ ଭାରତୀୟ ଭାବେ ୨୦୧୦ରେ ଦ୍ରୁତତମ ଶତକ ହାସଲ କରି ୟୁସୁଫ୍ ପଠାନଙ୍କ ରେକର୍ଡକୁ ଭାଙ୍ଗି କିର୍ତ୍ତୀମାନ ସ୍ଥାପନ କରିଛନ୍ତି। ୧୦୧ ରନର ଧୂଆଁଧାର ଇନିଂସ ଖେଳିଥିବା ବୈଭବ ପ୍ଲେୟାର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନେକ ପ୍ରତିଭାବାନ ଖେଳାଳି ତିଆରି କରିଥିବା ଆଇପିଏଲରେ ଆଜି ଆଉ ଜଣେ ଯୁବ ବ୍ୟାଟିଂ ବିସ୍ମୟଙ୍କ ଆବିର୍ଭାବ ହୋଇଛି। ସେ ହେଉଛନ୍ତି ବୈଭବ ସୂର୍ଯ୍ୟବଂଶୀ। ମାତ୍ର ୧୪ ବର୍ଷ ୩୨ ଦିନ ବୟସରେ ସେ କନିଷ୍ଠ ଖେଳାଳି ଭାବେ ଦ୍ରୁତତମ ଶତକ ରେକର୍ଡ ଭାଙ୍ଗିଛନ୍ତି। ଭାରତୀୟ କ୍ରିକେଟର ଆଗାମୀ ଭବିଷ୍ୟତ ଭାବେ ଉଭା ହୋଇଛନ୍ତି। ତାଙ୍କ ବ୍ୟାଂଟି ବଳରେ ରାଜସ୍ଥାନ ରୟାଲ୍ସ ବିଜୟ ଧାରାକୁ ଫେରିଛି। ଦଳର ପ୍ଲେ ଅଫ୍ ଆଶା ଉଜ୍ଜୀବିତ ହୋଇଛି।

## ଆଫ୍ରିଦିଙ୍କୁ ଧୱନଙ୍କ ପ୍ରଶ୍ନ

# ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ ?



**ନୂଆଦିଲ୍ଲୀ, ୨୯।୪:** ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ? ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଅଫ୍ରିଦି ଭାରତୀୟ ସେନା ବିଷୟରେ ଅପ୍ରୀତିକର ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ, ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧୱନ ତାଙ୍କୁ ଏଭଳି ଜବାବ ଦେଇଛନ୍ତି। ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ବିବାଦୀୟ ବୟାନ ଦେଇଥିଲେ ଅଫ୍ରିଦି। ୨୭ ଟେଷ୍ଟ, ୩୯୮ ଦିନିକିଆ ଏବଂ ୯୯ ଟି-୨୦ଖେଳିଥିବା ଅଭିଜ୍ଞ ଅଫ୍ରିଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତୀୟ ସେନା ଏବଂ ଗଣମାଧ୍ୟମର କାମକୁ ଉପହାସ କରିଥିଲେ। ଧୱନ ତାଙ୍କୁ କଡ଼ା ଜବାବ ଦେଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, "ଆମେ ତୁମକୁ କାରଗିଲରେ ପରାସ୍ତ କରିଥିଲୁ। ତୁମେମାନେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଯିବ? ମନ୍ତବ୍ୟ ଦେବା ପରିବର୍ତ୍ତେ, ନିଜ ଦେଶର ଅବସ୍ଥା ସୁଧାରିବା ଉପରେ ଧ୍ୟାନ ଦିଅ। ଆମେ ଆମ ସେନା ଉପରେ ଗର୍ବିତ।" ଉଲ୍ଲେଖଯୋଗ୍ୟ, "ଅଫ୍ରିଦି ଏକ ଟିଭି ସାକ୍ଷାତକାରରେ ଯୋଗ ଦେଇ ଲେଖିଥିଲେ, କଶ୍ମୀରରେ ତୁମର ୮,୦୦,୦୦୦ ସଶକ୍ତ ସେନା ମୁତୟନ ଅଛି ବୋଲି ଦାବି କରୁଛି। ହେଲେ ଏହା ସତ୍ତ୍ୱେ ବି ଏହି ଆକ୍ରମଣ ଘଟିଛି। ଯଦି ତୁମେ ନିଜ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରୁ ନାହଁ, ତେବେ ତୁମେ ଅଯୋଗ୍ୟ। ଏହା ଆଶ୍ଚର୍ଯ୍ୟଜନକ ଯେ, ଆକ୍ରମଣର ଗୋଟିଏ ଘଣ୍ଟା ମଧ୍ୟରେ ସେମାନଙ୍କର ଗଣମାଧ୍ୟମ ବଲିଉଡରେ ପରିଣତ ହୋଇଗଲା। ମୁଁ ପ୍ରକୃତରେ ସେମାନଙ୍କ କଥାବାର୍ତ୍ତା କରିବାର ଶୈଳୀକୁ ଉପଭୋଗ କରୁଥିଲି।"



# ଶ୍ରୀଜେଶଙ୍କୁ 'ପଦ୍ମଭୂଷଣ', ଅଶ୍ୱିନଙ୍କୁ 'ପଦ୍ମଶ୍ରୀ'

**ନୂଆଦିଲ୍ଲୀ, ୨୯।୪:** ଅବସରପ୍ରାପ୍ତ ଭାରତୀୟ ଅଫ୍‌ସ୍ପିନର ରବିଚନ୍ଦ୍ରନ୍ ଅଶ୍ୱିନ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ କରକମଳରୁ ସମ୍ମାନଜନକ 'ପଦ୍ମଶ୍ରୀ' ପୁରସ୍କାର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ଆବାସରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ଅଶ୍ୱିନ ପଦ୍ମଶ୍ରୀ ଗ୍ରହଣ କରୁଥିବାର ଫଟୋ ନିଜ 'ଏକ୍ସ' ପୃଷ୍ଠାରେ ପ୍ରକାଶ କରିଛନ୍ତି। ଏହି ଉପାଧୀ ଗ୍ରହଣ କରିବା ଗର୍ବ ଓ ଗୌରବର ବିଷୟ ବୋଲି ଉଲ୍ଲେଖ କରିଛନ୍ତି। ସେହିଭଳି ଭାରତୀୟ ହକି ଦଳର ପୂର୍ବତନ ଗୋଲ୍‌ରକ୍ଷକ ତଥା ଅଲିମ୍ପିକ୍ସ ପଦକ ବିଜେତା ପିଆର୍ ଶ୍ରୀଜେଶ 'ପଦ୍ମଭୂଷଣ' ପୁରସ୍କାର ଗ୍ରହଣ କରିଛନ୍ତି। ଏଭଳି ଏକ ପୁରସ୍କାର ଲାଗି ଭାରତ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ମହାମହିମ ରାଷ୍ଟ୍ରପତିଙ୍କ ସହ ବିତାଇଥିବା କିଛି ସମୟ ତାଙ୍କ ପାଇଁ ସବୁବେଳେ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି। ଶ୍ରୀଜେଶ ଏହା ପୂର୍ବରୁ ଖେଳରତ୍ନ ପୁରସ୍କାର ପାଇ ସାରିଛନ୍ତି। ତାଙ୍କୁ ଭାରତୀୟ ହକିର ଅନ୍ୟତମ କିଂବଦନ୍ତି ବ୍ୟକ୍ତିତ୍ୱର ମାନ୍ୟତା ମିଳେ। ଅନ୍ୟପକ୍ଷରେ ୩୮ ବର୍ଷୀୟ ଅଶ୍ୱିନ ଭାରତ ପକ୍ଷରୁ ଦ୍ୱିତୀୟ ସର୍ବାଧିକ ୫୩୭ ଟେଷ୍ଟ୍ ୱିକେଟ୍ ନେଇଛନ୍ତି। ଅନିଲ କୁମ୍ବଲେ (୬୧୯) ଶୀର୍ଷରେ ରହିଛନ୍ତି। ଅଶ୍ୱିନ ମଧ ୧୧୬ ଦିନିକିଆରୁ ୧୫୬ ଏବଂ ୬୫ ଟ୍ୱେଣ୍ଟି-୨୦ରୁ ୭୨ ୱିକେଟ୍ ଅକ୍ତିଆର କରିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ରାଷ୍ଟ୍ରପତିଙ୍କ...

ଶୀର୍ଷ ଅଧିକାରୀ ଉପସ୍ଥିତ ରହିଥିଲେ। ପହଲଗାମ୍ ଆକ୍ରମଣ ପରେ ଆଜି ପ୍ରଥମ ଥର ପାଇଁ ତିନି ସେନା ମୁଖ୍ୟଙ୍କ ସହ ବୈଠକ କରିଥିଲେ ପ୍ରଧାନମନ୍ତ୍ରୀ ମୋଦି। ଏହି ବୈଠକରେ ପହଲଗାମ୍ ଆକ୍ରମଣର ପ୍ରତିଶୋଧ ନେବାକୁ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତି ହୋଇଥିବା ସୂଚନା ମିଳୁଛି। ଏହି ବୈଠକ ପରେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଗୃହମନ୍ତ୍ରୀ ଅମିତ ଶାହ ଭେଟିଛନ୍ତି। ସେହିପରି ଆସନ୍ତାକାଲି ପ୍ରଧାନମନ୍ତ୍ରୀ ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ୍ ବୈଠକ ବସିବାକୁ ଯାଉଛି। ତା'ପୂର୍ବରୁ ପ୍ରତିରକ୍ଷା ମନ୍ତ୍ରୀ, ଏନଏସଏ, ସିଡିଏସ ଓ ତିନି ସେନା ମୁଖ୍ୟଙ୍କ ସହ ପିଏମ୍ ମୋଦିଙ୍କ ବୈଠକକୁ ନେଇ ଚର୍ଚ୍ଚା ବଢ଼ିଛି। ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତା ୨୦୧୯ ଫେବୃଆରିରେ ପୁଲୱାମା ଆକ୍ରମଣ ପରେ ସବୁଠାରୁ ଭୟଙ୍କର ଘଟଣାରେ ୨୬ ଜଣଙ୍କୁ ହତ୍ୟା କରିଥିବା ଆତଙ୍କବାଦୀଙ୍କ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନକୁ ସବୁଜ ସଂକେତ ପ୍ରଦାନ କରୁଛି। ତେଣୁ ଏହି ଘଟଣାରେ ଭାରତ ଆତଙ୍କବାଦୀ ଆକ୍ରମଣର ବଡ଼ ଧରଣର ବଦଲା ନେବ ବୋଲି ଜଣାପଡୁଛି। ୨୬/୧୧ ମୁମ୍ବାଇ ବିସ୍ଫୋରଣ ପରେ ଏପ୍ରିଲ ୨୨ ରେ ଭାରତରେ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ସବୁଠାରୁ ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପଛରେ ଥିବା ଅପରାଧୀଙ୍କୁ ଦଣ୍ଡ ଦେବା ପାଇଁ ବରିଷ୍ଠ ପ୍ରତିରକ୍ଷା ଅଧିକାରୀମାନେ ବିକଳ୍ପ ଉପରେ ବିଚାର କରୁଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୋମବାର ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଜମ୍ମୁ-କାଶ୍ମୀରର ସୁରକ୍ଷା ସ୍ଥିତି ବିଷୟରେ ଅବଗତ କରାଇଥିଲେ।

ନିକଟରେ 'ମନ୍ କୀ ବାତ୍' ଅଭିଭାଷଣରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ପହଲଗାମ ଆକ୍ରମଣର ଦୋଷୀ ଓ ଷଡ଼ଯନ୍ତ୍ରକାରୀଙ୍କୁ କଠୋର ଜବାବ ଦିଆଯିବ। ଆତଙ୍କବାଦ ବିରୋଧରେ ଲଢ଼େଇରେ ସମଗ୍ର ବିଶ୍ୱ ୧୪୦ କୋଟି ଭାରତୀୟଙ୍କ ସହ ଛିଡ଼ା ହୋଇଛି। ପୁଣି ଥରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱାସନା ଦେଇ ସେମାନଙ୍କୁ ନ୍ୟାୟ ମିଳିବ ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଥିଲେ। ପହଲଗାମ ହତ୍ୟାକାଣ୍ଡ ପରେ ପାକିସ୍ତାନ ବିରୋଧରେ କୂଟନୈତିକ ଆକ୍ରମଣ ଆରମ୍ଭ କରି ଭାରତ ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ ରଖିବା, ଅଟ୍ଟାରୀଠାରେ ଏକମାତ୍ର ଅପରେସନ୍ ସ୍ଥଳ ସୀମା କ୍ରସିଂକୁ ବନ୍ଦ କରିବା ଏବଂ ପାକିସ୍ତାନୀ ନାଗରିକମାନଙ୍କୁ ଜାରି କରାଯାଇଥିବା ସମସ୍ତ ଭିସାକୁ ସ୍ଥଗିତ ରଖିବା ସମେତ ଅନେକ ଦଣ୍ଡମୂଳକ ପଦକ୍ଷେପ ଘୋଷଣା କରିଛି।

୧୯୬୦ମସିହାରେ ସ୍ୱାକ୍ଷରିତ ଆଇଡବ୍ଲ୍ୟୁଟିକୁ ସ୍ଥଗିତ ରଖିବା ପରେ ପାକିସ୍ତାନ ଏହାକୁ ଯୁଦ୍ଧ କାର୍ଯ୍ୟ ବୋଲି କହିଥିଲା। ଏହାପରେ ଇସଲାମାବାଦ ମଧ୍ୟ ଭାରତୀୟ ନାଗରିକଙ୍କ ସମସ୍ତ ଭିସା ରଦ୍ଦ କରିବା ସହ ଶତାଧିକ ନାଗରିକଙ୍କୁ ବହିଷ୍କାର କରିଛି। ପାକିସ୍ତାନ ଭିସା ରଦ୍ଦ କରିବା ସହ ସିମଲା ଚୁକ୍ତି ଭଳି ଅନ୍ୟ ଦ୍ୱିପାକ୍ଷିକ ଚୁକ୍ତିକୁ ମଧ୍ୟ ସ୍ଥଗିତ ରଖିଛି। ଏହାପରେ ଜଣେ ଶୀର୍ଷ ପ୍ରତିରକ୍ଷା ଅଧିକାରୀ ଭାରତ ସହ ସମ୍ଭାବ୍ୟ ଯୁଦ୍ଧ ନେଇ ଚେତାବନୀ ଦେଇଛନ୍ତି। ଏହା ପରେ ପାକିସ୍ତାନ ଭାରତୀୟ ବିମାନ ପାଇଁ ନିଜର ଆକାଶପଥ ବନ୍ଦ କରିବା ସହ ନୂଆଦିଲ୍ଲୀ ସହ ସମସ୍ତ ବାଣିଜ୍ୟ କାରବାର ବନ୍ଦ କରିଦେଇଛି।

ପହଲଗାମ ପରେ ସୁରକ୍ଷା ଏଜେନ୍ସି କହିଛି ଯେ ଉପଲବ୍ଧ ପ୍ରମାଣ ପୁଣି ଥରେ ପାକିସ୍ତାନକୁ ସୂଚାଉଛି। ଆମେରିକା, ରୁଷିଆ, ଚୀନ, ଜାପାନ ଏବଂ କେତେକ ୟୁରୋପୀୟ ରାଷ୍ଟ୍ରର କୂଟନୀତିଜ୍ଞମାନଙ୍କୁ ଏହି ବିଷୟରେ ଅବଗତ କରାଯାଇଛି। ବୈଠକ ଶେଷ ହେବାର କିଛି ସମୟ ପରେ ଆରଏସଏସ ମୁଖ୍ୟ ମୋହନ ଭାଗବତ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଭେଟିଥିବା ଜଣାପଡିଛି।

## କଶ୍ମୀରର...

ଚଣ୍ଡିଗାମ, ବାଙ୍ଗୁସ୍ ଭ୍ୟାଲି, ଉଲର/ୱାଟ୍ଲାବ୍, ରାମପୋରା ଏବଂ ରାଜପୋରା, ଚେରହର, ମୁଣ୍ଡିଜ-ହମାମ-ମାର୍କୁଟ ଜଳପ୍ରପାତ, ଖମ୍ପୁ, ବୋସ୍ନିଆ, ବିଜିଟୋପ, ସୂର୍ଯ୍ୟ ମନ୍ଦିର, ଭେରିନାଗ ଗାର୍ଡେନ, ସିନ୍ଥନ ଟପ୍, ମାର୍ଗାଣ୍ଟୋପ, ଆକାଡ୍ ପାର୍କ, ହବ୍ବା ଖାତୁନ୍ ପଏଣ୍ଟ, ବାହାନେଓ୍ୱାଲି, ଗୋଗଲଦାରା, ବଦ୍ରକୋଟ, ବଦ୍ରଗାଓଁ, ବଦ୍ରକୋଟ, ବଦାମ୍ବର୍ଜି, ବଦ୍ରେଶ୍ୱରୀ, ବଦ୍ରେଶ୍ୱରୀ। ଏହାବ୍ୟତୀତ ରାଜୋରୀ କଡାଲ ହୋଟେଲ କନାଜ, ଆଲି କଡାଲ ଜେଜେ ଫୁଡ୍ ରେଷ୍ଟୁରାଣ୍ଟ, ଆଇଭରି ହୋଟେଲ, ପଦସାପଲ ରିସୋର୍ଟ ଆଣ୍ଡ ରେଷ୍ଟୁରାଣ୍ଟ, ଚେରି ଟ୍ରି ରିସୋର୍ଟ (ଫକିର ଗୁଜରି), ନର୍ଥ କ୍ଲିଫ୍ କାଫେ ଆଣ୍ଡ ରିଟ୍ରିଟ୍ ବାଇ ଷ୍ଟେ ପ୍ୟାଟର୍ଣ୍ଣ, ଫରେଷ୍ଟ ହିଲ୍ କଟେଜ, ଇକୋ ଭିଲେଜ ରିସୋର୍ଟ (ଦାରା), ଆସ୍ତାନମାର୍ଗ ଭ୍ୟୁ ପଏଣ୍ଟ, ଆସ୍ତାନମାର୍ଗ ପାରାଗ୍ଲାଇଡିଂ, ମାମନେଥ ଓ ମହାଦେବ ହିଲ୍ସ, ବୌଦ୍ଧ ମଠ/ ମତ୍ସ୍ୟ ଫାର୍ମ ବାହାରେ ରହିଛି। ଅସ୍ତାନପୋରା (ବିଶେଷକରି କାୟାମ ଗାହ ରିସୋର୍ଟ), ଲଛପତ୍ରୀ, ହୁଙ୍ଗ ପାର୍କ ଏବଂ ନରନାଗ ଅନ୍ତର୍ଭୁକ୍ତ।

ଗତ ଏପ୍ରିଲ ୨୨ ତାରିଖରେ ପହଲଗାମର ବୈସରଣ ଘାଟିରେ ପର୍ଯ୍ୟଟକଙ୍କ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୫ ଜଣ ପର୍ଯ୍ୟଟକ ଓ ଜଣେ ସ୍ଥାନୀୟ ବାସିନ୍ଦାଙ୍କ ମୃତ୍ୟୁ ହେବା ପରେ ଏହି ପର୍ଯ୍ୟଟନସ୍ଥଳୀଗୁଡ଼ିକ ବନ୍ଦ ହୋଇଯାଇଥିଲା। କାଶ୍ମୀରରେ ସାଧାରଣ ନାଗରିକଙ୍କ ଉପରେ ଏହା ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ଥିଲା ଯାହା ଉପତ୍ୟକା ଏବଂ ଦେଶବ୍ୟାପୀ ଉତ୍ତେଜନା ସୃଷ୍ଟି କରିଛି। ଆତଙ୍କବାଦୀ ଆକ୍ରମଣ ପରେ ସାଧାରଣ ନାଗରିକଙ୍କ ହତ୍ୟା ପ୍ରତିବାଦରେ କାଶ୍ମୀର ସମ୍ପୂର୍ଣ୍ଣ ବନ୍ଦ ପାଳନ କରିଥିଲା।

## ପାଠ ପ୍ରତି...

ଛୋଟ ପିଲାମାନେ ନିଜ ପାରିପାର୍ଶ୍ୱିକ ଅଞ୍ଚଳରେ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଏହାର ଉପଯୋଗିତା ବିଷୟରେ ଏହି ଯାଦୁପେଡ଼ିରେ ଥିବା ଖେଳନାରୁ ଶିଖିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଶିଶୁମାନଙ୍କୁ ଏହି ଯାଦୁପେଡ଼ିର ଖେଳନାଗୁଡିକ ପାଠ ପଢ଼ିବା ପ୍ରତି ବିଶେଷ ଭାବେ ଆକର୍ଷିତ କରିପାରିବ ବୋଲି ମଧ୍ୟ ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ, ନୂତନ ଶିକ୍ଷା ନୀତି-୨୦୨୦ ଅନୁଯାୟୀ କୁନି କୁନି ପିଲାଙ୍କ ପାଇଁ ଏହି 'ଯାଦୁପେଡ଼ି'ର ପରିକଳ୍ପନା କରାଯାଇଛି। ଏହାକୁ ଏନ୍‌ସିଇଆର୍‌ଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ଶିଶୁ ବାଟିକା, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପିଲାମାନଙ୍କ ପାଇଁ ଏହି କିଟ୍ ପ୍ରଦାନ କରାଯିବ। ପ୍ରତ୍ୟେକ କିଟ୍ ପାଇଁ ପ୍ରାୟ ୨୦ ହଜାର ଟଙ୍କା ଖର୍ଚ୍ଚ କରାଯାଇଛି। ରାଜ୍ୟର ୪୫ ହଜାର ସ୍କୁଲରେ ଏହାକୁ ଆବଣ୍ଟିତ କରାଯିବ ଏବଂ ଏ ବାବଦରେ ମୋଟ ୯୦ କୋଟି ଟଙ୍କା ଖର୍ଚ୍ଚ ହେବ।

## ପାରାମାଉଣ୍ଟକୁ ହଟାଇବାକୁ...

ତୁରନ୍ତ ହସ୍ତକ୍ଷେପ କରନ୍ତୁ। ସେ ଦର୍ଶାଇଛନ୍ତି ଯେ ବିଜେବି କଲେଜକୁ ସରକାର ୨୭.୦୬ ଏକର ଜମି ଯୋଗାଇ ଦେଇଥିବା ନେଇ ସାଧାରଣ ପ୍ରଶାସନ ବିଭାଗ ସ୍ପଷ୍ଟ କରିଛନ୍ତି। ତେବେ ଜମି ଖୋଜାରୁ ଦେଖିବାକୁ ମିଳିଛି ଯେ କଲେଜର ପ୍ଲଟ ନମ୍ବର ୭୦ ଉପରେ ପାରାମାଉଣ୍ଟ ସ୍ପୋର୍ଟିଂ କ୍ଲବ ଚାଲିଛି। ଏହି ଜମିକୁ କ୍ଲବ ସପକ୍ଷରେ କରିବାକୁ ହୋଇଥିବା ଆବେଦନକୁ ସାଧାରଣ ପ୍ରଶାସନ ବିଭାଗ ଅଗ୍ରାହ୍ୟ କରିଦେଇଛନ୍ତି। ତେଣୁ ବିଜେବି କଲେଜର ପାଖାପାଖି ୨ ଏକର ଜମି ଉପରେ ପାରାମାଉଣ୍ଟ କ୍ଲବ ଚଳାଇଥିବା ବ୍ୟବସାୟ ସମ୍ପୂର୍ଣ୍ଣ ବେଆଇନ୍ ହୋଇଥିବା ନେଇ ସ୍ପଷ୍ଟ ହୋଇଛି।

ଅନୁରୂପ ଭାବେ ଭୁବନେଶ୍ୱର ମହାନଗର ନିଗମ ମଧ୍ୟ ପାରାମାଉଣ୍ଟ କ୍ଲବ ପରିସରରେ ବେଆଇନ୍ ନିର୍ମାଣ କାର୍ଯ୍ୟ ଚଳାଇଛି। ତେବେ ବିଜେବି କଲେଜ କର୍ତ୍ତୃପକ୍ଷ ଏଭଳି ବେଆଇନ୍ ନିର୍ମାଣ ଓ ଜବରଦଖଲ ସଂକ୍ରାନ୍ତରେ ଅବଗତ ଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। କଲେଜର ସୂଚନା ଅଧିକାରୀଙ୍କୁ ଏ ସଂକ୍ରାନ୍ତରେ ମଗାଯାଇଥିବା ତଥ୍ୟରୁ ଜଣାପଡ଼ିଛି ଯେ ବିଜେବି କଲେଜ ଅଧ୍ୟକ୍ଷ ଗତ ମାର୍ଚ୍ଚ ୧୩ ତାରିଖରେ ବିଜେବି କଲେଜର ଜମି ଚିହ୍ନଟ ପାଇଁ ଭୁବନେଶ୍ୱର ତହସିଲଦାରଙ୍କୁ ପତ୍ର ଲେଖିଛନ୍ତି। ଏଥିରୁ ଜଣାପଡୁଛି ଯେ ଖୋଦ୍ ଅଧ୍ୟକ୍ଷ କଲେଜର ଜମି ସଂକ୍ରାନ୍ତରେ ସଠିକ ଭାବେ ଅବଗତ ନାହାନ୍ତି।

ତେବେ ଆଶ୍ଚର୍ଯ୍ୟର କଥା ହେଉଛି, କୌଣସି ଅଦୃଶ୍ୟ ଚାପ ଯୋଗୁଁ ଭୁବନେଶ୍ୱର ତହସିଲଦାର ମଧ୍ୟ ବର୍ତ୍ତମାନ ସୁଦ୍ଧା ବିଜେବି କଲେଜ ଜମି ଚିହ୍ନଟ ପାଇଁ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏଥିରୁ ସନ୍ଦେହ ହେଉଛି ଯେ ଏଥିରେ ବିଏମସିର କିଛି ଅଧିକାରୀ, ବିଜେବି କଲେଜ ଅଧ୍ୟକ୍ଷ ଏବଂ ପାରାମାଉଣ୍ଟ କ୍ଲବର କିଛି ବ୍ୟକ୍ତି ବିଜେବି କଲେଜ ଜମି ହଡ଼ପ ପାଇଁ ମିଳିତ ଭାବେ ଚକ୍ରାନ୍ତ ଚଳାଇଛନ୍ତି। ତେଣୁ ବିଜେବି କଲେଜର ଏହି ବହୁମୂଲ୍ୟ ଜମିକୁ ଉଦ୍ଧାର ଲାଗି ମୁଖ୍ୟମନ୍ତ୍ରୀ ରାଜସ୍ୱ ପାର୍ଷଦ ସଦସ୍ୟ କିମ୍ବା ରାଜ୍ୟ ଭିଜିଲାନ୍ସକୁ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେବା ସହ ଜବରଦଖଲକାରୀଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ ଲାଗି ଶ୍ରୀ ସାମନ୍ତରାୟ ଅନୁରୋଧ କରିଛନ୍ତି।

## ଓଡ଼ିଶା ବିଧାନସଭାର...

ଆମର ସାମୂହିକ ସଂକଳ୍ପ ଓ ଇଚ୍ଛାଶକ୍ତିର ଶକ୍ତିଶାଳୀ ପ୍ରଦର୍ଶନ ଜରୁରୀ। ଏଥିସକାଶେ ଆମେ ଆଶା କରୁଛୁ ଯେ ଅଧିବେଶନ ଡକାଯିବ। ରାହୁଲ ଗାନ୍ଧୀ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଏକ ଚିଠି ଲେଖିଛନ୍ତି। ସେ ଲେଖିଛନ୍ତି, 'ପ୍ରିୟ ପ୍ରଧାନମନ୍ତ୍ରୀ, ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପ୍ରତ୍ୟେକ ଭାରତୀୟଙ୍କୁ ଦୋହଲାଇ ଦେଇଛି। ଏହି ଗୁରୁତ୍ୱପୂର୍ଣ୍ଣ ସମୟରେ, ଭାରତକୁ ଦେଖାଇବାକୁ ପଡିବ ଯେ ଆମେ ସର୍ବଦା ଆତଙ୍କବାଦ ବିରୁଦ୍ଧରେ ଏକଜୁଟ ରହିବୁ।

ସେପଟେ ପହଲଗାମ୍ ହମଲା ପ୍ରସଙ୍ଗରେ ଓଡ଼ିଶା ବିଧାନସଭାରେ ସ୍ୱତନ୍ତ୍ର ଆଲୋଚନା କରିବା ସକାଶେ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇଛି କଂଗ୍ରେସ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଚିଠି ଲେଖି ଏନେଇ ଗୃହରେ ଆଲୋଚନା କରିବାକୁ ଦାବି କରିଛନ୍ତି। ଓଡ଼ିଶାରେ କେତେ ପାକିସ୍ତାନୀ ଅଛନ୍ତି? ସେମାନଙ୍କ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ନେଇଛନ୍ତି? ସେସବୁ ଗୃହ ଜାଣିବା ଦରକାର ବୋଲି କାଡାମ କହିଛନ୍ତି। ସ୍ୱତନ୍ତ୍ର ଅଧିବେଶନ ନେଇ କଂଗ୍ରେସ ଦାବି କରିବା ପରେ ବିଧାନସଭାରେ ବିରୋଧୀଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ଯଦି ରାଜ୍ୟ ସରକାର ଅନୁଭବ କରିବେ, ତେବେ ସ୍ୱତନ୍ତ୍ର ଅଧିବେଶନ ଡାକିବେ। ବିଜେଡି ମୁଖ୍ୟ ବିରୋଧୀ ଦଳ ଭାବେ ସବୁ ଆଲୋଚନା ପାଇଁ ପ୍ରସ୍ତୁତ ରହିଛି ବୋଲି ସେ କହିଛନ୍ତି।

## ଭୋଳ ପରିବାରକୁ...

କଟକର ଏହି ଭୋଳ ପରିବାର। ଆତଙ୍କବାଦୀଙ୍କୁ ବର୍ବର କାଣ୍ଡକୁ ନିଜ ଆଖିରେ ଦେଖିଥିଲେ। ଏହାପୂର୍ବରୁ ଏନଆଇଏମ୍ ଟିମ୍ ପହଲଗାମ୍ ହମ୍‌ଲାରେ ମୃତ ବାଲେଶ୍ୱରର ପ୍ରଶାନ୍ତ ଶତପଥିଙ୍କ ଘରକୁ ଯାଇ ପଚରାଉଚରା କରିଥିଲେ। କଟକ ନିବାସୀ ରଞ୍ଜିତ କୁମାର ଭୋଳ (୬୯), ତାଙ୍କ ପତ୍ନୀ ଶଶି କୁମାରୀ ନାୟକ (୬୫) ଏବଂ ପୁଅ ସନ୍ଦୀପ (୩୫) ଓ ବୋହୂ ଲେଲିନା ଶୁଭଦର୍ଶିନୀ (୩୩) ଜମ୍ମୁ-କଶ୍ମୀର ପହଲଗାମ୍ ବୁଲିବାକୁ ଯାଇଥିବା ବେଳେ ତାଙ୍କ ଆଖି ସାମ୍ନାରେ ଘଟିଥିଲା ଆତଙ୍କବାଦୀ ହମ୍‌ଲା ହୋଇଥିଲା। ତେବେ ସୌଭାଗ୍ୟବଶତଃ ପୂରା ପରିବାର ସୁରକ୍ଷିତ ଭାବେ ଫେରିଆସିଥିଲେ। ଓଡ଼ିଶା ଫେରି ସେଦିନର ଲୋମହର୍ଷଣକାରୀ ଦୃଶ୍ୟକୁ ସେମାନେ ବୟାନ କରିଥିଲେ। ଉକ୍ତ ଦିନର ଲୋମହର୍ଷଣକାରୀ ଘଟଣା ନେଇ ଭୋଳ ପରିବାର କହିଥିଲେ ଯେ ଉକ୍ତ ଦିନ ଅପରାହ୍ନ ପ୍ରାୟ ୨ଟା ବେଳେ ମିନି ସ୍ୱିଜରଲ୍ୟାଣ୍ଡ କୁହାଯାଉଥିବା ପହଲଗାମ୍‌ରେ ସେମାନେ ପହଞ୍ଚିଥିଲେ। ସେମାନେ ସମସ୍ତେ ଫଟୋ ଉଠାଉଥିବା ସମୟରେ ଅଚାନକ କାନରେ ବାଜିଥିଲା ଫାଙ୍କା ଗୁଳିଚାଳନାର ଶବ୍ଦ। ତୁରନ୍ତ ରଞ୍ଜିତଙ୍କ ପୁଅ କହିଲା ସମସ୍ତଙ୍କୁ ର୍‍ୟାକ୍ ତଳେ ଲୁଚିଯିବାକୁ କହିଥିଲେ। କୌଣସି ବଡ଼ ଧରଣର ଆଶଙ୍କା କରି ସେ ପରିବାର ଲୋକଙ୍କୁ ଜୀବନ ବଞ୍ଚାଇବା ପାଇଁ ଏପରି କରିବାକୁ କହିଥିଲେ। ସେଠାରେ ପହଞ୍ଚିଥିବା ଆତଙ୍କୀମାନେ ପ୍ରଥମେ ସିକ୍ୟୁରିଟିକୁ ଗୁଳି କଲେ। ଏଥିରେ ଭୟଭୀତ ହୋଇ ସେଠାରେ ଥିବା ପର୍ଯ୍ୟଟକମାନେ ବାହାରକୁ ପଳାଇଯିବାକୁ ଉଦ୍ୟମ କରିବା ସମୟରେ ୪/୫ ଜଣ ଆତଙ୍କୀ ୩ ଜଣ ପୁରୁଷଙ୍କୁ ଗୁଳି କରିଥିଲେ। ଭୋଳ ପରିବାର ସାମ୍ନାରେ ଆତଙ୍କବାଦୀ ଛିଡ଼ା ହୋଇଥିଲେ। ସେମାନଙ୍କ ସାମ୍ନାରେ ୩ ଜଣଙ୍କୁ ଗୁଳି କରି ଆତଙ୍କୀମାନେ ମାରିଦେବାର ଆଖିରେ ଦେଖିଥିଲେ। ତେଣୁ ଭୟଭୀତ ହୋଇ ସେମାନେ ସେଠାରେ ଲୁଚିପଡ଼ିଥିଲେ। ଫଳରେ ସେମାନେ ଆତଙ୍କୀଙ୍କ ନଜରରୁ ବର୍ତ୍ତିଯାଇଥିଲେ। ନଚେତ୍ ଭୋଳ ପରିବାର ବି ଆତଙ୍କୀଙ୍କ ଗୁଳିର ଶିକାର ହୋଇଥାନ୍ତା। ଭାଗ୍ୟ ଭଲ ବୋଲି ଆମେ ୪ ଜଣ ବଞ୍ଚିଗଲୁ ବୋଲି ରଞ୍ଜିତ କହିଥିଲେ। ଭୋଳ ପରିବାରକୁ ଏକ ଗୁରୁତ୍ୱପୂର୍ଣ୍ଣ ସାକ୍ଷୀ ଭାବେ ବିବେଚନା କରାଯାଇଥିବା ବେଳେ ସେହି ଆକ୍ରମଣ ସମୟରେ ଘାଟିରେ ସେମାନେ ନେଇଥିବା କୌଣସି ଭିଡିଓ ଫୁଟେଜ କିମ୍ବା ଫଟୋ ପାଇଁ ଏନଆଇଏ ଅନୁରୋଧ କରିଛି। ଏହା ସନ୍ଦିଗ୍ଧ ଆକ୍ରମଣକାରୀଙ୍କୁ ଚିହ୍ନଟ କରିବାରେ ଓ ସେମାନଙ୍କ ଗତିବିଧିର ଆକଳନରେ ସହାୟକ ହୋଇପାରିବ ବୋଲି କୁହାଯାଇଛି।

## ଶିକ୍ଷା ବ୍ୟବସ୍ଥାର...

ହୋଇଛି। ଏହାର ସଫଳତାକୁ ଦେଖି ୨୦୨୫-୨୬ରେ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଅଧିକ ୫୦ ହଜାର ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର ପ୍ରଦାନ କରାଯାଇଛି। ଭାରତରେ ହିଁ ଆଇଡିଆରୁ ଉତ୍ପାଦର ସମ୍ପୂର୍ଣ୍ଣ ଶୃଙ୍ଖଳା ବିକଶିତ ହେଉ, ଏହା ଆମର ସଂକଳ୍ପ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ସେହିପରି ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଶିକ୍ଷା ମନ୍ତ୍ରଣାଳୟ ଓ ୱାଧୱାନି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଏନ୍‌ଇପି ଉପରେ ଆଲୋକପାତ କହିଛନ୍ତି ଯେ ଦେଶର ଭବିଷ୍ୟତ ଦେଶର ଯୁବପିଢ଼ିଙ୍କ ଉପରେ ନିର୍ଭରଶୀଳ। ଦେଶରେ ନୂଆ ଶିକ୍ଷା ନୀତି ମଧ୍ୟ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ। ନ୍ୟାସନାଲ କରିକୁଲମ ଫ୍ରେମୱାର୍କ, ଲର୍ଣ୍ଣିଂ ଟିଚିଂ ମ୍ୟାଟେରିଆଲ ଏବଂ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକର ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

## ପହଲଗାମ ଆଢୁଆଳରେ...

ପଶି ଆସିବାରୁ ଅନ୍ୟ ସବୁ ଖବର ଏକପ୍ରକାର ହଟିଯାଇଛି। ରାଜ୍ୟସ୍ତରୀୟ ଖବର ଉପରେ କାହାର ନଜର ନାହିଁ। ତେଣୁ ଏହି ମଉକାରେ କାର୍ଯ୍ୟକାରିଣୀ ଘୋଷଣା ପାଇଁ ବୋଲକରା ନେତାମାନେ ଜୋରଦାର ଉଦ୍ୟମ ଚଳାଉଛନ୍ତି। ଏପରିକି ଏହି ମଉକାରେ ଦଳରେ କିଛି ନୂଆ ନେତାଙ୍କୁ ଭର୍ତ୍ତି କରିଦେବା ପାଇଁ ବି ଜୋରଦାର ଉଦ୍ୟମ ଚାଲିଛି। ଦଳ ସବୁଠାରୁ ଅକଳରେ ପଡ଼ିଛି ୧୫ଟି ଜିଲ୍ଲାର ସଭାପତି ନିର୍ବାଚନକୁ ନେଇ।

ଏଠାରେ ବି ନାମ ଚୂଡ଼ାନ୍ତ ହୋଇପାରୁନାହିଁ। ତେଣୁ ଏବେ ସବୁକିଛି ଥମିଯାଇଥିବାରୁ ମଉକା ଦେଖି ନାମ ଘୋଷଣା ପାଇଁ ଉଦ୍ୟମ ଚାଲିଛି। ଏଥିପାଇଁ ବୋଲକରା ନେତାମାନେ ବାରମ୍ବାର ଏକାଠି ହେବାରେ ଲାଗିଛନ୍ତି। ନିର୍ବାଚନରେ ଦଳକୁ ବିପର୍ଯ୍ୟୟକୁ ଠେଲି ନେତା ଓ କର୍ମୀଙ୍କ ରୋଷର ଶିକାର ହୋଇଥିବା ଆଗଧାଡ଼ିର ହାରୁ ନେତାମାନେ ବି ଏହି ମଉକାରେ ମେଳିହୋଇ ଦଳକୁ ହାଇଜାକ୍ କରିବା ପାଇଁ ଲାଗି ପଡ଼ିଛନ୍ତି। ସେମାନେ ପୁଣିଥରେ ଦଳର ମଙ୍ଗ ଧରିଲେ ଏଥର ଡଙ୍ଗା ବୁଡ଼ିବା ଥୟ ବୋଲି କର୍ମୀମାନେ କହୁଥିବା ବେଳେ ଏହି ହାରୁ ନେତାମାନେ କିନ୍ତୁ କାହାକୁ ବି ପରବାୟ କରୁନାହାନ୍ତି। ଉଲ୍ଲେଖନୀୟ ଯେ ଦଳକୁ କିଛି ନେତା ହାଇଜାକ୍ କରିବାକୁ ଚାହୁଁଥିବା ନେଇ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ନବୀନଙ୍କୁ ଚିଠି ଲେଖି ଅବଗତ କରିଥିଲେ। ଏବେ ତାହା ସତ ହେବାକୁ ଯାଉଛି ବୋଲି ଆଗଧାଡ଼ିର କର୍ମୀମାନେ ଆଲୋଚନା କରୁଛନ୍ତି।

## ଶ୍ରମିକଙ୍କୁ ଡହ ଡହ ଖରାରେ କାମ କରାଇବା ଘଟଣା

# କାର୍ଯ୍ୟସ୍ଥଳରେ ଶ୍ରମ ଅଧିକାରୀଙ୍କ ଯାଞ୍ଚ

ସଂଚାର ପ୍ରଭାବ



**କାକଟପୁର/ଅସ୍ତରଙ୍ଗ, ୨୯।୪ (ସଂଚାର ବ୍ୟୁରୋ) :** ସକାଳ ସୂର୍ଯୋଦୟ ପରେ କାମ ଆରମ୍ଭ ହୋଇ ପୂର୍ବାହ୍ନ ୧୧ଟା ଭିତରେ କାମ ବନ୍ଦ ହେବା ପୁନର୍ବାର ଅପରାହ୍ନ ୩ଟାରୁ ସନ୍ଧ୍ୟା ପର୍ଯ୍ୟନ୍ତ କାମ କରାଯିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ମାତ୍ର ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ମଧରେ ସରକାରଙ୍କ ନିର୍ଦ୍ଦେଶକୁ ଖୁଲମଖୁଲ୍ଲା ଉଲଘଂନ କରି ବ୍ଲକ ପ୍ରଶାସନିକ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଓ ଠିକାଦାର ଶ୍ରମିକଙ୍କୁ ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମ କରାଉଥିଲେ। ତାହା ପୁଣି ଦିନ ସାରା ଯାହାର ଖବର ୨୭ତାରିଖ ଦିନ ଖବର ପ୍ରକାଶିତ ହୋଇଥିଲା।

ଅସ୍ତରଙ୍ଗ ବ୍ଲକ ପ୍ରଶାସନ ବିଭାଗୀୟ ଯନ୍ତ୍ରୀ ନିଜ ଘରେ ରହୁଥିବା ବେଳେ ଅସ୍ତରଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସରରେ ନିର୍ମାଣ ହେଉଥିବା କୋଠା ହେଉ, ନଚେତ ବ୍ଲକ ଅଧୀନ ବିଭିନ୍ନ ସ୍ଥାନରେ ବିଦ୍ୟାଳୟ କାମ ହେଉଥିବା ବେଳେ ଯନ୍ତ୍ରୀମାନେ କାର୍ଯ୍ୟ ତଦାରଖ କରିବାକୁ ଯାଉନାହାନ୍ତି, ପେଟି ଠିକାଦାରମାନେ ଶ୍ରମିକ ମାନଙ୍କୁ ଡହ ଡହ ଖରାରେ କାମରେ ଲଗାଉଛନ୍ତି। ନା ପଞ୍ଜିକୃତ ଠିକାଦାରଙ୍କ ନିର୍ମାଣସ୍ଥଳରେ ଯାଞ୍ଚ ହେଉଛି, ନାଁ ସାଧାରଣ କାର୍ଯ୍ୟସ୍ଥଳରେ।

ଗତ ମାର୍ଚ୍ଚ ମାସ ଆରମ୍ଭରୁ ହଠାତ ଗ୍ରୀଷ୍ମ ପ୍ରବାହ ହେବାରୁ ନିର୍ମାଣ ସ୍ଥଳରେ ଶ୍ରମିକଙ୍କ କାମ କରାଇବା ସମୟରେ ସରକାର କଟକଣା ଜାରୀ କଲେ। ମଧାହ୍ନ ସମୟରେ କୌଣସି ପ୍ରକାର କାମ କରାଯିବନି। ଯାହାକୁ ନେଇ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ତରଫରୁ ଗ୍ରୀଷ୍ମ କାଳୀନ ମୁକାବିଲା ପାଇଁ ନିଜେ ବିଡ଼ିଓ ବୈଠକ ମଧ ବିଭାଗୀୟ ଅଧିକାରୀ ଙ୍କୁ ସଚେତନ କରିଥିଲେ। କିନ୍ତୁ ଗୋଟେ ପଟେ ପ୍ରଶାସନିକ ଅଧିକାରୀ ନିୟମ କରୁଥିବା ବେଳେ ଖୁଲମ୍ ଖୁଲ୍ଲା ଅସ୍ତରଙ୍ଗ ବ୍ଲକ ପ୍ରଶାସନ କାର୍ଯ୍ୟାଳୟ ମଧରେ ନିର୍ମାଣ ଧିନ କୋଠା ନିର୍ମାଣରେ ମୁଣ୍ଡଫଟା ଖରାରେ ଶ୍ରମିକଙ୍କୁ କାମରେ ଲଗାଯାଉଥିଲା। ଯାହାର ଖବର ୨୭ତାରିଖରେ ପ୍ରକାଶିତ ହୋଇଥିଲା। ଯଦି କୌଣସି ଶ୍ରମିକଙ୍କର କିଛି ଅସୁବିଧା ହୁଏ କିଏ ଦାୟୀ ରହିବେ ? କାମ ସାରିବା ଟାର୍ଗେଟ ନେଇ ଠିକାଦାର ଲଗାତାର କାମ ଜାରୀ ରଖୁଛନ୍ତି। ଶ୍ରମିକଙ୍କ ସ୍ୱାସ୍ଥ୍ୟ ଚିନ୍ତା ନ କରି ଜବରଦସ୍ତ କାମ କରାଉଛନ୍ତି। ଡହ ଡହ ଖରାରେ ଶ୍ରମିକମାନେ ବାଲି, ସିମେଣ୍ଟ ଗୋଳାଉଛନ୍ତି, ମହିଳାମାନେ ଖରାରେ ଇଟା ବୋହୁଛନ୍ତି।

ଖବର ପ୍ରକାଶିତ ପରେ ଘଟଣାକୁ ଗୁରୁତ୍ୱପୂର୍ଣ୍ଣ ନେଇ ଜିଲ୍ଲା ଶ୍ରମ ବିଭାଗର ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ, ଆଶିଷ କୁମାର ମାଝୀ ସୋମବାର କାର୍ଯ୍ୟହେଉଥିବା ସ୍ଥଳରେ ପହଂଚି ଶ୍ରମିକଙ୍କ ସହ ଆଲୋଚନା କରିବା ସହ ଦିନ ୧୧ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ କାମ ନକରିବା ପାଇଁ ସଚେତନ କରିଥିଲେ। ଏହାସହ ଜିଲ୍ଲା ଶ୍ରମଅଧିକାରୀ କହିଛନ୍ତି ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀଙ୍କୁ ଚିଠି କରାଯାଇଛି ଠିକାଦାରଙ୍କ ସମ୍ପୂର୍ଣ୍ଣ ତଥ୍ୟ ସହ ବିଡ଼ିଓଙ୍କୁ ସୂଚନା ଦିଆଯାଇଛି ଶ୍ରମିକଙ୍କୁ ଏପରି କାମ ନ କରାଇବା ପାଇଁ। ଯାହା ଫଳରେ କାର୍ଯ୍ୟନିର୍ବାହୀ ଯନ୍ତ୍ରି ଠିକାଦାରଙ୍କ ସୂଚନା ଦେବା ପରେ ଠିକାଦାରଙ୍କ ରେଜିଷ୍ଟ୍ରେସନ ଯାଞ୍ଚ ସହ ବିଭିନ୍ନ ବିବରଣୀ ଯାଞ୍ଚ ହେବ ବୋଲି ଜିଲ୍ଲା ସହକାରୀ ଶ୍ରମ ଅଧିକାରୀ ଚିନ୍ମୟୀ ପ୍ରିୟଦର୍ଶୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସୋଆ ପ୍ରତିଷ୍ଠାତା ସଭାପତିଙ୍କୁ ସାକ୍ଷାତ କଲେ ଓଡ଼ିଶା ସୋସାଇଟି ଅଫ୍ ୟୁକେର ସମ୍ପାଦକ



**ଭୁବନେଶ୍ୱର, ୨୯।୪ (ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକଙ୍କୁ ମଙ୍ଗଳବାର ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ୨୦୧୦ ବ୍ୟାଚର ଛାତ୍ର ତଥା ରାଇଡ୍‌ସ୍କାନ୍, ୟୁନାଇଟେଡ୍ କିଙ୍ଗଡ଼ମ୍‌ର ସହ-ପ୍ରତିଷ୍ଠାତା ଲୋହିତ କୁମାର ଦାସ।

ଶ୍ରୀ ଦାସ ପୂର୍ବରୁ ୱିପ୍ରୋରେ କାର୍ଯ୍ୟରତ ରହିସାରିଥିବା ବେଳେ ଲଣ୍ଡନ୍ ବିଜିନେସ୍ ସ୍କୁଲରୁ ଏମ୍‌ବିଏ ମଧ କରିଛନ୍ତି। ସେହିପରି ସେ ଉଭୟ ୟୁକେ ଏବଂ ଭାରତରେ କାର୍ଯ୍ୟକ୍ରମ ଥିବା ଏକ ଏଆଇ ଆନାଲିଟିକ୍ସ କମ୍ପାନୀରେ ମଧ ଆଞ୍ଚଳିକ ନିର୍ଦ୍ଦେଶକ ଭାବେ କାର୍ଯ୍ୟ ତୁଲାଇଛନ୍ତି। ସେ ଆର୍ଟିଫିସିଆଲ୍ ଇନ୍‌ଟେଲିଜେନ୍ସର ନୈତିକତା ଓ ସୁରକ୍ଷାକୁ ଗୁରୁତ୍ୱ ରଖି ଏକ ଏଆଇ ରୋବୋଟିକ୍ସ କମ୍ପାନୀ ମଧ ଆରମ୍ଭ କରିଛନ୍ତି। ବର୍ତ୍ତମାନ ଶ୍ରୀ ଦାସ ଓଡ଼ିଶା ସୋସାଇଟି ଅଫ୍ ୟୁକେର ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇବା ସହ ବିଭିନ୍ନ ମାନସିକ ସ୍ୱାସ୍ଥ୍ୟ ସଚେତନତାମୂଳକ କାର୍ଯ୍ୟକ୍ରମ ମଧ ହାତକୁ ନେଇଛନ୍ତି।

ପ୍ରଫେସର ନାୟକଙ୍କ ସହିତ ସାକ୍ଷାତ ସମୟରେ ସାରା ବିଶ୍ୱର ବିଭିନ୍ନ ପ୍ରାନ୍ତରେ ଥିବା ସୋଆର ପୂର୍ବତନ ଛାତ୍ରଛାତ୍ରୀମାନଙ୍କୁ କିଭଳି ଅଧିକ ମାତ୍ରାରେ ଏକତ୍ରିତ କରାଯାଇ ପାରିବ ସେ ସମ୍ପର୍କରେ ଶ୍ରୀ ଦାସ ଆଲୋଚନା କରିଥିଲେ। ସେହିପରି ସୋଆର ଛାତ୍ରଛାତ୍ରୀମାନଙ୍କୁ ଅଧିକ ମାତ୍ରାରେ ସ୍ୱାବଲମ୍ବୀ ହେବା କ୍ଷେତ୍ରରେ କିଭଳି ଅଧିକ ଗୁରୁତ୍ୱ ଦିଆଯାଇ ପାରିବ ସେ ସମ୍ପର୍କରେ ମଧ ଆଲୋଚନା କରିଥିଲେ। ଏହି ଅବସରରେ ସୋଆର କର୍ପୋରେଟ ରିଲେସନ୍ସ ଆଣ୍ଡ ପ୍ଲେସ୍‌ମେଣ୍ଟ ଡିନ୍ ଡକ୍ଟର ରାଜ କୁମାର ହୋତା ଉପସ୍ଥିତ ଥିଲେ।



## ପଞ୍ଚାୟତିରାଜ ଦିବସରେ କୋଟପାଡ଼ ବ୍ଲକ ସମ୍ମାନିତ

**ବୋରିଗୁମ୍ମା/କୋଟପାଡ଼, ୨୯।୪ (ସଂଚାର ବ୍ୟୁରୋ) :** ଜାତୀୟ ପଞ୍ଚାୟତିରାଜ ଦିବସରେ କୋରାପୁଟ ଜିଲ୍ଲାର କୋଟପାଡ଼ ବ୍ଲକ ଜିଲ୍ଲା ସ୍ତରରେ ସମ୍ମାନିତ ହୋଇଛି। କୋଟପାଡ଼ ବ୍ଲକର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଦ୍ରୁତ ଗତିରେ ଚାଲୁଥିବା ବେଳେ ମନରେଗା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ବହୁ ଯୋଜନାକୁ ସଫଳ କରିବାରେ କୋଟପାଡ଼ ବ୍ଲକ ଆଗରେ ରହିଛି।ଏଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସରେ କୋଟପାଡ଼କୁ ସମ୍ମାନିତ କରାଯାଇଛି।ଏଥିସହ ବ୍ଲକର ସାତ ଗୋଟି ପଞ୍ଚାୟତକୁ ଜିଲ୍ଲା ସ୍ତରରେ ସମ୍ମାନିତ କରାଯାଇଛି। କୋଟପାଡ଼ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସରେ ୧୫ ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରାଯାଇଥିବା ବେଳେ ୧୭ ଜଣ ନୂଆ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନ କରାଯାଇଛି। ଜାତୀୟ ପଞ୍ଚାୟତିରାଜ ଦିବସରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ବ୍ଲକର ବେଣ୍ଟାଗୁଡା ପ୍ରାଥମିକ ବିଦ୍ୟାଳୟ ଗିରଲା ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଷଡ଼ରଙ୍ଗାର ଅତିରିକ୍ତ ଶ୍ରେଣୀର ଶିଳାନ୍ୟାସ କରାଯାଇଛି ବୋଲି ବ୍ଲକ ବିଡ଼ିଓ ବିକ୍ରମ କୁମାର ଦୋରା ସୂଚନା ଦେଇଛନ୍ତି।

## ସର୍ବଶ୍ରେଷ୍ଠ ପଞ୍ଚାୟତ ରୂପେ ବୋରିଗୁମ୍ମା ସମ୍ମାନିତ



**ବୋରିଗୁମ୍ମା, ୨୯।୪ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ଅବସରରେ ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ଦ୍ୱାରା ନୂତନ ରାସନକାର୍ଡ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯିବା ସହିତ ତିନୋଟି ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଘୋଷଣା କରାଯାଇଥିବା ବେଳେ ବୋରିଗୁମ୍ମା ବ୍ଲକର ସଦର ଗ୍ରାମ ପଂଚାୟତକୁ ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ ସମ୍ମାନିତ ହୋଇ ପୁରସ୍କୃତ ହୋଇଛି। ଉଭୟ ସରପଞ୍ଚ ତୁଷାରକାନ୍ତ କୁମ୍ଭୀରିକା ଓ ପିଇଓ ସୁମନ୍ତ କୁମାର ବିଶ୍ୱାଳ ବିଡ଼ିଓଙ୍କ ଠାରୁ ପୁରସ୍କାର ଆକାରରେ ମିଳିଥିବା ଚେକ୍ ଗ୍ରହଣ କରିଥିଲେ । ପ୍ରଥମେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ମହୋଦୟ ଆଭାସୀ ମାଧମରେ ପଞ୍ଚାୟତିରାଜ ଦିବସ ଉପରେ ମନ୍ତବ୍ୟ ଦେଇଥିଲେ। ବିଡ଼ିଓ ସୁକାନ୍ତ କୁମାର ପଟନାୟକ ଙ୍କ ସଭାପତିତ୍ୱରେ ଆୟୋଜିତ ବ୍ଲକ ସ୍ତରୀୟ ପଞ୍ଚାୟତିରାଜ ଦିବସ ସଭାରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା , ଜିଲ୍ଲା ପରିଷଦ ସଭ୍ୟ ମଞ୍ଜୁଳା ଘାସି ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଢ଼ୀ, ବିଧାୟକ ପ୍ରତିନିଧି ଅଶୋକ ଗନ୍ତାୟତ, କୋଟପାଡ଼ ବିଧାୟକ ପ୍ରତିନିଧି ରାମକୃଷ୍ଣ ଭତ୍ରା ପ୍ରମୁଖ ଯୋଗଦେଇ ୧୮ ଜଣଙ୍କୁ ନୂତନ ରାସନ କାର୍ଡ ବଣ୍ଟନ କରିଥିଲେ। ବୋରିଗୁମ୍ମା, ସଶାହାଣ୍ଡି ଓ କାଠରଗଡା ତିନୋଟି ଗ୍ରାମପଞ୍ଚାୟତକୁ ଶ୍ରେଷ୍ଠ ପଞ୍ଚାୟତ ଘୋଷଣା କରାଯାଇ ନଗଦ ରାଶି ସହ ସମ୍ମାନୀତ କରାଯାଇଥିଲା । ଶେଷରେ ବିଡ଼ିଓ ସୁକାନ୍ତ ପଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁମୁଲି ପ୍ରାଥମିକ ଶିକ୍ଷକ ସଂଘର ନୂଆ କମିଟି



**ବୋରିଗୁମ୍ମା, ୨୯।୪ (ସଂଚାର ବ୍ୟୁରୋ) :** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ କୁମୁଲି ସର୍କଲର ପୁରାତନ ପ୍ରାଥମିକ ଶିକ୍ଷକ ସଂଘର ନୂତନ କାର୍ଯ୍ୟକାରୀ କମିଟି ଗଠିତ ହୋଇଯାଇଛି। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ କୁମୁଲି ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ମହେନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନୂତନ କମିଟି ଗଠନ କରାଯିବା ସହ ସର୍ବସମ୍ମତିକ୍ରମେ ପୁଣି ଥରେ ମହେନ୍ଦ୍ର ଶତପଥୀଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ବିଜୟ ଷଡ଼ଙ୍ଗୀ, ମନୋଜ ପଣ୍ଡା, ପ୍ରସନ୍ନ ହୋତା, ସିମାଞ୍ଚଳ ଦାସ ଉପ-ସଭାପତି ଭାବେ ନୀଳାଞ୍ଚଳ ହୋତା, ରଜନୀ ଦାସ,ସନ୍ତୋଷ କୁମାର ନାୟକ, ହରିହର ଶତପଥୀ ଏବଂ ସମ୍ପାଦକ ଭାବେ ରମାକାନ୍ତ ମହାପାତ୍ର ସହ-ସମ୍ପାଦକ ତପନ କୁମାର ତନ୍ତୀ, ମଧୁ ମୁରଲୀ ହୋତା, ପ୍ରଦ୍ୟୁମ୍ନ ମିଶ୍ର, ଆଦିତ୍ୟ ପଣ୍ଡା, ସାଂଗଠନିକ ସମ୍ପାଦକ ଭାବେ ଅନିଲ ଦେବତା, ମିଡିଆ ସେଲ ସମ୍ପାଦକ ଶୁଶାନ୍ତ କୁମାର ନାୟକ, କୋଷାଧକ୍ଷ ନୀଳକଣ୍ଠ ହୋତାଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି କ୍ଲଷ୍ଟର ପ୍ରତିନିଧି ରୂପେ ଅଜିତ ହୋତା, ସିମାଞ୍ଚଳ ପଣ୍ଡା, ସୂତମ୍ ବିଶୋଇ, ନିତ୍ୟାନନ୍ଦ ଗୋଲରି, ମନୋଜ ପଣ୍ଡା, ସୁଜିତ୍ ତ୍ରିପାଠି,ସନ୍ଦୀପ ଆଚାର୍ଯ୍ୟ ତ୍ରିପତି ତନ୍ତୀ ଚୟନ କରାଯାଇଥିବା ବେଳେ ଆଇନ ପରାମର୍ଶଦାତା ରୂପେ ବନମାଳି ମହାପାତ୍ରଙ୍କୁ ଚୟନ କରାଯାଇଛି।

## ଜୟଦେବ ହେଲଥ୍ କେୟାରରେ ସ୍ୱାଭିମାନ ଦିବସ

**ବାଲିଅନ୍ତା, ୨୯।୪ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ବେଣ୍ଟପୁର ଶାସନ ସ୍ଥିତ ଜୟଦେବ ହେଲଥ କେୟାର ଓ ଜୟଦେବ ଫାଉଣ୍ଡେସନ ମିଳିତ ସହଯୋଗରେ ଉତ୍କଳ ଗୌରବ ମଧୁସୂଦନ ଦାଶଙ୍କ ୧୭୨ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବାଲିଅନ୍ତା ସବ ରେଜିଷ୍ଟ୍ରାର ପୂଜା ଲେଙ୍କା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆୟୋଜିତ ସଭାରେ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଦୀପଦାନ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାଥ ଦାଶ , ଜାଗୁଲାଇ ସରସ୍ୱତୀ ଶିଶୁ ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶ୍ରୀକାନ୍ତ ଶେଖର ସାମନ୍ତରାୟ, ଡାକ୍ତର ତାପସ ରଞ୍ଜନ ଦାଶ, ସିଓ ଡାକ୍ତର ଆରତୀ ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମଧୁସୂଦନଙ୍କ ଜୀବନ ଆଦର୍ଶର ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧରେ ସୋନାଲି ନାୟକ,ଦିପ୍ତିମୟୀ ରଣା, ବିନୋଦିନୀ ଜେନା, ଜ୍ୟୋତିର୍ମୟୀ ସାହୁ, ରଶ୍ମିରେଖା ଦାଶ, ସତ୍ୟଜିତ ସେଠୀ ଓ କାଜଲ ବେହେରାଙ୍କ ସମେତ ସ୍ଥାନୀୟ ଲୋକ ଏବଂ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ। ବାଲିଅନ୍ତା ସମ୍ବାଦ ପ୍ରତିନିଧି ନିରଞ୍ଜନ ସେନାପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## ଭଲିବଲ୍‌ର ବିକାଶ ନେଇ କିସ୍ ଓ ଏଫ୍‌ଆଇଭିବି ଆଲୋଚନା

**ଭୁବନେଶ୍ୱର, ୨୯।୪ (ସଂଚାର ବ୍ୟୁରୋ):** କିସ୍ ଜରିଆରେ ତୃଣମୂଳସ୍ତରରେ ଭଲିବଲର ବିକାଶ ନେଇ କିଟ୍-କିସ୍ ଓ ଏଫ୍‌ଆଇଭିବି ମଧରେ ଆଲୋଚନା ହୋଇଛି । ଏ ସମ୍ପର୍କରେ ଆଲୋଚନା ପାଇଁ କିଟ୍ ଓ କିସ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ସୁଇଜରଲ୍ୟାଣ୍ଡ ସ୍ଥିତ ଏଫ୍‌ଆଇଭିବି ମୁଖ୍ୟାଳୟକୁ ନିମନ୍ତ୍ରଣ କରାଯାଇଥିଲା। ଏଫ୍‌ଆଇଭିବି ହେଉଛି ଭଲିବଲର ସର୍ବୋଚ୍ଚ ଆନ୍ତର୍ଜାତିକ ସଂଗଠନ। ଭାରତରେ ବିଶେଷ କରି ଓଡ଼ିଶାର ବିଦ୍ୟାଳୟ ଗୁଡ଼ିକରେ ତୃଣମୂଳସ୍ତରରେ ଭଲିବଲର ପ୍ରସାର ଉପରେ ସୋମବାର ଏଫ୍‌ଆଇଭିବି କର୍ତ୍ତୃପକ୍ଷ ଓ ଶ୍ରୀ ସାମନ୍ତଙ୍କ ମଧରେ ଆଲୋଚନା ହୋଇଥିଲା।



ଏହି ଆଲୋଚନାରେ ଅଚ୍ୟୁତ ସାମନ୍ତଙ୍କ ସହ ଏଫ୍‌ଆଇଭିବି ଭଲିବଲ୍ ଫାଉଣ୍ଡେସନ୍ ସଭାପତି ଡ. ଆରି ଗ୍ରାକା, ଏଫ୍‌ଆଇଭିବି ସଭାପତି ଫାବିଓ ଆଜେଭେଦୋ, ଏଫ୍‌ଆଇଭିବି ଜେନେରାଲ୍ ଡାଇରେକ୍ଟର ଷ୍ଟିଭ୍ ଟଟନ୍ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଶ୍ରୀ ସାମନ୍ତ ଭାରତୀୟ ଭଲିବଲ୍ ସଂଘର ସଭାପତି ଭାବେ ପଦ ଛାଡ଼ିବା ପରେ ଭାରତରେ ଭଲିବଲ୍‌ର ଆଖିଦୃଶିଆ ଉନ୍ନତି ପରିଲକ୍ଷିତ ହୋଇନଥିବା ଏହି ଆଲୋଚନା ଅବସରରେ ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରକାଶ କରିଥିଲେ।

ତେବେ ଖୁବ୍ ଶୀଘ୍ର କିଟ୍ ଓ କିସ୍ ଜରିଆରେ ଭାରତ ବିଶେଷକରି ଓଡ଼ିଶାରେ ଭଲିବଲର ପ୍ରସାର ନିମନ୍ତେ କିସରେ ଅନେକଗୁଡ଼ିଏ ସେଣ୍ଟର ଅଫ୍ ଏକ୍ସଲେନ୍‌ସ ଖୋଲାଯିବ ବୋଲି ଏଫ୍‌ଆଇଭିବି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହି କେନ୍ଦ୍ରଗୁଡ଼ିରେ ଖେଳାଳି ଓ ପ୍ରଶିକ୍ଷକମାନଙ୍କୁ ଉନ୍ନତ ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହା ସହିତ ଭଲିବଲ୍ କୋଚ୍ ଓ ରେଫରୀମାନଙ୍କ ପାଇଁ ଏକ ଏକାଡେମିକ୍ ପ୍ରୋଗ୍ରାମ ମଧ ଚାଲୁ କରାଯିବ। ଆଗାମୀ ଦିନରେ ଓଡ଼ିଶାରେ ୪ଶହ ବିଦ୍ୟାଳୟକୁ ଏହି ବିକାଶଧାରାରେ ସାମିଲ କରାଯିବ ଏବଂ ପ୍ରତ୍ୟେକ ବିଦ୍ୟାଳୟକୁ ଭଲିବଲ୍ ଓ ନେଟ୍ ଯୋଗାଇ ଦିଆଯିବ ବୋଲି ଏଫ୍‌ଆଇଭିବି କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି । ସେହିପରି ବିଚ୍ ଭଲିବଲ୍‌ର ବିକାଶ ପାଇଁ ମଧ ଏଫ୍‌ଆଇଭିବି ପକ୍ଷରୁ ପ୍ରଶିକ୍ଷକ ଯୋଗାଇ ଦିଆଯିବ।

## ପାଶବିକତାଠାରୁ ବି ଜଘନ୍ୟ ସନ୍ତ୍ରାସବାଦ



**ଯାଜପୁର, ୨୯।୪ (ସଂଚାର ବ୍ୟୁରୋ):** ପାଶବିକତାର ଠାରୁ ବି ସନ୍ତ୍ରାଶବାଦ ଅଧିକ ଜଘନ୍ୟ ବୋଲି ପହଲଗାମରେ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ଭାରତୀୟଙ୍କ ମୃତ୍ୟୁ ଘଟଣାରୁ ପ୍ରମାଣିତ ହୋଇଛି। ଏଭଳି ମାନବିକତାର ମୃତ୍ୟୁ ଆଜିର ମାନବଜାତି ପାଇଁ ସର୍ବଶ୍ରେଷ୍ଠ ବିପଦ ବୋଲି ବରିଷ୍ଠ ଯୁବନେତା ସତୀଶ ବିଶ୍ୱାଳ ମତ ପ୍ରକାଶ କରିଛନ୍ତି। ଏଥିନେଇ ଯାଜପୁର ଜିଲ୍ଲାର 'ମହିଳା ସଶକ୍ତିକରଣ ସଂଗଠନ ଧର୍ମଶାଳା' ତରଫରୁ ନୀରବ ଶୋଭାଯାତ୍ରା କରାଯାଇଥିଲା। ଏହାପରେ ସନ୍ତ୍ରାସବାଦ ବିରୋଧରେ ଭାରତ ଲଢେଇର ବିଜୟ ପାଇଁ ଚଣ୍ଡୀଖୋଲର ଆରାଧ ଦେବୀ ମା ଚଣ୍ଡୀଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇଥିଲା। ମା ଚଣ୍ଡୀଙ୍କୁ ପଦ୍ମଫୁଲର ମାଳ ପିନ୍ଧାଯାଇ ଶତାଧିକ ମହିଳା ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ। ଏହାପରେ ମୃତ୍ୟୁବରଣ କରିଥିବା ଭାରତୀୟଙ୍କ ଆତ୍ମାର ସଦଗତି କାମନା କରିଥିଲେ। ସେମାନଙ୍କ ପରିବାରର ଉତ୍ତୋରତର ଉନ୍ନତି ପାଇଁ ସତୀଶଙ୍କ ସହ ମହିଳାମାନେ ସମୂହ ଦୀପଦାନ କରି ନୀରବ ପ୍ରାର୍ଥନା କରିଥିଲେ।

ଏଥିରେ ସତୀଶ କହିଥିଲେ ଯେ, ମୋର ମାଆ ଓ ଭଉଣୀ ମାନଙ୍କ ବିପୁଳ ସଂଖ୍ୟାରେ ନିଜସ ଉଦ୍ୟମରେ ଉପସ୍ଥିତି ଏବଂ ସେମାନଙ୍କ ଦେଶପ୍ରେମକୁ ପ୍ରଣାମ ଜଣାଇବା ସହ ଗଭୀର କୃତଜ୍ଞତା ଜଣାଉଛି । ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଦେଶର ମୁକ୍ତି ସଂଗ୍ରାମକୁ ମଧ ଦେଶ ଭିତରର କିଛି ବ୍ୟକ୍ତି ଓ ଅନୁଷ୍ଠାନ ବିରୋଧ କରୁଥିଲେ। ସେହିଭଳି ସନ୍ତ୍ରାସବାଦକୁ ମଧ ଦେଶ ଭିତରେ ଥିବା କିଛି ଦଶଦ୍ରୋହୀ ଭିତିରି ସମର୍ଥନ ଦେବା ଦୁର୍ଭାଗ୍ୟଜନକ। ଦେଶର ଏଭଳି ଘଡିସନ୍ଧି ସମୟରେ ସମସ୍ତ ଦେଶବାସୀ ଦଳ ମତ ନିର୍ବିଶେଷରେ ରାଷ୍ଟ୍ର ସ୍ୱାର୍ଥ ପାଇଁ ନିଜ ଜୀବନ ଉତ୍ସର୍ଗ କରିବାକୁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ। ଏଥିରେ ବହୁ ମହିଳା ପ୍ରତିନିଧି ଯୋଗ ଦେଇଥିଲେ।

## ଆୟୁଷ୍ମାନ ଯୋଜନା: ଇ-କେୱାଇସି କରିବେନି ଜନସେବା କେନ୍ଦ୍ର

**ନୟାଗଡ଼, ୨୯।୪ (ସଂଚାର ବ୍ୟୁରୋ):** ନୟାଗଡ଼ ସଦର ବ୍ଲକ ଅଞ୍ଚଳରେ ରହିଥିବା ସମସ୍ତ ଜନସେବା କେନ୍ଦ୍ର ଆୟୁଷ୍ମାନ ଯୋଜନା ଇକେୱାଇସି ନକରିବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ଇକେୱାଇସି କରିବା ପାଇଁ ମିଳୁଥିବା ପାରିଶ୍ରମିକ ପରିଶ୍ରମ ତୁଳନାରେ କମ ହୋଇଥିବା ବେଳେ କୁଜି ନେତାଙ୍କ ପ୍ରଭାବ ଜନସେବା କେନ୍ଦ୍ର ଗୁଡ଼ିକ ଉପରେ ଅସହ୍ୟ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି । ଆଶାଦିଦିଙ୍କ ଦ୍ୱାରା ଚିହ୍ନଟ ହେଉଥିବା ହିତାଧିକାରୀଙ୍କୁ ସଠିକ ସମୟରେ ପାଇବାରେ ସମସ୍ୟା ହେଉଛି । ଯାହା ଦ୍ୱାରା ଅନେକ ସମୟ ଅପଚୟ ହେଉଛି । ଅଧିକ ସମୟ ଓ ପରିଶ୍ରମ ଦେଇ କାମ କରିବା ପରେ କମିଶନ ବାବଦରେ ମାତ୍ର ୨.୪୨ ଟଙ୍କା ମିଳୁଛି । ଯାହାକୁ ନେଇ ଅସନ୍ତୋଷ ରହିଥିବା ବେଳେ ରାଜନୀତି ସହ ଜଡିତ କିଛି କୁଜି ନେତାଙ୍କ ପ୍ରାଦୁର୍ଭାବ ଆମ୍ଭମାନଙ୍କୁ ଅସହ୍ୟ ହେଲାଣି ବୋଲି ଜନସେବା କେନ୍ଦ୍ର ଗୁଡ଼ିକ ପକ୍ଷରୁ ଅଭିଯୋଗ ହୋଇଛି । ଯାହାକୁ ନେଇ ଆୟୁଷ୍ମାନ ଇକେୱାଇସି କରିବାକୁ ଜନସେବା କେନ୍ଦ୍ର ଗୁଡ଼ିକ ମନା କରି ଦେଇଥିବା ଜଣାପଡ଼ିଛି ।



ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ଜନସେବା କେନ୍ଦ୍ର କର୍ମଚାରୀ



## ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସମ୍ପର୍କିତ ପଲ୍ଲୀସଭା

**ଖୋର୍ଦ୍ଧା, ୨୯।୪ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଖୋର୍ଦ୍ଧା ବ୍ଲକର ୩ଟି ଗ୍ରାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୫ଟି ସରକାରୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରାଯିବ। ଏନେଇ ଆଜି ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଏକ ଜରୁରୀ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଦିବାସୀ ଜନଜାତି ମାନଙ୍କ ବିକାଶ ପାଇଁ ହୋଇଥିବା ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ବିଶେଷ କରି ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳୀ, ସାମାଜିକ ଓ ଆର୍ଥିକ ସ୍ତରରେ ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ । ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଦେଶର ୬୩ ହଜାର ଗ୍ରାମରେ ପ୍ରାୟ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର କରାଯାଉଥିବା ବେଳେ, ସରକାରଙ୍କ ୧୭ ବିଭାଗ ଏହି କାର୍ଯ୍ୟକ୍ରମର ତଦାରଖ କରିବ।

## ମା' ଜିମିଧାରିଣୀ ମନ୍ଦିର ପ୍ରତିଷ୍ଠା ପାଇଁ ବେହେଡ଼ା ଚଳଚଞ୍ଚଳ

**ବେହେଡା, ୨୯।୪ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲାର ଉମରକୋଟ ବେହେଡା ଅନ୍ତର୍ଗତ ଶିରାଗୁଡା ଠାରେ ଜମିଧାରିଣୀ ମନ୍ଦିର ପ୍ରତିଷ୍ଠା ୨୯ ଠାରୁ ୧ ତାରିଖ ପର୍ଯ୍ୟନ୍ତ ହେବାକୁ ଯାଉଛି । ଏ ଅଞ୍ଚଳରେ ଅଲେଖ ମହିମା ବହୁଳଭାବରେ ଲୋକଙ୍କୁ ପ୍ରଭାବିତ ଦେଖିବାକୁ ମିଳୁଛି। ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଛି, ଭକ୍ତ ମାନେ ଆସିବାରେ ଲାଗିଛନ୍ତି, କମିଟି ମଧ ବେଶ ଉତ୍ସାହିତ ଅଛି। କମିଟି ସଭାପତି ବୀରନାଥ ଭତ୍ରା, ସମ୍ପାଦକ ରବୀନ୍ଦ୍ର ବାଗ, କୋଷାଧକ୍ଷ ସୁକୁନାଥ ଗଣ୍ଡ, କମୁଲୁ , ଯୁଗଶାଇ,ସୁବାସ, ମଙ୍ଗଳ, କାର୍ତିକ, ନିତ୍ୟା, ଚଞ୍ଚଳ, ଇନ୍ଦ୍ର, ରତନ, ରାଜୁ, ଲଛ, ସାମ୍ବାରୁ, ବୈକୁଣ୍ଠ, ଦୀନବନ୍ଧୁ,ଘାସି, ଲକି, ସହଦେବ, ଚନ୍ଦନ ଓ ଆଖପାଖରେ ସମସ୍ତେ ସ୍ୱଇଚ୍ଛାରେ ପୂର୍ଣ୍ଣ ସହଯୋଗ କରିବେ ବୋଲି କମିଟି କହିଛି। ଆଜି ସକାଳୁ ତେଲନଦୀ କୂଳରୁ ହଜାର ହଜାର ଶ୍ରଦ୍ଧାଳୁ କଳସ ଯାତ୍ରାରେ ସାମିଲ ହୋଇଥିବା ଦେଖିବା ମିଳିଲା। କମିଟି ତରଫରୁ ଯଜ୍ଞ ଓ ଅର୍ଣ୍ଣ ବଣ୍ଟନ ଚାଲିଛି। ଏଥିରେ ବହୁତ ଭକ୍ତ ପ୍ରସାଦ ସେବନ କରିଥିଲେ।



## ଭେଳିକି ସାଜିଛି ମହୀପୁରଠାରୁ ବାଲୁଙ୍ଗା ପୂର୍ତ୍ତ ବିଭାଗ ରାସ୍ତା

# ଡାଇଭର୍ସନ ରାସ୍ତା ନକରି ନିର୍ମାଣ ହେଉଛି କଲଭର୍ଟ, ଲୋକେ ହନ୍ତସନ୍ତ

**ନୟାଗଡ଼, ୨୯।୪ (ସଂଚାର ବ୍ୟୁରୋ):** ନାକେଦମ କଲାଣି ଠିକାଦାର । ରାସ୍ତା କାମ ସାରିବାର ନା ଗନ୍ଧ ଧରୁନି ଠିକାଦାର । ବର୍ଷ ପରେ ବର୍ଷ ଗଡୁଛି କିନ୍ତୁ ଠିକାଦାର ଅପାରଗତା ଯୋଗୁଁ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେଉନଥିବା ସ୍ଥାନୀୟ ଲୋକଙ୍କୁ ବ୍ୟଥିତ କରିଛି।



ମହୀପୁର ଠାରୁ ବାଲୁଙ୍ଗା ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣରେ ନୟାଗଡ ଜିଲ୍ଲା ନୂଆଗାଁ ବ୍ଲକ ଡେଙ୍ଗେଣା ଗ୍ରାମପଞ୍ଚାୟତ ଡେଙ୍ଗେଣା ସ୍କୁଲ ସମ୍ମୁଖ ରାସ୍ତାରେ ଏକ କଲଭର୍ଟ ନିର୍ମାଣ ହେଉଛି ଯାହା ଦେଖିଲେ ଆପଣ ଅନୁଭବ କରିପାରିବେ ବୋଧ ହୁଏ ଏଠି ବିଭାଗୀୟ ଅଧିକାରୀଙ୍କ ପାଦ ପଡ଼ିନଥିବ। ଏହି ରାସ୍ତା ଉପରେ ହଜାର ହଜାର ଲୋକ ନିର୍ଭର କରୁଥିବା ବେଳେ ଏବେ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଠିକାଦାର ନିଜ ମର୍ଜିରେ ନିର୍ମାଣ କରୁଥିବା ସ୍ଥାନୀୟ ଲୋକ କହିଛନ୍ତି। ଖାଲି ସେତିକି ନୁହେଁ ଲକ୍ଷ୍ୟ ଲକ୍ଷ୍ୟ ଟଙ୍କାର ଏସ୍ଟିମେଟ ଥିବା ବେଳେ ସିମେଣ୍ଟର ପରିମାଣ କମ ଏବଂ ସରୁ ରଡ଼ ବ୍ୟବହାର ହେଉଛି। ଦୈନିକ ବିଭିନ୍ନ କାର୍ଯ୍ୟରେ ଲୋକ ଏହି ରାସ୍ତା ଉପରେ ନିର୍ଭର କରୁଥିବା ବେଳେ ଏହା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଡାଇଭରସନ ରାସ୍ତା ନିର୍ମାଣ ନକରି ଏକ ଚାଷ ଜମିରେ ରାସ୍ତା ଛାଡ଼ିଛି ଫଳରେ ଅଦିନିଆ ବର୍ଷାରେ ରାସ୍ତା ଏବେ ବେହାଲ ହୋଇଛି। ଗୁହାରି କଲେ ଶୁଣୁନି ଠିକାଦାର । ଫଳରେ ଏହି ବିପଦପୂର୍ଣ୍ଣ ରାସ୍ତା ପାଇଁ କାହାର କିଛି କ୍ଷତି ନହୁଏ ଏଥି ପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଲୋକ ଦାବି କରିଛନ୍ତି।

## ଗୋଲଡେନ୍ ଲ୍ୟାଣ୍ଡ ଚିଟ୍‌ଫଣ୍ଡ କମ୍ପାନୀ କେଳେଙ୍କାରୀ

# ୧,୪୨୮ କୋଟି ଟଙ୍କାର ସମ୍ପତ୍ତି ଜବତ କଲା ଇଡି




ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି), ଭୁବନେଶ୍ୱର ଜୋନ, ଗୋଲ୍ଡେନ ଲ୍ୟାଣ୍ଡ ଗ୍ରୁପ ଅଫ କମ୍ପାନିଜର ୧,୪୨୮ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ସାଧାରଣ ଜମାକାରୀଙ୍କୁ ଠକିବା ଅଭିଯୋଗରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ମିଳିଥିବା ସୂଚନାନୁସାରେ, ଜବତ ହୋଇଥିବା ସମ୍ପତ୍ତି ମଧ୍ୟରେ ୧୫.୦୬ କୋଟି ଟଙ୍କାର ବ୍ୟାଙ୍କ ବାଲାନ୍ସ, ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ବିଭିନ୍ନ ଜିଲ୍ଲାରେ ପ୍ରାୟ ୧ ହଜାର ଏକର ଜମି ଓ ଅନେକ ନିର୍ମାଣାଧୀନ କୋଠା ସାମିଲ। ଏହି ଜବତ ପ୍ରକ୍ରିୟା ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ), ୨୦୦୨ ଅଧୀନରେ କରାଯାଇଛି। ଏହା ପୂର୍ବରୁ ଗତବର୍ଷ ଫେବୃଆରୀ ୮ ତାରିଖରେ ଇଡ଼ି ପକ୍ଷରୁ ଓଡ଼ିଶା, ପଞ୍ଜାବ, ଚଣ୍ଡୀଗଡ଼ ଏବଂ ଦିଲ୍ଲୀରେ ଗୋଲ୍ଡେନ ଲ୍ୟାଣ୍ଡ ଗ୍ରୁପର ପ୍ରୋମୋଟର, ନିର୍ଦ୍ଦେଶକ ଓ ମାଲିକମାନଙ୍କ ବିରୋଧରେ ଏକାଧିକ ସ୍ଥାନରେ ତଲାସୀ ଅଭିଯାନ ଚଳାଇଥିଲା। ଏହି ଅଭିଯାନ ସମୟରେ ନଗଦ ଟଙ୍କା ଓ କେତେଗୁଡ଼ିଏ ଗାଡ଼ି ଜବତ ହୋଇଥିଲା। ଇଡିର ତଦନ୍ତ ସିବିଆଇ, ସ୍ପେଶାଲ ପୁଲିସ ଏଷ୍ଟାବ୍ଲିଶ୍‌ମେଣ୍ଟ, କୋଲକାତା ଦ୍ୱାରା ଦାୟର ଏକ ଅଭିଯୋଗ ଆଧାରରେ ଆରମ୍ଭ ହୋଇଥିଲା। ଏହି ମାମଲା ଭାରତୀୟ ଦଣ୍ଡ ବିଧାନ (ଆଇପିସି), ୧୮୬୦ର ବିଭିନ୍ନ ଧାରା ଅଧୀନରେ ରହିଛି ଓ ବୃହତ ଆର୍ଥିକ ଠକେଇ ଅଭିଯୋଗକୁ କେନ୍ଦ୍ର କରି ହୋଇଛି। ଇଡି ଅଧିକାରୀଙ୍କ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଗୋଲ୍ଡେନ ଲ୍ୟାଣ୍ଡ ଡେଭଲପର୍ସ ଲିମିଟେଡ ଏବଂ ଜିଏଲପି ଡେଭେଲପର୍ସ ଲିମିଟେଡ ସହ ଜଡ଼ିତ ବ୍ୟକ୍ତି ଓ ସଂସ୍ଥାଗୁଡ଼ିକ କୌଣସି ବୈଧ କିମ୍ବା ନିୟାମକ ଅନୁମୋଦନ ବିନା ଜନସାଧାରଣଙ୍କଠାରୁ ପ୍ରଚୁର ଅର୍ଥ ସଂଗ୍ରହ କରିଥିଲେ। ରିଅଲ ଏଷ୍ଟେଟ ବିକାଶର ଆଡ଼ମ୍ବରରେ ସେମାନେ ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶର ନିବେଶକମାନଙ୍କୁ ଉଚ୍ଚ ଆୟର ମିଥ୍ୟା ପ୍ରତିଶ୍ରୁତି ଦେଇ ଆକର୍ଷିତ କରିଥିଲେ। ତଦନ୍ତରୁ ଆହୁରି ଜଣାପଡ଼ିଛି ଯେ ଏହି ଗ୍ରୁପ ବୃହତ ପରିମାଣରେ ଅର୍ଥକୁ ସହଯୋଗୀ କମ୍ପାନୀ ଏବଂ ନିର୍ଦ୍ଦେଶକ ତଥା ସହଯୋଗୀମାନଙ୍କ ବ୍ୟକ୍ତିଗତ ଖାତାକୁ ଡାଇଭର୍ଟ କରିଥିଲେ, ଯାହା ଏହି ଆର୍ଥିକ କେଳେଙ୍କାରୀକୁ ଆହୁରି ଗୁରୁତର କରିଛି।

## ଅସହ୍ୟ ହେଲା ପ୍ରେମିକା

# ଧୋକା, ଝୁଲିପଡ଼ିଲେ ପ୍ରେମିକ



ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ପୁଣି ରାଜଧାନୀରେ ଦେଖିବାକୁ ମିଳିଛି ପ୍ରେମ, ପ୍ରତାରଣା ଆଉ ଜନିତ ଆତ୍ମହତ୍ୟା ଘଟଣା। ରାଜଧାନୀରେ ପ୍ରେମ ପାଇଁ ଜୀବନ ହାରିଛନ୍ତି ପ୍ରେମିକ। ସ୍ଥାନୀୟ ବରମୁଣ୍ଡା ଦଳିତ ସାହିରେ ଜନୈକ ୨୨ ବର୍ଷୀୟ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ଝୁଲନ୍ତା ଅବସ୍ଥାରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଥିବାରୁ ସେ ପ୍ରେମରେ ପ୍ରତାରଣାକୁ ସହି ନ ପାରି ଏପରି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତ ପ୍ରେମିକ ଜଣଙ୍କ ରାହୁଲ ଗୋଛାୟତ ବୋଲ ଜଣାପଡ଼ିଛି। ପରିବାର ଲୋକେ କରିଥିବା ଅଭିଯୋଗ ଅନୁସାରେ, ରାହୁଲ ଜନୈକା ଯୁବତୀଙ୍କୁ ଭଲ ପାଉଥିଲେ। ଏପରିକି ଉଭୟ ପରସ୍ପରକୁ ମନ୍ଦିରରେ ଜୀବନସାଥୀ ଭାବେ ମଧ୍ୟ ବାଛିସାରିଥିଲେ। କିନ୍ତୁ ବିବାହ ପରେ ଯୁବତୀ ତାଙ୍କ ସହ ପ୍ରତାରଣା କରି ଅନ୍ୟ କାହା ସହ ସମ୍ପର୍କ ରଖିଥିଲେ। ତେବେ ରାହୁଲ କୌଣସି ଆୟ କରୁନଥିବାରୁ ପ୍ରେମିକା ତାଙ୍କ ଉପରେ ସବୁବେଳେ ରୋଜଗାର କରିବା ସକାଶେ ଚାପ ପକାଉଥିଲେ। ଏହି ଚାପକୁ ବରଦାସ୍ତ କରିନପାରି ଓ ପ୍ରେମିକା ଅନ୍ୟ ଜଣେ ଯୁବକ ସହ ସମ୍ପର୍କ ରଖିଥିବାରୁ ଶେଷରେ ରାହୁଲ ଜୀବନ ହାରିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏଥିସହ ସମ୍ପୃକ୍ତ ଯୁବତୀଙ୍କୁ ଗିରଫ କରିବା ସକାଶେସେମାନେ ଦାବି କରିଛନ୍ତି। ଗତକାଲି ସନ୍ଧ୍ୟାରେ ଝୁଲନ୍ତା ଅବସ୍ଥାରେ ରାହୁଲଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଏହା ଏକ ଆତ୍ମହତ୍ୟା ଘଟଣା ବୋଲି ଅନୁମାନ କରାଯାଉଥିଲେ ହେଁ ଅଦ୍ୟାବଧି ମୃତ୍ୟୁର କାରଣ ନେଇ କିଛି ବି ସ୍ପଷ୍ଟ ହୋଇପାରିନାହିଁ। ପୁଲିସ ମୃତଦେହ ଉଦ୍ଧାର କରିବା ସହ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। କିନ୍ତୁ ଏନେଇ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୁଲିସ ପକ୍ଷରୁ କୌଣସି ପ୍ରକାର ସୂଚନା ମିଳିପାରିନାହିଁ।

## ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କୁ ଅବହେଳା କଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ସ୍ୱାସ୍ଥ୍ୟସେବାରେ ବଡ ଭୂମିକା ଗ୍ରହଣ କରିବ ଆୟୁଷ୍ମାନ କାର୍ଡ। ଆୟୁଷ୍ମାନ ଯୋଜନାରେ ହିତାଧିକାରୀଙ୍କୁ ଅବହେଳା କଲେ ହେବ ଦୃଢ କାର୍ଯ୍ୟାନୁଷ୍ଠାନ। ଆୟୁଷ୍ମାନ ଯୋଜନା ଦ୍ୱାରା ଅନେକ ଗରିବ ଓ ମଧ୍ୟବିତ ଲୋକ ଉପକୃତ ହୋଇଛନ୍ତି। ତେବେ ଏହି ସେବାରୁ ଯେପରି କୌଣସି ବି ହିତାଧିକାରୀ ବାଦ ନପଡନ୍ତି ସେନେଇ ସ୍ୱାସ୍ଥ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ଯୋଜନା ଅନ୍ତର୍ଗତ ହୀତାଧିକାରୀ ଯେପରି କୌଣସି ଅବହେଳା ନହୁଅନ୍ତି ସେନେଇ ତାଗିଦ୍ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ମନ୍ତ୍ରୀ କହିଛନ୍ତି, ଆୟୁଷ୍ମାନ କାର୍ଡରେ କୌଣସି ଦ୍ୱନ୍ଦ ନାହିଁ। ଯାହା କିଛି ଟେକ୍ନିକାଲ ସମସ୍ୟା ରହିଛି। ସମସ୍ୟାର ସମାଧାନ ନେଇ ଆଲୋଚନା ଚାଲିଛି। ଘରୋଇ ହସ୍ପିଟାଲ ପ୍ୟାକେଜ ବୃଦ୍ଧି ଦାବି ଉପରେ ବି ବିଚାର କରାଯିବ। ସରକାରୀ ସ୍ତରରୁ, ଲୋକଙ୍କ ପାଖରୁ ବିଭିନ୍ନ ମତାମତ ଆସୁଛି। ସବୁ ଦିଗକୁ ନେଇ ନେଇ ବିଚାର ଚାଲିଛି। ପ୍ୟାନ ଇଣ୍ଡିଆ କାର୍ଡ ହୋଇଥିବାରୁ ନେଟୱର୍କ ଓ ଓଟିପି ସମସ୍ୟା ରହିଛି। ସମସ୍ୟା ସମାଧାନ ନେଇ ଚାଲିଛି ଆଲୋଚନା। ଏହାପରେ ବି ଯଦି ରୋଗୀଙ୍କୁ ଅବହେଳା କରାଯାଏ ତେବେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠନ ଗ୍ରହଣ କରାଯିବ।

## ୧ରୁ ପର୍ଯ୍ୟଟକଙ୍କ ପାଇଁ ୩ ମାସ ଭିତରକନିକା ବନ୍ଦ




ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ପର୍ଯ୍ୟଟକଙ୍କ ପାଇଁ ୩ ମାସ ବନ୍ଦ ରହିବ ଭିତରକନିକା। ମେ' ୧ ତାରିଖରୁ ଜୁଲାଇ ୩୧ତାରିଖ ଯାଏଁ ଦେଶ ବିଦେଶର ପର୍ଯ୍ୟଟକ ମାନଙ୍କ ପାଇଁ ଭିତରକନିକା ବନ୍ଦ ରହିବ। ବଉଳା କୁମ୍ଭୀର ମାନଙ୍କର ପ୍ରଜନନ ଋତୁ ହୋଇଥିବାରୁ ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଏହି ପଦକ୍ଷେପ ନେଇଛି। ଏହି ସମୟରେ ବଉଳା କୁମ୍ଭୀର ମାନେ ଅଣ୍ଡା ଦେବାକୁ ନିରାପଦ ସ୍ଥାନ ଠାବ କରି ବସା କରି ଅଣ୍ଡା ଦେଇଥାନ୍ତି। ଜୁଆର ମାଡୁନଥିବା ସ୍ଥାନରେ ଅର୍ଥାତ ସ୍ଥଳଭାଗରେ କୁମ୍ଭୀର ବସା କରି ଅଣ୍ଡା ଦେଇଥାଏ। ଏହି ସମୟରେ ମାଆ କୁମ୍ଭୀରମାନେ ଅଧିକ ହିଂସ୍ର ହୋଇ ପଡିଥାନ୍ତି । ଏହି ୩ ମାସ ପର୍ଯ୍ୟନ୍ତ କୌଣସି ପର୍ଯ୍ୟଟକ ଭିତରକନିକା ଭିତରକୁ ପ୍ରବେଶ କରିପାରିବେ ନାହିଁ ବୋଲି ବନ ବିଭାଗ ନିୟମ ଜାରି କରିଛି। ଏହି ସମୟରେ ମାଛଧରା ବୋଟ୍ ଓ ଅନ୍ୟାନ୍ୟ ମଟରଚାଳିତ ବୋଟ୍ ଗୁଡିକୁ ଜାତୀୟ ଉଦ୍ୟାନରେ ନିଷିଦ୍ଧ କରାଯାଇଛି । ମାତ୍ର ଅଗଷ୍ଟ ୧ ତାରିଖରୁ ପୁଣି ଥରେ ଭିତରକନିକା ଜାତୀୟ ଉଦ୍ୟାନ ପର୍ଯ୍ୟଟକଙ୍କ ପାଇଁ ଖୋଲାଯିବ।

### ମାଓବାଦୀଙ୍କ ଆହ୍ୱାନ

## ଶାନ୍ତିବାର୍ତ୍ତା ପାଇଁ ଆଗେଇ ଆସନ୍ତୁ ସରକାର

ମାଲକାନଗିରି, ୨୯।୪(ସଂଚାର ବ୍ୟୁରୋ): ମାଓ ସଂଗଠନର କେନ୍ଦ୍ରୀୟ କମିଟିର ମୁଖପାତ୍ର ଅଭୟ ଆଜି ପୁଣି ପ୍ରେସ୍ ବିଜ୍ଞପ୍ତି ଜାରି କରି ସରକାରଙ୍କୁ ତୁରନ୍ତ ଶାନ୍ତିବାର୍ତ୍ତା ପାଇଁ ଆଗେଇ ଆସିବାକୁ ଅନୁରୋଧ କରିଛନ୍ତି। ସେ କହିଛି ଯେ ଗତ ଜାନୁଆରି ୨୦୨୪ ଠାରୁ କେନ୍ଦ୍ରୀୟ ଏବଂ ରାଜ୍ୟ ପୁଲିସ ପାରାମିଲିଟାରୀ ଏବଂ କମାଣ୍ଡୋ ଫୋର୍ସ ଅପରେସନ୍ କଗାର ନାମରେ ଶହଶହ ମାଓବାଦୀ ଏବଂ ନିରୀହ ଆଦିବାସୀଙ୍କୁ ହତ୍ୟା କରିଛନ୍ତି। ଏହା ଆଜି ପର୍ଯ୍ୟନ୍ତ ଚାଲୁ ରହିଛି। ବହୁ ଗଣତାନ୍ତ୍ରିକ ତଥା ବୈପ୍ଳବିକ ଲୋକ ସଂଗଠନ, ଦଳ, ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତା, ପ୍ରଗତିଶୀଳ, ଗଣତାନ୍ତ୍ରିକ ତଥା ବୁଦ୍ଧିଜୀବୀ ଏହି ହତ୍ୟାକାଣ୍ଡକୁ ନିନ୍ଦା କରିବା ପାଇଁ ଦେଶ ତଥା ବିଶ୍ୱରେ ଶହଶହ ସଂଖ୍ୟାରେ ବିରୋଧ କରୁଛନ୍ତି। ସେମାନଙ୍କର ଦାବି ହେଉଛି ଯେ ତୁରନ୍ତ ଅପରେସନ ବନ୍ଦ କରାଯାଉ, ଅସ୍ତ୍ରବିରତି ଘୋଷଣା କରାଯିବା ଉଚିତ ଏବଂ ସରକାର ଓ ମାଓବାଦୀଙ୍କ ମଧ୍ୟରେ ଆଲୋଚନା ମାଧ୍ୟମରେ ଏହି ସମସ୍ୟାର ସମାଧାନ କରାଯାଉ। ମାର୍ଚ୍ଚ ୨୮ ରେ ମୁଁ ଶାନ୍ତି ଆଲୋଚନା ସମ୍ପର୍କରେ କେନ୍ଦ୍ରୀୟ କମିଟି ପକ୍ଷରୁ ଏକ ବିବୃତ୍ତି ଜାରି କରିଛି। ଏଥିରେ ମୁଁ କହିଛି ଯେ ସରକାରଙ୍କ ସହ ଶାନ୍ତି ବୁଝାମଣା କରିବାକୁ ଆମେ ପ୍ରସ୍ତୁତ। ଶାନ୍ତି ଆଲୋଚନା ପାଇଁ ଏପର୍ଯ୍ୟନ୍ତ ଜାରି କରାଯାଇଥିବା ପ୍ରେସ ବିଜ୍ଞପ୍ତି, ଦାଣ୍ଡକାରଣ୍ୟ ଉତ୍ତର-ପଶ୍ଚିମ ସବଜୋନାଲ ବ୍ୟୁରୋରୁ କମ୍ରେଡ ରୁପେଶଙ୍କ ଦ୍ୱାରା ଜାରି ଦୁଇଟି ପ୍ରେସ ବିଜ୍ଞପ୍ତି ସମେତ ମୋଟ ତିନୋଟି ପ୍ରେସ ବିଜ୍ଞପ୍ତି ଜାରି କରାଯାଇଛି। ଏହି ସମୟରେ ଆମର ସାଥୀମାନେ ଆମର ପିଏଲଜିଏ ବାହିନୀର ସଶସ୍ତ୍ର କାର୍ଯ୍ୟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଗତ କିଛି ଦିନ ତଳେ ଝାଡଖଣ୍ଡରେ ଆମର କେନ୍ଦ୍ରୀୟ କମିଟି ସଦସ୍ୟ କମ୍ରେଡ ବିବେକ ଏବଂ ଅନ୍ୟ ସାଥୀମାନଙ୍କୁ ହତ୍ୟା କରିଯାଇଛି। ବାକି ମାଓବାଦୀମାନେ ଆତ୍ମସମର୍ପଣ କରିବା ଉଚିତ, ନଚେତ୍ ସେମାନେ ମଧ୍ୟ ସମାନ ସମା ଦୁର୍ଦ୍ଦଶା ଭୋଗିବେ ବୋଲି ସରକାର ଚେତାବନୀ ଦେଇଛନ୍ତି। ବଞ୍ଚିବାର ଅଧିକାର, ଯାହା ସେମାନଙ୍କୁ ଭାରତର ସମ୍ବିଧାନରେ ଦିଆଯାଇଥିଲା, ସେମାନଙ୍କ ଦ୍ୱାରା ଚୂର୍ଣ୍ଣ କରାଯାଉଛି।

# ଗ୍ରୀଷ୍ମ ପ୍ରବାହ ନିୟନ୍ତ୍ରଣ ନେଇ ସମୀକ୍ଷା ବୈଠକ

### ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବ୍ୟାପକ ପଦକ୍ଷେପ



ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ଆଗାମୀ ଗ୍ରୀଷ୍ମ ପ୍ରବାହ ଓ କ୍ରମାଗତ ତାପମାତ୍ରା ବୃଦ୍ଧିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜନସାଧାରଣଙ୍କ ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ସହ ବ୍ୟାପକ ଜନସଚେତନତା ଉପରେ ପ୍ରାଧାନ୍ୟ ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ନିର୍ଦ୍ଦେଶ କ୍ରମେ ଗ୍ରୀଷ୍ମ ପ୍ରବାହ ସମୟରେ ଜନଜୀବନର ସୁରକ୍ଷା ପାଇଁ ଆବଶ୍ୟକ ତ୍ୱରିତ ପଦକ୍ଷେପ, ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଆବଶ୍ୟକ ସ୍ୱାସ୍ଥ୍ୟ ସାମଗ୍ରୀର ସଂରକ୍ଷଣ ଏଥିସହ ଅନ୍ୟାନ୍ୟ ସମସ୍ତ ବ୍ୟବସ୍ଥାକୁ ସୁବ୍ୟବସ୍ଥିତ କରିବା ପାଇଁ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ (ଡିପିଏଚ୍) ଡା. ନୀଳକଣ୍ଠ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଆଜି ସ୍ଥାନୀୟ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଅତ୍ୟଧିକ ଗରମର ଜନସ୍ୱାସ୍ଥ୍ୟ ପ୍ରଭାବକୁ ସୁପରିଚାଳନା କରିବା ପାଇଁ ଏକ ବ୍ୟାପକ ଆଭିମୁଖ୍ୟର ଆବଶ୍ୟକତା ଉପରେ ଡା. ମିଶ୍ର ଗୁରୁତ୍ୱାରୋପ କରିଥିଲେ। ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ହ୍ରାସ କରିବା ପାଇଁ ଇଣ୍ଟ୍ରାଭେନସ ଫ୍ଲୁଇଡ୍, ଓଆର୍‌ଏସ୍, ଆବଶ୍ୟକୀୟ ଔଷଧ, ଏୟାର କୁଲର /ଶୀତତାପ ନିୟନ୍ତ୍ରିତ କକ୍ଷ ଓ ସର୍ବୋପରି ପାୱାର ବ୍ୟାକଅପ୍ ସିଷ୍ଟମ୍ ଭଳି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥାର ଉପଲବ୍ଧତା ସୁନିଶ୍ଚିତ କରିବା ଉପରେ ସ୍ୱାସ୍ଥ୍ୟ ବିଭାଗ ଯଥେଷ୍ଟ ପ୍ରଯତ୍ନଶୀଳ। ଏହାଛଡ଼ା ଗ୍ରୀଷ୍ମପ୍ରବାହ ଆକ୍ରାନ୍ତଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ଶଯ୍ୟା ପ୍ରସ୍ତୁତ ରଖିବା ସହ ସମସ୍ତ ଚିକିତ୍ସା ସୁବିଧା ସୁନିଶ୍ଚିତ କରିବା ସକାଶେ ସମସ୍ତ ଜିଲ୍ଲାର ସ୍ୱାସ୍ଥ୍ୟ ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ମିଶ୍ର ପ୍ରକାଶ କରିଛନ୍ତି।

ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଗୁରୁତର ସହ ନେଇ ସ୍ୱାସ୍ଥ୍ୟକର୍ମୀଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ମଧ୍ୟ ବିଭାଗ ପକ୍ଷରୁ ସମ୍ପ୍ରସାରିତ କରାଯାଇଛି। ଏହି ପ୍ରଶିକ୍ଷଣକୁ ତୃଣମୂଳ ସ୍ତର ଯାଏଁ ସମ୍ପ୍ରସାରିତ କରାଯାଉଛି। ଫଳରେ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଗ୍ରୀଷ୍ମଜନିତ ସ୍ୱାସ୍ଥ୍ୟ ସମସ୍ୟାର ତ୍ୱରିତ ଓ ପ୍ରଭାବଶାଳୀ ଚିକିତ୍ସା ଯୋଗାଇଦେଇପାରିବେ ବୋଲି ଡା. ମିଶ୍ର ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଅତ୍ୟଧିକ ଗରମ ଅନୁଭୂତ ହେଉଥିବା ଖଣିଖାଦାନ ଅଞ୍ଚଳର ଜନସାଧାରଣଙ୍କୁ ଅତିରିକ୍ତ ସମ୍ବଳ ଓ ସୁରକ୍ଷା ଯୋଗାଇ ଦେଇ ବିଶେଷ ଧ୍ୟାନ ଦେବାପାଇଁ ପରାମର୍ଶ ଦିଆଯାଉଛି । ଏହା ସହିତ ଗ୍ରୀଷ୍ମ ପ୍ରବାହ ସମୟର ସମ୍ବେଦନତା ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଜନସାଧାରଣଙ୍କୁ ବ୍ୟବହାରିକ ପରାମର୍ଶ ପ୍ରଦାନ କରିବା ପାଇଁ ସାରା ରାଜ୍ୟରେ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଶାସନମାନଙ୍କୁ ନିର୍ଦ୍ଦେଶେ ଦିଆଯାଇଛି। ବୈଠକରେ ଉତ୍ତାପଜନିତ ରୋଗର ନୋଡାଲ ଅଫିସର ଡା. ବସନ୍ତ ପ୍ରଧାନ, ରାଜ୍ୟ ସର୍ଭେଲାନ୍ସ ଅଫିସର ଡା. ଅଶୋକ ପାଇକରାୟ, ଅତିରିକ୍ତ ନିର୍ଦ୍ଦେଶିକା ଡା. ଶେଫାଳୀ ମଲ୍ଲିକ, ଅତିରିକ୍ତ ନିର୍ଦ୍ଦେଶିକା ଡା. ପ୍ରତିଭା ପ୍ରଧାନଙ୍କ ସମେତ ସମସ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଯୋଗ ଦେଇଥିଲେ।

## ୪ ଦିନ ଯାଏଁ ଝଡ଼ବର୍ଷା, ୧୩ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ରାଜ୍ୟରେ ଏବେ ତାତିର ତାଉ ହ୍ରାସ ପାଇଛି। କାରଣ କାଳବୈଶାଖୀଜନିତ ବର୍ଷା ଜନସାଧାରଣଙ୍କୁ ତାତିରୁ ତ୍ରାହି ଦେଇଛି। ତେବେ ରାଜ୍ୟରେ ଆହୁରି ୪ ଦିନ ଅର୍ଥାତ୍ ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ହେବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ କରାଇ ଦିଆଯାଇଛି। ଏଥିସହ ଆଜି ୫ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ମୟୂରଭଞ୍ଜ ଓ ଯାଜପୁର ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହିସବୁ ଜିଲ୍ଲାରେ ମଧ୍ୟାହ୍ନ ଓ ସନ୍ଧ୍ୟା ସମୟରେ ଘଡ଼ଘଡ଼ି ବିଜୁଳି ସହ କୁଆପଥର ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ଏହିସବୁ ଜିଲ୍ଲାରେ ବର୍ଷା ସମୟରେ ଘଣ୍ଟା ପ୍ରତି ପ୍ରାୟ ୬୦ କିମି ବେଗରେ ପବନ ବହିବା ନେଇ ମଧ୍ୟ ସତର୍କ କରାଇ ଦିଆଯାଇଛି। ସେହିପରି ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କନ୍ଧମାଳ, ମାଲକାନଗିରି, କୋରାପୁଟ, ପୁରୀ, ନୟାଗଡ଼, ଖୋର୍ଦ୍ଧା ଆଦି ୧୩ଟି ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଥିବା ଜଣାପଡ଼ିଛି। ଏହିସବୁ ଜିଲ୍ଲାରେ ୩୦ରୁ ୪୦ କିମି ବେଗରେ ପବନ ସହ ଝଡ଼ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହାଛଡ଼ା ଆସନ୍ତା ୨ ତାରିଖ ପର୍ଯ୍ୟନ୍ତ ରାଜ୍ୟର ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ପରେ ତାପମାତ୍ରାରେ ୨ରୁ ୪ ଡିଗ୍ରୀ ବୃଦ୍ଧି ଘଟିପାରେ ବୋଲି କୁହାଯାଇଛି।

## ପୁଲିସ ଗାଡ଼ି ଧକ୍କାରେ ଯୁବକ ମୃତ

● କ୍ଷତିପୂରଣ ଦାବିରେ ଉତ୍ତେଜନା



ତାଳଚେର, ୨୯।୪(ସଂଚାର ବ୍ୟୁରୋ): ଅନୁଗୋଳ ଜିଲ୍ଲା ତାଳଚେର ବଲଣ୍ଡା ଅଞ୍ଚଳରେ ମଙ୍ଗଳବାର ସକାଳେ ଏକ ସଡ଼କ ଦୁର୍ଘଟଣାରେ ଜନୈକ ଯୁବକଙ୍କ ଜୀବନ ଯାଇଛି। ଏକ ଓଆଇଏସ୍‌ଏଫ୍ ପୁଲିସ ଗାଡ଼ି ଧକ୍କା ଦେବା ଫଳରେ ଉକ୍ତ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ସ୍ଥାନୀୟ ଗୁରୁଦ୍ୱାର ଅଞ୍ଚଳର ସୁଶାନ୍ତ ସାହୁ (୪୦) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ସୁଶାନ୍ତ ବଲଣ୍ଡା ବଜାରକୁ ପରିବା ନେବାକୁ ଆସିଥିଲେ। ତେବେ ରାସ୍ତାରେ ଯାଉଥିବା ସମୟରେ ତାଙ୍କୁ ଦ୍ରୁତ ଗତିରେ ଆସୁଥିବା ପୁଲିସ୍ ଗାଡ଼ି ତାଙ୍କୁ ଧକ୍କା ଦେଇ ସେଠାରୁ ଫେରାର ହୋଇଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ତେବେ ଘଟଣାସ୍ଥଳରେ ସୁଶାନ୍ତଙ୍କ ମୃତ୍ୟୁ ଘଟିବା ପରେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୀଷଣ ଉତ୍ତେଜନା ପ୍ରକାଶ ପାଇଥିଲା। ପୁଲିସ୍‌ର ଦାୟିତ୍ୱହୀନତାକୁ ସ୍ଥାନୀୟ ଲୋକେ ନିନ୍ଦା କରିବା ସହ ତୁରନ୍ତ ସୁଶାନ୍ତଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବି ନେଇ ରାସ୍ତାରୋକ କରିଥିଲେ। ଏନେଇ ଖବର ପାଇ କଲିୟାରୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ସହ ସେମାନଙ୍କୁ ବୁଝାଶୁଝା କରିଥିଲା। ତେବେ ଆନ୍ଦୋଳନକାରୀମାନେ ସେମାନଙ୍କ ଜିଦ୍‌ରେ ଅଟଳ ରହିବା ସହ ଦୋଷୀ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି।

### ଗେଟ୍ସ ଫାଉଣ୍ଡେସନ ସହ ରାଜ୍ୟ ସରକାରଙ୍କ ଚୁକ୍ତି

## କୃଷି, ମତ୍ସ୍ୟ ଓ ଗୋପାଳନରେ ଉତ୍ପାଦକତା ବଢ଼ିବ: ଉପମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର, ୨୯।୪(ସଂଚାର ବ୍ୟୁରୋ): ସ୍ଥାୟୀ କୃଷି ନିମନ୍ତେ ଏକ ଐତିହାସିକ ବିକାଶ ଜନିତ ପଦକ୍ଷେପ ସ୍ୱରୂପ ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ଆଜି ରାଜ୍ୟର କୃଷି ଏବଂ ଆନୁଷଙ୍ଗିକ କ୍ଷେତ୍ରରେ କୃଷିକୁ ସାମଗ୍ରିକ ରୂପାନ୍ତରଣ କରିବା ଦିଗରେ ସହଯୋଗ ପାଇଁ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା କୃତ୍ରିମ ବୁଦ୍ଧିମତ୍ତା, ଜଳବାୟୁ ଅନୁକୂଳ ଆନୁଷଙ୍ଗିକ କୃଷି ଏବଂ ଯଥାଯଥ କୃଷି ପଦ୍ଧତି ଦ୍ୱାରା କୃଷି, ମତ୍ସ୍ୟ ଓ ଗୋପାଳନର ଉତ୍ପାଦକତା ବୃଦ୍ଧି ଘଟିପାରିବ। କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଦ୍ୱାରା ଆନୀତ ଏହି ଦୀର୍ଘକାଳୀନ ସହଭାଗିତା, ଗବେଷଣା, ବୈଷୟିକ ସହାୟତା ଏବଂ ଜଳବାୟୁ ଅନୁକୂଳ କୃଷିକୁ ରାଜ୍ୟରେ ପ୍ରୋତ୍ସାହିତ କରିବ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ କହିଛନ୍ତି ଯେ ଗେଟ୍ସ ଫାଉଣ୍ଡେସନ ସହିତ ବୁଝାମଣାପତ୍ର ଓଡ଼ିଶାକୁ ଭବିଷ୍ୟତ କୃଷିର ଉତ୍ଥାନ ନିମନ୍ତେ ପ୍ରସ୍ତୁତ କରିବ। ରାଜ୍ୟର ଚାଷୀମାନଙ୍କୁ ଲାଭ ପହଞ୍ଚାଉଥିବା ଜ୍ଞାନ, ନବସୃଜନ ଏବଂ ସହଭାଗିତାରେ ନିବେଶ କରିବା ପାଇଁ ଆମ ସରକାର ପ୍ରତିଶ୍ରୁତିବଦ୍ଧ। ଅଲକେଶ ୱାଧୱାନୀ, ନିର୍ଦ୍ଦେଶକ, ଦାରିଦ୍ର୍ୟତା ହ୍ରାସ ବିଭାଗ, ଗେଟ୍ସ ଫାଉଣ୍ଡେସନ କହିଲେ ଯେ, ଓଡ଼ିଶା ସହ ସହଭାଗିତାରେ କାର୍ଯ୍ୟ କରି ଆମେ ଖୁସି, ବିଶେଷକରି କୃଷି ଓ ଆନୁଷଙ୍ଗିକ କୃଷି କ୍ଷେତ୍ରରେ । ଏହି ସହଭାଗିତାକୁ ଆଗକୁ ବଢାଇବାକୁ ଆମେ ଉତ୍ସୁକ । ଫାଉଣ୍ଡେସନ ଓଡିଶାରେ କୃଷି ସହନଶୀଳ ପଦ୍ଧତିକୁ ଆଧାର କରି ପ୍ରଚଳିତ ବୈଷୟିକ ଜ୍ଞାନର ସଂଗ୍ରହ ସହିତ ଏହା କିପରି କୃଷକ ମାନଙ୍କ ଦ୍ୱାରା ଗ୍ରହଣୀୟ ହୋଇପାରିବ ଏବଂ ରାଜ୍ୟରେ କୃଷି କ୍ଷେତ୍ରର ଅଭିବୃଦ୍ଧି ସହିତ ନବସୃଜନକୁ ପ୍ରୋତ୍ସାହିତ କରିବ, ସେ ଦିଗରେ ଯଥା ସମ୍ଭବ ପ୍ରଚେଷ୍ଟା କରିବ। କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ଏବଂ ଗେଟ୍ସ ଫାଉଣ୍ଡେସନ ମଧ୍ୟରେ ସ୍ୱାକ୍ଷରିତ ଏହି ବୁଝାମଣା ପତ୍ର ମାଧ୍ୟମରେ ଜଳବାୟୁ ଅନୁକୂଳ କୃଷି ସହଭାଗିତା ଆନୁଷ୍ଠାନିକ ଭାବରେ ଆରମ୍ଭ କରାଯାଇଛି। ଏହି ଅବସରରେ ଓଡିଶା କୃଷି ପରିସଂଖ୍ୟାନ ପୁସ୍ତକ ୨୦୨୩-୨୪ ମଧ୍ୟ ଉନ୍ମୋଚନ କରାଯାଇଛି ଯାହାକି ରାଜ୍ୟର କୃଷି କ୍ଷେତ୍ରରେ ପ୍ରଣୟନ ସମସ୍ତ ଯୋଜନାର ପ୍ରତିଫଳନ କରିବା ସହ ପରିସଂଖ୍ୟାନ ସୂଚନା ଦ୍ୱାରା ଯୋଜନା ପ୍ରଣୟନକୁ ସୁଦୃଢ଼ କରିବ।

### ୨୦୨୬ ସୁଦ୍ଧା ରାଜ୍ୟକୁ ମିଳିମିଳା-ରୁବେଲାମୁକ୍ତ କରିବାକୁ ଆହ୍ୱାନ

# ୯୦.୫% ଟିକାକରଣ ସହ ଓଡ଼ିଶା ପ୍ରଥମ: ସ୍ୱାସ୍ଥ୍ୟମନ୍ତ୍ରୀ



ଭୁବନେଶ୍ୱର,୨୯।୪(ସଂଚାର ବ୍ୟୁରୋ): ଓଡିଶା ଜନସ୍ୱାସ୍ଥ୍ୟକୁ ସମ୍ପୂର୍ଣ୍ଣ ସୁଦୃଢ଼ କରିବା ଓ ଭବିଷ୍ୟତ ପିଢ଼ି ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଆଜି ରାଜ୍ୟରେ ମିଳିମିଳା ଏବଂ ରୁବେଲା (ଏମଆର) ନିରାକରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ବିସ୍ତୃତ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ (ଆଇଇସି) ସାମଗ୍ରୀ ଉନ୍ମୋଚନ କରିଛନ୍ତି। ଗତ ୨୪ରୁ ଆରମ୍ଭ ହୋଇ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ବିଶ୍ୱବ୍ୟାପୀ ଚାଲିବାକୁ ଥିବା ବିଶ୍ୱ ଟୀକାକରଣ ସପ୍ତାହ-୨୦୨୫ ଉତ୍ସବର ଏକ ଅଂଶ ଭାବେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ ଏହି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ ଧାର୍ଯ୍ୟ ଭାରତର ଜାତୀୟ ଲକ୍ଷ୍ୟ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଆସନ୍ତା ୨୦୨୬ ସୁଦ୍ଧା ମିଳିମିଳା ଏବଂ ରୁବେଲାକୁ ସମ୍ପୂର୍ଣ୍ଣ ରୂପେ ପରାହତ କରିବା ପାଇଁ ଓଡ଼ିଶା ସଂକଳ୍ପବଦ୍ଧ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫) ଅନୁଯାୟୀ ଓଡ଼ିଶା ୯୦.୫% ଟୀକାକରଣ ସହ ଦେଶରେ ଶୀର୍ଷସ୍ଥାନରେ ରହିଛି। ଏପରି ଏକ ସଫଳତା ସ୍ୱାସ୍ଥ୍ୟକର୍ମୀଙ୍କ ସମର୍ପିତ ମନୋଭାବ, ଗୋଷ୍ଠୀ ସମର୍ଥନ ଓ ସଠିକ ଅନ୍ତଃବିଭାଗୀୟ ସମନ୍ୱୟକୁ ପ୍ରମାଣିତ କରିଛି। ଟୀକାକରଣ ଦ୍ୱାରା ପ୍ରତିରୋଧ କରି ହେଉଥିବା ରୋଗଠାରୁ ଶିଶୁମାନଙ୍କୁ ଦୂରେଇ ରଖିବା ସହ ଶାରିରୀକ ଅସୁସ୍ଥତା ଓ ମୃତ୍ୟୁହାର ହ୍ରାସ କରିବା ନିମନ୍ତେ ରାଜ୍ୟରେ ସର୍ବଦା ମହିଳା ଓ ଶିଶୁମାନଙ୍କର ଟୀକାକରଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଉଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସୂଚନା ଓ ଲୋକସମ୍ପର୍କ ଭଳି ଏକାଧିକ ସରକାରୀ ବିଭାଗର ପରସ୍ପର ସହଯୋଗୀ ଆଭିମୁଖ୍ୟ ଉପରେ ଏମଆର ନିରାକରଣ ମିଶନର ସଫଳତା ନିର୍ଭର କରେ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି। ସେହିପରି ଟୀକାକରଣ ସଂକ୍ରାନ୍ତ ସଚେତନତାକୁ ତୃଣମୂଳ ସ୍ତରରେ ଏକ ଆନ୍ଦୋଳନରେ ପରିଣତ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଆସନ୍ତା ୨ରୁ ଓଜେଇଇ ପରୀକ୍ଷା




ଭୁବନେଶ୍ୱର, ୨୯।୪ (ସଂଚାର ବ୍ୟୁରୋ): ଓଜେଇଇ ପରୀକ୍ଷା ପାଇଁ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତା ମେ' ୨ରୁ ଏହା ଆରମ୍ଭ ହୋଇ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ଭିତରେ ୩୦ଟି ଓ ରାଜ୍ୟ ବାହାରେ ୩ଟି କେନ୍ଦ୍ରରେ ଓଜେଇଇ ପରୀକ୍ଷା ହେବ। ତିନିଟି ସିଫ୍ଟରେ ଏହି ପରୀକ୍ଷା ହେବ। ସାଢ଼େ ୮ଟାରୁ ସାଢ଼େ ୧୦ଟା, ସାଢ଼େ ୧୨ଟାରୁ ସାଢ଼େ ୨ଟା ଏବଂ ସାଢ଼େ ୪ଟାରୁ ସାଢ଼େ ୬ଟା ଯାଏ ଏହି ପରୀକ୍ଷା ଚାଲିବ। ୨ତାରିଖରେତିନିଟିସିଫ୍ଟରେବି.ଫାର୍ମାପରୀକ୍ଷାହେବ। ବିଦ୍ୟାଳୟ ଓ କଲେଜର ବି.ଫାର୍ମା, ଏମ୍‌ସିଏ, ଏମ୍‌ଏସ୍‌ସି (କମ୍ପ୍ୟୁଟର ସାଇନ୍ସ), ଏମ୍‌ବିଏ, ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ, ବି.କାର୍ଟ, ଏମ୍.ଟେକ୍, ଏମ୍.ଟେକ୍(ପାର୍ଟ-ଟାଇମ୍), ଏମ୍.ଆର୍କ, ଏମ୍.ପ୍ଲାନ୍, ଏମ୍.ଫାର୍ମା ଓ ଲାଟେରାଲ ଏଣ୍ଟ୍ରି ବି.ଟେକ୍ ଓ ଲାଟେରାଲ୍ ଏଣ୍ଟ୍ରି ବି.ଫାର୍ମା ପାଠ୍ୟକ୍ରମରେ ନାମଲେଖା ଲାଗି ଏହି ପ୍ରବେଶିକା ପରୀକ୍ଷା କରାଯିବ।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେବ ଟାଟା ନାନୋର ଇଲେକ୍ଟ୍ରିକ୍ କାର୍

**ନୂଆଦିଲ୍ଲୀ, ୨୯।୪:** ଦେଶର ଟାଟା ମୋଟର୍ସ ଗାଡ଼ି ପାଇଁ ବିଶେଷ କ୍ରେଜ୍ ରହିଛି। ଆପଣମାନେ ଟାଟା ନାନୋର ନାମ ଶୁଣିଥିବେ ନିଶ୍ଚୟ। ଯଦିଓ ଏହାର ପ୍ରଡକ୍ସନ୍ ଏବେ ବନ୍ଦ ହୋଇଯାଇଛି, ତଥାପି ପୁରୁଣା ନାନୋର ମଡେଲଗୁଡ଼ିକ ରାସ୍ତାରେ ଦେଖାଯାଉଛି। ଏବେ ଗୁଜବ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି ଯେ ଟାଟା ମୋଟର୍ସ ଏହାର ଫେମସ୍ ନାନୋ କାରକୁ ଇଲେକ୍ଟ୍ରିକ୍ ଭର୍ସନରେ ଉପସ୍ଥାପନ କରିପାରିବ। ଯଦି ଏହା ସତ ହୁଏ, ତେବେ ଗ୍ରାହକମାନଙ୍କଠାରୁ ଭଲ ପ୍ରତିକ୍ରିୟା ମିଳିବ ବୋଲି ଆଶା କରାଯାଉଛି। ହେଲେ କମ୍ପାନୀ ଏପର୍ଯ୍ୟନ୍ତ ଅଫିସିଆଲ ଭାବରେ କୌଣସି ଲଞ୍ଚ ହେଟ୍ ଘୋଷଣା କିମ୍ବା କନଫର୍ମ କରିନାହିଁ। କିନ୍ତୁ ବର୍ତ୍ତମାନ ଆମେ ଜାଣିବା ଏହି ଇଲେକ୍ଟ୍ରିକ୍ କାରର କିଛି ଦମଦାର୍ ଫିଚର୍ସ ବିଷୟରେ। ଯାହା ପ୍ରାଇସ୍ ତୁଳନାରେ ବହୁତ୍ କମ୍ ରହିଛି।




ଟାଟା ନାନୋ ଇଲେକ୍ଟ୍ରିକ୍ କାରରେ ଆପଣ ୭-ଇଞ୍ଚର ଟଚସ୍କ୍ରିନ୍ ଇନଫୋଟେନମେଣ୍ଟ ସିଷ୍ଟମ ପାଇପାରିବେ, ଯାହା ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାରପ୍ଲେକୁ ସପୋର୍ଟ କରିବ। ଏଥିରେ ଏକ ୬-ସ୍ପିକର ସାଉଣ୍ଡ ସିଷ୍ଟମ ମଧ ରହିଛି, ଯାହା ବ୍ଲୁଟୁଥ୍ ଏବଂ ଇଣ୍ଟରନେଟ୍ କନେକ୍ଟିଭିଟି ସହିତ ଆସିବ। ଏଥି ସହ ସେଫ୍ଟି ଫିଚର୍ସ ବିଷୟରେ କହିବାକୁ ଗଲେ ଏଥିରେ ABS ସହିତ ଷ୍ଟିଅରିଂ, ପାୱାର ୱିଣ୍ଡୋ ଏବଂ ଆଣ୍ଟି-ରୋଲ୍ ବାର୍ ଭଳି ଫିଚର୍ସ ମିଳିପାରିବ। ଏହା ବ୍ୟତୀତ, ରିମୋଟ୍ ଫଙ୍କଶ୍ନାଲିଟି ଏବଂ ଡେମୋ ମୋଡ୍ ମଧ ଏଥିରେ ସାମିଲ୍ ହେବାର ସମ୍ଭାବନା ଅଛି। ଏଥି ସହ ଏଥିରେ ମଲ୍ଟି-ଇନଫରମେସନ୍ ଡିସପ୍ଲେ ମଧ ଦିଆଯାଇପାରିବ, ଯାହା ଗାଡ଼ିର ରେଞ୍ଜ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଇନଫରମେସନ୍ ଦେଖାଇବ।

ବର୍ତ୍ତମାନେ ଆପଣଙ୍କୁ କହିବୁ ଯେ ଏହି କାର କେତେ କିଲୋମିଟର ପର୍ଯ୍ୟନ୍ତ ମାଇଲେଜ୍ ପ୍ରଦାନ କରିପାରିବ। ବ୍ୟାଟେରୀ ଏବଂ ରେଞ୍ଜ ଦୃଷ୍ଟିରୁ, ଟାଟା ନାନୋ ଇଲେକ୍ଟ୍ରିକ୍ ଥରେ ଫୁଲ୍ ଚାର୍ଜ ହେଲାପରେ ପ୍ରାୟ ୨୫୦ କିଲୋମିଟର ପର୍ଯ୍ୟନ୍ତ ରେଞ୍ଜ ପ୍ରଦାନ କରିବ ବୋଲି ଆଶା କରାଯାଉଛି। ଏଥି ସହ ଏହି ପାୱାରଫୁଲ କାର୍ ସହର ଯାତାୟତ ଏବଂ ଛୋଟ୍ ରୁଟ୍ ପାଇଁ ମଧ ଉପଯୁକ୍ତ ହୋଇପାରିବ। ଏଥି ସହ ଜାଣିବା ଏହାର ପ୍ରାଇସ୍ ବିଷୟରେ। ପ୍ରାଇସ୍ ବିଷୟରେ ଅନୁମାନ କରାଯାଉଛି ଯେ ଟାଟା ନାନୋ ଇଲେକ୍ଟ୍ରିକର ମୂଲ୍ୟ ମାତ୍ର ୫ ରୁ ୬ ଲକ୍ଷ ଟଙ୍କା ମଧରେ ହୋଇପାରେ। ଯାହା ଆପଣଙ୍କ ବଜେଟରେ ଫିଟ୍ ହୋଇପାରିବ। ଏଥି ସହ ଏହି ବଜେଟ୍-ଫ୍ରେଣ୍ଡଲି ରେଞ୍ଜ ଯୋଗୁଁ, ଏହି କାର୍ ସେହି ଗ୍ରାହକମାନଙ୍କ ମଧରେ ବହୁତ ପପୁଲାର୍ ହୋଇପାରିବ, ଯେଉଁମାନେ ଆଫର୍ଡେବଲ୍ ପ୍ରାଇସରେ ଏକ ଇଲେକ୍ଟ୍ରିକ୍ କାର୍ ଖୋଜନ୍ତି। ସେହିମାନଙ୍କ ପାଇଁ ଏହି କାରଟି ବେଷ୍ଟ ଅପ୍ସନ୍ ହୋଇପାରିବ ବୋଲି ଅନୁମାନ କରାଯାଉଛି। ଶେଷରେ ଟାଟା ମୋଟର୍ସ ଏପର୍ଯ୍ୟନ୍ତ ଟାଟା ନାନୋ ଇଲେକ୍ଟ୍ରିକର ଲଞ୍ଚ ସମ୍ପର୍କରେ କୌଣସି ଅଫିସିଆଲ୍ ଘୋଷଣା କରିନାହିଁ। ଏଥି ସହ ସୋସିଆଲ୍ ମିଡିଆରେ ଭାଇରାଲ୍ ଗୁଜବ ଆଧାରରେ ଏହି ସୂଚନା ସାମ୍ନାକୁ ଆସିଛି। ଯଦି ଟାଟା ନାନୋ ଇଲେକ୍ଟ୍ରିକ୍ ଲଞ୍ଚ ହୁଏ, ତେବେ ଏହା ଭାରତୀୟ ଇଲେକ୍ଟ୍ରିକ୍ ଗାଡ଼ି ସେଗମେଣ୍ଟରେ ଏକ ବଡ଼ ପରିବର୍ତ୍ତନ ଆଣିପାରିବ। କିନ୍ତୁ ବର୍ତ୍ତମାନ ସମସ୍ତେ କମ୍ପାନୀର ଅଫିସିଅଲ୍ କନଫରମେସନକୁ ଅପେକ୍ଷା କରିଛନ୍ତି।



## ଖୁସିରେ ମସ୍‌ଗୁଲ୍ ନିବେଶକ

# ବୃଦ୍ଧି ପାଇଲା ଭାରତୀୟ ଶେୟାର ବଜାର

**ମୁମ୍ବାଇ, ୨୯।୪:** ଭାରତୀୟ ସେୟାଜ୍ ବଜାର ପାଇଁ ଆଜିର ମଙ୍ଗଳବାର ବି ଶୁଭ ସାବ୍ୟସ୍ତ ହୋଇଛି। ନିବେଶକଙ୍କ ପାଇଁ ଖୁସି ଖବର। କାରଣ ଭାରତର ଷ୍ଟକ୍ ମାର୍କେଟ ଆଜି ସବୁଜ ଜୋନ୍‌ରୁ ଆରମ୍ଭ ହୋଇଛି। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ୍‌ର ୩୦ ସେୟାର୍‌ଯୁକ୍ତ ସେନ୍‌ସେକ୍ସ (ବିଏସ୍‌ଇ ସେନ୍‌ସେକ୍ସ) ଖୋଲିବାର ପରେ ପରେ ହିଁ ତୋଫାନ ବେଗରେ ବୃଦ୍ଧି ପାଇଁ ୪୦୦ ପଏଣ୍ଟ ପାର୍ କରିଥିଲା। ସେହିପରି ସେନ୍‌ନାଲ୍ ଷ୍ଟକ୍ ଏକ୍ସଚେଞ୍ଜ୍‌ର ନିଫ୍‌ଟି (ଏନ୍‌ଏସ୍‌ଇ ନିଫ୍‌ଟି) ବି ୧୨୦ ପଏଣ୍ଟର ବୃଦ୍ଧିକୁ ନେଇ କାରବାର ଆରମ୍ଭ କରିଛି। ମଙ୍ଗଳବାର ଦିନ ଷ୍ଟକ୍ ବଜାରରେ କାରବାର ଆରମ୍ଭ ହେବା ମାତ୍ରେ, ବିଏସ୍‌ଇ ସେନସେକ୍ସ ଏହାର ପୂର୍ବ ବନ୍ଦ ୮୦,୨୧୮.୩୭ ତୁଳନାରେ ୮୦,୩୯୬.୯୨ ସ୍ତରରେ ଖୋଲିଥିଲା। ଏହାର କିଛି ସମୟ ପରେ ହିଁ ୪୫୦ ପଏଣ୍ଟ୍ ବୃଦ୍ଧି ପାଇ ୮୦, ୬୬୧.୩୧ରେ ଟ୍ରେଡ୍ କରିବାର ନଜର ଆସିଥିଲା। ସେନସେକ୍ସ ପରି ଏନ୍‌ଏସ୍‌ଇ ନିଫ୍ଟି ମଧ ଗ୍ରୀନ୍ ଜୋନରେ ୨୪,୩୭୦.୭୦ରେ ଖୋଲିଥିଲା। ମିଶ୍ରିତ ବିଶ୍ୱ ସଙ୍କେତ ମଧରେ, ପ୍ରାୟ ୧୬୮୦ କମ୍ପାନିର ଷ୍ଟକ୍ ବଜାର ଆରମ୍ଭରେ ଲାଭ ସହିତ ଗ୍ରୀନ୍ ଜୋନରେ କାରବାର ଆରମ୍ଭ କରିଥିବା ସୂଚନା ରହିଛି।

# ଚୀନ୍‌ର ଅନେକ ଫ୍ୟାକ୍ଟ୍ରିରେ ପଡ଼ିଲା ତାଲା

**ନୂଆଦିଲ୍ଲୀ, ୨୯।୪:** ଯେଉଁଠି ଗୋଟେ ପଟେ ପହଲଗାମ୍ ଆତଙ୍କୀ ହମଲାରେ ପାକିସ୍ତାନ ପକ୍ଷରୁ କରାଯାଇ ଥିବା ଦାବିର ଚୀନ ସମର୍ଥନ କରିଥିବା ବେଳେ , ଅନ୍ୟପଟେ ଆମେରିକୀୟ ଟାରିଫ୍‌ରେ ଅତି ସାଂଘାତିକ ଭାବେ ପ୍ରଭାବିତ ଚୀନ୍‌ର କମ୍ପାନୀ ଗୁଡ଼ିକର ସ୍ଥିତି ସଙ୍ଗୀନ ହେବାର ନଜର ଆସୁଛି। ସିଏନବିସି ଇଣ୍ଟରନ୍ୟାସନାଲର ଏକ ରିପୋର୍ଟ ମୁତାବିକ , ଆମେରିକା ଟାରିଫ୍‌ର ପ୍ରଭାବ କାରଣରୁ ଚାଇନା ନିର୍ମାତା ପ୍ରଡକ୍ସନ ରୋକୁଛନ୍ତି ଏବଂ ନୂଆ ବଜାର ଆଡ଼କୁ ଢଳୁଛନ୍ତି। ଏଥିରେ ଚୀନ୍‌ରେ ଅନେକ କର୍ମଚାରୀଙ୍କ ଚାକିରି ବିପଦ ଘେରରେ।

କନ୍ସଲଟିଙ୍ଗ୍ ଫାର୍ମ ଟିଡାଲୱେଭ୍ ସଲ୍ୟୁସନ୍ସର ସାଂଘାଇ ସ୍ଥିତ ସିନିୟର ପାର୍ଟନର କ୍ୟାମରନ ଜନସନ କହିଛନ୍ତି, ମୁଁ ଅନେକ ଫ୍ୟାକ୍ଟ୍ରିକୁ ଜାଣିଛି , ଯିଏକି ନିଜର ଅଧା କର୍ମଚାରୀଙ୍କୁ କିଛି ସପ୍ତାହ ପାଇଁ ଘରକୁ ଯିବା ପାଇଁ କହିଛି ଏବଂ ନିଜର ଅଧିକାଂଶ ପ୍ରଡକ୍ସନକୁ ରୋକି ଦେଇଛି। ସେ କହିଛନ୍ତି ଯେ ଟ୍ରମ୍ପ ଟାରିଫ୍‌ରେ ଖେଳନା , ଖେଳ ସାମଗ୍ରୀ ଓ କମ୍ ଦାମର ଫ୍ୟାକ୍ଟ୍ରିସବୁ ଏବେ ସବୁଠୁ ଅଧିକ ପ୍ରଭାବିତ ଅଛି ଏବଂ ଏହିପରି ଫ୍ୟାକ୍ଟ୍ରି ସବୁ ବନ୍ଦ ହେବାକୁ ଲାଇନ୍‌ରେ ଅଛନ୍ତି। ଜନସନ କହିଛନ୍ତି , ଏବେ ବଡ଼ ସ୍ତରରେ ନୁହେଁ , କିନ୍ତୁ ୟିଭୁ ଓ ଡୋଙ୍ଗଗୁଆନର ପ୍ରମୁଖ (ରପ୍ତାନୀ) କେନ୍ଦ୍ର ଗୁଡ଼ିକରେ ଏହା ହେଉଛି ଏବଂ ଚିନ୍ତା ଏହା ଯେ, ହା ବଢ଼ିବ। ଆଶା ରହିଛି ଯେ, ଟାରିଫ୍ କମ୍ ହୋଇଯିବ , ଯାହାକି ଅର୍ଡର ପୁଣି ଥରେ ଆରମ୍ଭ ହୋଇ ପାରିବ, କିନ୍ତୁ ଏହି ମଧରେ କମ୍ପାନୀ ଗୁଡ଼ିକ କର୍ମଚାରୀଙ୍କୁ ଛୁଟି ଦେଉଛନ୍ତି ଏବଂ କିଛି ପ୍ରଡକ୍ସନ ବନ୍ଦ କରୁଛନ୍ତି। ଗୋଲ୍ଡମ୍ୟାନ ସୈକ୍ସଙ୍କ ଅନୁମାନ ଅନୁସାରେ , ଚୀନ୍‌ରେ ପାଖାପାଖି ୧୦ ମିଲିୟନରୁ ୨୦ ମିଲିୟନ କର୍ମଚାରୀ ଆମେରିକା ଯାଉଥିବା ରପ୍ତାନୀ କାରବାର ସହ ଜଡ଼ିତ। ଗତ ବର୍ଷ ଚୀନର ସହର ଗୁଡ଼ିକରେ କର୍ମଚାରୀଙ୍କ ଅଫିସିଆଲି ସଂଖ୍ୟା ୪୭୩.୪୫ ମିଲିୟନ ଥିଲା।



## ଭାରତୀୟ ମାର୍କେଟ୍‌ମୁହାଁ ଚୀନ୍

ସୂଚନାଯୋଗ୍ୟ, ଚଳିତ ମାସର ଅନେକ ଘୋଷଣା ପରେ ଚାଇନା ସାମଗ୍ରୀ ଗୁଡ଼ିକ ଉପରେ ଆମେରିକା ୧୦୦ ପ୍ରତିଶତରୁ ଅଧିକ ଟାରିଫ୍ ବଢ଼ାଇ ଦେଇଛି , ଯାହାର ଜବାବରେ ଚୀନ୍ ମଧ ଜବାବୀ ଶୁଳ୍କ ଲଗାଇଛି। ଗୁରୁବାର ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ , ବେଜିଂ ସହ ବ୍ୟବସାୟ ନେଗୋସିଏସନ ଚାଲିଛି, ହେଲେ ଚାଇନା ପକ୍ଷ କୌଣସି ଆଲୋଚନା ଚାଲିଥିବା ଅସ୍ୱୀକାର କରିଛି।

ବିଶ୍ଳେଷକଙ୍କ କହିବାନୁସାରେ, ଚାଇନା କମ୍ପାନୀଗୁଡ଼ିକ ଅନ୍ୟ ଦେଶ ମାଧ୍ୟମରେ ଆମେରିକାକୁ ରପ୍ତାନୀ କରିବା ଉପରେ ବିଚାର କରୁଛନ୍ତି। ଏହି ମଧରେ ଅନେକ କମ୍ପାନୀ ଦକ୍ଷିଣ ପୂର୍ବ ଏସିଆରେ ଭାରତରେ ପ୍ରଡକ୍ସନରେ ବିବିଧତା ଆଣୁଛନ୍ତି, ଯେବେ କି ଅନ୍ୟ ଆମେରିକୀୟ ଗ୍ରାହକଙ୍କୁ ୟୁରୋପ ଓ ଲାଟିନ୍ ଆମେରିକାର ଗ୍ରାହକଙ୍କ ଆଡ଼କୁ ଢଳିଛି। ଇକୋନୋମିକ୍ସ ଟାଇମ୍ସର ଏକ ରିପୋର୍ଟ ଅନୁସାରେ , ଆମେରିକାର ଟାରିଫ୍‌ରେ ଅତି ଖରାପ ଭାବେ ପ୍ରଭାବିତ ଚାଇନାର କମ୍ପାନୀଗୁଡ଼ିକ ଭାରତୀୟ ଏକ୍ସପୋର୍ଟରଙ୍କ ସଂପର୍କରେ ଅଛନ୍ତି। କିଛି ଚାଇନା କମ୍ପାନୀ ଭାରତୀୟ ଏକ୍ସପୋର୍ଟରଙ୍କ ସଂପର୍କରେ ରହିଛନ୍ତି, ଯାହାକି ସେମାନେ ନିଜର ଅର୍ଡର ପୂରା କରିପାରିବେ ଏବଂ ତାଙ୍କୁ ନିଜର ଆମେରିକୀୟ କଷ୍ଟମରଙ୍କୁ ଧରି ରଖିବାରେ ସାହାଯ୍ୟ କରି ପାରିବ। କାହିଁକି ନାଁ ସେ ଗ୍ଲୋବାଲ କମର୍ସରେ ଭୂକମ୍ପ ଆଣିଥିବା ଟ୍ରେଡ୍ ୱାର୍ ଠାରୁ ବର୍ତ୍ତିବାରେ ଲାଗିଛନ୍ତି।

## ୧୫ଟି ଦେଶର ଅର୍ଥନୀତି ଭାରତଠାରୁ ତୀବ୍ର ଗତିରେ ବୃଦ୍ଧି ପାଉଛି

ନୂଆଦିଲ୍ଲୀ, ୨୯।୪: ଭାରତ ହେଉଛି ବିଶ୍ୱର ବୃହତ ଦେଶଗୁଡ଼ିକ ମଧରେ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଅର୍ଥନୀତି। କିନ୍ତୁ ଯଦି ଆମେ ଛୋଟ ଦେଶଗୁଡ଼ିକୁ ମଧ ଅନ୍ତର୍ଭୁକ୍ତ କରୁ, ତେବେ ଚଳିତ ବର୍ଷ ୧୫ଟି ଦେଶର ଅର୍ଥନୀତି ଭାରତଠାରୁ ତୀବ୍ରତର ଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଦେଶଗୁଡ଼ିକ ମଧରେ ଅନେକ ଏପରି ଅଛନ୍ତି ଯାହାଙ୍କ ନାମ ମାନଚିତ୍ରରେ ଖୋଜିବା ସହଜ ନୁହେଁ। ଆଇଏମଏଫ ଅନୁସାରେ, ଭାରତର ଅର୍ଥନୀତି ଚଳିତ ବର୍ଷ ୬.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ। ଭାରତ ହେଉଛି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି, ଯାହା ଆମେରିକା, ଚୀନ, ଜର୍ମାନୀ ଏବଂ ଜାପାନଠାରୁ ପଛରେ ରହିଛି। ଆଇଏମଏଫ ଅନୁସାରେ, ଚଳିତ ବର୍ଷ ସାଉଥ ସୁଦାନର ଅର୍ଥନୀତି ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଇବ। କିଛି ବର୍ଷ ପୂର୍ବେ ସୁଦାନଠାରୁ ଅଲଗା ହୋଇଥିବା ସାଉଥ ସୁଦାନର ଅର୍ଥନୀତି ଏହି ବର୍ଷ ୨୭.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ସ୍ଥାନରେ ରହିଛି ଗୁୟାନା। ଏହି କାରିବିୟାନ ଦେଶର ଜିଡିପି ୧୪.୪ ପ୍ରତିଶତ ହାରରେ ବୃଦ୍ଧି ପାଇପାରେ। ତୃତୀୟ ସ୍ଥାନରେ ରହିଛି ଆଫ୍ରିକୀୟ ଦେଶ ଲିବିୟା (୧୩.୭ ପ୍ରତିଶତ)। ସେନେଗାଲର ଅର୍ଥନୀତି ଚଳିତ ବର୍ଷ ୯.୩ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହା ପରେ ରହିଛନ୍ତି ପାଲାଉ (୮.୫%), ସୁଦାନ (୮.୩%), ଉଗାଣ୍ଡା (୭.୫%), ନାଇଜର (୭.୩%), ମାକାଉ (୭.୩%), ଭୁଟାନ (୭.୨%), ମଙ୍ଗୋଲିଆ (୭%), ଜାମ୍ବିଆ (୬.୬%), ବେନିନ (୬.୫%), ଇଥିଓପିଆ (୬.୫%) ଏବଂ ରୁୱାଣ୍ଡା (୬.୫%)। ଭାରତଠାରୁ ତୀବ୍ରତର ଗତିରେ ବୃଦ୍ଧି ପାଉଥିବା ୧୫ଟି ଦେଶ ମଧରେ ୧୦ଟି ହେଉଛି ଆଫ୍ରିକୀୟ ଦେଶ।

## ଓଡ଼ିଶା ଉପକୂଳରେ ୭୨୯ ମତ୍ସ୍ୟଗ୍ରାମ

# ୭ ରାଜ୍ୟ ପାଇଁ ୨୫୫ କୋଟିର ପ୍ରକଳ୍ପ ଆରମ୍ଭ

**ମୁମ୍ବାଇ, ୨୯।୪:** ଦେଶରେ ୩୪୭୭ ମତ୍ସ୍ୟଗ୍ରାମ ରହିଥିବା ବେଳେ ସେଥିରୁ ୭୨୯ଟି ଗ୍ରାମ ଓଡ଼ିଶାରେ ରହିଛି। ମୁମ୍ବାଇରେ ଅନୁଷ୍ଠିତ ଉପକୂଳ ରାଜ୍ୟ ମତ୍ସ୍ୟ ସମ୍ମିଳନୀରେ ଜାରି କରାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୬ ଗଣନା ଅନୁଯାୟୀ ପଶ୍ଚିମବଙ୍ଗରେ ୧୭୧ ମତ୍ସ୍ୟ ପଞ୍ଚାୟତ, ଆନ୍ଧ୍ରପ୍ରଦେଶରେ ୫୩୩ ମତ୍ସ୍ୟଗ୍ରାମ, ତାମିଲନାଡୁରେ ୫୭୫, କେରଳରେ ୨୨୦, କର୍ଣ୍ଣାଟକରେ ୧୬୨, ମହାରାଷ୍ଟ୍ରରେ ୫୨୬ ଓ ଗୁଜରାଟରେ ୨୮୦ ମତ୍ସ୍ୟଗ୍ରାମ ରହିଛି। ସମ୍ମିଳନୀରେ ଓଡ଼ିଶା ସମେତ ୭ଟି ଉପକୂଳ ରାଜ୍ୟ ପାଇଁ ୨୫୫ କୋଟି ଟଙ୍କାର ପ୍ରକଳ୍ପକୁ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଘୋଷଣା କରିଛନ୍ତି। ସମ୍ମିଳନୀରେ ପଞ୍ଚମ ସାମୁଦ୍ରିକ ମତ୍ସ୍ୟ ଗଣନା ପରିଚାଳନା, କଇଁଛ ବାହକ ଉପକରଣ ଉପରେ ମାର୍ଗଦର୍ଶିକା ଓ ମାଛଧରା ପୋତ ଯୋଗାଯୋଗ ଓ ସହାୟତା ବ୍ୟବସ୍ଥା ପାଇଁ ମାନକ ପରିଚାଳନା ପ୍ରକ୍ରିୟା ଆରମ୍ଭ କରାଯାଇଛି। ପଞ୍ଚମ ମତ୍ସ୍ୟ ଗଣନାକୁ ନେଇ ପର୍ଯ୍ୟବେକ୍ଷକ ତାଲିମ, ଗ୍ରାମୱାରୀ ତଥ୍ୟ ଗଣନାକାରୀଙ୍କୁ ନିଯୁକ୍ତି ଓ ତାଲିମ ପରେ ୩ ମାସ ମଧରେ ପ୍ରକୃତ ଗଣନା କାର୍ଯ୍ୟ ଆରମ୍ଭ କରାଯିବ। ଡିସେମ୍ବର ସୁଦ୍ଧା ଏହି ଅଭିଯାନର ସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ହେବ। ଏହି ଗଣନା ଦେଶର ୧୨ ଲକ୍ଷ ମତ୍ସ୍ୟଜୀବୀ ପରିବାରଙ୍କୁ ବାସ୍ତବ ସମୟ ମାନ୍ୟତା ପ୍ରଦାନ କରିବ।

## ଜଳବାୟୁର ଭୟଙ୍କର ପରିଣାମ

# ବଙ୍ଗୋପସାଗରରୁ ଲୁପ୍ତ ହୋଇଯିବ ମାଛ

## ପ୍ରଭାବିତ ହେବେ ୧୫୦ ମିଲିଅନ ଲୋକ

**ନୂଆଦିଲ୍ଲୀ, ୨୯।୪:** ଭାରତର ଗରମ ଜଳବାୟୁ ବଙ୍ଗୋପସାଗର ପାଇଁ କାଳ ହେଲାଣି। ସ୍ଥିତି ଏମିତି ହେଲାଣି ଯେ ବଙ୍ଗୋପସାଗରର ଉତ୍ପାଦକତା ହ୍ରାସ ପାଇବାର ଆଶଙ୍କା ଦେଖା ଦେଇଛି। ନେଚର ଜିଓସାଇନ୍ସରେ ପ୍ରକାଶିତ ଏକ ନୂଆ ଗବେଷଣା ରିପୋର୍ଟରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ଅଧ୍ୟୟନରେ କୁହାଯାଇଛି ଯେ ଭାରତର ଗ୍ରୀଷ୍ମ ମୌସୁମୀରେ ଜଳବାୟୁ-ଚାଳିତ ଚରମ ଘଟଣାଗୁଡ଼ିକ ବଙ୍ଗୋପସାଗରର ସାମୁଦ୍ରିକ ଉତ୍ପାଦକତାକୁ ସ୍ଥାୟୀ ଭାବରେ ବାଧା ଦେଇପାରେ। ଏଥିରେ ଲକ୍ଷ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ। ରଟଗର୍ସ ବିଶ୍ୱବିଦ୍ୟାଳୟ ଓ ଆରିଜୋନା ବିଶ୍ୱବିଦ୍ୟାଳୟର ଗବେଷକମାନେ ଆନ୍ତର୍ଜାତୀୟ ସହଯୋଗୀମାନଙ୍କ ନେତୃତ୍ୱରେ, ୨୨,୦୦୦ ବର୍ଷର ମୌସୁମୀ ଏବଂ ସମୁଦ୍ର ତଥ୍ୟର ବିଶ୍ଳେଷଣ କରିଥିଲେ। ବିଶ୍ୱ ମହାସାଗରରେ ମାତ୍ର ୧%ରୁ କମ୍ ଅଂଶରେ ବ୍ୟପ୍ତ ଥିବା ବଙ୍ଗୋପସାଗର ବିଶ୍ୱର ମାଛ ଉତ୍ପାଦନର ପ୍ରାୟ ୮% ଯୋଗାଦାନ ଦିଏ। ଯେଉଁଥିରେ ଉପକୂଳବର୍ତ୍ତି ଲୋକଙ୍କର ପ୍ରମୁଖ ସ୍ୱାଦିଷ୍ଟ ମାଛ ଇଲିସର ଉତ୍ପାଦନ ହୋଇଥାଏ। ପରିବେଶଗତ ପରିସ୍ଥିତି ରେକର୍ଡ କରୁଥିବା ଫୋରାମିନିଫେରା-ସୂକ୍ଷ୍ମ ପ୍ଲାଙ୍କଟନର ଜୀବାଶ୍ମ ଆବରଣର ଅଧ୍ୟୟନ କରି ଏହି ଟିମ୍ ମୌସୁମୀ ପ୍ରଭାବକୁ ଆକଳନ କରିଛନ୍ତି। ଗବେଷଣା ବେଳେ ସେମାନେ ଜାଣିବାକୁ ପାଇଥିଲେ ଯେ ଅସ୍ୱାଭାବିକ ଭାବରେ ପ୍ରବଳ ଏବଂ ଦୁର୍ବଳ ମୌସୁମୀ ସମୁଦ୍ର ମିଶ୍ରଣକୁ ବାଧା ଦେଉଛି। ଗଭୀର ଜଳରୁ ପୃଷ୍ଠଦେଶରେ ଥିବା ପ୍ଲାଙ୍କଟନ ପର୍ଯ୍ୟନ୍ତ ପୋଷକ ପ୍ରବାହକୁ ଅବରୋଧ କରୁଛି। ଜଳବାୟୁ ମଡେଲଗୁଡ଼ିକ ସମୁଦ୍ରପୃଷ୍ଠ ଜଳ ଉଷ୍ମ ହେବାର ଓ ତୀବ୍ର ମୌସୁମୀ ପରିବର୍ତ୍ତନଶୀଳତାର ଭବିଷ୍ୟବାଣୀ କରୁଛି। ଯଦି ଏପରି ହେଲା ତେବେ ପ୍ରୋଟିନ୍ ଏବଂ ଜୀବିକା ପାଇଁ ବଙ୍ଗୋପସାଗରରେ ମତ୍ସ୍ୟ ଉତ୍ପାଦନ ଉପରେ ନିର୍ଭର କରୁଥିବା ୧୫୦ ନିୟୁତରୁ ଅଧିକ ଲୋକଙ୍କୁ ହୁଏତ ଖାଇବାକୁ ମାଛ ମିଳିବ ନାହିଁ।

# ଭାରତୀୟ ପ୍ରତିରକ୍ଷା କମ୍ପାନୀ ଶେୟାର ମୂଲ୍ୟ ୧୫% ବଢ଼ିଲା

**ନୂଆଦିଲ୍ଲୀ, ୨୯।୪:** ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ସେୟାର ବଜାରରେ ଆଜି (ମଙ୍ଗଳବାର , ୨୯ ଅପ୍ରେଲ) ଭାରତୀୟ ଡିଫେନ୍ସ କମ୍ପାନୀର ସେୟାରରେ ବମ୍ପର ବୃଦ୍ଧି ଦେଖିବାକୁ ମିଳିଛି। ଡିଫେନ୍ସ କମ୍ପାନୀର ସେୟାର କାରବାର ବେଳେ ୧୫ ପ୍ରତିଶତ ବଢ଼ି ଯାଇଛି। ହିନ୍ଦୁସ୍ତାନ ଏୟରୋନଟିକ୍ସ (ଏଚଏଏଲ) , ମଝଗାଁ ଡାକ୍, ଗାର୍ଡନ ରିଚ୍ ଶିପବିଲ୍ଡର୍ସ (ଡିଆରଏସଇ) ଓ ଅନ୍ୟ ଯେମିତି ଡିଫେନ୍ସ ସେୟାର ୪-୧୫ ପ୍ରତିଶତ ବଢ଼ି ଯାଇଛି। ଏହା ପୂର୍ବରୁ ଗତ ସୋମବାର ମଧ ଏହି କମ୍ପାନୀଗୁଡିକର ସେୟାରେ ଖୁବ୍ ବୃଦ୍ଧି ଦେଖାଯାଇ ଥିଲା। ଶେୟାର ଗୁଡ଼ିକରେ ମଧ ବୃଦ୍ଧି ମଧରେ ଏକ କାରଣ ଅଛି। ବାସ୍ତବିକତା ଏୟା ଯେ, ମାର୍କେଟ୍ ଆନାଲିଷ୍ଟଙ୍କ ଅନୁସାରେ, ସୈନ୍ୟ ଉପକରଣର ଚାହିଦା ବୃଦ୍ଧି ଓ ବିଶ୍ୱସ୍ତରରେ ବଢୁଥିବା ପ୍ରତିରକ୍ଷା ଖର୍ଚ୍ଚର ସମ୍ଭାବନାର ଆଶା ମଧରେ ସେୟାରର କ୍ରୟ ବଢ଼ି ଯାଇଛି। ଏହା ବ୍ୟତୀତ, ପହଲଗାମ ଆତଙ୍କୀ ହମଲା ପରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫ୍‌ଙ୍କ ଦ୍ୱାରା ଭାରତୀୟ ସେନା ଅନୁପ୍ରବେଶର ଚେତାବନୀ ଦିଆଯିବା ପରେ ଭାରତୀୟ ପ୍ରତିରକ୍ଷା କମ୍ପାନୀ ଗୁଡ଼ିକର ସେୟାରରେ ବୃଦ୍ଧି ଘଟିଛି। ରୟଟର୍ସର ଏକ ରିପୋର୍ଟ ମୁତାବିକ , ଖ୍ୱାଜା ଆସିଫ୍ କହିଛନ୍ତି କି, ପାକ୍ ସେନା ସରକାରକୁ ଭାରତୀୟ ହମଲାର ସମ୍ଭାବନା ବିଷୟରେ ସୂଚନା ଦେଇଛି। ଖ୍ୱାଜା ଆସିଫ୍ କହିଛନ୍ତି ପାକିସ୍ତାନ ସଂପୂର୍ଣ୍ଣ ରୂପେ ଆଲର୍ଟରେ ଏବଂ ଆମେ ନିଜର ପରମାଣୁ ଅସ୍ତ୍ରର ବ୍ୟବହାର ସେତେବେଳେ କରିବୁ , ଯେବେ ଆମର ଅସ୍ତିତ୍ୱ ପ୍ରତି ସିଧା ବିପଦ ଘନେଇବ।



ଗାର୍ଡନ ରିଚ୍ ଶିପବିଲ୍ଡର୍ସ ସେୟାରର ଦାମ୍ ୧୫ ପ୍ରତିଶତ ବଢ଼ିଛି। ଗାର୍ଡନ ରିଚ୍ ଶିପବିଲ୍ଡର୍ସ ବା ଜିଆରଏସଇ ପ୍ରତିରକ୍ଷା ସେୟାରରେ ସବୁଠୁ ଅଧିକ ଲାଭରେ ଅଛି। ଗାର୍ଡନ ରିଚ୍ ଶିପବିଲ୍ଡର୍ସ ସେୟାରର ଦାମ୍ ୨,୦୨୦ ଟଙ୍କାର ଇନଟ୍ରାଡେ ହାଇରେ ପହଞ୍ଚି ଯାଇଥିଲା, ଯାହା ଗତର କ୍ଲୋଜିଂ ଲେବଲରେ ୧୫ ପ୍ରତିଶତରୁ ଅଧିକ ଅଛି। ମଝଗାଓଁ ଡକ୍ ଶିପବିଲ୍ଡର୍ସର ସେୟାରରେ ମଧ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ମଝଗାଓଁ ଡକ୍‌ଶିପବିଲ୍ଡର୍ସର ସେୟାରର ଦାମ୍ ପାଖାପାଖି ୯ପ୍ରତିଶତ ବଢ଼ି ୫୨ ସପ୍ତାହ ବା ବର୍ଷକରେ ହାଇ ୩,୦୩୫ ଟଙ୍କାରେ ପହଞ୍ଚି ଯାଇଛି। ମଝଗାଓଁ ଡକ୍ ଶିପବିଲ୍ଡର୍ସ ସେୟାରର ଦାମ୍, (ଯାହା ଗତ ବର୍ଷ ମଇରେ ୧,୦୩୫ଟଙ୍କାର ୫୨-ସପ୍ତାହ କମ୍ କରିଥିଲା) ନିଜର ନିବେଶକଙ୍କୁ ମଲ୍ଟିବ୍ୟାଗର ରିଟର୍ଣ୍ଣ ଦେଇଛି। ହିନ୍ଦୁସ୍ତାନ ଏୟରୋନଟିକ୍ସ ବା HAL ସେୟାରର ଦାମ୍‌ରେ ୫ ପ୍ରତିଶତରୁ ଅଧିକ ବଢ଼ିଛି। ଭାରତ ଦ୍ୱାରା ଆଉ ୨୬ ରାଫେଲ୍ ଜେଟ୍ କ୍ରୟରେ ଗୋଟିଏ ଚୁକ୍ତି ସ୍ୱାକ୍ଷର କରିବାର ଖବର ମଧରେ ହିନ୍ଦୁସ୍ତାନ ଏୟରୋନେଟିକ୍ସ ସେୟାରର ଦାମ୍ ବଢ଼ୁଛି। ଭାରତ ଡାୟନେମିକ୍ସ ,ଭାରତ ଇଲେକ୍ଟ୍ରନିକ୍ସର ସେୟାରର ଦାମ୍‌ରେ ୪ପ୍ରତିଶତର ବୃଦ୍ଧି ହୋଇଛି। ଏହା ବ୍ୟତୀତ ଭାରତ ଇଲେକ୍ଟ୍ରନିକ୍ସ (ବିଇଏଲ) ସେୟାରର ଦାମ୍‌ରେ ମଧ ବୃଦ୍ଧି ଦେଖିବାକୁ ମିଳୁଛି। ଓମନିସାଇନ୍ସ କ୍ୟାପିଟାଲର ସିଇଓ ଓ ମୁଖ୍ୟ ନିବେଶ ରଣନୀତିକାର ଡା.ବିକାଶ ଗୁପ୍ତା କହିଛନ୍ତି , ସମ୍ଭାବିତ ଭାରତ-ପାକ୍ ଯୁଦ୍ଧର ପୃଷ୍ଠଭୂମିରେ , ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ପ୍ରତିରକ୍ଷା ସେୟାରରେ ବୃଦ୍ଧି ଘଟୁଛି। ଯୁଦ୍ଧ ସ୍ଥିତିରେ , ଯଦିଓ ଏହା ୨-୪ ସପ୍ତାହ ଯାଏ ସୀମିତ, ଅସ୍ତ୍ରଶସ୍ତ୍ର , ଗୋଳା ବାରୁଦ ଓ ଅସ୍ତ୍ରଶସ୍ତ୍ର ସହ ପ୍ରତିରକ୍ଷା ଉପକରଣର ଦାବି ପର୍ଯ୍ୟାପ୍ତ ହୋଇ ପାରେ ଏବଂ ଏହାର ପରିଣାମସ୍ୱରୂପ ପ୍ରତିରକ୍ଷା କମ୍ପାନୀ ଗୁଡ଼ିକୁ ମହତ୍ୱପୂର୍ଣ୍ଣ ଅର୍ଡର ମିଳିପାରେ।

## ଉଠାଣିରେ ସୁନା ଦର



ଆସନ୍ତାକାଲି ପବିତ୍ର ଅକ୍ଷୟ ତୃତୀୟା। ଏହା ପୂର୍ବରୁ କମିଛି ସୁନା, ରୁପା ଦର। ତେବେ ଆସନ୍ତୁ ଜାଣିବା, ସୁନା ଦର କେଉଁଠି କେତେ ? ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୭, ୯୭୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୯ ହଜାର ୮୦୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୭, ୯୭୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୯ ହଜାର ୮୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୭,୯୭୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୯ ,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୮, ୧୨୦ ଟଙ୍କା ଓ ୨୨ କ୍ୟାରେଟ୍ ୮୯,୯୫୦ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୭, ୯୭୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୯,୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୭, ୯୭୦ ଓ ୮୯,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧,୦୦,୫୦୦ ଟଙ୍କା ହୋଇଛି।

## ଉଠାଣିରେ ପେଟ୍ରୋଲ, ଡିଜେଲ ଦର



ଦେଶର କିଛି ସ୍ଥାନରେ ତୈଳ ଦର ସ୍ଥିର ରହିଥିବା ବେଳେ ଅନ୍ୟ କିଛି ସ୍ଥାନରେ ତୈଳ ଦରରେ ପରିବର୍ତ୍ତନ ହୋଇଛି। ଭୁବନେଶ୍ୱର ପେଟ୍ରୋଲ ଦରରେ ମଧ ନୂଆ ଦର ଜାରି ହୋଇଛି। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧. ୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୩୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ବ୍ରହ୍ମପୁରରେ ପାକିସ୍ତାନୀ ମହିଳା, ଦେଶ ଛାଡ଼ିବାକୁ ନୋଟିସ୍

**ବ୍ରହ୍ମପୁର,୨୯।୪ (ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ରହୁଥିବା ଜଣେ ପାକିସ୍ତାନୀ ମହିଳାଙ୍କୁ ନୋଟିସ ହୋଇଛି। ସ୍ଥାନୀୟ ଟାଉନ ଥାନା ଅଞ୍ଚଳରେ ରହୁଥିବା ମହିଳାଙ୍କୁ ଦେଶ ଛାଡ଼ିବାକୁ ପୁଲିସ୍ ନୋଟିସ ଦେଇଛି। ପୁଲିସ୍ ପକ୍ଷରୁ ନୋଟିସ ସହ ମହିଳାଙ୍କ ଘରେ ପହଞ୍ଚି ଭିସା ଯାଞ୍ଚ କରାଯାଇଛି । ମିଲିଟାରୀ ଲାଇନ ବଡ଼ ମସଜିଦ୍ ସାହିରେ ଏହି ମହିଳା ଜଣକ ରହୁଛନ୍ତି। ଓଡ଼ିଶାରେ ୨୫ ବର୍ଷରୁ ଅଧିକ ହେବ ପରିବାର ସହ ରହୁଥିବା ଜଣାପଡିଛି। କିଛି ବର୍ଷ ପୂର୍ବେ ମହିଳାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଛି । ମହିଳା ଜଣଙ୍କ ନିଜ ସାନ ଝିଅ ସହ ଏଠାରେ ରହୁଛନ୍ତି ।

# ବ୍ୟାସନଗର ପୌର ପରିଷଦ ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଲେ ସୁବାସ ବଳ



**ଯାଜପୁର ରୋଡ୍,୨୯।୪ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରପରିଷଦ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି । ବ୍ୟାସନଗର ପୌରାଧକ୍ଷା ସଙ୍ଗୀତା ପିଙ୍ଗୁଆଙ୍କ ବିରୋଧରେ କିଛି ଦିନ ପୂର୍ବେ କାଉନସିଲର ମାନେ ଆଣିଥିବା ଅନାସ୍ଥା ପ୍ରସ୍ତାବ ଆଗତ ନିର୍ବାଚନ ସରିଛି । ଏହି ପୌରପରିଷଦ ଅଧିନରେ ଥିବା ୨୬ ଗୋଟି ୱାର୍ଡ ଭିତରୁ ୨୦ ଗୋଟି ୱାର୍ଡର ପାରିଷଦମାନେ ପୌରାଧକ୍ଷା ଶ୍ରୀମତୀ ପିଙ୍ଗୁଆଙ୍କ ବିରୁଦ୍ଧରେ ଅନାସ୍ଥା ନିର୍ବାଚନକୁ ସମର୍ଥନ ଜଣାଇ ନିଜର ବହୁମତ ସାବ୍ୟସ୍ତ କରିଥିଲେ। ଅନାସ୍ଥା ପ୍ରସ୍ତାବ ବିରୋଧରେ ହାଇକୋର୍ଟରେ ପୌରାଧକ୍ଷା ମଧ ମାମଲା ରୁଜୁ କରିଥିଲେ। କିନ୍ତୁ ଏହି ମାମଲା ଚାଲିଥିବା ବେଳେ ସହରର ଜନସାଧାରଣଙ୍କ ଲାଗି ଯାଜପୁର ଜିଲ୍ଲାର ପ୍ରଶାସନିକ କଳ ପକ୍ଷରୁ ବ୍ୟାସନଗରର ଉପନଗରପାଳ ଥିବା ସୁବାସ ଚନ୍ଦ୍ର ବଳଙ୍କୁ ଦିଆଯାଇଛି। ଆଜି ପୌର କାର୍ଯ୍ୟାଳୟରେ ପହଂଚି ବିଦ୍ଧିବଦ୍ଧ ଭାବେ ସେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ କାଉନସିଲରମାନେ ତାଙ୍କୁ ସ୍ୱାଗତ ଜଣାଇଛନ୍ତି। ଉପସ୍ଥିତ କାଉନସିଲର ମାନଙ୍କୁ ସେ ପ୍ରଶଂସା କରିବା ସହିତ ବିକାଶ ପଥରେ ସହରକୁ ଆଗେନେବା ଓ ଜନସାଧାରଣ ମାନଙ୍କ ହିତ ପାଇଁ କାର୍ଯ୍ୟ କରିବେ ବୋଲି ଜଣାଇଛନ୍ତି। ଶ୍ରୀବଳଙ୍କୁ ବିଭିନ୍ନ ମହଲରୁ ଏବେ ଶୁଭେଚ୍ଛା ଜ୍ଞାପନ କାରାଯାଉଅଛି।

### ମାଣ୍ଡିଆ ଚାଷ ଫୁଟାଇଛି ହସ

# ମହିଳାଙ୍କ ପାଇଁ ମିଲେଟ ମିଶନ ବରଦାନ

**କାକଟପୁର/ଅସ୍ତରଙ୍ଗ,୨୯।୪ (ସଂଚାର ବ୍ୟୁରୋ):** ମିଲେଟ ମିଶନ ଉପକୂଳବର୍ତ୍ତୀ ଚାଷୀଙ୍କ ପାଇଁ ସାଜିଲା ବରଦାନ। ଦିନଥିଲା ଧାନ ବଦଳରେ ଉପକୂଳବର୍ତ୍ତୀ ଅସ୍ତରଙ୍ଗ ଅଂଚଳରେ ବ୍ୟାପକ ମାଣ୍ଡିଆ ଚାଷ ହେଉଥିଲା। କିନ୍ତୁ ବଜାରରେ ମାଣ୍ଡିଆର ଦର କମିବା ସହ ପ୍ରୋତ୍ସାହନ ଅଭାବରୁ ଧୀରେ ଧୀରେ ମାଣ୍ଡିଆ ଚାଷ ଉପରୁ ମୁହଁ ଫେରାଇଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ମିଲେଟ ମିଶନ ଯୋଜନା ଅନୁପ୍ରାଣିତ ହୋଇ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଂଚାୟତ ଅଧୀନ ଉଦୟପୁର ଗ୍ରାମର ୪୦ଜଣ ମହିଳା ମାନେ ଏକତ୍ରିତ ହୋଇ ଆରମ୍ଭ କରିଥିଲେ ମିଲେଟ ପ୍ରଡ୍ୟୁସର ଗ୍ରୁପ। ୭ଏକର ଜମିରେ ଜୈବିକ ପଦ୍ଧତିରେ ତଥା କମ୍ ଖର୍ଚ୍ଚରେ ଅଧିକ ଲାଭ ଜନକ ଚାଷ କରିବା ପାଇଁ ଏବେ ବାଟ ଦେଖାଇଛି। ପ୍ରତ୍ୟେକ କଠିନତାକୁ ସାମ୍ନା କରି ଆଗକୁ ବଢ଼ିବାର ଦୃଢ଼ ଇଚ୍ଛାଶକ୍ତି ତାକୁ ବଂଚିବାର ରାହା ଦେଖାଇଥାଏ। ଏବେ କ୍ଷେତରେ ଲହଡି ଭାଙ୍ଗୁଛି ପେଣ୍ଠା ପେଣ୍ଠା ମାଣ୍ଡିଆ। ଯେତେ ଦୂର ପର୍ଯ୍ୟନ୍ତ ଆଖି ଯାଉଛି କେବଳ ମାଣ୍ଡିଆ ହିଁ ମାଣ୍ଡିଆ।



### ବଜାରରେ ବିକ୍ରି ସହ ପ୍ରୋତ୍ସାହନ ପାଇଁ ଦାବି

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କୋରଣା ପଂଚାୟତ ଅଧୀନ ଉଦୟପୁର ଗାଁର ମହିଳା ମାନେ ଜମିରେ ଫଳାଇଛନ୍ତି ସୁନାର ଫସଲ। ଅନୁକୂଳ ପାଗ ଏବଂ ଜମିରେ ଅତି ସହଜରେ ହୋଇପାରୁଛି ଏହି ମାଣ୍ଡିଆ ଚାଷ। ଆଉ ସେଇଥି ପାଇଁ ମହିଳା ମାନଙ୍କୁ ବେଶ ଆକୃଷ୍ଟ କରିଛି ଏହି ଚାଷ। ଏ ନେଇ ଉଦୟପୁର ଗ୍ରାମର ସ୍ୱାବଲମ୍ବି ମହିଳା କଲ୍ୟାଣୀ ସ୍ୱାଇଁ କୁହନ୍ତି ଧାନ କିମ୍ବା ଅନ୍ୟ ପାରମ୍ପରିକ ଚାଷ ଠାରୁ ମାଣ୍ଡିଆ ଚାଷରୁ ଭଲ ଅମଳ ଏବଂ ଲାଭ ମିଳୁଛି। ଅନ୍ୟ ଚାଷ ତୁଳନାରେ ଖର୍ଚ୍ଚ କମ୍, ପରିଶ୍ରମ କମ୍ ତା ସହିତ କମ୍ ପାଣିରେ ଲାଭ ବେଶୀ ହେଉଛି। ଧାନ ଚାଷ କଲେ ରୋଗ ପୋକର ଆଶଙ୍କା ଅନେକ ମାତ୍ରାରେ ରହିଥାଏ ହେଲେ ମାଣ୍ଡିଆ ଚାଷ କ୍ଷେତ୍ରରେ ତାହା କମ୍। ଏହି ଚାଷ କରି ବର୍ତ୍ତମାନ ଅସ୍ତରଙ୍ଗ ବ୍ଲକ କୋରଣା ପଂଚାୟତ ଅଧୀନ ଉଦୟପୁର ଗ୍ରାମର ମିଲେଟ ପ୍ରଡ୍ୟୁସର ଗ୍ରୁପର ୪୦ଜଣ ମହିଳା ଲାଭାନ୍ୱିତ ହେଉଛନ୍ତି। ଅବସରପ୍ରାପ୍ତ ବ୍ୟାଙ୍କ ପ୍ରବନ୍ଧକ ନଟକିଶୋର ମହାନ୍ତି କୁହନ୍ତି ପୃଷ୍ଟିଶସ୍ୟ ଭାବରେ ଏଇ କିଛି ବର୍ଷ ହେଲା ମାଣ୍ଡିଆ ବେଶ ଆଦୃତ୍ତି ଲାଭ କରିଛି। ସମାଜର ପ୍ରତ୍ୟେକ ବର୍ଗର ବ୍ୟକ୍ତି ଏହାକୁ ଧୀରେ ଧୀରେ ଗ୍ରହଣ କରିବାକୁ ଲାଗିଲେଣି। ଏଥିରେ ପ୍ରଚୁର ମାତ୍ରାରେ ଆଇରନ, କ୍ୟାଲସିୟମ, ଫାଇବର, ପ୍ରୋଟିନି ଓ କାର୍ବୋ ହାଇଡ୍ରେଟ୍ସ ଥିବା ଯୋଗୁଁ ଏହା ବେଶ ସ୍ୱାସ୍ଥ୍ୟ ଉପଯୋଗୀ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମିଲେଟ ମିଶନ ଜରିଆରେ ଚାଷ ଓ ଏହାର ବ୍ୟବହାର ପାଇଁ ସଚେତନ ଏବଂ ପ୍ରୋତ୍ସାହିତ କରୁଛନ୍ତି।ଯଦି କୋରଣା ମିଲେଟ ପ୍ରଡ୍ୟୁସର ଗ୍ରୁପର ମହିଳା ମାନେ ଉତ୍ପାଦନ କରିଥିବା ମାଣ୍ଡିଆ କୁ ସରକାରୀ ସ୍ତରରେ ବିକ୍ରୟ ପାଇଁ ସୁବିଧା ହେବା ସହ ପ୍ରୋତ୍ସାହନ ମିଳିଲେ ଆହୁରି ଅନେକ ଅଞ୍ଚଳ ର ଚାଷୀ ମାଣ୍ଡିଆ ଚାଷ ପ୍ରତି ମନ ବଳାଇବେ ବୋଲି ଆଶା କରାଯାଉଛି। ପାଶ୍ଚାତ୍ୟ ସଂସ୍କୃତି ପରମ୍ପରା ଓ ଖାଦ୍ୟରୁ ମୁହଁ ମୋଡି ପୁଣି ପୁରୁଣା ପାରମ୍ପରିକ ପୁଷ୍ଟିଶସ୍ୟ ଖାଦ୍ୟ ପ୍ରତି ଆଧୁନିକ ସମାଜ ଆକୃଷ୍ଟ ହେଉଥିବା ବେଳେ ମାଣ୍ଡିଆ ସେଥିରେ ପ୍ରମୁଖ ଭୂମିକା ନିର୍ବାହ କରୁଛି।

## ନାବାଳିକାଙ୍କୁ ବ୍ଲାକମେଲ, ଅଭିଯୁକ୍ତକୁ ୩ବର୍ଷ ଜେଲ୍ ଦଣ୍ଡାଦେଶ

**ଫୁଲବାଣୀ,୨୯।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଖଜୁରିପଡା ଥାନା ଅନୁର୍ଗତ ଜଣେ ନାବାଳିକାର ଅଶ୍ଳୀଳ ଫଟୋ ରଖି ଧମକ ଦେବା ନେଇ ଏକ ମାମଲାର ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ଫୁଲବାଣୀ ଏ ଡି ଜେ ତଥା ସ୍ୱତନ୍ତ୍ର ପୋକ୍ସ କୋର୍ଟ ବିଚାରପତି ଛତିଶଗଡ ପୁଞ୍ଜିପଥର ଥାନା ଅର୍ନ୍ତଗତ ଉଜଲପୁର ଗ୍ରାମର ନରେଶ ଦୀପଙ୍କ ପୁଅ ଭାଗିରଥି ଦୀପକୁ ତିନିବର୍ଷ ସଶ୍ରମ କାରାଦଣ୍ଡ ସହିତ ୨୫ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ଅଧିକ ୧୦ମାସ କାରାଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି । ଏ ନେଇ ପୀଡ଼ିତା ଙ୍କ ପରିବାର ଖଜୁରିପଡା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଖଜୁରିପଡା ପୋଲିସ ଅଭିଯୁକ୍ତ ଭାରିରଥ୍ ନାମରେ ୪୦/୨୩ରେ ମାମଲା ରୁଜୁ କରିଥିଲା । ମଙ୍ଗଳବାର ଏଡିଜେ ତଥା ପୋକ୍ସୋ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି । ସରକାରଙ୍କ ପକ୍ଷରୁ ଆଇନଜୀବି ଅସୀମ ପ୍ରହରାଜ ମକଦ୍ଦମା ଲଢ଼ୁଥିଲେ ।

## ଭୂମିହୀନ ମାନଙ୍କୁ ଜମିପଟ୍ଟା ବଣ୍ଟନ




**ବେତନଟୀ୨୯।୪ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କର ଜଙ୍ଗଲଜମି ଅଧିକାର ଆଇନ ଏବଂ ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ଆଜି ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ଜମିପଟ୍ଟା ବଣ୍ଟନ କରାଯାଇଛି। ଜଙ୍ଗଲଜମି ଅଧିକାର ଆଇନର ବେତନଟୀ ବ୍ଲକ ସଂଯୋଜକ ସନ୍ତୋଷ କୁମାର ଦାସଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟକ୍ରମରେ ବେତନଟୀ ତହସିଲଦାର ସୁରଥଚନ୍ଦ୍ର ରାଉତ, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା, ରାଜସ୍ୱ ପରିଦର୍ଶକ ଜଗନ୍ନାଥ ସିଂ, ହେଡକ୍ଲର୍କ ନବକିଶୋର ଦାସ ପ୍ରମୁଖ ଯୋଗଦେଇଥିଲେ । ଜମିପଟ୍ଟା ନଥିବାରୁ ଯୋଗ୍ୟତା ଥାଇ ସୁଦ୍ଧା ଭୂମିହୀନ ମାନେ ସରକାରୀ ଆବାସଗୃହ ସମେତ ବିଭିନ୍ନ ଯୋଜନାରୁ ବାଦ ପଡୁଥିଲେ ଏଣୀକି ଭୁମିହୀନ ମାନଙ୍କୁ ଦିଆଯାଇଥିବା ଜମିପଟ୍ଟା ବଳରେ ସେମାନେ ସରକାରୀ ଯୋଜନାରେ ଆବସଗୃହ ସାଙ୍ଗକୁ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଇପାରିବେ। ଏହି ଅବସରରେ ବେତନଟୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଭୂମିହୀନମାନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଜଙ୍ଗଲଜମି ଅଧିକାର ଆଇନ ଅନ୍ତର୍ଗତ ୨୬ଜଣ ଏବଂ ବସୁନ୍ଧରା ଯୋଜନାରେ ୪୪ଜଣ ଏହିପରି ମୋଟ ୭୦ଜଣ ଭୂମିହୀନ ହିତାଧିକାରୀଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଥିଲା ।

### କୁଇ ଦିନା ଏଲୁଗିନା ପାର୍କ ଉଦ୍‌ଘାଟିତ

## ଆସିଲେ ନାହିଁ ନିମନ୍ତ୍ରିତ ଅତିଥି, ଜନପ୍ରତିନିଧି ଠାରୁ ଭରସା ହରାଉଛନ୍ତି ଲୋକେ



**କନ୍ଧମାଳ,୨୯।୪ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ସୁନ୍ଦର ପଲ୍ଲୀ ଠାରେ କୁଇଦିନା ଏଲୁଗିନା ପାର୍କ ଉଦ୍ ଘାଟିତ । ସୂଚନା ପ୍ରକାରେ କନ୍ଧମାଳ ଜିଲ୍ଲାର କୋଟଗଡ଼ ବ୍ଲକ ଅନ୍ତର୍ଗତ ସୁନ୍ଦର ପଲ୍ଲୀ ଠାରେ କନ୍ଧମାଳ ଜିଲ୍ଲାର ସଂଗ୍ରାମୀ ଓ କୁଇ ସମାଜ ପ୍ରତିଷ୍ଠାତା ଏବଂ କ୍ଲାମ୍ବୁମୁଖିଆ ସ୍ମୃତି ସ୍ଥାପନ ଉଦ୍ଦେଶ୍ୟରେ ମାଧବ ପ୍ରଧାନଙ୍କ ପ୍ରଚେଷ୍ଟା ବଳରେ ଶୁକ୍ରବାର ଦିନ ସୁନ୍ଦର ପଲ୍ଲୀ ଠାରେ କୁଇଦିନା ଏଲୁଗିନା ପାର୍କ ଉଦଘାଟନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କନ୍ଧମାଳ ଜିଲ୍ଲାର କୁଇ ସମାଜ ସମନ୍ୱୟ ସମିତି କନ୍ଧମାଳ ସଭାପତି ଭାସ୍କର ପ୍ରଧାନ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ରୂପେ ପୂର୍ବତନ କୁଇକୁଳ ସମିତି ବାଲିଗୁଡା କେନ୍ଦ୍ର ସଭାପତି ମନୋଜ ମଲିକ, କୁଇ ସମାଜ ସେବା ସମିତି ଫୁଲବାଣୀ ସାଧାରଣ ସମ୍ପାଦକ ଅବନୀ କୁମାର କହଁର ଯୋଗଦେଇ ଥିଲେ। ଏହି ଉଦ୍‌ଘାଟନ ପାଇଁ ବାଲିଗୁଡା ବିଧାୟକ ଚକ୍ରମଣି କହଁର,ଜି. ଫୁଲବାଣୀ ବିଧାୟକ ଉମାଚରଣ ମଲିକ, ପୂର୍ବତନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ରଦନ ମଲିକ ଓ କୋଟଗଡ଼ ବ୍ଲକ ଅଧକ୍ଷ, କୋଟଗଡ଼ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରାଣୀ ଚିକିତ୍ସା ଅଧିକାରୀ ମାନଙ୍କୁ ଅବଗତ କରାଯାଇଥିଲା କିନ୍ତୁ ଦୁଃଖର ବିଷୟ ଆସିବୁ କହି କୌଣସି ଜନ ପ୍ରତିନିଧି ଆସିଲେ ନାହିଁ । ଏଣୁ ବହୁତ ସମୟ ଅପେକ୍ଷା କରି କେହି ନ ଆସିବାରୁ କୁଇ ସମାଜ ସମନ୍ୱୟ ସମିତି କନ୍ଧମାଳ ସଭାପତି ଓ ସମ୍ମାନୀତ ଅତିଥି ମାନଙ୍କ ଦ୍ୱାରା ପାର୍କଟି ଉଦଘାଟନ କରାଯାଇଥିଲା । ଶ୍ରୀ ମାଧବ ପ୍ରଧାନ ଜଣେ ଉନ୍ନତ ଧରଣର ଚାଷୀ। ସେ ପ୍ରାୟ ୩୦ରୁ ଉର୍ଦ୍ଧ ଥର ସଫଳ ଚାଷୀ ରୂପେ ସମ୍ମାନୀତ ହୋଇଛନ୍ତି । ତେବେ ସେ ଅନୁରୋଧ କରିଥିବା ଜନପ୍ରତିନିଧି ଓ ସରକାରୀ ଅଧିକାରୀ ନ ଆସିବାରୁ ବହୁତ ଦୁଃଖୀ କରିବା ସହିତ ଉପସ୍ଥିତ ସମାଜ କର୍ମ କର୍ତ୍ତା ଦୃଢ଼ ନିନ୍ଦା କରିଛନ୍ତି ।

# ପୁଣି ଆରମ୍ଭ ହେବ ବରୁଣେଶ୍ୱର ଉନ୍ନତୀକରଣ ପ୍ରକଳ୍ପ



**ବିଞ୍ଝାରପୁର,୨୯।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ବିଞ୍ଝାରପୁର ବ୍ଲକର ପ୍ରସିଦ୍ଧ ଶୈବପୀଠ ବରୁଣେଶ୍ୱର ମନ୍ଦିରର ଉନ୍ନତୀକରଣ ପାଇଁ ପୂର୍ବତନ ୫ଟି ଅଧକ୍ଷ ୨୦୨୩ ମସିହା ଅଗଷ୍ଟ ମାସରେ ବିଞ୍ଝାରପୁର ଗସ୍ତ ବେଳେ ସରକାରଙ୍କ ତରଫରୁ ୭ କୋଟିର ଅନୁଦାନ ଘୋଷଣା କରିଥିଲେ ହେଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିନଥିଲା। ତେବେ ଏହି ପ୍ରକଳ୍ପକୁ ନେଇ ମୁହାଁମୁହିଁ ହେଇଥିଲେ ବିଜେଡ଼ି ବିଜେପି। ବିଭିନ୍ନ କାରଣରୁ ପ୍ରକଳ୍ପଟି ଆରମ୍ଭ ହୋଇନଥିବା ବେଳେ କାଦୁଅ ଫିଙ୍ଗା ରାଜନୀତି ଆରମ୍ଭ ହୋଇଥଲା। ତେବେ ବହୁଦିନ ପରେ ବରୁଣେଶ୍ୱର ଉନ୍ନତୀକରଣ ପ୍ରକଳ୍ପ ଆରମ୍ଭ ହେବାକୁ ନେଇ ଆଶା ଉଜ୍ଜୀବିତ ହୋଇଛି।

ଆଜି ବରୁଣେଶ୍ୱର ମନ୍ଦିର ପରିଦର୍ଶନରେ ଆସିଥିଲେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ । ଯାଜପୁର ଜିଲ୍ଲା ବିଞ୍ଝାରପୁର ଅଞ୍ଚଳର ଅରେଇ ଗ୍ରାମରେ ରହିଥିବା ପ୍ରସିଦ୍ଧ ବାବା ବରୁଣେଶ୍ୱରଙ୍କ ପୀଠ ପରିଦର୍ଶନରେ ଯାଜପୁର ଜିଲ୍ଲାପାଳ ପି. ଅନ୍ୱେଷା ରେଡ୍ଡୀ ଆସିଥିବା ବେଳେ ପ୍ରଥମେ ମନ୍ଦିରରେ ପହଞ୍ଚି ବରୁଣେଶ୍ୱରଙ୍କ ଦର୍ଶନ କରିଥିଲେ। ଦର୍ଶନ ପରେ ଅରେଇ ପଞ୍ଚାୟତର ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ସ୍ଥାନୀୟ କିଛି ଲୋକ ଏବଂ ମନ୍ଦିରର ପୂଜକମାନଙ୍କ ଠାରୁ ମନ୍ଦିରର ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସହ ମନ୍ଦିରର ଉନ୍ନତିକରଣ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ମନ୍ଦିରର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ। ଆଲୋଚନା ପରେ ସରକାରଙ୍କ ତରଫରୁ ମନ୍ଦିର ଉନ୍ନତିକରଣ ପାଇଁ ଆସିଥିବା ଅର୍ଥକୁ କିପରି ସଠିକ୍ ଭାବେ ବିନିଯୋଗ କରାଯାଇ ପାରିବ ତାହା ସାଙ୍ଗରେ ଥିବା ବିଭାଗୀୟ ଅଧିକାରୀଙ୍କୁ କହିଥିଲେ।

ଆଲୋଚନା ସମୟରେ ପୂର୍ବତନ ସରପଞ୍ଚ ଦେବାନନ୍ଦ ମଲ୍ଲିକ ଏବଂ ସ୍ଥାନୀୟ ବାସିନ୍ଦା ହେମେନ୍ଦ୍ର ସାମଲ ପ୍ରଥମେ ମନ୍ଦିରର ସୀମା ନିର୍ଦ୍ଧାରଣ କରାଯାଉ ବୋଲି ଜିଲ୍ଲାପାଳଙ୍କୁ କହିବା ସହ ମନ୍ଦିର ଚତୁଃପାର୍ଶ୍ୱରେ ପାଚେରୀର ବ୍ୟବସ୍ଥା ଏକାନ୍ତ ଆବଶ୍ୟକ ବୋଲି କହିଥିଲେ। ଅପର ପକ୍ଷରେ ଅରେଇ ପଞ୍ଚାୟତର ସରପଞ୍ଚ ସ୍ମୃତିସମିକ୍ଷା ମଲ୍ଲିକ ସୀମା ନିର୍ଦ୍ଧାରଣ ପାଇଁ ଆବେଦନ କରାଯାଇଛି ବୋଲି ସୂଚନା ଦେଇଛନ୍ତି। ଜିଲ୍ଲାପାଳଙ୍କ ଗସ୍ତରେ ଜିଲ୍ଲାପାଳଙ୍କ ସହ ଉପ-ଜିଲ୍ଲାପାଳ, ବିଂଝାରପୁର ତହସିଲଦାର ସୁଧାଂଶୁ ଶେଖର ସାଓ, ବିଞ୍ଝାରପୁର ବିଡ଼ିଓ ହୀତାଂଶୁ ଶେଖର ସାମଲ , ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ଘଣ୍ଟିଆଳି ସରପଞ୍ଚ କାର୍ତ୍ତିକ ଚନ୍ଦ୍ର ଧଳ ପ୍ରମୁଖ ଉପସ୍ଥିତ ଥିଲେ।



## ସୋଆ ପ୍ରାଚୀନ ପକ୍ଷରୁ ଲେଖା ସମ୍ପାଦନ ଉପରେ ୫ ଦିନିଆ କର୍ମଶାଳା ଉଦ୍‌ଯାପିତ

**ଭୁବନେଶ୍ୱର,୨୯।୪ (ସଂଚାର ବ୍ୟୁରୋ):** ପୁରାତନ ଓଡ଼ିଆ ପୋଥିଗୁଡ଼ିକର ଲେଖା ସମ୍ପାଦନା ବିଷୟରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର ପ୍ରୋପା।ଗେସନ୍ ପ୍ରିଜରଭେସନ୍ ଆଣ୍ଡ ରେଷ୍ଟୋରେସନ୍ ଅଫ୍ ଆନ୍‌ସିଏଂଟ କଲ୍‌ଚାରାଲ ଆଣ୍ଡ ହେରିଟେଜ ଅଫ୍ ଇଣ୍ଡିଆ (ପ୍ରାଚୀନ) ପକ୍ଷରୁ ସୋମବାର ଏଠାରେ ୫-ଦିନିଆ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି କର୍ମଶାଳାରେ ଲେଖା ସମ୍ପାଦନାରେ ଦକ୍ଷତା ବୃଦ୍ଧି ପାଇଁ ୧୫ ଜଣ ଗବେଷକଙ୍କୁ ତାଲିମ ଦିଆଯିବା ସହ ମାନପତ୍ର ପ୍ରଦାନ କରାଯାଇଛି। ସୋଆ, ଉତ୍କଳ ବିଶ୍ୱବିଦ୍ୟାଳୟ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପ୍ରାଚୀନର ମୁଖ୍ୟ ପ୍ରଫେସର ଗାୟତ୍ରୀବାଳା ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରି କହିଥିଲେ ଯେ ଏ ପର୍ଯ୍ୟନ୍ତ ଓଡ଼ିଶାରେ ଏହି ଧରଣର କର୍ମଶାଳା ଆୟୋଜିତ ହୋଇ ନଥିଲା। ଏହି କର୍ମଶାଳାରେ ଗବେଷକମାନେ ପୋଥି ସାହିତ୍ୟ ଓ ପୋଥି ସମ୍ବନ୍ଧୀୟ ଜ୍ଞାନ ଆହରଣ କରିପାରିଛନ୍ତି। ଏହି କ୍ଷେତ୍ରରେ ବିଶେଷ ପାରଦର୍ଶୀତା ଥିବା ତିନି ଜଣ ବିଶେଷଜ୍ଞ ପ୍ରଫେସର ଗୌରାଙ୍ଗ ଚରଣ ଦାଶ, ପ୍ରଫେସର ପ୍ରଦୀପ୍ତ କୁମାର ପଣ୍ଡା ଓ ପ୍ରଫେସର ସନ୍ତୋଷ କୁମାର ରଥ କର୍ମଶାଳାରେ ଯୋଗ ଦେଇଥିବା ଗବେଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଗବେଷକମାନଙ୍କୁ ପ୍ରଶିକ୍ଷିତ କରିବା ସହ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ।

ପ୍ରାଚୀନ ସାହିତ୍ୟ ସମ୍ପର୍କରେ ଧାରଣା ପାଇବା ସହିତ ପୋଥିର ଲେଖନୀ ଶୈଳୀ ଓ ଶବ୍ଦ ସଂଯୋଜନା ଓ ସବିଶେଷରେ ସୂଚନା ଓ ଶିକ୍ଷା ଲାଭ କରିପାରିଛନ୍ତି ବୋଲି ପ୍ରଫେସର ପଣ୍ଡା କହିଥିଲେ। ଏଭଳି ପ୍ରୟାସ ଦ୍ୱାରା ଗବେଷଣା କ୍ଷେତ୍ରରେ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ବିଶେଷ ସହାୟକ ହେବ ବୋଲି ଗବେଷକମାନେ ନିଜ ଅନୁଭୂତି ମାଧମରେ ପ୍ରକାଶ କରିଥିଲେ। ଏହି କର୍ମାଶାଳାରେ ଯୋଗଦେଇଥିବା ୧୫ ଜଣ ଗବେଷକମାନଙ୍କୁ ପ୍ରଫେସର ପଣ୍ଡା ମାନପତ୍ର ପ୍ରଦାନ କରିଥିଲେ। ଉଦ୍‌ଘାଟନୀ ଅବସରରେ ପ୍ରାଚୀନର ପ୍ରାଚୀନ ବକ୍ତୃତାମାଳା-୨ ସମ୍ମାନ 'ସାହିତ୍ୟର ନୃତତ୍ୱ' ଅନୁଷ୍ଠିତ ହୋଇଥିଲା।

## ତ୍ରିନାଥ ଦେବ ଓ ଶନିଶ୍ଚରଙ୍କ ବାର୍ଷିକ ଉତ୍ସବ

**ଯୋଡ଼ା,୨୯।୪ (ସଂଚାର ବ୍ୟୁରୋ):**ଯୋଡ଼ା ପୌରାଞ୍ଚଳ ଅଧିନସ୍ଥ ଶାସ୍ତ୍ରୀନଗର ଠାରେ ଆଜି ତ୍ରିନାଥ ଦେବ ଓ ଶନିଶ୍ଚର ଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ଚାରି ଦିନ ଧରି ଏହି ଉତ୍ସବ ଚାଲୁ ରହିବ ବୋଲି ମନ୍ଦିର କମିଟି ର ସଭାପତି ଗୋପାଳ ଚନ୍ଦ୍ର ସାହୁ ଓ ସମ୍ପାଦକ ବିମଳ କୁମାର ପଟ୍ଟନାୟକ ପ୍ରକାଶ କରିଥିଲେ। ଆଜି ପ୍ରଥମ ଦିବସରେ ପଣ୍ଡିତ ସୁଧାଂଶୁ ମିଶ୍ର ଓ ତାଙ୍କର ସହକର୍ମୀ ମାନଙ୍କ ସହିତ ମନ୍ଦିରର ଅଧିବାସ ପୂଜାରେ କଳସ ସ୍ଥାପନ, ସୂର୍ଯ୍ୟ ପୂଜା, ଗୋ ପୂଜାଓ ଷୋଡଶ ଉପଚାର ଆଦି ରୀତି ନୀତି ଆରମ୍ଭ କରାଯାଇଥିବା ସହିତ ଅଷ୍ଟମ ପ୍ରହରୀ ନାମ ଯଜ୍ଞ ଚାଲୁ ରହିଥିଲା। ଏହି ସଂକୀର୍ତ୍ତନ ପାଇଁ ବିଭିନ୍ନ ସ୍ଥାନରୁ କୀର୍ତ୍ତନ ମଣ୍ଡଳୀ ଯୋଗ ଦେବାର କାର୍ଯ୍ୟକ୍ରମ ମଧ ରହିଥିଲା। ଚାରିଦିନ ଧରି ବାର୍ଷିକ ଉତ୍ସବ ପାଳିତ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ମଧରେ ପାଲା, ସାଂସ୍କୃତିକ କାର୍ଯ୍ୟକ୍ରମ, ଅଷ୍ଟପ୍ରହରୀ ନାମ ଯଜ୍ଞ ସଂସଦ ଅନନ୍ତ ନାଏକଙ୍କ ଦ୍ୱାରା ମନ୍ଦିର ଭୋଗ ମଣ୍ଡପକୁ ଉଦଘାଟିତ କରାଯିବାର କାର୍ଯ୍ୟକ୍ରମ ରହିଅଛି। ତିନିଦିନ ଧରି ଭକ୍ତ ମାନଙ୍କ ପାଇଁ କମିଟି ତରଫରୁ ପ୍ରସାଦ ସେବନର ବ୍ୟବସ୍ଥା ମଧ କରାଯାଇଛି। ଆଜି ପ୍ରଥମ ଦିବସରେ ଶହ ଶହ ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ସମାଗମ ଦେଖିବାକୁ ମିଳିଥିଲା। ପଣ୍ଡିତ ମାନଙ୍କର ମନ୍ତ୍ର ଉଚ୍ଚାରଣ ରେ ଶାସ୍ତ୍ରୀ ନଗର ପରିବେଶ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିବାର ଦେଖିବାକୁ ମିଳିଥିଲା।





## ଓକିଲ ଦିବସ ପାଳିତ

**ବ୍ରହ୍ମପୁର,୨୯।୪ (ସଂଚାର ବ୍ୟୁରୋ):** ଗଞ୍ଜାମ ଓକିଲ ସଂଘ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ ତମ ଜୟନ୍ତୀ ଉତ୍ସବ ଅବସରରେ ଓକିଲ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଅତିଥି ରୂପେ ଏମଏସିଟି ଜଜ୍ (ଦ୍ୱିତୀୟ) ରାମ ଶଙ୍କର ହୋତା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଫେମିଲି ଜଜ୍ ଜାନକୀ ବିଶ୍ୱାଳ, ଓପିଆଇଡି ଜଜ୍ ସଂଗୀତା ପାଣି, ଡିଏଲଏସଏ ସେକ୍ରେଟାରୀ ଦେବାଶିଷ ସାହୁ, ସବ୍ ଜଜ୍ ବ୍ୟୋମକେଶ ନାୟକ, ଏସଡିଜେଏମ୍ ଜଜ୍ କୁମାର ସ୍ୱନ୍ଦନ, ଜେଏମଏସସି ଜଜ୍ ସସ୍ମିତା ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦ ଜଣ ବରିଷ୍ଠ ଓକିଲଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଗଞ୍ଜାମ ଓକିଲ ସଂଘ ଉପ ସଭାପତି ତିରୁମଲା ରେଡ୍ଡୀ, ସମ୍ପାଦକ ଟି. ଭେଙ୍କେଟ ରାଓ, ଯୁଗ୍ମ ସମ୍ପାଦକ ଅସିତ୍ ସାବତଙ୍କ ସମେତ ବହୁ ଆଇନଜୀବି ସାମିଲ ହୋଇଥିଲେ।

## ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ମହୁମାଛି ଆକ୍ରମଣ, ୧୦ରୁ ଉର୍ଦ୍ଧ୍ୱ ଆହତ

**କାକଟପୁର/ଅସ୍ତରଙ୍ଗ,୨୯।୪ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ମଙ୍ଗଳବାର ଦିନ ମଧାହ୍ନରେ ବାଟୋଇ ଯାଉଥିବାବେଳେ ମହିଳା ଓ ଯୁବକଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି ବାଘୁଆ ମହୁମାଛି। ଏହା ସହ ଜଣେ କାଠୁରିଆ ମଧ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଛନ୍ତି। ମଙ୍ଗଳବାର ଦିନ ୧ଘଟିକା ସମୟରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ନିକଟରେ ଘଟିଛି ଏହି ଅଭାବନୀୟ ଘଟଣା। ଏହି ସମୟରେ ନିକଟ ଥିବା ମହୁଫେଣାକୁ କୌଣସି ଅଜଣା ବ୍ୟକ୍ତି ଇଟା ପକାଇ ଥିବାରୁ ବାଘୁଆ ମହୁମାଛି ଆକ୍ରମଣ କରିଥିଲା। ଏହା ପରେ ପରେ ଉତକ୍ଷିପ୍ତ ମହୁମାଛି ମାନେ ରାସ୍ତା ସହ ସ୍ଥାନୀୟ ଅଂଚଳ ଆଡ଼କୁ ମାଡି ଆସିଥିଲେ। ଏହି ଅପ୍ରୀତିକର ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ମହୁମାଛି ଆକ୍ରମଣରେ ୧୦ରୁ ଉର୍ଦ୍ଧ ଆହତ ହୋଇଛନ୍ତି। ଲୋକ ନିଜକୁ ସୁରକ୍ଷା ପାଇଁ ଅସ୍ତରଙ୍ଗ ଷ୍ଟେଟ ବ୍ୟାଙ୍କ ମଧରେ କିଛି ସମୟ ରହିଯାଇଥିଲେ।



### ପ୍ରଥମ ରାଜ୍ୟସ୍ତରୀୟ ଟି-୨୦ କୋଣାର୍କ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବିବିସିଏକୁ ହରାଇ ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିଅନ

**କୋଣାର୍କ,୨୯।୪ (ସଂଚାର ବ୍ୟୁରୋ):** କୋଣାର୍କ ସ୍ପୋର୍ଟସ ଏକାଡେମୀ ପକ୍ଷରୁ କୋଣାର୍କ ଭଗବତୀ ମହାବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କୋଣାର୍କ କପ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡ଼େମୀକୁ ହରାଇ ରାମେଶ୍ୱର ସ୍ପୋଟିଂ ଚମ୍ପିୟାନ ହୋଇଛି।

**କୋଣାର୍କରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ହେବ: କ୍ରୀଡ଼ାମନ୍ତ୍ରୀ**

ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା, ଯୁବ ବ୍ୟାପାର ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଯୋଗଦେଇ ଚମ୍ପିୟାନ ଦଳକୁ ୩୫ ହଜାର ଟଙ୍କା ଓ ଚମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ। ଏହି ଅବସରରେ କୋଣାର୍କ ଭଳି ଏକ ଆନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀରେ କ୍ରୀଡା ଭିତ୍ତିଭୂମିର ବିକାଶ ପାଇଁ ସରକାର ପ୍ରତିବଦ୍ଧ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ।



ପ୍ରଥମେ ବ୍ୟାଟିଂ କରି ଭୁବନେଶ୍ୱର ଭାରତ ଭୂଷଣ କ୍ରିକେଟ ଏକାଡ଼େମୀ ନିର୍ଦ୍ଧାରିତ ୨୦ ଓଭର ମ୍ୟାଚରେ ୭ ୱିକେଟ ହରାଇ ୧୩୨ରନ ସଂଗ୍ରହ କରିଥିଲେ। ଦଳ ପକ୍ଷରୁ ସିଦ୍ଧାର୍ଥ ଜେନା ସର୍ବାଧିକ ୨୭ବଲରେ ୨୩ ରନ, ଶିଶିର ପଟ୍ଟନାୟକ ୨୩ ବଲ୍‌ରେ ୨୩ ରନ ସଂଗ୍ରହ କରିଥିଲେ। ରାମେଶ୍ୱର ପକ୍ଷରୁ ଆଶୁତୋଷ ନାୟକ ୪ ଓଭର ବୋଲିଂ କରି ୨୩ ରନ ଦେଇ ଦୁଇ ୱିକେଟ ଅକ୍ତିଆର କରିଥିଲେ। ଗୌତମ ଗୋପାଳ ଦୁଇ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ ୧୮.୪ ଓଭରରେ ୫ ୱିକେଟ ହରାଇ ୧୩୮ ରନ କରି ବିଜୟ ଲକ୍ଷ ହାସଲ କରିଥିଲେ। ରାମେଶ୍ୱର ପକ୍ଷରୁ ଗୌତମ ଗୋପାଳ ୩୫ବଲ ଖେଳି ଅପରାଜିତ ୫୨ରନ ସଂଗ୍ରହ କରିଥିଲେ। ବିବିସିଏ ର ଆଶିଷ ଭୂୟାଁ ଓ ଚିରାଗ ସୋନି ଉଭୟ ଦୁଇଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ । ରାମେଶ୍ୱର ସ୍ପୋଟିଂର ଗୌତମ ଗୋପାଳ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ସିରିଜ୍ ଭାବେ ପୁରସ୍କୃତ ହୋଇଥିଲେ।

ଟୁର୍ଣ୍ଣାମେଣ୍ଟର ଉଦଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ପୁରୀ ଅଲମ୍ପିକ୍ସ ଆସୋସିଏସନ୍ କୋଷାଧକ୍ଷ ରବି ପ୍ରତିହାରୀ, କୋଣାର୍କ ଭଗବତୀ ମହାବିଦ୍ୟାଳୟର ଅଧକ୍ଷ ଅବତାର ମିଶ୍ର, ଆରଡି ମହିଳା ମହାବିଦ୍ୟାଳୟ ପ୍ରଫେସର ସୁଚିସ୍ମିତା ସରଦାର ଯୋଗ ଦେଇଥିଲେ। ରନର୍ସ ଅପ ଦଳକୁ ୨୫ ହଜାର ଟଙ୍କା ଓ ରନର୍ସ ଅପ ଟ୍ରଫି ପ୍ରଦାନ କରାଯାଇଥିଲା ।

# ନାରୀ



# ଡଲି ଜୈନ୍







୧୯୭୪ ମସିହାରେ ବାଙ୍ଗାଲୋରରେ ଜନ୍ମ ହୋଇ ବଢ଼ିଥିବା ଝିଅଟି ୨୦ବର୍ଷ ବୟସରେ ବାହାହୋଇ ଗୋଟିଏ ରକ୍ଷଣଶୀଳ ମାରୱାଡ଼ି ପରିବାରର ବୋହୂ ହୋଇ ରାଜସ୍ଥାନକୁ ଯାଏ। ଶାଶୂଘରେ ପୂର୍ବପରି ସ୍ୱାଚ୍ଛନ୍ଦ୍ୟରେ ସେ ଜିନ୍ସ ଓ ଟି'ସାର୍ଟ ପିନ୍ଧିପାରେ ନାହିଁ। ତାକୁ ଶାଢ଼ି ପିନ୍ଧିବାକୁ ପଡ଼େ। ଝିଅଟିକୁ ଶାଢ଼ିପିନ୍ଧା ଜମାରୁ ଆସେନା। କଷ୍ଟେମଷ୍ଟେ ପିନ୍ଧିବା ପାଇଁ ପଇଁଚାଳିଶ ମିନିଟ୍‌ରୁ ବେଶି ଲାଗେ। କିନ୍ତୁ ଶାଶୂ ନଛୋଡ଼ବନ୍ଧା। ସମୟ ପଛେ ଯାଉ ବୋହୂ ଶାଢ଼ି ପିନ୍ଧୁ। ଏମିତିରେ ଶାଢ଼ିକୁ ଡରୁଥିବା ବୋହୂଟି ଦିନେ ଦୋକାନରୁ ଗୋଟେ ମାନେକ୍ୱିନ୍ (ଶାଢ଼ିପିନ୍ଧା ପିତୁଳା) ଘରକୁ ଆଣିଲା ଆଉ ପ୍ରତିଦିନ ରାତିରେ କିଛି ସମୟ ଶାଢ଼ିପିନ୍ଧା ଅଭ୍ୟାସ କରିବାରେ ଲାଗିଲା କ୍ରମେ କ୍ରମେ ତାର ଆତ୍ମବିଶ୍ୱାସ ବଢ଼ିଲା। ଆଉ ସେ କେବଳ ଗୋଟିଏ ବାଗରେ ଶାଢ଼ିପିନ୍ଧିବା ଶିଖିଲାନି; ୨୦୧୯ ମସିହାରେ ୩୨୫ ପ୍ରକାର ଭିନ୍ନ ଭିନ୍ନ ଷ୍ଟାଇଲ୍‌ରେ ଶାଢ଼ିପିନ୍ଧାର ଲିମ୍କା ବୁକ୍ ରେକର୍ଡ କଲା। ସବୁଠୁ କମ୍ ସମୟରେ ଶାଢ଼ିପିନ୍ଧାର ସମୟ ହେଲା ୧୮.୫ ସେକେଣ୍ଡ। ଶାଢ଼ିପିନ୍ଧାର ଏହି କୁଶଳୀ କାରିଗର ହେଉଛନ୍ତି ଡଲି ଜୈନ୍। ପରିବାର ବାହାରେ ଆଗ୍ରହରେ ନବବଧୂମାନଙ୍କୁ ସେ ଶାଢ଼ି ବା ଦୁପଟ୍ଟା ପିନ୍ଧାଉଥିଲେ। ଥରେ ଜଣେ ନବବଧୂଙ୍କୁ ଗୋଟିଏ ଭାରି ଦୁପଟ୍ଟାକୁ ଚମତ୍କାର ଭାବରେ ପିନ୍ଧେଇବାର ଦେଖି ଫ୍ୟାସନ୍ ଡିଜାଇନର୍ ଆବୁ ଜାନି, ସନ୍ଦୀପ ଖୋସଲା ତାଙ୍କୁ ସେଲିବ୍ରିଟିମାନଙ୍କୁ ଶାଢ଼ି ପିନ୍ଧେଇବାକୁ ସୁପାରିସ କଲେ। ଏହାପରେ ଆଉ ପଛକୁ ଫେରି ଚାହିଁନାହାନ୍ତି ଡଲି। ତାଙ୍କର ଗ୍ରାହକମାନଙ୍କ ତାଲିକାରେ ଅଛନ୍ତି ନୀତା ଅମ୍ବାନୀ, ଇଶା ଅମ୍ବାନୀ, ଦୀପିକା ପାଦୁକୋନ, ପ୍ରିୟଙ୍କା ଚୋପ୍ରା, ଆଲିଆ ଭଟ୍ଟ, ସାରା ଅଲ୍ଲୀ ଖାନ୍, ପରିଣୀତି ଚୋପ୍ରା, ନୟନତାରା, କିଆରା ଆଡ୍‌ଭାନୀ, ରଶ୍ମିକା ମନ୍ଦାନା ପ୍ରଭୃତି ଫିଲ୍ମ, ମଡେଲିଂ ଓ ବିତ୍ତଶାଳୀ ବ୍ୟବସାୟୀମାନଙ୍କ ପତ୍ନୀ ଓ କନ୍ୟାମାାନେ। ବିବାହ ଉତ୍ସବ, ଫ୍ୟାସନ୍ ସୋ' କି ଫିଲ୍ମ ପ୍ରିମିୟର୍ ସବୁ ଅବସରକୁ ଡଲିଙ୍କ ସ୍ପର୍ଶ ଅଧିକ କଳାତ୍ମକ କରେ। ଦିବଙ୍ଗତା ଅଭିନେତ୍ରୀ ଶ୍ରୀଦେବୀ ତ ତାଙ୍କୁ 'ମ୍ୟାଜିକ୍ ଫିଙ୍ଗର୍'ର ଅଧିକାରିଣୀ କହିଥିଲେ। ଏକଦା ରାଜନେତା ଜୟଲଳିତାଙ୍କ ମୁଖ୍ୟମନ୍ତ୍ରୀ ନିବାସକୁ ସେ ଶାଢ଼ି ପିନ୍ଧାଇବାକୁ ଗଲାବେଳେ ଅନେକ ଗୁଡ଼ିଏ ସେଫ୍ଟିପିନ୍ ବ୍ୟାଗ୍‌ରେ ରଖିଥିବାରୁ ସୁରକ୍ଷାକର୍ମୀମାନେ ଅଟକାଇ ଦେଇଥିଲେ ତ ଡଲି ପିନ୍ ଦ୍ୱାରା ଶାଢ଼ିକୁ ଅଟକାଯାଏ, କାହାକୁ ହତ୍ୟା କରାଯାଇପାରିବନି ବୋଲି କହିଥିବାର ମନେପକାନ୍ତି। ସେମିତି ସ୍ମୃତି ଇରାନୀ କିଛିବର୍ଷ ତଳେ ଗୋଟିଏ ଭାରୀ କାଞ୍ଜିଭରମ୍ ପିନ୍ଧିବାକୁ ଡରିଯାଇ ଡଲିଙ୍କୁ ଡକାଇଥିଲେ। ନିଜର ଦୀର୍ଘ ଶାଢ଼ିପିନ୍ଧା ଅଭିଜ୍ଞତାରୁ ଡଲି କହନ୍ତି, ଅନେକ ଛୋଟବଡ଼ କଥାକୁ ଟିକିନିଖି ଭାବିବାକୁ ପଡ଼ିଥାଏ। କନ୍ୟାର ବିବାହ ପୋଷାକ କେମିତି ଷ୍ଟାଇଲିସ୍ ହେବା ସହ ଆରାମଦାୟକ ହେବ। ଗୁରୁଜନମାନଙ୍କୁ ପ୍ରଣାମ କଲାବେଳକୁ ନଇଁପଡ଼ି ପାଦସ୍ପର୍ଶ କଲାବେଳକୁ ମଧ ପୋଷାକ ଶାଳୀନ ଥିବ। ବ୍ଲାଉଜ୍, ଲେହେଙ୍ଗା ବେଶୀ ଟାଇଟ୍ ବା ଢିଲା ହୋଇ ତାକୁ ଅଡୁଆରେ ନ ପକେଇବ ସେଥିପାଇଁ ସ୍ମରଣୀୟ ଅବସର ପାଇଁ ପ୍ରସ୍ତୁତ ପୋଷାକକୁ ପୂର୍ବରୁ ଥରେ ନିଶ୍ଚୟ ଘର ଛାଡ଼ିବା ପୂର୍ବରୁ ପିନ୍ଧିନେବା ଦରକାର ବୋଲି ସେ ମନେକରନ୍ତି। ଥରେ ଥାଇଲାଣ୍ଡରେ ଏକ ଡେଷ୍ଟିନେସନ୍ ୱେଡିଂରେ କନ୍ୟାର କେଶବିନ୍ୟାସ ବେଳକୁ ସେ ଦେଖିଲେ ଝୁଲୁଥିବା ଲେହେଙ୍ଗାଟି ଛୋଟ ଅଛି। ପ୍ରତ୍ୟୁତ୍ପନ୍ନମତି ଡଲି ସେହି ମୁହୂର୍ତ୍ତରେ ତ୍ରୁଟି ସୁଧାରିବାକୁ ଯାଇ କନ୍ୟାର ମା'ଙ୍କ ଶାଢ଼ି ଭିତରୁ ଗୋଟିଏ ସୁନେଲି କାଞ୍ଜିଭରମ୍ ଶାଢ଼ି ଆଣି ସେଥିରେ ଗୋଟିଏ ଅଣ୍ଡର୍ ସ୍କର୍ଟ୍ ତିଆରି କରି ଧଡ଼ିକୁ ବର୍ଡର୍ କରି ଲଗାଇଲେ, ଯାହାକି ଲେହେଙ୍ଗା ତଳେ ଆଉ ଗୋଟିଏ ଗୋଲ୍‌ଡେନ୍ ଥାକ ପରି ଦିଶିଲା ଏବଂ ସମସ୍ୟାର ସମାଧାନ ହେବାସହ ପୋଷାକ ପୂର୍ବଠାରୁ ଅଧିକ ସୁନ୍ଦର ଦିଶିଲା। ସେମିତି ଡଲି କହନ୍ତି, ଆଧୁନିକ ବାହାଘରମାନଙ୍କରେ ପୂର୍ବପରି ଗୋଟିଏ ଦୁଇଟି ସାମ୍ନା କ୍ୟାମେରା ନୁହଁ, ବିଭିନ୍ନ ଦିଗରୁ ଅଧିକ କ୍ୟାମେରା, ଡ୍ରୋନ୍ କ୍ୟାମେରାରୁ ମଧ ଫଟୋ ସୁଟ୍ ହେଉଛି। ଏଣୁ ଶାଢ଼ି ବା ଲେହେଙ୍ଗା ପରିପାଟୀ ଓ ପରିଧାନ ସବୁ ଦିଗରୁ, ସବୁ ଫଟୋରେ, ସବୁ ସମୟରେ ଭଲ ଉଠିବା ଜରୁରୀ ହୋଇପଡ଼ିଛି। ଏଣୁ ପାରମ୍ପରିକ ସାଙ୍ଗସାଥୀ ବା ସଂପର୍କୀୟାମାନେ ନୁହନ୍ତି କୁଶଳୀ ପରିଚର୍ଯ୍ୟାକାରିଣୀଙ୍କ ଆବଶ୍ୟକତା ବଢ଼ିଛି।

ସୁନ୍ଦର ଭାବେ ଶାଢ଼ି ପିନ୍ଧିବା ଏକ ଭାରତୀୟ କଳା। ଆଉ ଏହି କଳାରେ ନିପୁଣ ଡଲି ଏହାକୁ ଏକ ପୂର୍ଣ୍ଣକାଳୀନ ବୃତ୍ତି ଭାବରେ ଚୟନ କରି ସଫଳ ହୋଇଛନ୍ତି। ଦେଶବିଦେଶରେ ନିଜକୁ ଜଣେ ସେଲିବ୍ରିଟି ଭାବରେ ପରିଚିତ କରିପାରିଛନ୍ତି। ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ଶାଢ଼ି ପିନ୍ଧେଇବାକୁ ସେ ୨୫ ହଜାରରୁ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଟଙ୍କା ନିଅନ୍ତି। ଦୁଇ ତିନିମାସ ଆଗରୁ ତାଙ୍କର ତାରିଖ ବୁକ୍ ହୋଇ ସାରିଥାଏ। ଏବେ ତାଙ୍କୁ ୨୫ ଜଣ ଏ କ୍ଷେତ୍ରରେ ସାହାଯ୍ୟ କରୁଛନ୍ତି। ଯେଉଁ ଝିଅମାନେ ଡଲିଙ୍କ ପାରିଶ୍ରମିକ ଦେଇପାରନ୍ତି ନାହିଁ, ସେମାନଙ୍କୁ ଅନ୍ତତଃ ତାଙ୍କର ସାହାଯ୍ୟକାରୀ ଶାଢ଼ି ପିନ୍ଧେଇ ବିବାହ ଅବସରକୁ ସ୍ମରଣୀୟ କରନ୍ତୁ ବୋଲି ସେ ଚାହାନ୍ତି। ଆଧୁନିକ ଭାରତୀୟ ମହିଳାମାନଙ୍କ ପାଇଁ ଡଲି ଏକ ଉଦାହରଣ। ନିଜ କାମକୁ ମନଭରି ଉପଭୋଗ କଲେ, ଆଗ୍ରହ ଓ ନିଷ୍ଠା ଥିଲେ ସଫଳତାର ଶୀର୍ଷରେ ପହଞ୍ଚିହୁଏ। ସେଥିପାଇଁ ସୋସିଆଲ୍ ମିଡିଆ ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ୧.୩ ନିୟୁତରୁ ବେଶି ଅନୁଗାମୀ ଓ ପ୍ରଶଂସକ। ଯେଉଁମାନେ ତାଙ୍କର ନୂଆ ଅପ୍‌ଲୋଡ୍‌କୁ ସବୁବେଳେ ଅପେକ୍ଷା କରିଥାନ୍ତି।



# ଧନ୍ୟବାଦ ସିଙ୍ଗାପୁର

ଗତ କିଛିଦିନ ତଳେ ସିଙ୍ଗାପୁରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ କାହାଣୀ ଉପରେ ୪୨ ମିନିଟ୍‌ର ଏକ ସ୍ୱତନ୍ତ୍ର ବୃତ୍ତଚିତ୍ର ବା ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ ହୋଇ ପ୍ରଦର୍ଶିତ ହୋଇଛି। ଏହି ଡକ୍ୟୁମେଣ୍ଟାରି ଫିଲ୍ମ ବର୍ତ୍ତମାନ ଭାରତ ସମେତ ସମଗ୍ର ସିଙ୍ଗାପୁରରେ ଚର୍ଚ୍ଚାରେ ରହିଛି। ସିଙ୍ଗାପୁରସ୍ଥିତ ପ୍ରବାସୀ ଭାରତୀୟ ମହିଳାମାନେ ଏହାକୁ ପ୍ରଚାର ଓ ପ୍ରସାରର ମୁଖ୍ୟ ଦାୟିତ୍ୱ ନେଇଛନ୍ତି ।

ବ୍ରିଟିଶମାନଙ୍କ ବିରୋଧରେ ଭାରତର ସ୍ୱାଧୀନତା ମୁକ୍ତି ସଂଗ୍ରାମର ଅନ୍ତିମ ଚରଣରେ ସିଙ୍ଗାପୁର ରାଷ୍ଟ୍ର ଭାରତୀୟଙ୍କ ପାଇଁ ନିଜ ଗୁରୁଦାୟିତ୍ୱକୁ କିପରି ଅତ୍ୟନ୍ତ ନିଷ୍ଠାପର, ନିଃସ୍ୱାର୍ଥପର ଓ ସାଧୁତାର ସହିତ ପାଳନ କରିଥିଲା, ସେହି ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକୁ ଏହି ୪୨ ମିନିଟ୍‌ର ଡକ୍ୟୁମେଣ୍ଟାରି ଫିଲ୍ମରେ ଅତି ନିଖୁଣ ଭାବେ ପ୍ରଦର୍ଶନ କରାଯାଇଛି। ଟାଗୋର ସୋସାଇଟି (ସିଙ୍ଗାପୁର) ଦ୍ୱାରା ନିର୍ମିତ ହୋଇଥିବା ଏହି ଡକ୍ୟୁମେଣ୍ଟାରିରେ ନେତାଜୀଙ୍କ ନେତୃତ୍ୱରେ ଭାରତୀୟ ସ୍ୱାଧୀନତା ଅଭିଯାନରେ ସିଙ୍ଗାପୁରସ୍ଥିତ ବିଭିନ୍ନ ଦ୍ୱୀପପୁଞ୍ଜର ଆମ ଦୃଷ୍ଟି ଆଢୁଆଳରେ ରହିଯାଇଥିବା ଅନାଲୋଚିତ ପ୍ରସଙ୍ଗ ଉପରେ ଆଲୋକପାତ କରାଯାଇଛି। ନେତାଜୀଙ୍କ ଫିଲ୍ମକୁ ନେଇ ସିଙ୍ଗାପୁରସ୍ଥିତ ପ୍ରବାସୀ ଭାରତୀୟ ମହିଳାମାନେ ଖୁସି ପ୍ରକଟ କରିଛନ୍ତି ଏବଂ 'ଧନ୍ୟବାଦ ସିଙ୍ଗାପୁର' ଡାକରା ଦେଇଛନ୍ତି।

"ଆମେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଉପରେ ଡକ୍ୟୁମେଣ୍ଟାରି ନିର୍ମାଣ କରିବାର ଗୁରୁତ୍ୱକୁ ଅନୁଭବ କରିପାରିଲୁ। ଆମ ମଧ୍ୟରୁ ଅଧିକାଂଶ, ବିଶେଷ କରି ବର୍ତ୍ତମାନର ଯୁବପିଢ଼ି ଏହି ଭିନ୍ନ ଦିଗର ମହତ୍ତ୍ୱପୂର୍ଣ୍ଣ ଅବଦାନ ବିଷୟରେ ପ୍ରାୟତଃ ଅଜ୍ଞ ଅଟନ୍ତି। ତେଣୁ ବର୍ତ୍ତମାନ ଓ ଆଗାମୀ ପିଢ଼ି ପାଇଁ ଏହି ଡକ୍ୟୁମେଣ୍ଟାରି ଫିଲ୍ମ ଆମେ ନିର୍ମାଣ କରିବାକୁ ମନସ୍ଥ କରିଲୁ। ଏହା ଭାରତ ଓ ସିଙ୍ଗାପୁରର ସମ୍ପର୍କ ଓ ଭ୍ରାତୃତ୍ୱଭାବକୁ ସୁଦୃଢ଼ କରିବ। ଉଭୟ ଦେଶର ସମୃଦ୍ଧ ଗୌରବମୟ ଇତିହାସର ବନ୍ଧନକୁ ଆହୁରି ଦୀର୍ଘସ୍ଥାୟୀ କରିବାରେ ଏହି ଫିଲ୍ମ ସହାୟକ ହେବ" ବୋଲି ଫିଲ୍ମର କ୍ରିଏଟିଭ୍ ଡାଇରେକ୍ଟର୍ ଡଲି ଡାଭେନ୍‌ପୋର୍ଟ କହିଛନ୍ତି।

ନେତାଜୀଙ୍କ ଫିଲ୍ମ ମୁକ୍ତିଲାଭ ଅବସରରେ ପ୍ରବାସୀ ଓଡ଼ିଆ ମହିଳା ଶାଦମା କୁହନ୍ତି, "ସିଙ୍ଗାପୁରରେ ଏକ ଭାରତୀୟର ସକାଳ ନିଶ୍ଚିତ କରେ। ନେତାଜୀଙ୍କ କିଂବଦନ୍ତି ମରିବ ନାହିଁ। ନେତାଜୀ ଓ ସିଙ୍ଗାପୁର ସମ୍ପର୍କର କାହାଣୀ ଏହା ହିଁ ଆମକୁ ସର୍ବଦା ଅନୁପ୍ରାଣିତ କରିଥାଏ। ଏହି ଫିଲ୍ମ



ଭାରତୀୟ ଜାତୀୟ ସେନା (ଆଇଏନ୍‌ଏ) ଓ ରାଣୀ ଝାନ୍ସୀ ରେଜିମେଣ୍ଟ୍ (ଆର୍‌ଜେଆର୍)ର ଉଲ୍ଲେଖନୀୟ ଅବଦାନକୁ ମଧ ପୁନଃପ୍ରାପ୍ତ କରିଛି। ଭାରତୀୟ ମୁକ୍ତି ସଂଗ୍ରାମରେ ସିଙ୍ଗାପୁରର ଭୂମିକାକୁ ଏହି ଫିଲ୍ମରେ ଦେଖିବା ପରେ ଆମେ ନିଶ୍ଚିତ ଗର୍ବର ସହ କହିବା 'ସୁନ୍ଦର ସିଙ୍ଗାପୁର'। ସିଙ୍ଗାପୁରସ୍ଥିତ ପ୍ରବାସୀ ଭାରତୀୟ ମହିଳା ଆସୋସିଏସନ୍ ଓ ଟାଗୋର ସୋସାଇଟିର ମହିଳା ସଦସ୍ୟାମାନେ କହନ୍ତି, "ଏହି ଡକ୍ୟୁମେଣ୍ଟାରି ଫିଲ୍ମ କେବଳ ଭାରତରେ ନୁହେଁ ସମଗ୍ର ବିଶ୍ୱର ଗଣତନ୍ତ୍ର ପାଇଁ ଏକ ଜ୍ୱଳନ୍ତ ଉଦାହରଣ ଭାବରେ ଉଭା ହୋଇଛି। ସମାନତା ଓ ସୌହାର୍ଦ୍ଦ୍ୟର ଏକ ମୂକସାକ୍ଷୀ ଭାବେ ପ୍ରତୀୟମାନ ହୋଇଛି ସିଙ୍ଗାପୁରରେ ପ୍ରସ୍ତୁତ ହୋଇଥିବା ନେତାଜୀଙ୍କ ଡକ୍ୟୁମେଣ୍ଟାରି ଫିଲ୍ମ। ସିଙ୍ଗାପୁରରେ ନେତାଜୀଙ୍କ ଜୀବନ ଉପରେ ଏଭଳି ଐତିହାସିକ ଡକ୍ୟୁମେଣ୍ଟାରି ଫିଲ୍ମ ନିର୍ମାଣ ଆମ ପାଇଁ ଗର୍ବ ଓ ଆନନ୍ଦର ବିଷୟ"।

# ୧.୨୮ ଲକ୍ଷର
## ପ୍ରି-ୱେଡିଂ ପୋଷାକ



ରକୁଲ ପ୍ରୀତ ସିଂହ ଓ ଜ୍ୟାକି ଭଗନାନୀଙ୍କ ବିବାହର ପ୍ରି-ୱେଡିଂ ଉତ୍ସବରେ ରକୁଲ ପିନ୍ଧିଥିବା ପୋଷାକର ଝଲକ ଇନ୍‌ଷ୍ଟାଗ୍ରାମ୍ ଜରିଆରେ ପ୍ରଶଂସକଙ୍କୁ ଦେଖାଇଛନ୍ତି। ସେଥିରେ ସେ ଏକ ସବୁଜ ରଙ୍ଗର ସରାରା ସୁଟ୍ ପିନ୍ଧିଛନ୍ତି। ଏହି ପୋଷାକଟି ଜର୍ଜେଟ୍ କପଡ଼ାରେ ତିଆରି, ଦେହ ସାରା ଛୋଟ ଛୋଟ ଦର୍ପଣ କାମ ହୋଇଛି। ମ୍ୟାଚିଂ ସରାରା ପ୍ୟାଣ୍ଟ୍ ସହିତ ସବୁଜ ରଙ୍ଗର ଜାଲିଜାଲିଆ ଓଢ଼ଣି ତାଙ୍କୁ ଏକ ମନମୁଗ୍ଧକର ରୂପ ପ୍ରଦାନ କରିଛି। ରକୁଲଙ୍କ ଏହି ପୋଷାକ ସେଟ୍‌ର ଦାମ ହେଉଛି ୧.୨୮ ଲକ୍ଷ ଟଙ୍କା। ପ୍ରସିଦ୍ଧ ଡିଜାଇନର୍ ବ୍ରାଣ୍ଡ 'ସୀମା ଗୁଜରାଲ' ଏହାକୁ ପ୍ରସ୍ତୁତ କରିଛି। ଉଲ୍ଲେଖଯୋଗ୍ୟ ଯେ ଗୋଆରେ ଅନୁଷ୍ଠିତ ହେବାକୁ ଥିବା ରକୁଲ ଓ ଜ୍ୟାକିଙ୍କ ବିବାହ ଉତ୍ସବ ସଂପୂର୍ଣ୍ଣ ପରିବେଶ ଅନୁକୂଳ ହେବ। ଉଭୟଙ୍କ ପରିବାର ଶନିବାରରୁ ଗୋଆରେ ପହଞ୍ଚିସାରିଛନ୍ତି।



# କେଶବତୀଙ୍କ ଗାଁ

ସବୁ ମହିଳା ଚାହାନ୍ତି ତାଙ୍କର କେଶ ଲମ୍ବା, କଳା ଓ ଘନ ହେଉ। କିନ୍ତୁ ପାରିପାର୍ଶ୍ୱିକ ପରିବେଶ, ଖାଦ୍ୟ ଓ ଜୀବନଶୈଳୀ କେଶ ସମସ୍ୟାର କାରଣ ହେଉଛି। କାହାର କେଶ ଝଡ଼ି ପତଳା ହୋଇଯାଉଛି ତ କିଏ ପୁଣି ଚନ୍ଦା। ଅନେକ ମହିଳାଙ୍କ କେଶ ବଢୁ ନ ଥିବା ମଧ ଦେଖାଯାଉଛି। କିନ୍ତୁ ଦୁନିଆରେ ଏମିତି ଏକ ଗାଁ ଅଛି ଯେଉଁଠି ପ୍ରତି ମହିଳାଙ୍କ କେଶର ଲମ୍ବ ୫ ରୁ ୬ ଫୁଟ। ଏଭଳି ଲମ୍ବା କେଶ ଯୋଗୁଁ ଏହି ଗାଁ ନିଜ ନାମରେ ଏକ ସ୍ୱତନ୍ତ୍ର ବିଶ୍ୱ ରେକର୍ଡ ସୃଷ୍ଟି କରିଛି।

ଦକ୍ଷିଣ ଚୀନ୍‌ରେ ରହିଛି ଏହି ଗ୍ରାମ। ଏହାର ନାମ ହେଉଛି ହୁଆଙ୍ଗଲୁଓ। ଏହା ଗୁଇଲିନ୍ ସହରଠାରୁ ମାତ୍ର ୨ ଘଣ୍ଟାର ରାସ୍ତା। ଯଦିଓ ଏହା ଏକ ସାଧାରଣ ଗାଁ ତଥାପି ଏହାର ବିଶେଷତ୍ୱ ହେଉଛି ଏଠାରେ ଥିବା ମହିଳାମାନଙ୍କର କେଶ ଖୁବ୍ ଲମ୍ବା। ଏଥିପାଇଁ ଏହି ଗାଁର ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡରେ 'ଦୁନିଆର ଲମ୍ବା କେଶ ଗାଁ' ଭାବରେ ସ୍ଥାନ ପାଇଛି। ରିପୋର୍ଟ ଅନୁଯାୟୀ, ଏଠାରେ ଥିବା ପ୍ରାୟ ମହିଳାଙ୍କର କେଶ ୫ ଫୁଟ ପର୍ଯ୍ୟନ୍ତ ଲମ୍ବା। ଏପରି କିଛି ମହିଳା ମଧ ଅଛନ୍ତି ଯାହାଙ୍କ କେଶ ୬ ଫୁଟ ଲମ୍ବା। ଆଉଟ୍‌ଲୁକ୍ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ୨୦୦୪ ମସିହାରେ ଜଣେ ମହିଳାଙ୍କ କେଶର ଲମ୍ବ ୭ ଫୁଟ ବୋଲି ମାପ କରାଯାଇଥିଲା। ଆଶ୍ଚର୍ଯ୍ୟଜନକ କଥା ହେଉଛି, ଏଠାରେ ଥିବା ମହିଳାମାନଙ୍କର କେଶର ଓଜନ ୧ କିଲୋଗ୍ରାମ ପର୍ଯ୍ୟନ୍ତ ହୋଇଥାଏ। ଏମାନଙ୍କୁ ୟାଓ ମହିଳା ବୋଲି କୁହାଯାଏ। ଏଠାକାର ମହିଳାମାନେ ବିଶ୍ୱାସ କରନ୍ତି ଯେ, ସେମାନଙ୍କ ପୂର୍ବପୁରୁଷଙ୍କ ମଧ୍ୟରେ 'କେଶ' ଯୋଗାଯୋଗର ଏକ ମାଧ୍ୟମ। ଏଣୁ ସେମାନେ ତାଙ୍କ ପୂର୍ବପୁରୁଷମାନଙ୍କୁ ଖୁସି କରିବା ପାଇଁ କେବେ ବି କେଶ କାଟନ୍ତି ନାହିଁ। ଏଠାକାର ଲୋକମାନେ ମହିଳାଙ୍କ କେଶ ପାଇଁ ସ୍ୱତନ୍ତ୍ର ଧରଣ ସାମ୍ପୁ ମଧ ତିଆରି କରନ୍ତି। ଏହି ସାମ୍ପୁକୁ କେମିକାଲ୍ ବିନା କେବଳ ପ୍ରାକୃତିକ ଉପାଦାନରେ ତିଆରି କରାଯାଏ। ଏହାକୁ ଚା', ପଶୁ ଲୋମ ଓ କେତେକ ଜଡ଼ିବୁଟି ମିଶ୍ରଣରେ ପ୍ରସ୍ତୁତ କରାଯାଏ। ରିପୋର୍ଟ ଅନୁଯାୟୀ, ଏଠାରେ ଥିବା ମହିଳାମାନେ ୧୭ କିମ୍ବା ୧୮ ବର୍ଷରେ ଥରେ କେଶ କାଟନ୍ତି। କିନ୍ତୁ ଏହି କେଶ ଏମିତି ସେମିତି ସେଲୁନ୍ କି ପାର୍ଲର ଯାଇ କଟାଯାଏ ନାହିଁ। କେଶ କାଟିବା ପାଇଁ ଏଠାରେ ଏକ ଉତ୍ସବ ପାଳନ କରାଯାଏ। ଏଥିରେ ଗାଁର ଅନ୍ୟ ଲୋକମାନେ ମଧ ସାମିଲ ହୁଅନ୍ତି। ଏହି ଉତ୍ସବରେ ଥରେ କେଶ କଟା ହେବା ପରେ ମହିଳାମାନେ ଆଉ କେବେ ବି କେଶ କାଟନ୍ତି ନାହିଁ।

# ୮୦୦ରୁ ଅଧିକ ଟାଟୁ!

ବର୍ତ୍ତମାନ ଟାଟୁ ଏକ ଫ୍ୟାସନ୍‌ରେ ପରିଣତ ହେଲାଣି। ଲୋକେ ଶରୀରର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ଟାଟୁ କରୁଛନ୍ତି। ହେଲେ ନିକଟରେ ବ୍ରିଟେନ୍‌ର ଜଣେ ମହିଳାଙ୍କୁ ଟାଟୁ ଏତେ ପସନ୍ଦ ଯେ, ସେ ତାଙ୍କ ସଂପୂର୍ଣ୍ଣ ଶରୀରକୁ ଟାଟୁ କରାଇଛନ୍ତି। ରିପୋର୍ଟ ମୁତାବକ, ୪୬ ବର୍ଷୀୟା ମେଲିସା ସ୍ଲୋଆନ୍ ତାଙ୍କ ଅଧା ଜୀବନ କେବଳ ଟାଟୁ କରିବାରେ ବିତାଇ ଦେଇଛନ୍ତି। ସେ ତାଙ୍କ ଦେହରେ ଏତେ ଟାଟୁ କରିଛନ୍ତି ଯେ, ଏଥିପାଇଁ ତାଙ୍କୁ କେତେଥର ଚାକିରିରୁ ମଧ ବିଦା ହେବାକୁ ପଡ଼ିଛି। ଏହାପରେ ମଧ ସେ ନିଜ ଶରୀରରେ ଟାଟୁ କରିବାକୁ ନିଜକୁ ରୋକିପାରି ନାହାନ୍ତି। ମେଲିସା ୨ ପିଲାଙ୍କ ମାଆ। ଅନେକ ଥର ପିଲାଙ୍କ ଆଗରେ ମଧ ତାଙ୍କ ମଜାକ୍ ଉଡ଼ିଛି। ମେଲିସାଙ୍କ କହିବା ମୁତାବକ, ତାଙ୍କ ଦେହରେ ୮୦୦ରୁ ଅଧିକ ଟାଟୁ ଅଛି। ତାଙ୍କ ମୁହଁରେ ଏ ପର୍ଯ୍ୟନ୍ତ ଟାଟୁର ୩ ପରସ୍ତ ହୋଇଗଲାଣି। ସେ ଟାଟୁ କରିବାକୁ ଟାଇମ୍‌ପାସ୍ ନୁହେଁ, ବରଂ ଜୀବନର ଏକ ଅଂଶ ବୋଲି ମାନନ୍ତି। ଯଦି ସେ ଟାଟୁ କରିବା ଛାଡ଼ିଦେବେ, ତେବେ ତାଙ୍କ ଶରୀରର ଏକ ଅଙ୍ଗ ନ ଥିବା ସଦୃଶ ହୋଇଯିବ। ଯେତେବେଳେ ମେଲିସାଙ୍କୁ ୨୦ ବର୍ଷ ବୟସ ହୋଇଥିଲା, ସେତେବେଳେ ସେ ତାଙ୍କ ବୟଫ୍ରେଣ୍ଡଙ୍କ ନାଁ ଶରୀରରେ ପ୍ରଥମ ଥର ପାଇଁ ଟାଟୁ କରିଥିଲେ। ତା' ପରଠାରୁ ଟାଟୁ ତାଙ୍କ ଜୀବନର ଏକ ଅଂଶ ପାଲଟିଯାଇଛି।



## ଚନ୍ଦନେଶ୍ୱର ବଜାରରେ ଅଗ୍ନିକାଣ୍ଡ, କାରଣ ଅସ୍ପଷ୍ଟ

**ଭୋଗରାଇ,୨୮।୪(ସଂଚାର ବ୍ୟୁରୋ):** ଭୋଗରାଇର ଚନ୍ଦନେଶ୍ୱର ବଜାରରେ ନିଆଁ। ଭୋଗରାଇର ପ୍ରମୁଖ ବଜାର ଚନ୍ଦନେଶ୍ୱର । । ବଜାରରେ ୧୦୦ ରୁ ଉର୍ଦ୍ଧ୍ୱ ଦୋକାନ ଥିବା ସୂଚନା ମିଳିଛି । ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଥିବାବେଳେ ନିଜ ନିଜ ଜିନିଷ ବଞ୍ଚାଇବାକୁ ଲାଗି ରହିଛନ୍ତି ଦୋକାନୀ । ଘଟଣାସ୍ଥଳରେ ସ୍ଥାନୀୟ ପୋଲିସ ଓ ଅଗ୍ନିଶମ ବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଛନ୍ତି ।



### ମନଇଚ୍ଛା କାମ କରୁଛି ଠିକାଦାର ସଂସ୍ଥା

# ଚାଲିଛି କଲଭର୍ଟ କାମ, ବଜାର ରାସ୍ତା ବନ୍ଦ ଥିବାରୁ ଲୋକେ ହନ୍ତସନ୍ତ

**ସୋନପୁର,୨୮।୪(ସଂଚାର ବ୍ୟୁରୋ):** ରାସ୍ତା କାମ ଚାଲିଛି। ଏପଟେ ଯିବା ଆସିବା ମନା। କାମ ଚାଲିଛି ଯେ ଚାଲିଛି। ଶୀତ ଦିନରୁ ଆରମ୍ଭ ହୋଇଥିବା କାମ ଏଯାଏଁ ସରୁନି। ତାହା ପୁଣି ସାଧାରଣ କଲଭର୍ଟ ଟିଏ। ସୋନପୁର ପୌର ପରିଷଦର ମୁଖ୍ୟ ରାସ୍ତା ତଥା ବଡ଼ବଜାର ଅଞ୍ଚଳ ଏହି ରାସ୍ତା ଉପରେ ନିର୍ଭର କରନ୍ତି ସହରର ୮୦ଭାଗ ଲୋକ। କଲଭର୍ଟ ନିର୍ମାଣ ଯୋଗୁଁ ଯାତାୟାତ ଠପ୍, ବେପାର ମାନ୍ଦା। କଲଭର୍ଟ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କୁ କହିଲେ ସେ ଓଲଟା ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଠିକାଦାର ମାଡ଼ ମାରିବା ପ୍ରତିବାଦରେ ପୌର କାର୍ଯ୍ୟାଳୟକୁ ତାଲା ମାରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି ସହରବାସୀ। ତୁରନ୍ତ କଲଭର୍ଟ କାମ ସରିବା ସହ ସଂପୃକ୍ତ ଠିକାଦାରଙ୍କୁ କଳା ତାଲିକା ଭୁକ୍ତ କରିବାକୁ ଦାବି ହୋଇଛି। ନଚେତ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପଟେ ଠିକାଦାରଙ୍କ ବ୍ୟକ୍ତିଗତ ସମସ୍ୟା ଯୋଗୁଁ କାମ ଅଟକି ଥିଲା, ଖୁବ୍‌ଶୀଘ୍ର ସରିବ ବୋଲି କହିଛନ୍ତି ନିର୍ବାହୀ ଅଧିକାରୀ। କେବଳ ଏହି ରାସ୍ତା ନୁହେଁ ଆହୁରି ଅନେକ ରାସ୍ତାରେ କାମ ଧିମା ଚାଲୁଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି। ଠିକ୍ ଭାବରେ କାମ କରୁ ନାହାନ୍ତି ଠିକାଦାର। ମାସ ଧରି କାମ ପଡ଼ି ରହିବାରୁ ଅସୁବିଧା ହେଉଛି। ଏହାର ତୁରନ୍ତ ସମାଧାନ କରିବା ଜରୁରୀ।



## ରାସ୍ତା ନିର୍ମାଣ ବେଳେ ପେଟି ଠିକାଦାରଙ୍କୁ ଆକ୍ରମଣ



**କେସିଙ୍ଗା,୨୮।୪(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତ ମଶାଣିବନ୍ଧ ଗ୍ରାମଠାରେ ଆରଡ଼ି ବିଭାଗ ପକ୍ଷରୁ ରାସ୍ତାକାମ ଚାଲୁରହିଛି। ଏପରିସ୍ଥଳେ ଗ୍ରାମର ଜଣେ ବ୍ୟକ୍ତି ସୋମବାର ରାସ୍ତାକାମକୁ ବିରୋଧ କରି ପେଟି ଠିକାଦାର ନେପାଳ ପ୍ରଧାନ (୩୪) ଓ ମୁନ୍‌ସି ଚୌଧୁରୀ ସାହୁଙ୍କୁ ଆକ୍ରମଣ କରି ଜୀବନରେ ମାରିଦେବା ପାଇଁ ଧମକ ଦେଇଛନ୍ତି। ଏ ନେଇ ପେଟି ଠିକାଦାର ବାଗ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁସାରେ ମଶାଣିବନ୍ଧ ଗ୍ରାମଠାରୁ କଳାରପଦର ଗ୍ରାମ ଯାଏ ଆରଡ଼ି ବିଭାଗ ପକ୍ଷରୁ ୧୪.୫କିମି ପିଚୁ ରାସ୍ତା ନିର୍ମାଣାଧୀନ ରହିଛି। ସୋମବାର ମଧ୍ୟାହ୍ନରେ ସମ୍ପୃକ୍ତ ବ୍ୟକ୍ତି ଜଣକ କାର୍ଯ୍ୟସ୍ଥଳରେ ପହଞ୍ଚି ଗ୍ରାମରେ ବିବାହ କାମ ଅଛି, ଗର୍ଭବତୀ ମହିଳା ହସ୍ପିଟାଲକୁ ଯିବା ଅସୁବିଧା ହେବ କହି ପେଟି ଠିକାଦାର ଓ ମୁନ୍‌ସିଙ୍କୁ ଆକ୍ରମଣ କରିଥିଲେ। ଏ ସଂକ୍ରାନ୍ତରେ ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ରଙ୍କୁ ପଚାରିବାରୁ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ପରେ ଯାହା ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ।

## ବରିଷ୍ଠ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ପହେଲଗ୍ରାମ ମୃତକଙ୍କୁ ଶ୍ରଦ୍ଧାଞ୍ଜଳି



**ଯାଜପୁର,୨୯।୪(ସଂଚାର ବ୍ୟୁରୋ):** ଯାଜପୁର ବରିଷ୍ଠ ନାଗରିକ ସଂଘ ଓ ଅବସରପ୍ରାପ୍ତ କର୍ମଚାରୀ ସଂଘ ତରଫରୁ ଜାମୁକାଶ୍ମୀର ପହେଲଗ୍ରାମ ଆତଙ୍କବାଦୀଙ୍କ ଦ୍ୱାରା ପର୍ଯ୍ୟଟକଙ୍କ ଉପରେ ହୋଇଥିବା ବର୍ବର ଆକ୍ରମଣ ଓ ନରସଂହାରକୁ ତିବ୍ର ନିନ୍ଦା କରାଯାଇଛି। ମୃତକଙ୍କ ନିମନ୍ତେ ଯାଜପୁର ବରିଷ୍ଠ ଭବନ ଠାରେ ନୃସିଂହ ଚରଣ ମହାପାତ୍ରଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା କରାଯାଇ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରାଯାଇଥିଲା ଏବଂ ସଂଧ୍ୟା ସମୟରେ ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ନିକଟରେ ସମୂହ ଦୀପଦାନ କରାଯାଇ ମୃତକଙ୍କ ପରିବାର ବର୍ଗଙ୍କୁ ମା' ଶକ୍ତି ଓ ସାହସ ଦିଅନ୍ତୁବୋଲି ପ୍ରାର୍ଥନା କରାଯାଇଥିଲା। ପ୍ରବୋଧ କୁମାର ନାୟକ ସମ୍ପାଦକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ସଭାରେ ଗଦାଧର ରାଉତ ସଭାପତି ଅବସରପ୍ରାପ୍ତ କର୍ମଚାରୀ ସଂଘ ଉଦୟନାରାୟଣ ପରିଡ଼ା, ଧନଞ୍ଜୟ କେଶରୀ ରାଉରାୟ, ଗୋପୀନାଥ ସେଠୀ, ମଧୁସୂଦନ ମହାନ୍ତି, ଶିଶିର କୁମାର ମହାପାତ୍ର, ନୃସିଂହ ଚରଣ ଜେନା, ଅଜିତ୍ କୁମାର ସାମନ୍ତ, ଅଭିମନ୍ୟୁ କୁମାର ରାଉତ, ବିଷ୍ଣୁ ଚରଣ ବେହେରା, ହରିଶ୍ ଚନ୍ଦ୍ର ପଣ୍ଡା, ସୁବାସ ଚନ୍ଦ୍ର ମହାପାତ୍ର, ଅରୁଣ କୁମାର ମହାପାତ୍ର, ନରେନ୍ଦ୍ର କୁମାର ସାହୁ, ରଜତ କୁମାର ମିଶ୍ର, ବନବିହାରୀ ମହାପାତ୍ର, ଆଲୋକ କୁମାର ଦାସ, ନାରଣ ଚନ୍ଦ୍ର ସେଠୀ, ବିଷ୍ଣୁ ଚରଣ ଲେଙ୍କା, ରଜତ ମହାନ୍ତି, ଗୁରୁଚରଣ ରାୟ, ପ୍ରଶାନ୍ତ କୁମାର ନାୟକ, ଚନ୍ଦ୍ରଶେଖର ପାଣି, ନିରୁପମା ମହାନ୍ତି, ରଜନୀକାନ୍ତ କର, ପ୍ରମୋଦ କୁମାର ନାୟକ, କ୍ଷୀରୋଦ ଚନ୍ଦ୍ର ପାଠୀ ପ୍ରମୁଖ ସଭ୍ୟମାନେ ଭାଗନେଇଥିଲେ।

## ଆନ୍ତର୍ଜାତିକ ସମବାୟ ବର୍ଷ ଅବସରରେ ରକ୍ତଦାନ ଶିବିର



**କନ୍ଧମାଳ,୨୮।୪ (ସଂଚାର ବ୍ୟୁରୋ):** ସମବାୟ ବିଭାଗ ପକ୍ଷରୁ ଚଳିତ ବର୍ଷ ଆନ୍ତର୍ଜାତିକ ସମବାୟ ବର୍ଷ ପାଳନ ଅବସରରେ ବିଭିନ୍ନ ଆଲୋଚନା ,ସଭା ସମିତି, ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଜିଲା ସମବାୟ ସମୂହ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ଠାରେ ଏକ ସ୍ୱେଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ରକ୍ତଦାନ ଶିବିରକୁ ଜିଲା ସମବାୟ ସମୂହ ଉପ ନିବନ୍ଧକ ତୃପ୍ତି କଲ୍ୟାଣ ସେଠୀ ରକ୍ତଦାନ କରି ଶୁଭାରମ୍ଭ କରିଥିଲେ। ସମବାୟ ବିଭାଗର କର୍ମଚାରୀ ମାନେ ୫୧ୟୁନିଟ ରକ୍ତ ଦାନ କରିଥିଲେ।ଅତିରିକ୍ତ ସମବାୟ ଉପନିବନ୍ଧକ ସୁକାନ୍ତ କୁମାର ପାଢ଼ୀ, ଉପ ସହକାରୀ ଉପନିବନ୍ଧକ ଗଙ୍ଗାଧର କହଁରଙ୍କ ସହ ଜିଲାର ବରିଷ୍ଠ ସମାଜସେବୀ ତଥା ଫୁଲବାଣୀ କୁକୁଡା ଉତ୍ପାଦନ କାରୀ ସମବାୟ ସମିତିର ସମ୍ପାଦକ ଅଶୋକ ପରିଡା ରକ୍ତଦାନ କରିଥିଲେ।ରକ୍ତଦାନ ମହତଦାନ।ଲୋହିତ ରକ୍ତ କଣିକା ପ୍ରତି ତିନିମାସରେ ସ୍ୱତଃ ନଷ୍ଟ ହୋଇ ଯାଉଥିବାରୁ ପ୍ରତ୍ୟେକ ୧୮ବର୍ଷରୁ ୬୫ବର୍ଷର ସୁସ୍ଥ ବ୍ୟକ୍ତି ନିୟମିତ ବ୍ୟବଧାନରେ ରକ୍ତଦାନ କରିବା ଆବଶ୍ୟକ।ନିୟମିତ ରକ୍ତଦାନ କରିବା ଦ୍ୱାରା ରକ୍ତଚାପ ଜନିତ ରୋଗରୁ ଉପଶମ ମିଳିଥାଏ।କନ୍ଧମାଳ ଜିଲ୍ଲାରେ ବାର୍ଷିକ ପ୍ରାୟ ୭ହଜାର ୟୁନିଟ ରକ୍ତ ଆବଶ୍ୟକ ହୋଇଥାଏ।ଜିଲା ରକ୍ତ ଭଣ୍ଡାର ଅଧିକାରୀ ଜୟଦୀପ ଘୋଷ ଏବଂ ତାଙ୍କ ଟିମ ରକ୍ତ ସଂଗ୍ରହ କରିଥିଲେ।

## ସ୍ଥାନୀୟ ନିଯୁକ୍ତି ଦାବି: ଇଥାନଲ ପ୍ଲାଣ୍ଟ ଆଗରେ ଧାରଣା



**ବରଗଡ଼,୨୮।୪(ସଂଚାର ବ୍ୟୁରୋ):** ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ବାଉଲସିଂହାସ୍ଥିତ ଇଥାନଲ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଉକ୍ତ ପ୍ଲାଣ୍ଟର ପାର୍ଶ୍ୱବର୍ତ୍ତୀ ଗ୍ରାମ ଗୁଡିକରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ସକାଳ ପ୍ରାୟ ୮ଟାରୁ ବାଉଲସିଂହା, ରାଇଶୋଭା, ତେଜାଗୋଲା, ନୂଆପାଲି, ବନଛୋରଡିହି ଆଦି ଗ୍ରାମର ଶତାଧିକ ମହିଳା, ପୁରୁଷ ଇଥାନଲ ପ୍ଲାଣ୍ଟକୁ ପହଞ୍ଚି ଥିଲେ। ପ୍ଲାଣ୍ଟର ମୁଖ୍ୟ ଫାଟକ ସମ୍ମୁଖ ସମେତ ପ୍ଲାଣ୍ଟକୁ ଯାଇଥିବା ରାସ୍ତା ଉପରେ ଧାରଣା ଦେଇ ସ୍ଥାନୀୟ ନିଯୁକ୍ତି ଦାବି କରିଥିଲେ। ଲୋକଙ୍କ ଧାରଣା ଯୋଗୁଁ ପ୍ଲାଣ୍ଟର କର୍ମଚାରୀମାନେ ପ୍ଲାଣ୍ଟ ଭିତରକୁ ଯାଇ ପାରି ନଥିଲେ। ଫଳରେ ପ୍ଲାଣ୍ଟ ଏକ ପ୍ରକାର ଅଚଳ ହୋଇ ପଡ଼ିଥିଲା। ପରେ ଖବର ପାଇ ବରଗଡ଼ ଉପଜିଲାପାଳ ପ୍ରସନ୍ନ କୁମାର ପାଣ୍ଡେ ପହଞ୍ଚି ଧାରଣାରେ ବସିଥିବା ଲୋକଙ୍କ ସହିତ ଆଲୋଚନା କରିଥିଲେ। ସ୍ଥାନୀୟ ନିଯୁକ୍ତି ନେଇ ବିହିତ ପଦକ୍ଷେପ ନିଆଯିବ ବୋଲି ଉପଜିଲାପାଳ ପାଣ୍ଡେ ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଫଳରେ ଅପରାହ୍ନ ପ୍ରାୟ ୨ଟାରେ ଲୋକେ ଧାରଣାରୁ ଉଠିଥିଲେ ଏବଂ ପ୍ଲାଣ୍ଟରେ ସ୍ୱାଭାବିକ ଭାବେ କାର୍ଯ୍ୟ ଚାଲିଥିଲା। ପ୍ରକାଶ ଥାଉକି, ଉକ୍ତ ପ୍ଲାଣ୍ଟ ନିର୍ମାଣ ହେବା ପୂର୍ବରୁ ଉପରୋକ୍ତ ଗ୍ରାମରେ ଗ୍ରାମସଭା ହୋଇଥିଲା। ସେତେବେଳେ ପ୍ଲାଣ୍ଟରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର ଦିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏବେ ପ୍ଲାଣ୍ଟ କାର୍ଯ୍ୟକ୍ଷମ ଅବସ୍ଥାକୁ ଆସିବା ପରେ ସ୍ଥାନୀୟ ନିଯୁକ୍ତି ବଦଳରେ ବାହ୍ୟ ଜିଲା ଓ ରାଜ୍ୟର ଲୋକଙ୍କୁ ନିଯୁକ୍ତି ଦିଆଯାଉଥିବା ଅଭିଯୋଗ ହୋଇଛି ଏବଂ ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି।

## ସାମାଜିକ ନ୍ୟାୟ ମଞ୍ଚ ପକ୍ଷରୁ କ୍ୟାଣ୍ଡଲ୍ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା

**ବାଲେଶ୍ୱର,୨୮।୪(ସଂଚାର ବ୍ୟୁରୋ):** ସାମାଜିକ ନ୍ୟାୟ ମଞ୍ଚ ତରଫରୁ ଏକ ମହମବତୀ ଓ ଶ୍ରଦ୍ଧାଞ୍ଜଳି ସଭା ତା ୨୭-୦୪-୨୫ ରିଖ ସନ୍ଧ୍ୟା ୬ ଘଟିକା ସମୟରେ ଅନୁଷ୍ଠିତ ହୋଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାଟି ବାଲେଶ୍ୱର ମୋତିଗଞ୍ଜ ସ୍ଥିତ ଟାଉନ୍ ଥାନା ପାଖରେ ଆୟୋଜନ କରାଯାଇଥିଲା। ଏହି ସଭାରେ ସାମାଜିକ ନ୍ୟାୟ (ସୋସିଆଲ୍ ଜଷ୍ଟିସ୍) ମଞ୍ଚର ଆବାହକ ଆଇନଜୀବୀ ମହମ୍ମଦ ଇସଲାମ୍‌ଙ୍କ ଡାକରାରେ ଓ ସଭାପତିତ୍ୱରେ ଆୟୋଜନ କରାଯାଇଥିଲା। ଏହି ଶ୍ରଦ୍ଧାଞ୍ଜଳି ସଭାରେ ବିଶିଷ୍ଟ ସମାଜସେବୀ, ଆଇନଜୀବୀ ଓ ଜନସାଧାରଣ ଯୋଗ ଦେଇଥିଲେ। ଉକ୍ତ ସଭାରେ ଭାଷଣ ରଖିଥିଲେ ମିନତୀ ସେଠୀ, ପ୍ରତିମା ପଣ୍ଡା, ସକିଲା ବାନୋ, ସେଖ୍ ସାଜିଦ୍, ସତ୍ୟେନ୍ଦ୍ର ଦାସ, ରାମେଶ୍ୱର ବେହେରା, ମୋନାଲି ଦାସ, ନାରାୟଣ ଦେ, କାର୍ତ୍ତିକ ମହାନ୍ତି, ବବଲୁ ମାଝି, ଅମିତା ଚାନ୍ଦ, ଚନ୍ଦ୍ରଶେଖର ପାତ୍ର ପ୍ରମୁଖ। ସମସ୍ତେ ଏହି ବର୍ବରୋଚିତ ଆତଙ୍କବାଦୀ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ ଓ ଏହି ଅମାନୁଷିକ ଘଟଣାରେ ମୃତ୍ୟୁବରଣ କରିଥିବା ସମସ୍ତ ବ୍ୟକ୍ତିଙ୍କ ଆତ୍ମାର ସଦଗତି କାମନା କରିବା ସହିତ ଏହି ଘଡ଼ିସନ୍ଧି



ସମୟରେ ସାମାଜିକ ନ୍ୟାୟ ସଂଗଠନ ତାଙ୍କ ସାଥିରେ ଛିଡ଼ା ହୋଇଛି। ସମସ୍ତେ କହିଥିଲେ ଏହିଭଳି ଘଟଣାଟିକୁ ଯିଏ ଘଟାଇଅଛି ଓ ଘଟଣାରେ ସମ୍ପୃକ୍ତ ଅଛି ସେମାନଙ୍କୁ ଯଥାଶୀଘ୍ର ଉପଯୁକ୍ତ ଶାସ୍ତି ଦିଆଯିବା ଦରକାର। ନହେଲେ ଆତଙ୍କବାଦୀଙ୍କ ଦ୍ୱାରା ପ୍ରାଣ ହରାଇଥିବା ମୃତକଙ୍କ ଆତ୍ମା ଶାନ୍ତି ପାଇବ ନାହିଁ। ପ୍ରଶାନ୍ତ ଶତପଥୀଙ୍କ ପରିବାରକୁ ଓଡ଼ିଶା ସରକାର ସମସ୍ତ ପ୍ରକାର ସାହାଯ୍ୟ ଓ ସହାନୁଭୂତି ଦେଖାଇ ଥିବାରୁ ସରକାରଙ୍କୁ ଧନ୍ୟବାଦ ଦିଆଯାଇଥିଲା।

## ଗରାମ ପଞ୍ଚାୟତରେ ଭତ୍ତା ଦୁର୍ନୀତି

# ସରପଞ୍ଚ,ପିଇଓ ମିଶିଖାଇଗଲେ ଭତ୍ତା ଟଙ୍କା !



### ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀଙ୍କ ପୋଲ ଖୋଲିଲା

**ଜଗତସିଂହପୁର,୨୮।୪(ସଂଚାର ବ୍ୟୁରୋ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ଗରାମ ପଞ୍ଚାୟତ ରେ ଭତ୍ତା ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପଞ୍ଚାୟତ ରେ ପ୍ରାୟ ନଅଶହ ରୁ ଉର୍ଦ୍ଧ୍ୱ ଭତ୍ତା ହିତାଧିକାରୀ ଅଛନ୍ତି। ସେଥିରୁ ପ୍ରାୟ ପାଞ୍ଚଶହ ରୁ ଉର୍ଦ୍ଧ୍ୱ ଭେଣ୍ଡିଆ ପୁରୁଷ ଓ ପଚାସ ବର୍ଷ ରୁ କମ୍ ବୟସ୍କ ମହିଳା ମାନେ ମଧ୍ୟ ଭତ୍ତା ପାଉଥିବା ସୂଚନା ମିଳିଛି। ଏସବୁ କେମିତି ସମ୍ଭବ ବୋଲି ସାଧାରଣ ରେ ଚର୍ଚ୍ଚା ହେଉଥିବା ବେଳେ ଏଥିରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ସାହୁଙ୍କ ସମେତ ବ୍ଲକ ପ୍ରଶାସନ ମଧ୍ୟ ସଂପୃକ୍ତ ଥିବା ଜଣାପଡ଼ିଛି। ପଞ୍ଚାୟତ ର କିଛି ଗାଁ ରେ ସାଧବା ନାରୀ କୁ ସରପଞ୍ଚ ନିଜ ଲେଟର ପ୍ୟାଡରେ ବିଧବା ସଜାଇ ଭତ୍ତା ଦେଉଥିବା ଜଣାପଡ଼ିଛି।ଗତ ପଞ୍ଚାୟତ ସମିତି ବୈଠକରେ ମଧ୍ୟ ଏ ସମ୍ପର୍କରେ ଜିଲ୍ଲା ପରିଷଦ ଗଙ୍ଗାଧର ବିଶ୍ୱାଳ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କାଜଲ କୁମାର ସାହୁ ଙ୍କୁ ପ୍ରଶ୍ନ କରିଥିଲେ।ସେ କହିଥିଲେ ସରପଞ୍ଚ ଙ୍କ ନିର୍ଦ୍ଦେଶନା ରେ ସମସ୍ତଙ୍କ ସଠିକ୍ ଭାବେ ଭତ୍ତା କରାଯାଇଛି। ଏଥିରେ କୌଣସି ତୃଟି ହୋଇ ନାହିଁ ବୋଲି ସେ କହିଥିଲେ। ଅଧିକାରୀ କାଜଲ ଙ୍କୁ ସୁରକ୍ଷା ଦେବାପାଇଁ ସରପଞ୍ଚ ପ୍ରଦ୍ୟୁମ୍ନ କିଶୋର ଚଇନି ତାଙ୍କୁ ସମର୍ଥନ କରିବା ସହିତ ଏଠା ସଠିକ ହୋଇଛି ବୋଲି କହିଥିଲେ। ଖାଲି ସେତିକି ନୁହେଁ କିଛି ଲୋକଙ୍କର ଭତ୍ତା ଟଙ୍କା କାଜଲ ବାବୁ ଓ ସରପଞ୍ଚ ମିଶି ଖାଇ ଦେଇଛନ୍ତି ବୋଲି ଶୁଣିବାକୁ ମିଳୁଛି। ଏମିତି ଅନେକ ଅଭିଯୋଗ ଆସିବାରୁ ପଞ୍ଚାୟତ ବାସୀ ଏହାର ସବିଶେଷ ବିଷରଣୀ ଜାଣିବା ପାଇଁ ଅନେକ ଦିନ ହେବ ସୂଚନା ଅଧିକାର ବଳରେ ଏସବୁ ତଥ୍ୟ ମଗାଯାଇଥିବା ସୂଚନା ମିଳିଛି। ସବୁଠୁ ଆଚାର୍ଯ୍ୟ ର ବିଷୟ ହେଉଛି ସୂଚନା ଅଧିକାର ଆଇନ ବଳରେ ଭତ୍ତା ର ଯେଉଁ ତଥ୍ୟ ମଗାଯାଇଛି ତାକୁ ନଦେବା ଉଦ୍ଦେଶ୍ୟରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅଧିକ ଅର୍ଥ ପଇଠ କରିବାକୁ ଚିଠି କରିଥିବା ଜଣାପଡ଼ିଛି। ତାହା ହସ୍ତଗତ ହେଲେ ଜଣାପଡ଼ିବ ଏଥିରେ କେତେ ବାଟମାରଣା ହୋଇଛି। ତେବେ ଯଦି ଏଥିରେ ଦୁର୍ନୀତି ହୋଇଥିବ ଏହାର ଉଚ୍ଚ ସ୍ତରୀୟ ତଦନ୍ତ ହେବା ଉଚିତ୍ ବୋଲି ସାଧାରଣ ରେ ଦାବି ହୋଇଛି।

## ରିଙ୍ଗ ରୋଡ କାମ ସମ୍ପୂର୍ଣ୍ଣ ପାଇଁ ପୂର୍ତ୍ତମନ୍ତ୍ରୀଙ୍କୁ ଦାବି ପତ୍ର ପ୍ରଦାନ



**ସୁବର୍ଣ୍ଣପୁର,୨୮।୪(ସଂଚାର ବ୍ୟୁରୋ):** ଦୀର୍ଘ ଦିନ ହେଲା ବନ୍ଦ ହୋଇ ପଡ଼ିଛି ସୋନପୁରର ବହୁ ପ୍ରତିକ୍ଷୀତ ରିଙ୍ଗ ରୋଡ ପ୍ରକଳ୍ପ। ଏନେଇ ଦିନକୁ ଦିନ ବ୍ୟାପକ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ସେପଟେ ମୂରବୀ ବିହୀନ ନେତା ଶୂନ୍ୟ ସୋନପୁର ସହର ରେ ପ୍ରଶାସନ ମଧ୍ୟ ସ୍ଥାଣୁ ପାଲଟି ଥିବା ସହରରେ ଚର୍ଚ୍ଚା। ଏ ନେଇ ଆଜି ପୂର୍ବାହ୍ନ ୧୦ଟା ବେଳେ ସୋନପୁର ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ମାନେ ଆଇନ, ଅବକାରୀ ତଥା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ ଜରୀଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଐତିହ୍ୟ ସମ୍ପନ୍ନ ସୁବର୍ଣ୍ଣପୁର ସଦର ମହକୁମାର ମହାନଦୀ ସେତୁ ଠାରୁ ତେଲନଦୀ ସେତୁ ପର୍ଯ୍ୟନ୍ତ ରିଙ୍ଗରୋଡ୍ କାର୍ଯ୍ୟକୁ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଦୃଢ଼ ଦାବୀ କରିଛନ୍ତି। ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ସହ ମନ୍ତ୍ରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଉକ୍ତ ପ୍ରକଳ୍ପ ଆରମ୍ଭ ହେବାର ୧୨ ବର୍ଷରୁ ଉର୍ଦ୍ଧ୍ୱ ସମୟ ହୋଇଗଲାଣି କିନ୍ତୁ ସମ୍ପୂର୍ଣ୍ଣ ନ ହେବା ଦ୍ୱାରା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେଥିପାଇଁ ଉକ୍ତ ପ୍ରକଳ୍ପକୁ ସମ୍ପୂର୍ଣ୍ଣ କରିବା ଉପରେ ଜିଲ୍ଲା ପ୍ରଶାସନ ତତ୍ପରତା ପ୍ରକାଶ କରିବା ଉଚିତ୍ ବୋଲି ସେମାନେ ଦାବୀ ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚର ସଭାପତି ସିତାଂଶୁ ଶେଖର ମିଶ୍ର, ବାଞ୍ଛାନିଧି ରାୟଗୁରୁ, ମହେଶ ପୂଝାରୀ, ନିରଞ୍ଜନ ତ୍ରିପାଠୀ, ଅକ୍ଷୟ କୁମାର ସେଠୀ, ଦୁଃଖିରାମ ନାୟକ, ନବଘନ ଷାଣ୍ଢ, ବିଜୟ କେତନ ରାୟଗୁରୁ, ଜନ୍ମେଜୟ ପାତ୍ର, ମାଗୁଣି ସାହୁ, ତ୍ରିପୁରାରୀ ପଣ୍ଡା, ଶେଷଦେବ ପଟ୍ଟନାୟକ, ଆନନ୍ଦ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

● ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କା ସହ ମହଙ୍ଗାଭତ୍ତା

## ବର୍ଦ୍ଧିତ ପେନ୍‌ସନ୍ ଦାବିରେ ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ




**ବାଲେଶ୍ୱର,୨୮।୪(ସଂଚାର ବ୍ୟୁରୋ):** କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଇପିଏଫ୍ ସଂସ୍ଥାରୁ ମାସିକ ପେନସନ୍ ପାଉଥିବା ବରିଷ୍ଠ ନାଗରିକମାନେ ବାଲେଶ୍ୱର ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରିଥିଲେ। ମାସିକ ସର୍ବନିମ୍ନ ମାତ୍ର ଏକ ହଜାର ଟଙ୍କା ପେନସନ୍ ପାଉଥିବା କର୍ମଚାରୀମାନଙ୍କୁ ମାସିକ ୯ ହଜାର ଟଙ୍କା ପେନସନ୍ ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶକୁ ବର୍ଦ୍ଧିତ ପେନସନ୍ ପାଇଁ କାର୍ଯ୍ୟକାରୀ କରିବା, ପେନସନ୍ ସହ ମହଙ୍ଗାଭତ୍ତା ଓ ସରକାରୀ ସ୍ୱାସ୍ଥ୍ୟବୀମା ପାଇଁ ଏହି ପେନସନ୍‌ଭୋଗୀମାନେ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ, ଗତ ୨୦୧୮ ମସିହାଠାରୁ ପେନ୍‌ସନ୍ ବୃଦ୍ଧି ଓ ମହଙ୍ଗା ଭତ୍ତା ପ୍ରଭୃତି ଦାବିରେ ଦେଶବ୍ୟାପୀ ଏହି ବର୍ଗର ଅବସରପ୍ରାପ୍ତ କର୍ମଚାରୀମାନେ ଦିଲ୍ଲୀଠାରୁ ପଲ୍ଲୀ ପର୍ଯ୍ୟନ୍ତ ଦାବି କରିଆସୁଛନ୍ତି। କିନ୍ତୁ ସରକାର ଏହି ବରିଷ୍ଠ ନାଗରିକମାନଙ୍କ ଦାବିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଜରାବସ୍ଥାରେ ଏମାନେ ଆର୍ଥିକ ଅନାଟନରୁ ବହୁ ଦୁଃଖିକଷ୍ଟରେ କାଳାତିପାତ କରୁଛନ୍ତି। ତେଣୁ କେନ୍ଦ୍ର ସରକାର ଏହି ଦାବିପୂରଣ ପାଇଁ ଗୁରୁତ୍ୱ ଦେବାକୁ ସେମାନେ ଅନୁରୋଧ କରିଛନ୍ତି।

### ଶସ୍ୟ ସାମଗ୍ରୀ କିଣିବାକୁ ହେଲେ ଟଙ୍କା ନୁହେଁ, ଦରକାର ହେଉଛି ଚାଉଳ

# ପୁରୁଷଙ୍କୁ ଠିକ୍ ରାସ୍ତାକୁ ଆଣିବାକୁ ଆଦିବାସୀ ମହିଳାଙ୍କ ନିଆରା ପ୍ରୟାସ



**କଳାହାଣ୍ଡି,୨୮।୪(ସଂଚାର ବ୍ୟୁରୋ):** ପୁରାତନ କାଳରେ ଯେତେବେଳେ ଟଙ୍କାର ପ୍ରଚଳନ ନ ଥିଲା ସେତେବେଳେ ମଣିଷ ନିଜର ଦୈନନ୍ଦିନ ଜୀବନର ଚାହିଦା ମେଣ୍ଟାଇବା ପାଇଁ ଦ୍ରବ୍ୟର ଆଦାନ ପ୍ରଦାନ ମାଧ୍ୟମରେ ବିପଣନ କରୁଥିଲା। ଏହି କ୍ରମରେ ନିଜ ପାଖରେ ଥିବା ଦ୍ରବ୍ୟକୁ ଦେଇ ପ୍ରତିବଦଳରେ ଆବଶ୍ୟକ ଜିନିଷ ଅନ୍ୟଠୁ କ୍ରୟ କରୁଥିଲା। ସମୟର ପରିବର୍ତ୍ତନ ସହିତ ଟଙ୍କାର ପ୍ରଚଳନ ହେଲା ଓ ମଣିଷ ସହଜରେ ନିଜ ଦରକାରୀ ଜିନିଷ କ୍ରୟ କରିପାରିଲା। ତେବେ କଳାହାଣ୍ଡି ଜିଲାର ଆଦିବାସୀ ଅଧୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ ଆଜି ବି ଏମିତି ଅନେକ ଗାଁ ଅଛି ଯେଉଁଠି ଆଦିବାସୀ ମହିଳାମାନେ ନଗଦ ଟଙ୍କାର ପ୍ରଚଳନକୁ ନିରୁତ୍ସାହିତ କରନ୍ତି। ଯାହାକି ବେଶ ଚର୍ଚ୍ଚାର ବିଷୟ ପାଲଟିଛି।କଳାହାଣ୍ଡି ଜିଲାର ଥୁଆମୂଳ ରାମପୁର ବ୍ଲକ ଘଞ୍ଚ ଜଙ୍ଗଲ ମଧ୍ୟରେ ରହିଥିବା ବେଳେ ପ୍ରାୟତଃ ଏଠାରେ ଆଦିବାସୀ ସଂପ୍ରଦାୟର ଲୋକମାନେ ବସବାସ କରନ୍ତି। ଆଉ ସେମାନେ ଜଙ୍ଗଲ

ପାହାଡିଆ ଅଞ୍ଚଳରେ କାନ୍ଦୁଳ, , ହରଡ, ମୁଗ, ବିରି, କୋଳଥ, ମାଣ୍ଡିଆ ଭଳି ଡାଲି ଜାତୀୟ ଶସ୍ୟ ଚାଷ କରିଥାନ୍ତି। ଆଉ ଏହି ସବୁ ଚାଷରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ ତାକୁ ବିକ୍ରି କରି ସେମାନେ ନିଜ ଗୁଜୁରାଣ ମେଣ୍ଟାଇଥାନ୍ତି। ଆଉ ଏହାକୁ ବିକ୍ରି କରୁଥିବାବେଳେ ଦେଖିବାକୁ ମିଳିଥାଏ ରୋଚକ ଦୃଶ୍ୟ। ଯଦି କୌଣସି ବ୍ୟକ୍ତି କାନ୍ଦୁଲ ଡାଲି କିମ୍ବା ହରଡ କିଣିବାକୁ ଆସିଥାଏ ତାହେଲେ

ତାକୁ ଟଙ୍କା ପ୍ରତିବଦଳରେ ଚାଉଳ ଦେବାକୁ ପଡ଼ିଥାଏ। ଗୋଟିଏ ମାଣ କାନ୍ଦୁଳ ନେବାକୁ ହେଲେ ଗ୍ରାହକ ଜଣଙ୍କୁ ତିନି ମାଣ ଚାଉଳ ଦେବାକୁ ପଡ଼ିଥାଏ। ଆଉ ଜଣେ ଯଦି ଗୋଟିଏ ବସ୍ତା କାନ୍ଦୁଳ ଡାଲି ନେବାକୁ ଇଚ୍ଛା ପ୍ରକାଶ କରେ ତାହେଲେ ତାକୁ ତିନି ବସ୍ତା ଚାଉଳ ଦେବାକୁ ପଡ଼ିଥାଏ ଓ ଆଉ ଗ୍ରାହକ ଯଦି ଟଙ୍କା ନେଇ ଆସେ ତାହେଲେ ତାକୁ ଖାଲି ହାତରେ ଫେରିଯିବାକୁ ପଡ଼ିଥାଏ। ଆଉ ତାର ମୁଖ୍ୟ କାରଣ ହେଲା ଆଦିବାସୀ ମହିଳାମାନେ ଘରେ ନଗଦ ଟଙ୍କା ରଖିବାକୁ ନିରାପଦ ମଣି ନ ଥାନ୍ତି। ସେମାନଙ୍କ ଯୁକ୍ତି ହେଲା ଯେ ଯଦି ଘରେ ନଗଦ ଟଙ୍କା ଗଚ୍ଛିତ ରହେ, ତେବେ ଘରର ପୁରୁଷ ମାନେ ଉକ୍ତ ଟଙ୍କାର ଅପବ୍ୟବହାର କରି ବିଭିନ୍ନ ଖର୍ଚ୍ଚ କରିବେ। ଅନେକ ଦିନରୁ ଆଦିବାସ ମହିଳାମାନଙ୍କ ଏହି ଆଶଙ୍କା ଯୋଗୁଁ ଗାଁ ଲୋକେ ଘରେ ପଇସା ରଖନ୍ତି ନାହିଁ। ଚାଉଳ ଏବଂ ଅନ୍ୟାନ୍ୟ ଜିନିଷ ପ୍ରତିବଦଳରେ ଘରର ଆବଶ୍ୟକତା ମେଣ୍ଟାଇ ଥାନ୍ତି। ଏଠାକାର ଆଦିବାସୀ ମହିଳାମାନେ କାହିଁ କେଉଁ କାଳରୁ ଏହି ପ୍ରଥା ଚଳାଇ ଆସୁଥିବା ବେଳେ ଏହା ଦ୍ୱାରା ଯେ କେବଳ ତାଙ୍କ ଅର୍ଥର ଅପବ୍ୟବହାର କମିଥାଏ ତାହା ନୁହେଁ, ବରଂ ଘରର ପୁରୁଷ ମାନେ ମଧ୍ୟ ଅପବ୍ୟବହାର ଖର୍ଚ୍ଚ ରୁ ବଞ୍ଚିତ ହୁଅନ୍ତି ବୋଲି ମତ ରଖନ୍ତି ସ୍ଥାନୀୟ ବାସିନ୍ଦା।